RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

PANIKOILI

◆VOLUME- 43 ◆ISSUE-81 ◆SUNDAY ◆14 SEPTEMBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୮୧ ◆ରବିବାର ◆୧୪ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ବିଶ୍ୱର ପ୍ରଥମ ଏଆଇ ମନ୍ତ୍ରୀ ‘ଡାଏଲା’



### ଦୁର୍ନୀତି ରୋକିବାକୁ ନିଯୁକ୍ତ କଲା ଆଲ୍‌ବେନିଆ

■ **ଟିରାନ,୧୩।୯(ଏଜେନ୍ସି):** ବିଶ୍ୱର ପ୍ରଥମ ଦେଶ ଭାବେ ଆଲ୍‌ବେନିଆ ଏକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ମନ୍ତ୍ରୀକୁ ନିଯୁକ୍ତି ଦେଇଛି। ୟୁରୋପୀୟ ଦେଶ ଆଲ୍‌ବେନିଆର ଏହି ଏଆଇ ମନ୍ତ୍ରୀଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। କୌଣସି ବ୍ୟକ୍ତି ଏହି ମନ୍ତ୍ରୀପଦରେ ନାହାନ୍ତି। ବରଂ ଏହା ପିକ୍ସଲ ଓ କୋଡ୍ ଦ୍ୱାରା ତିଆରି ହୋଇଥିବା ଏକ ଅଭାସୀ ମନ୍ତ୍ରୀ। ଏହା ସମ୍ପୂର୍ଣ୍ଣ ଭାବେ ଏଆଇ ଦ୍ୱାରା କାମ କରିବ। ଏହାର ନାମ ‘ଡାଏଲା’ ରଖାଯାଇଛି। ଆଲ୍‌ବେନିଆ ଭାଷାରେ ‘ଡାଏଲା’ ଅର୍ଥ ଖରା ବା ସୂର୍ଯ୍ୟ। ଦୁର୍ନୀତି ରୋକିବାକୁ ଆଲ୍‌ବେନିଆ ଏହି ଅଭିନବ ଉପାୟ ଅବଲମ୍ବନ କରିଛି। ପ୍ରଧାନମନ୍ତ୍ରୀ ଏଡି ରାମା ଚତୁର୍ଥଥର ପାଇଁ ନିର୍ବାଚନ ଜିତିବା ପରେ କିଛିମାସ ପରେ ଡାଏଲାକୁ ନିଜ କ୍ୟାବିନେଟ୍‌ରେ ସାମିଲ କରିଛନ୍ତି। ଡାଏଲାକୁ ସରକାରୀ ପାଣ୍ଠି ପ୍ରକଳ୍ପ ଓ ପବ୍ଲିକ ଟେଣ୍ଡରରେ ଦୁର୍ନୀତି ରୋକିବାକୁ ଦାୟିତ୍ୱ ପ୍ରଦାନ କରାଯାଇଛି। କିନ୍ତୁ ବିରୋଧୀ ଦଳ ଡେମୋକ୍ରାଟିକ ପାର୍ଟି ଏହାକୁ ସମାଲୋଚନା କରିଛି ଓ ଏହାକୁ ପବ୍ଲିସିଟି ଷ୍ଟଣ୍ଟ ଅର୍ଥାତ ପ୍ରଚାର ସର୍ବସ୍ୱ ବୋଲି ଅଭିହିତ କରିଛି। ଏହାପୂର୍ବରୁ ଡାଏଲା ଆଲ୍‌ବେନିଆରେ କାର୍ଯ୍ୟ କରିଛି। ସେ ଏକ ଏଆଇ ଆଭାସୀ ଆସିଷ୍ଟାଣ୍ଟ ଭାବେ ନାଗରିକଙ୍କୁ ସରକାରୀ କାଗଜପତ୍ର ଦେବାରେ ସହାୟତା ପ୍ରଦାନ କରିଛି। ଏହି କ୍ରମରେ ସେ ୧୦ ଲକ୍ଷ ଲୋକଙ୍କୁ ସାହାଯ୍ୟ କରିଛି ଓ ଆଲ୍‌ବେନିଆ ନାଗରିକ ଡାଏଲା ସହ ପୂର୍ବରୁ ପରିଚିତ ଅଛନ୍ତି।

# ରାଜସ୍ଥାନରୁ ୧୫ରେ ମୌସୁମୀର ଲେଉଟାଣି

### ଏଥର ୭ ପ୍ରତିଶତ ଅଧିକ ବର୍ଷା ହେଲାଣି

### ହିମାଚଳରେ ପୁଣି ବାଦଲ୍‌ଫଟା ବର୍ଷା

■ **ନୂଆଦିଲ୍ଲୀ, ୧୩।୯(ଏଜେନ୍ସି):** ଏଥର ଦେଶରେ ରାଜସ୍ଥାନରୁ ହିଁ ମୌସୁମୀ ବିଦାୟ ନେବା ପ୍ରକ୍ରିୟା ଆରମ୍ଭ କରିବ। ସେପ୍ଟେମ୍ବର ୧୫ରୁ ମୌସୁମୀ ଭାରତ ଏହି ଉତ୍ତରପଶ୍ଚିମ ରାଜ୍ୟରୁ ମେଲାଣି ନେବା ଆରମ୍ଭ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ସାଧରଣତଃ ମୌସୁମୀ ଉତ୍ତରପଶ୍ଚିମ ଭାରତରେ ସେପ୍ଟେମ୍ବର ୧୭ରେ ଫେରିବା ଆରମ୍ଭ କରିଥାଏ ଓ ଅକ୍ଟୋବର ୧୫ରେ ଦେଶରୁ ସମ୍ପୂର୍ଣ୍ଣ ଭାବେ ବିଦାୟ ନେଇଥାଏ। ଏଥର ମୌସୁମୀ ମେ ୨୪ରେ କେରଳରେ ପ୍ରଥମେ ପ୍ରବେଶ କରିଥିଲା। ୨୦୦୯ ପରେ ସବୁଠାରୁ ଶୀଘ୍ର ଅର୍ଥାତ ୮ ଦିନ ପୂର୍ବରୁ ଆସିଥିଲା। ▶ପୃଷ୍ଠା-୭



## ଭାରତ, ଚୀନ ଉପରେ କଠୋର କଟକଣା ପାଇଁ ମସୁଧା

# ସହଯୋଗୀ ଖୋଜୁଛନ୍ତି ଟ୍ରମ୍ପ



■ **ୱାଶିଂଟନ, ୧୩।୯ (ଏଜେନ୍ସି):** ବ୍ୟସ୍ତ ବିବ୍ରତ ହୋଇପଡ଼ିଲେଣି ଆାମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଯେତେ ଯାହା କଲେ ମଧ୍ୟ ରୁଷ-ୟୁକ୍ରେନ ଯୁଦ୍ଧ ଅଟକାଇ ପାରୁ ନାହାନ୍ତି। ନୋବେଲ ଶାନ୍ତି ପୁରସ୍କାର ପାଇଁ ବ୍ୟାକୁଳ ଥିବା ଟ୍ରମ୍ପ ତାଙ୍କର ସମସ୍ତ ରାଗ ଭାରତ ଉପରେ ଶୁଝାଉଛନ୍ତି। ରୁଷ ଉପରେ ଚାପ ପକାଇବା ଉଦ୍ଦେଶ୍ୟରେ ଭାରତୀୟ ସାମଗ୍ରୀ ଉପରେ ସେ ୫୦ ପ୍ରତିଶତ ଶୁଳ୍କ ମଧ୍ୟ ଲଗାଇଛନ୍ତି। ଏହାସତ୍ତ୍ୱେ ରୁଷରୁ ତେଲ କିଣିବା ଅବ୍ୟାହତ ରଖିବା ସହିତ ଚୀନ ଓ ରୁଷ ସହିତ ବନ୍ଧୁତା ବଢ଼ାଇ ଚାଲିଛି ଭାରତ। ଏହାକୁ ନେଇ ଅସହାୟ ହୋଇପଡ଼ିଛନ୍ତି ଟ୍ରମ୍ପ। ତେଣୁ ଆମେରିକା ଭଳି ଭାରତ ଓ ଚୀନ ଉପରେ ଅଧିକ ଶୁଳ୍କ ଧାର୍ଯ୍ୟ କରିବା ଲାଗି ସେ ଜି-୭ ରାଷ୍ଟ୍ର ଓ ୟୁରୋପୀୟ ୟୁନିଅନ୍ ଉପରେ ଚାପ ପକାଉଛନ୍ତି। ଦରକାର ପଡ଼ିଲେ ଏହି ଦେଶମାନଙ୍କ ଉପରେ ଶହେ ପ୍ରତିଶତ ଶୁଳ୍କ ବସାଇବାକୁ ସେ ମେ ଦେଇଛନ୍ତି।

ରାଷ୍ଟ୍ରପତି ଟ୍ରମ୍ପଙ୍କ ନିର୍ଦ୍ଦେଶ କ୍ରମେ ଆମରେିକାର ଅର୍ଥ ମନ୍ତ୍ରୀ ସ୍କଟ୍ ବେସେଣ୍ଟ ଏବଂ ବାଣିଜ୍ୟ ପ୍ରତିନିଧି ଜେମିସନ୍ ଆଜି ଜି-୭ ଦେଶର ମନ୍ତ୍ରୀମାନଙ୍କୁ ଭେଟି ଟ୍ରମ୍ପଙ୍କ ବାର୍ତ୍ତା ଶୁଣାଇଛନ୍ତି। ସେମାନେ କହିଥିଲେ ଯେ ୟୁକ୍ରେନ ଉପରେ ରୁଷ ଯୁଦ୍ଧ ଶେଷ କରିବାକୁ ହେଲେ ରୁଷରୁ ତେଲ କିଣୁଥିବା ଦେଶମାନଙ୍କ ଉପରେ କଠୋର କଟକଣା ଜାରି କରାଯିବାର ଆବଶ୍ୟକତା ରହିଛି। ସେମାନେ ଭାରତ ଓ ଚୀନକୁ ଟାର୍ଗେଟ କରି ଏହି ଅଭିଯାନ ଚଳାଇଛନ୍ତି। ଏହି ଜି-୭ ସଂଗଠନରେ ଆମେରିକା ସମେତ ବ୍ରିଟେନ, କାନାଡା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ ଓ ଜାପାନ ଭଳି ବିକଶିତ ଓ ଶିଳ୍ପ ସମୃଦ୍ଧ ରାଷ୍ଟ୍ର ଅଛନ୍ତି। ଆମେରିକା ସେମାନଙ୍କୁ ବୁଝାଇଛି ଯେ ଜି-୭ ସହଯୋଗ ନକଲେ ଆମେରିକାର କଟକଣା କାମ ଦେବନାହିଁ।

### ଜି-୭, ନାଟୋର ସହାୟତା ଲୋଡ଼ିଲେ

ଗୋଟିଏ ପଟେ ଭାରତ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଶଂସା କରି ସମ୍ପର୍କ ସୁଧାରିବା ପାଇଁ ଟ୍ରମ୍ପ ପ୍ରୟାସ କରୁଥିବା ବେଳେ ଅନ୍ୟପଟେ ଜି-୭ ରାଷ୍ଟ୍ର ସହ ମିଶି ଭାରତ ବିରୋଧୀ ଷଡ଼ଯନ୍ତ୍ର କରୁଥିବା ଏଥିରୁ ସ୍ପଷ୍ଟ ହୋଇଯାଉଛି। ଶୁଳ୍କ ଲଗାଇ ବିଶ୍ୱକୁ ଅସ୍ଥିରତା ମଧ୍ୟକୁ ଠେଲି ଦେଇଥିବା ଆମେରିକା ରାଷ୍ଟ୍ରପତି ଜି-୭ ରାଷ୍ଟ୍ର ଗୋଷ୍ଠୀଙ୍କୁ ମଧ୍ୟ ଏପରି କରିବାକୁ ପ୍ରବର୍ତ୍ତାଉଛନ୍ତି। ଏହା ମଧ୍ୟରେ ରୁଷଠୁ ତେଲ କିଣିବାକୁ ନେଇ ଜି-୭ ରାଷ୍ଟ୍ରଙ୍କ ବୈଦେଶିକ ମନ୍ତ୍ରୀ ଭାରତ ସହ ଆଲୋଚନା କରିବେ ବୋଲି ଜଣାପଡ଼ିଛି। ଜି-୭ ଆଲୋଚନା ପରେ ଆମେରିକା ଅର୍ଥ ବିଭାଗ ପକ୍ଷରୁ କୁହାଯାଇଛି ଯେ ସେମାାନେ ରାଷ୍ଟ୍ରପତି ଟ୍ରମ୍ପଙ୍କ ବାର୍ତ୍ତା ରଖିଥିଲେ। ୟୁକ୍ରେନ ଯୁଦ୍ଧ ବନ୍ଦ କରିବାକୁ ଚାହୁଁଥିଲେ ରୁଷଠୁ ତେଲ କିଣୁଥିବା ରାଷ୍ଟ୍ର ଉପରେ ଶୁଳ୍କ ଲଗାଇବା ଜରୁରୀ ବୋଲି କହିଥିଲେ। ଏନେଇ ଆମେରିକାକୁ ସହଯୋଗ କରିବା ଆବଶ୍ୟକ। ତେବେ ବିବୃତିରେ କୌଣସି ଦେଶର ନାମ ନିଆଯାଇ ନ ଥିଲା। କିନ୍ତୁ ଭାରତ ଏବଂ ଚୀନ୍‌କୁ ଆମେରିକା ଦୋଷ ଦେଇ ଆସୁଛି। ରୁଷ ଠାରୁ ଚୀନ୍ ସର୍ବାଧିକ ତେଲ କିଣୁଥିବା ବେଳେ ଟ୍ରମ୍ପ କେବଳ ଭାରତ ଉପରେ ଶୁଳ୍କ ଲଗାଇଛନ୍ତି।

ଟ୍ରମ୍ପ ଆଜି ନାଟୋ ଦେଶମାନଙ୍କୁ ମଧ୍ୟ ଭାରତ ଓ ଚୀନ ଉପରେ କଟକଣା ଲଗାଇବାକୁ ଅନୁରୋଧ କରିଛନ୍ତି। ନାଟୋ ସଂଗଠନର ସଭ୍ୟମାନଙ୍କୁ ପତ୍ର ଲେଖି ସେ କହିଛନ୍ତି ଯେ ସେମାନେ ମଧ୍ୟ ରୁଷ ଠାରୁ ତେଲ କିଣିବା ବନ୍ଦ କରନ୍ତୁ। ୟୁାକ୍ରେନ ଉପରେ ରୁଷ ଆକ୍ରମଣ ବନ୍ଦ ନକରିବା ପର୍ଯ୍ୟନ୍ତ ଚୀନ ଓ ଭାରତ ଉପରେ ୫୦ରୁ ୧୦୦ ପ୍ରତିଶତ ଶୁଳ୍କ ଧାର୍ଯ୍ୟ କରିବାକୁ ସେ ଚାପ ପକାଇଛନ୍ତି। କାରଣ ଏହି ଦୁଇ ଦେଶ ରୁଷରୁ ସର୍ବାଧିକ ତେଲ କିଣୁଛନ୍ତି। ନାଟୋ ଏଥିରେ ସହଯୋଗ କଲେ ସେ ରୁଷ ଉପରେ ଅଧିକ କଠୋର କଟକଣା ଲଗାଇବାକୁ ପ୍ରସ୍ତୁତ ବୋଲି ଟ୍ରମ୍ପ କହିଛନ୍ତି। ତେବେ ନାଟୋ ଦେଶଙ୍କ ପ୍ରତିକ୍ରିୟା ମିଳିନାହିଁ।

## ଏସିଆ କପ୍ କ୍ରିକେଟ

# ଭାରତ-ପାକ୍ ମୁକାବିଲା ଆଜି




### ମ୍ୟାଚ୍ ବର୍ଜନ ପାଇଁ ଭାରତରେ ଅଭିଯାନ

### ଦୁବାଇ ଯିବେନି ବିସିସିଆଇ କର୍ମକର୍ତ୍ତା

■ **ଦୁବାଇ, ୧୩।୯ (ଏଜେନ୍ସି):** ଟି-୨୦ ବିଶ୍ୱ ଚାମ୍ପିଅନ ଓ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ମଧ୍ୟରେ ଏଠାରେ ଚାଲିଥିବା ଏସିଆ କପ୍ କ୍ରିକେଟ ପ୍ରତିଯୋଗିତାରେ ଆସନ୍ତାକାଲି ମୁକାବିଲା ହେବ। ଏହି ପ୍ରତିଯୋଗିତା ଲାଗି ଉଭୟ ଦଳର ଖେଳାଳି, ସମର୍ଥକ ଓ କର୍ମକର୍ତ୍ତା ପ୍ରସ୍ତୁତ ଥିଲାବେଳେ ଟିକଟ ବିକ୍ରି ହୋଇ ନ ଥିବାରୁ ଏହି ମ୍ୟାଚ୍ ଆକର୍ଷଣ ହରାଇବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଆସନ୍ତାକାଲିର ମୁକାବିଲା ଭାରତୀୟ ସମୟ ରାତି ୮ଟାରୁ ଆରମ୍ଭ ହେବ। ଏହି ମ୍ୟାଚ୍‌ର ସିଧାପ୍ରସାରଣ ସୋନି ଟିଭି ନେଟ୍‌ୱର୍କରେ ପ୍ରସାରିତ ହେବ।

ଅନ୍ୟପକ୍ଷରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଏବଂ ଅପରେସନ ସିନ୍ଦୂର ପରିପ୍ରେକ୍ଷୀରେ ଭାରତ-ପାକିସ୍ତାନ ମଧ୍ୟରେ ହେବାକୁ ଥିବା ଏହି ମ୍ୟାଚ୍‌କୁ ବର୍ଜନ ଲାଗି ଦେଶ ଭିତରେ ବଡ଼ ଧରଣର ଅଭିଯାନ ଚାଲିଛି। ବିଶେଷ କରି ବିରୋଧୀ ଦଳ ଏହାର ନେତୃତ୍ୱ ନେଉଛନ୍ତି। ଏଥିରେ କ୍ରିକେଟ ପ୍ରଶଂସକ ମଧ୍ୟ ସାମିଲ ହୋଇଛନ୍ତି। ସେମାନେ ଯୁକ୍ତି କରିଛନ୍ତି ଯେ ପହଲଗାମରେ ପାକିସ୍ତାନୀ ଆତଙ୍କବାଦୀ ଅକ୍ରମଣର ଶିକାର ହୋଇଥିବା ପରିବାର ଆଖିରୁ ଲୁହ ଶୁଖି ନଥିବା ବେଳେ ପାକିସ୍ତାନ ସହ ମ୍ୟାଚ୍ ସେମାନଙ୍କର ଭାବନା ପ୍ରତି ଅସମ୍ମାନ। କେବଳ ଏତିକି ନୁହେଁ; ଏହା ସମଗ୍ର ଦେଶବାସୀଙ୍କ ପ୍ରତି ମଧ୍ୟ ଅପମାନ ଏହାକୁ ବର୍ଜନ କରିବା ପାଇଁ ସେମାନେ ଆହ୍ୱାନ ଜଣାଇଛନ୍ତି। କଂଗ୍ରେସ, ଆପ୍ ଏବଂ ଶିବସେନା (ଉଦ୍ଧବ) ପକ୍ଷରୁ ▶ପୃଷ୍ଠା-୭

## ୨୭ରେ ଆସୁଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ | ବ୍ରହ୍ମପୁର ସମାବେଶରେ ଯୋଗଦେବେ



### ଚଳିତ ମାସରେ ବହୁତ କିଛି ହେବ: ତୋମାର

### ପୁଣି ବଢ଼ିଲା ମନ୍ତ୍ରିମଣ୍ଡଳ ପୁନର୍ଗଠନ ଚର୍ଚ୍ଚା

■ **ଭୁବନେଶ୍ୱର, ୧୩।୯ (ସମିସ):** ଆସନ୍ତା ୨୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଗସ୍ତରେ ଆସୁଛନ୍ତି। ବ୍ରହ୍ମପୁରରେ ଏକ ଜନସମାବେଶରେ ପ୍ରଧାନମନ୍ତ୍ରୀ ଯୋଗଦେବେ। ଖୁବ୍‌ଶୀଘ୍ର ଏନେଇ କାର୍ଯ୍ୟକ୍ରମ ସ୍ଥିର ହେବ ବୋଲି ବିଜେପିର ଓଡ଼ିଶା ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଯେତେବେଳେ ଓଡ଼ିଶା ଗସ୍ତରେ ଆସନ୍ତି, ସେତେବେଳେ ଓଡ଼ିଶାକୁ କିଛି ନା କିଛି ଦେଇକରି ଯାଇଥା’ନ୍ତି। ସବୁ ସମୟରେ ପ୍ରଧାନମନ୍ତ୍ରୀଙ୍କ ଫୋକସ୍‌ରେ ଓଡ଼ିଶା ରହିଥାଏ। ପ୍ରଧାନମନ୍ତ୍ରୀ ସବୁବେଳେ ଯୁବ ଓ ମହିଳା ବର୍ଗକୁ ପ୍ରାଥମିକତା ଦେଇଆସିଛନ୍ତି ବୋଲି ତୋମାର କହିଛନ୍ତି।

ଅପରପକ୍ଷେ ରାଜ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ, ନିଗମ, ବୋର୍ଡରେ ନିଯୁକ୍ତି ନେଇ ଚର୍ଚ୍ଚା ଥମୁ ନଥିବା ସମ୍ପର୍କରେ ସାମ୍ବାଦିକଙ୍କ ପ୍ରଶ୍ନ ଉପରେ ପ୍ରତିକ୍ରିୟା ରଖି ଶ୍ରୀ ତୋମାର କହିଛନ୍ତି, ଏହି ମାସରେ ରାଜ୍ୟରେ ବହୁତ କିଛି ହେବ। ଶ୍ରୀ ତୋମାରଙ୍କ ଏପରି ବୟାନ ପରେ ଚଳିତ ମାସ ଶେଷ ଆଡ଼କୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସହ କିଛି ନିଗମ ଓ ବୋର୍ଡରେ ନିଯୁକ୍ତି ହୋଇପାରେ ବୋଲି ଦଳୀୟ ମହଲରେ ଆଲୋଚନା ଜୋର୍ ଧରିଛି। ବିଜେପିର ଓଡ଼ିଶା ପ୍ରଭାରୀ ଶ୍ରୀ ତୋମାରଙ୍କ ବକ୍ତବ୍ୟ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମକୁ ରାଜନୈତିକ ବିଶ୍ଳେଷକମାନେ ମଧ୍ୟ ଭିନ୍ନ ଦୃଷ୍ଟିରେ ଆକଳନ କରୁଛନ୍ତି।

## ଉପନିର୍ବାଚନ ପ୍ରକ୍ରିୟା ଆରମ୍ଭ

# ନୂଆପଡ଼ାରେ ହେବ ଏସ୍ଏସ୍ଆର୍

### ଅକ୍ଟୋବର ୯ରେ ପ୍ରକାଶ ପାଇବ ଚୂଡ଼ାନ୍ତ ସଂଶୋଧିତ ଭୋଟର ତାଲିକା

■ **ଭୁବନେଶ୍ୱର, ୧୩।୯ (ସମିସ):** ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତ ପରେ ଉକ୍ତ ବିଧାନସଭା ଆସନରେ ଉପନିର୍ବାଚନ ପାଇଁ ବିଧିବଦ୍ଧ ଭାବେ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଏହି ନିର୍ବାଚନ ମଣ୍ଡଳୀରେ ଏକ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ (ଏସଏସଆର) ପାଇଁ କାର୍ଯ୍ୟସୂଚୀ ଜାରି କରାଯାଇଛି। ୨୦୨୫ ଜୁଲାଇ ୧ ତାରିଖକୁ ଯୋଗ୍ୟତା ତାରିଖ ଭାବେ ବିବେଚନା କରି ଜନପ୍ରତିନିଧିତ୍ୱ ଆଇନ, ୧୯୫୦ର ଧାରା ୨୧ ଅନୁଯାୟୀ ଏହି ଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସ୍ପଷ୍ଟ କରିଛନ୍ତି। ▶ପୃଷ୍ଠା-୭

# ଭୁଶୁଡ଼ିଲା ମାର୍କେଟ୍ କମ୍ପ୍ଲେକ୍ସ; ଜଣେ ମୃତ

■ **କୋରାପୁଟ, ୧୩।୯ (ସମିସ):** ଜିଲ୍ଲା ପୁଲିସ ମୁଖ୍ୟାଳୟ ସମ୍ମୁଖ କୋରାପୁଟ ପୌରପରିଷଦର ବିଶ୍ୱାସ ରାୟ ମାର୍କେଟ୍ କମ୍ପ୍ଲେକ୍ସରେ ଏକ ଛାତ ଭୁଶୁଡ଼ି ପଡିବାରୁ ଜଣଙ୍କର ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରୁ ଅନେକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମୃତକ ହେଲେ, ଲୋକନାଥ ପାତ୍ର (୬୨)। ସୂଚନାନୁଯାୟୀ, ଉକ୍ତ କମ୍ପେଲକ୍ସର ହରି ପାତ୍ର ବେକେରୀରେ ମରାମତି କାର୍ଯ୍ୟ ଚାଲୁଥିଲା ବେଳେ ଅଚାନକ ଛାତ ଭୁଶୁଡ଼ି ▶ପୃଷ୍ଠା-୭











## ରାଜଧାନୀରେ ଲଜ୍ଜା

# ମେଲୋଡି ଗାର୍ଲଙ୍କୁ ଗଣଦୁଷ୍କର୍ମ

### ଥଣ୍ଡା ପାନୀୟରେ ନିଶା ଦେଇଥିଲେ

### ଗୀତ ଶିଖାଇବା ଆଳରେ ଗେଷ୍ଟହାଉସ୍‌କୁ ଡକାଇଥିଲେ

### ୩ ଅଭିଯୁକ୍ତ ଗିରଫ

■ **ଭୁବନେଶ୍ୱର, ୧୩।୯(ସମିସ):** ରାଜଧାନୀରେ ପୁଣି ଲଜ୍ଜା। ଗୀତ ଶିଖାଇବା ନାଁରେ ଓୟୋରେ ଯୁବତୀଙ୍କୁ ଗଣଦୁଷ୍କର୍ମ। ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଗତ ବୁଧବାର ଏଭଳି ଏକ ଲଜ୍ଜାଜନକ ଘଟଣା ଘଟିଥିବା ବେଳେ ଆଜି ପଦାକୁ ଆସିଛି। ଏହି ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ, ଜଗତସିଂହପୁର ଜିଲ୍ଲା ବିରିଡ଼ି ଥାନା ଚାଷୀଖଣ୍ଡା ଗାଁର ଚନ୍ଦନ କୁମାର ହାତୀ (୨୫) ଓରଫ୍ ଚନ୍ଦୁ, ପ୍ରସନ୍ନ କୁମାର ଆଚାର୍ଯ୍ୟ (୩୭) ଓ ଶ୍ରୀମାର୍ଗ ଗେଷ୍ଟହାଉସ୍ କେୟାରଟେକର୍ ରାଜେଶ କୁମାର ଦାସ (୩୨)। ଚନ୍ଦନ ଓ ପ୍ରସନ୍ନ ଦୁଇ ସାଙ୍ଗ।

ପୁଲିସ ସୂଚନା ଅନୁସାରେ, ବଡ଼ ଭଉଣୀ ସହ ଭୁବନେଶ୍ୱରରେ ରହୁଥିବା ଯୁବତୀଜଣଙ୍କ ମେଲୋଡି କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଭାବେ କାମ କରନ୍ତି। କିଛି ଦିନ ତଳେ ସାମାଜିକ ଗଣମାଧ୍ୟମ ଜରିଆରେ ସେ ଚନ୍ଦନ ସହ ପରିଚିତ ହୋଇଥିଲେ। ଚନ୍ଦନ ଏକ ପ୍ରତିଷ୍ଠିତ ଚ୍ୟାନେଲର ଷ୍ଟୁଡିଓରେ ସଙ୍ଗୀତ ସମ୍ବନ୍ଧୀୟ କାମ କରୁଛି ବୋଲି କହିଥିଲା। ଚନ୍ଦନ କିଛି ଦିନ କଥା ହେବା ପରେ ସଙ୍ଗୀତ ରେକର୍ଡିଂ ଓ ଫଟୋ ସୁଟ୍ କରିବା ବାହାନାରେ ଯୁବତୀଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଖରୀପୁଟ ଭିଲେଜ୍‌ସ୍ଥିତ ଶ୍ରୀମାର୍ଗ ଗେଷ୍ଟହାଉସ୍ (ଓୟୋ)କୁ ଡକାଇଥିଲା। ଲୋକେସନ୍ ପଠାଇବା ସହ ଯୁବତୀଙ୍କ ରୁମ୍ ପାଖରୁ ଗେଷ୍ଟହାଉସ୍ ଆସିବାକୁ ଏକ କ୍ୟାବ ବୁକ୍ କରିଦେଇଥିଲା। ବୁଧବାର ଦିନ ପ୍ରାୟ ୧୨ଟା ବେଳକୁ ଯୁବତୀଜଣଙ୍କ ଉକ୍ତ ଗେଷ୍ଟହାଉସ୍‌ରେ ପହଞ୍ଚିଥିଲେ। ଗେଷ୍ଟହାଉସ୍‌ଟି ସାଧାରଣ ଘର ଭଳି ହୋଇଥିବାରୁ ଯୁବତୀଜଣଙ୍କ କିଛି ▶ପୃଷ୍ଠା-୭




ସକାଳ THE SAKALA
www.sakalaepaper.com

## ଆତ୍ମସମର୍ପଣ କଲେ ମାଓ ନେତା କିଶେନ୍‌ଜୀଙ୍କ ପତ୍ନୀ

ହାଇଦରାବାଦ୍, ୧୩।୯(ଏଜେନ୍ସି): ଏକ ଉଲ୍ଲେଖନୀୟ ଘଟଣାକ୍ରମରେ ଦିବଂଗତ ମାଓନେତା ତଥା କମାଣ୍ଡର କିଶେନଜୀଙ୍କ ପତ୍ନୀ ପଥୁଲା ପଦ୍ମାବତୀ ଓରଫ୍ କଳ୍ପନା ଶନିବାର ତେଲଙ୍ଗାନା ପୁଲିସ ଡିଜି ଜିତେନ୍ଦରଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ୧୯୮୨ରୁ ପଦ୍ମାବତୀ ଅଣ୍ଡରଗ୍ରାଉଣ୍ଡ ହୋଇ ରହିଥିଲେ। ୬୨ ବର୍ଷୀୟ ପଦ୍ମାବତୀଙ୍କ ଉପରେ ଏକ କୋଟି ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ସେ ମାଓ ସଂଗଠନରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ଦାୟିତ୍ୱ ସମ୍ପାଦନ କରୁଥିଲେ। ସେ ସଂଗଠନର ସାଉଥ ସବ୍- ଜୋନାଲ ବ୍ୟୁରୋ ସେକ୍ରେଟାରୀ ଥିଲେ। ସେ ମଧ୍ୟ ଦଣ୍ଡକାରଣ୍ୟ ସ୍ପେଶିଆଲ ଜୋନାଲ କମିଟିରେ ଜନତା ସରକାରର କାର୍ଯ୍ୟବାହୀ ମୁଖ୍ୟ ଥିଲେ। ସେ ମଧ୍ୟ ସିପିଆଇ (ମାଓଷ୍ଟ) କେନ୍ଦ୍ରୀୟ କମିଟିର ସଦସ୍ୟ ଥିଲେ। ତେଲେଙ୍ଗାନାର ଜୋଗୁଲାମ୍ବା ଗଡ୍‌ୱାଲ ଜିଲ୍ଲାରେ ସେ ଏକ ଚାଷୀ ପରିବାରରେ ଜନ୍ମଗ୍ରହଣ କରିଥିଲେ। ସେ ବରିଷ୍ଠ ମାଓନେତା ମାଲୋଜୁଲା କୋଟେଶ୍ୱର ରାଓ ଓରଫ୍ କିଶେନଜୀଙ୍କୁ ବିବାହ କରିଥିଲେ। ନିଜର ସମ୍ପର୍କୀୟ ଭାଇଙ୍କଠାରୁ ପ୍ରେରଣା ପାଇ ମାଓ ଆନ୍ଦୋଳନରେ ଯୋଗ ଦେଇଥିଲେ। ଛତିଶଗଡ଼, ମହାରାଷ୍ଟ୍ର, ତେଲଙ୍ଗାନା ଓ ଓଡ଼ିଶା ପୁଲିସ ତାଙ୍କୁ ଖୋଜୁଥିଲା।

## ୧୧୪ ରାଫେଲ ପାଇଁ ବାୟୁସେନାର ବରାଦ

ନୂଆଦିଲ୍ଲୀ, ୧୩।୯(ଏଜେନ୍ସି): ଭାରତୀୟ ବାୟୁସେନାକୁ ଏବେ ୧୧୪ଟି ମେଡ୍ ଇନ୍ ଇଣ୍ଡିଆ ତଥା ସ୍ୱଦେଶୀ ଲଢୁଆ ରାଫେଲ ବିମାନ ଆବଶ୍ୟକ। ଏଥିପାଇଁ ବାୟୁସେନା ତରଫରୁ ପ୍ରତିରକ୍ଷା ମନ୍ତ୍ରଣାଳୟକୁ ପ୍ରସ୍ତାବ ଦିଆଯାଇଛି। ଏହି ବିମାନଗୁଡିକୁ ଫ୍ରାନ୍ସର ଡାସଲ୍ଟ ଅଭିଏସନ କମ୍ପାନୀ ଓ ଭାରତୀୟ ଏରୋସ୍ପେଶ କମ୍ପାନୀ ମିଶିକରି ପ୍ରସ୍ତୁତ କରିବେ। ପାକିସ୍ତାନ ବିପକ୍ଷରେ ଅପରେସନ ସିନ୍ଦୂରରେ ରାଫେଲର ଦମ୍‌ଦାର ପ୍ରଦର୍ଶନ ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ପ୍ରସ୍ତାବ ଅନୁସାରେ ୧୧୪ଟି ରାଫେଲ ବିମାନ ନିର୍ମାଣ କରିବାକୁ ପାଖାପାଖି ୨ ଲକ୍ଷ କୋଟି ଟଙ୍କା ବ୍ୟୟ ହେବ। ବାୟୁସେନା ତରଫରୁ ଦିଆଯାଇଥିବା ଏହି ପ୍ରସ୍ତାବ ମନ୍ତ୍ରଣାଳୟ ନିକଟରେ ପହଞ୍ଚିଛି। ଏ ନେଇ ବିଚାର କରାଯାଉଛି ବୋଲି ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଭାରତୀୟ ବାୟୁସେନା ପାଖରେ ଏବେ ୩୬ଟି ରାଫେଲ ବିମାନ ରହିଛି। ଭାରତୀୟ ନୌସେନା ମଧ୍ୟ ୨୬ଟି ରାଫେଲ ମେରିନର ଅର୍ଡର ଦେଇଛି। ୧୧୪ଟି ବିମାନ ମିଳିବା ପରେ ଭାରତ ପାଖରେ ମୋଟ୍ ୧୭୬ଟି ରାଫଲେ ବିମାନ ଉପଲବ୍ଧ ହେବ। ଗତ ଜୁନ୍ ମାସରେ ଭାରତ ୨୬ଟି ରାଫେଲ ମେରିନ୍ ନେଇ ଫ୍ରାନ୍ସ ସହ ୬୩, ୦୦୦ କୋଟି ଟଙ୍କାର ଡିଲ୍ କରିଥିଲା।

## ଏଡିଆର୍ ପ୍ରତିଷ୍ଠାତା ଜଗଦୀପଙ୍କ ପରଲୋକ

ନୂଆଦିଲ୍ଲୀ, ୧୩।୯(ଏଜେନ୍ସି): ଆସୋସିଏସନ ଫର ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର)ର ସହ ପ୍ରତିଷ୍ଠାତା ଜଗଦୀପ ଏସ୍ ଛୋକର ଶୁକ୍ରବାର ଦିଲ୍ଲୀରେ ହୃଦ୍‌ଘାତ୍‌ରେ ୮୦ ବର୍ଷ ବୟସରେ ପରଲୋକଗମନ କରିଛନ୍ତି। ନିର୍ବାଚନ ପ୍ରକ୍ରିୟାରେ ସଂସ୍କାର ଆଣିବାରେ ଏହି ସଂଗଠନ ଏଡିଆର ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି। ଇଚ୍ଛା ଅନୁସାରେ ତାଙ୍କ ମରଶରୀରକୁ ରିସର୍ଚ୍ଚ ପାଇଁ ଲେଡି ହାର୍ଡିଙ୍ଗେ ମେଡିକାଲ କଲେଜକୁ ପ୍ରଦାନ କରାଯାଇଛି। ଆଇଆଇଏମ୍ ଅହମଦାବାଦ୍‌ରେ ପ୍ରଫେସର ଭାବେ ଶିକ୍ଷାଦାନ କରିଥିବା ଛୋକର ୧୯୯୯ରେ ଏଡିଆର ସ୍ଥାପନ କରିଥିଲେ। ଏହି ସଂଗଠନ ଜରିଆରେ ନିର୍ବାଚନ ପ୍ରକ୍ରିୟାକୁ ସୁଧାରିବାରେ ସେ ଆଇନଗତ ଲଢ଼େଇ ଲଢିଥିଲେ। ନିର୍ବାଚନରେ ପ୍ରାର୍ଥୀଙ୍କ ପୃଷ୍ଠଭୂମି ଓ ଇଲେକଟୋରାଲ ବଣ୍ଡ ସ୍କିମକୁ ରଦ୍ଦ କରିବାକୁ ସେ ପ୍ରୟାସ କରିଥିଲେ। ୧୯୪୪ ନଭେମ୍ବର ୨୫ରେ ଜନ୍ମଗ୍ରହଣ କରିଥିବା ଛୋକର ଭାରତୀୟ ରେଳବାଇରେ ନିଜର କ୍ୟାରିଅର ଆରମ୍ଭ କରିଥିଲେ। ଏହାପରେ ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଫ୍ୟାକଲ୍ଟି ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡିଜରେ ଏମ୍‌ବିଏ, ଆମେରିକାର ଲୋଇସିଆନା ଷ୍ଟେଟ ବିଶ୍ୱବିଦ୍ୟାଳୟରେ ପିଏଚ୍‌ଡି କରିବାର ପରେ ଆଇଆଇଏମ୍ ଅହମଦାବାଦ୍‌ରେ ୧୯୮୫ରେ ପ୍ରଫେସର ଭାବେ ଯୋଗ ଦେଇଥିଲେ।

## ୧୨ ମହଲାରୁ ଖସି ମା'-ପୁଅ ମୃତ


ନୋଏଡା, ୧୩।୯(ଏଜେନ୍ସି): ନୋଏଡାର ଗୌତମ ବୁଦ୍ଧ ନଗରରେ ଶନିବାର ସକାଳେ ଏକ ବିଲ୍ଡିଂର ଦ୍ୱାଦଶ ମହଲାରୁ ଖସିପଡ଼ି ଜଣେ ୧୨ ବର୍ଷୀୟ ପୁଅ ଓ ତା'ର ମା ମୃତ୍ୟୁବରଣ କରିଛନ୍ତି। ଦର୍ପନ ଚାୱଲା ନାମକ ଜଣେ ମାନସିକ ଅଗ୍ରସର ବାଳକ ରହୁଥିଲା। ସେ ଦ୍ରୁତଗତି ଦୌଡି ଆସି ବାଲକୋନୀ ଉପରୁ ତଳକୁ ଖସିପଡ଼ିଥିଲା। ତାକୁ ବଞ୍ଚାଇବାକୁ ଯାଇ ତା'ର ମା ୩୮ ବର୍ଷୀୟା ସାକ୍ଷୀ ଚାୱଲା ମଧ୍ୟ ତଳକୁ ଖସିପଡ଼ିଥିଲେ ବୋଲି ବିସରାଖ ଭାରପ୍ରାପ୍ତ ଥାନା ଅଧିକାରୀ ମନୋଜ କୁମାର ସିଂ କହିଛନ୍ତି। ପୁଲିସ ଦୁଇଜଣଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଘଟଣା ବେଳେ ଦର୍ପନ ଅଲଗା ପ୍ରକୋଷ୍ଠରେ ଥିଲା। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକ ଖେଳାଇ ଦେଇଛି।

## ମେଘାଳୟର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପରଲୋକ

ନୂଆଦିଲ୍ଲୀ, ୧୩।୯(ଏଜେନ୍ସି): ଉତ୍ତରପୂର୍ବ ରାଜ୍ୟ ମେଘାଳୟର ପୂର୍ବତନ ମୁଖ୍ୟମନ୍ତ୍ରୀ ଡିଡି ଲାପାଙ୍ଗ ଶୁକ୍ରବାର ରାତିରେ ୯୨ ବର୍ଷ ବୟସରେ ପରଲୋକଗମନ କରିଛନ୍ତି। ୧୯୩୪ ଏପ୍ରିଲ ୧୦ରେ ଜନ୍ମିତ ଲାପାଙ୍ଗ ୧୯୯୨ରୁ ୨୦୦୮ ମଧ୍ୟରେ ୪ ଥର ମୁଖ୍ୟମନ୍ତ୍ରୀ ଭାବେ ସଫଳତାର ସହ ଦାୟିତ୍ୱ ସମ୍ପାଦନ କରିଥିଲେ। ରାଜଧାନୀ ଶିଲଂର ଏକ ହସ୍ପିଟାଲରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ୧୯୭୨ରେ ତାଙ୍କର ରାଜନୈତିକ ଯାତ୍ରା ଆରମ୍ଭ ହୋଇଥିଲା। ସେ ଜଣେ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରଥମେ ନୋଙ୍ଗପୋ ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପୂର୍ବରୁ ସେ ଏକାଧିକବାର ବିଭିନ୍ନ ବିଭାଗରେ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ଏକ ସାଧରଣ ପରିବାରରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ସେ ୪ ଥର ରାଜ୍ୟର ମୁଖ୍ୟମନ୍ତ୍ରୀ ହେବାର ସୌଭାଗ୍ୟ ଲାଭ କରିଥିଲେ।

## ନେପାଳର ବିତାଡିତ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଏତଲା

କଠମାଣ୍ଡୁ, ୧୩।୯(ଏଜେନ୍ସି): ନେପାଳର ବିତାଡିତ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କ ବିରୋଧରେ ଶନିବାର ରାଜଧାନୀ କାଠମାଣ୍ଡୁରେ ଏଫ୍ଆଇଆର ବା ଏତଲା ଦିଆଯାଇଛି। ସେପ୍ଟେମ୍ବର ୮ରେ ଯେତେବେଳେ ଆନ୍ଦୋଳନ ଆରମ୍ଭ ହେଲା ସେ ପ୍ରଦର୍ଶନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ଆକ୍ରମଣ କରିବାକୁ ପୁଲିସକୁ ନିର୍ଦ୍ଦେଶ ଦେଇଥିବାର ଅଭିଯୋଗ ହୋଇଛି। ସେ ୯ ତାରିଖରେ ଚାପର ସମ୍ମୁଖୀନ ହୋଇ ନପାରି



ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ସେବେଠାରୁ ସେ ସେନା ସୁରକ୍ଷା ବଳୟ ମଧ୍ୟରେ ଶରଣ ନେଇଛନ୍ତି। ସେପଟେ ନେପାଳର ମଧ୍ୟବର୍ତ୍ତୀକାଳୀନ ପ୍ରଧାନମନ୍ତ୍ରୀ ସୁଶୀଲା କାର୍କି ଆହତ ହୋଇଥିବା ଆନ୍ଦୋଳନାକାରୀଙ୍କୁ ଭେଟିବା ପାଇଁ କାଠମାଣ୍ଡୁର ହସ୍ପିଟାଲରେ ପହଞ୍ଚିଛନ୍ତି। ସେ ଶୁକ୍ରବାର କାମଚଳା ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ। ୨୦୨୬ ମାର୍ଚ୍ଚ ୫ ପର୍ଯ୍ୟନ୍ତ ସେ ସଂସଦୀୟ ନିର୍ବାଚନ କରାଇବେ ଦାୟିତ୍ୱ ନେଇଛନ୍ତି। ଇତିମଧ୍ୟରେ ୬ ଦିନର ହିଂସା ପରେ କାଠମାଣ୍ଡୁ କେତକ ଅଞ୍ଚଳରେ କର୍ଫ୍ୟୁକୁ ହଟାଇ ଦିଆଯାଇଛି। କିନ୍ତୁ ୬ଟି ସ୍ଥାନରେ ଏବେବି କର୍ଫ୍ୟୁ ଜାରି ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ସୁଶୀଳାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ବ୍ରିଟେନରେ ଶିଖ୍ ଯୁବତୀଙ୍କୁ ଗଣଦୁଷ୍କର୍ମ



ଜଳନ୍ଧର, ୧୩।୯ (ଏଜେନ୍ସି): ବ୍ରିଟେନର ଓଲ୍ଡବୁରୀ ଟାଉନ୍‌ରେ ଜଣେ ୨୦ ବର୍ଷୀୟା ଭାରତୀୟ ଶିଖ ଯୁବତୀ ଗଣଦୁଷ୍କର୍ମର ଶିକାର ହୋଇଛନ୍ତି। ଦୁଇଜଣ ବ୍ୟକ୍ତି ତାଙ୍କୁ ବର୍ଣ୍ଣବୈଷମ୍ୟ ଆକ୍ଷେପ କରିବା ସହ ଏକ ପାର୍କରେ ଏହି କାଣ୍ଡ ଘଟାଇଛନ୍ତି। ପୁଣି ସେମାନେ ଯୁବତୀଙ୍କୁ ସ୍ୱଦେଶ ଫେରିଯିବାକୁ ଚେତାବନୀ ଦେଇଛନ୍ତି। ଏଠାରେ ତମେ ରହିବାର କୌଣସି ଆବଶ୍ୟକତା ନାହିଁ ବୋଲି ଦୁହେଁ କହିଥିଲେ। ଗତ ମଙ୍ଗଳବାର ସକାଳ ୮.୩୦ରେ ଓଲ୍ଡବୁରୀର ଟେମ୍ ରୋଡ୍‌ରେ ଏହି ଯୁବତୀ ଜଣକ ଦୁଷ୍କର୍ମର ଶିକାର ହୋଇଥିଲେ। ସିସିଟିଭି ଫୁଟେଜକୁ ଆଧାର କରି ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଖୋଜିବା ଆରମ୍ଭ କରିଛି। ତେବେ ଏହି ଦୁଇ ଅଭିଯୁକ୍ତ ଇଂରେଜ ନଥିଲେ ବୋଲି ପୁଲିସ ସ୍ପଷ୍ଟ କରିଛି। କିନ୍ତୁ ଏହି ଦୁଇ ଜଣ ଡେଙ୍ଗା ଚଉଡା ବ୍ରିଟେନର ଯୁବକ ଥିଲେ ବୋଲି ଯୁବତୀ ଜଣକ କହିଛନ୍ତି। ୟୁନାଇଟେଡ କିଙ୍ଗଡ଼ମ୍‌ର ଶିଖ ଫେଡେରେସନ ଏହି ଘଟଣାକୁ କଡ଼ା ଭାଷାରେ ନିନ୍ଦା କରିଛି। ଫରେନ୍‌ସିକ ଟିମ୍ ଏହାର ଯାଞ୍ଚ କରୁଛି। ଏହି ଘଟଣା ପରେ ସ୍ଥାନୀୟ ସମୁଦାୟ ମଧ୍ୟରେ ଆକ୍ରୋଶ ଦେଖିବାକୁ ମିଳିଛି। ବ୍ରିଟେନର ଶିଖ ସାଂସଦ ପ୍ରୀତ କୌର ଏହି ଘଟଣାକୁ ନିନ୍ଦା କରିଛନ୍ତି। ସେହିପରି ଲେବର ପାର୍ଟିର ସାଂସଦ ଗୁରିନ୍ଦର ସିଂ ଜୋସାନ ମଧ୍ୟ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଏହି ଘଟଣା ନିହାତି ଭୟାଭୟ ବୋଲି କହିଛନ୍ତି।

# ରୁଷରେ ପୁଣି ୭.୪ ତୀବ୍ରତାର ଭୂକମ୍ପ

ମସ୍କୋ, ୧୩।୯(ଏଜେନ୍ସି): ରୁଷିଆର ସୁଦୂର ପୂର୍ବ ଉପକୂଳରେ ଥିବା କାମ୍‌ଚଟକାରେ ଶନିବାର ଏକ ବଡ଼ ଧରଣର ଭୂକମ୍ପ ଆସିଥିଲା। ଏହାର ତୀବ୍ରତା ୭.୪ ଥିଲା। ଭୂକମ୍ପ ପରେ ଏହି ଅଞ୍ଚଳରେ ସୁନାମୀ ସତର୍କତା ଜାରି କରାଯାଇଛି। ଏହି ଭୂକମ୍ପ ଭୂପୃଷ୍ଠର ୩୯.୫ କିମି ଗଭୀରରେ ହୋଇଥିଲା। ୟୁନାଇଟେଡ ଷ୍ଟେଟ୍ସ ଜିଓଲୋଜିକାଲ ସର୍ଭେ (ୟୁଏସ୍‌ଜିଏସ୍) ପ୍ରଥମେ ଭୂକମ୍ପର ତୀବ୍ରତା ୭.୫ ବୋଲି କହିଥିଲା। କିନ୍ତୁ ପରେ ଏହାକୁ ସଂଶୋଧନ କରି ୭.୪ ବୋଲି ସୂଚନା ଦେଇଥିଲା। ଏହି ଭୂକମ୍ପ ଫଳରେ ରୁଷିଆର ପୂର୍ବ ଉପକୂଳରେ ୩୦୦ କିମି ଅଞ୍ଚଳରେ ସମୁଦ୍ରରୁ ବିପଜ୍ଜନକ ଲହରି ତଥା ସୁନାମୀ ଆସିବ ବୋଲି ପ୍ୟାସିଫିକ ସୁନାମୀ ଚେତାବନୀ କେନ୍ଦ୍ର ସତର୍କତା ଜାରି କରିଛି। ଏପର୍ଯ୍ୟନ୍ତ କେହି ମୃତାହତ ହୋଇଥିବାର ଖବର ଆସିନାହିଁ। ଏହାପୂର୍ବରୁ ଜୁଲାଇ ୩୦ରେ ରୁଷିଆରେ ୮.୯ ତୀବ୍ରତାର ଭୂକମ୍ପ ଆସିଥିଲା ଓ ଏହାକୁ ବିଶ୍ୱର ଷଷ୍ଠ ସର୍ବବୃହତ ଭୂକମ୍ପ ବୋଲି କୁହାଯାଇଥିଲା। କାମଚଟକାରେ ଗତ ୩ ମାସ ମଧ୍ୟରେ ୭ରୁ ଅଧିକ ତୀବ୍ରତାରେ ୩ଟି ଭୂକମ୍ପ ଆସିଛି। ଚଳିତ ବର୍ଷ ଏହି ଅଞ୍ଚଳରେ ମୋଟ୍ ୧, ୨୦୦ରୁ ଅଧିକ ଭୂକମ୍ପ ଆସିବା ୟୁଏସ୍‌ଜିଏସ୍ ତରଫରୁ କୁହାଯାଇଛି। ଏଥିମଧ୍ୟରୁ ଅଧିକାଂଶ ଛୋଟଛୋଟ ଭୂକମ୍ପ ସାମିଲ ରହିଛି। କିନ୍ତୁ ୪ରୁ ଅଧିକ ତୀବ୍ରତାର ଭୂକମ୍ପର ସଂଖ୍ୟା ୧୫୦ରୁ ଅଧିକ ଥିଲା। କାମଚଟକା ଦକ୍ଷିଣରେ ଜାପାନ, ପୂର୍ବରେ ଆମେରିକା ଓ ଦକ୍ଷିଣ ପଶ୍ଚିମରେ ଚୀନ୍ ରହିଛି। ତେବେ ଜାପାନ ଏହି ଭୂକମ୍ପ ପାଇଁ କୌଣସି ସୁନାମୀ ସତର୍କତା ଜାରି କରିନାହିଁ।

**ଜାରି ହେଲା ସୁନାମୀ ସତର୍କତା**

**୩ ମାସରେ ୭ ତୀବ୍ରତାର ଆସିଲା ୩ ଭୂକମ୍ପ**

**ଗତ ୬ ମାସରେ ବିଶ୍ୱରେ ୧ ଲକ୍ଷରୁ ଅଧିକ ଭୂକମ୍ପ**



ଗତ ୬ ମାସ ମଧ୍ୟରେ ବିଶ୍ୱରେ ବହୁ ସଂଖ୍ୟାରେ ଭୂକମ୍ପ ଆସିଛି। ମାର୍ଚ୍ଚରୁ ସେପ୍ଟେମ୍ବର ୧୩ ମଧ୍ୟରେ ବିଶ୍ୱରେ ଭୂକମ୍ପର ପ୍ରକ୍ରିୟା ଜାରି ରହିଛି। ଏହି ସମୟ ଅବଧିରେ ପାଖାପାଖି ୧ ଲକ୍ଷ ୧୦ ହଜାର ଭୂକମ୍ପ ଆସିଛି ବୋଲି ୟୁଏସ୍‌ଜିଏସ୍ ତରଫରୁ କୁହାଯାଇଛି। ଗତ ଅଗଷ୍ଟ ୩୧ରେ ଆଫଗାନିସ୍ତାନର ପୂର୍ବାଞ୍ଚଳରେ ୬.୦ ତୀବ୍ରତାର ଭୂକମ୍ପ ଆସିଥିଲା ଓ ଏଥିରେ ୩ ହଜାରରୁ ଊର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରିଥିଲେ। ସେହିପରି ଗତ ମାର୍ଚ୍ଚ ୨୮ରେ ମିଆଁମାରରେ ୭.୭ରୁ ୭.୯ ତ୍ରୀବ୍ରତାର ଭୂକମ୍ପ ଆସିଥିଲା ଓ ଏଥିରେ ୨ ହଜାର ଲୋକ ପ୍ରାଣ ହରାଇଥିଲେ। ଅଗଷ୍ଟ ୩୦ରେ ଆଣ୍ଟାର୍ଟିକା ନିକଟସ୍ଥ ଦକ୍ଷିଣ ଆଣ୍ଟାଲଟିକ ମହାସାଗରରେ ଥିବା ସାଉଥ ସେଟଲାଣ୍ଡ ଦୀପରେ ୭.୫ ତୀବ୍ରତାର ଭୂକମ୍ପ ଆସିଥିଲା।

## ଟ୍ରକ୍ ଚକ ତଳେ ଫସି ୯ ମୃତ, ୨୨ ଆହତ

ବେଙ୍ଗାଲୁରୁ, ୧୩।୯(ଏଜେନ୍ସି): କର୍ଣ୍ଣାଟକର ହାସନ ଜିଲ୍ଲାରେ ଶୁକ୍ରବାର ରାତିରେ ଏକ ଗଣେଶ ବିସର୍ଜନ ଶୋଭାଯାତ୍ରା ଅବସରରେ ବଡ଼ଧରଣ ଦୁର୍ଘଟଣା ଘଟିଛି। ନିୟନ୍ତ୍ରଣ ହରାଇ ଏକ ଟ୍ରକ ଏହି ଶୋଭାଯାତ୍ରା ଭିତରକୁ ପଶିଯାଇଥିଲା। ଫଳରେ ଟ୍ରକ୍ ଚକ ତଳେ ଆସି ୯ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨୨ ଜଣ ଆହତ ହୋଇଛନ୍ତି। ହୋସାହଲ୍ଲୀ ଗାଁରେ ରାତି ପାଖପାଖି ୮.୪୫ରେ ଏହି ଦୁର୍ଘଟଣା ଘଟିଛି। ମୃତକଙ୍କ ମଧ୍ୟରେ ଅଧିକ ଯୁବକ ରହିଛନ୍ତି। ଆହତଙ୍କୁ ହାସନ ଇନଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସରେ ଭର୍ତ୍ତି କରାଯାଇଛି। ଆହତ ହୋଇଥିବା ଟ୍ରକ୍ ଚାଳକଙ୍କୁ ଗିରଫ କରାଯାଇଛି। ଟ୍ରକ୍‌ଟି ଅରକଲାଗୁଡୁ ଆଡୁ ଆସୁଥିଲା। ଲୋକେ ଡିଜେ ବଜାଇ ନୃତ୍ୟ କରୁଥିଲେ। ଶୋଭାଯାତ୍ରାର ନିକଟତର ହେବା ମାତ୍ରେ ଟ୍ରକ୍ ଚାଳକ ନିୟନ୍ତ୍ରଣ ହରାଇଥିଲେ। ଲୋକ ଚକ ତଳକୁ ଆସିଥିଲେ। ଏହି ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଃଖ ପ୍ରକାଶ କରିଛନ୍ତି। ମୃତକଙ୍କ ପରିଜନକୁ ୨ ଲକ୍ଷ ଟଙ୍କା ଓ ଆହତଙ୍କୁ ୫୦, ୦୦୦ ଟଙ୍କା ଅନୁକମ୍ପାମୂଳକ ରାଶି ଦେବାକୁ ଘୋଷଣା କରିଛନ୍ତି।

## ମ୍ୟାନ୍‌ମାର ସ୍କୁଲ ଉପରେ ଆକ୍ରମଣ; ୧୯ ଛାତ୍ର ମୃତ

ନେପିଡ, ୧୩।୯(ଏଜେନ୍ସି): ମ୍ୟାନମାରର ଦୁଇଟି ସ୍କୁଲ ଉପରେ ଏୟାର ଷ୍ଟ୍ରାଇକ କରାଯାଇଛି। ଏଥିରେ ୧୯ ଜଣ ଛାତ୍ର ମୃତ୍ୟୁବରଣ କରିଥିବା ବେଳେ ୨୨ ଜଣ ଆହତ ହୋଇଛନ୍ତି। ପଶ୍ଚିମ ମ୍ୟାନମାରର ରାଖାଇନ ରାଜ୍ୟରେ ଏହି ଆକ୍ରମଣ କରାଯାଇଛି ବୋଲି ଏଥିନିକ ଆରାକାନ ଆର୍ମି ତରଫରୁ କୁହାଯାଇଛି। ଶୁକ୍ରବାର ଅଧରାତିରେ ଛାତ୍ରମାନେ ନିଦରେ ଶୋଇଥିବା ବେଳେ ଏହି ଆକ୍ରମଣ କରାଯାଇଥିଲା। ଏଥିନିକ ଆରାକାନ ଆର୍ମି ଓ ମ୍ୟାନମାର ମିଲିଟାରୀ ଜୁନ୍ତା ମଧ୍ୟରେ ସଂଘର୍ଷ ଚାଲିଥିବା ବେଳେ ଏହି ଘଟଣା ଘଟିଛି। ମ୍ୟାନମାର ସେନା ହିଁ ଏହି ଆକ୍ରମଣ କରି ୫୦୦ ପାଉଣ୍ଡ ଅର୍ଥାତ ୨୨୬.୭୯ କେଜିର ବୋମା ପକାଇଥିଲା ବୋଲି କୁହାଯାଇଛି। ତେବେ ଏହି ଘଟଣା ନେଇ ମ୍ୟାନମାର ସେନା ତରଫରୁ କିଛି କୁହାଯାଇ ନାହିଁ। ଏହି ଆକ୍ରମଣକୁ ଜାତିସଂଘ ନିନ୍ଦା କରିଛି। ୨୦୨୧ରେ ସରକାରଙ୍କୁ ଗାଦିଚ୍ୟୁତ କରିବା ପରେ ମ୍ୟାନମାନରରେ ଅରାଜକତା ଓ ହିଂସା ଜାରି ରହିଛି। ସେନା ତଥା ମିଲିଟାରୀ ଜୁନ୍ତା ଆଙ୍ଗ ସାନ ସୁ କିଙ୍କ ସରକାରଙ୍କୁ ଗାଦିଚ୍ୟୁତ କରି ଶାସନ ହାତକୁ ନେଇଥିଲା।

# ମଣିପୁରରେ ମୋଦୀ, କ୍ଷତିଗ୍ରସ୍ତଙ୍କୁ ଭେଟିଲେ



**ଶାନ୍ତିର ରାସ୍ତା ଆପଣାଇବାକୁ ଜନତାଙ୍କୁ ନିବେଦନ**

**ହେଲିକପ୍ଟର ବଦଳରେ ଗାଡ଼ିରେ ଗଲେ ଚୁରାଚାନ୍ଦପୁର**

ଇମ୍ଫାଲ, ୧୩।୯ (ଏଜେନ୍ସି): ସଂରକ୍ଷଣକୁ ନେଇ ୨୦୨୩ ମେ' ୩ରୁ ମଣିପୁରରେ କୁକି ଏବଂ ମେଇତି ସମ୍ପ୍ରଦାୟ ମଧ୍ୟରେ ହିଂସା ଲାଗି ରହିଛି। ଏହି ହିଂସାରେ ଏ ପର୍ଯ୍ୟନ୍ତ ୨୬୦ରୁ ଅଧିକ ଲୋକଙ୍କ ଜୀବନ ଗଲାଣି। ୭୦ ହଜାରରୁ ଊର୍ଦ୍ଧ୍ୱ ବିସ୍ଥାପିତ ହେଲେଣି। ହିଂସାର ଦୁଇ ବର୍ଷ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ମଣିପୁର ଗସ୍ତ କରିଛନ୍ତି। ସେ ଚୁରାଚାନ୍ଦପୁର ଏବଂ ଇମ୍ଫାଲରେ ପହଞ୍ଚିଛନ୍ତି। ଚୁରାଚାନ୍ଦପୁରରେ ୭,୩୦୦ କୋଟି ଏବଂ ଇମ୍ଫାଲରେ ୧୨୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିକାଶ ପ୍ରକଳ୍ପଗୁଡିକର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ସେ ଇମ୍ଫାଲରେ ଜନସାଧାରଣଙ୍କୁ ସମ୍ବୋଧନ କରି ହିଂସାକୁ ଦୁର୍ଭାଗ୍ୟଜନକ କହିଛନ୍ତି। ଇମ୍ଫାଲ ହେଉଛି ସମ୍ଭାବନାର ସହର। ଏକବିଂଶ ଶତାବ୍ଦୀ ଉତ୍ତର-ପୂର୍ବ ରାଜ୍ୟଗୁଡିକର ହେବ। ଆମକୁ ରାଜ୍ୟକୁ ଶାନ୍ତି ଏବଂ ବିକାଶର ମାର୍ଗରେ ନେବାକୁ ହେବ। ମୋଦୀ ସବୁ ସଂଗଠନଗୁଡିକୁ ଶାନ୍ତିର ମାର୍ଗରେ ଯିବା ପାଇଁ ନିବେଦନ କରିଛନ୍ତି। ସମସ୍ତଙ୍କ ସହ ରହିବି ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ମୋଦୀ ଇମ୍ଫାଲ ବିମାନବନ୍ଦରରେ ଅବତରଣ କରିଥିଲେ। ସେ ପ୍ରଥମେ ଚୁରାଚାନ୍ଦପୁର ଯିବାର ଥିଲା। ମାତ୍ର ଇମ୍ଫାଲରେ ପ୍ରବଳ ବର୍ଷା ହେଉଥିଲା। ହେଲିକପ୍ଟର ଉଡ଼ାଣ ପାଇଁ ପାଗ ଅନୁକୂଳ ନ ଥିଲା। ତେଣୁ ପ୍ରଧାନମନ୍ତ୍ରୀ ସଡ଼କ ମାର୍ଗରେ ୬୪ କିମି ଯାତ୍ରା କରି ଦେଢ଼ ଘଣ୍ଟାରେ ଚୁରାଚାନ୍ଦପୁରରେ ପହଞ୍ଚି ଥିଲେ। ପ୍ରଥମେ ଚୁରାଚାନ୍ଦପୁରରେ କାର୍ଯ୍ୟକ୍ରମ ସାରି ଇମ୍ଫାଲ ଆସିଥିଲେ। ମୋଦୀ ଚୁରାଚାନ୍ଦପୁରର ରିଲିଫ କ୍ୟାମ୍ପରେ ପୀଡ଼ିତଙ୍କୁ ଭେଟି ଥିଲେ। ସେ କାର୍ଯ୍ୟକ୍ରମ ସ୍ଥଳରେ ହିଂସା ପୀଡ଼ିତଙ୍କ ସହ ଆଲୋଚନା କରିଥିଲେ। ଚୁରାଚାନ୍ଦପୁର କୁକି ଏବଂ ଇମ୍ଫାଲ ମେଇତି ବହୁଳ ପାହାଡି ଅଞ୍ଚଳ। ଗତ ଦୁଇ ବର୍ଷ ହେଲା ଉଭୟ ସମ୍ପ୍ରଦାୟ ପରସ୍ପର ଅଞ୍ଚଳକୁ ଯାଉନାହାନ୍ତି।

ମୋଦୀ କହିଥିଲେ ଯେ ମଣିପୁରରେ ଶାନ୍ତି ଏବଂ ସ୍ଥିରତା ପ୍ରତିଷ୍ଠା ହେଉ। ଲୋକଙ୍କ ସ୍ୱାର୍ଥ ସୁରକ୍ଷା ହେଉ। କ୍ୟାମ୍ପରେ ରହୁଥିବା ଲୋକେ ପୁଣିଥରେ ମୁଖ୍ୟସ୍ରୋତକୁ ଫେରନ୍ତୁ। ଏଥିପାଇଁ ସରକାର କ୍ରମାଗତ ଭାବେ କାର୍ଯ୍ୟ ଜାରି ରଖିଛନ୍ତି। ମାଆ ଭାରତୀଙ୍କ ମୁକୁଟରେ ସଜ୍ଜିତ ରତ୍ନ ହେଉଛି ମଣିପୁର। ମଣିପୁରର ବିକାଶବାଦୀ ଛବିକୁ କ୍ରମାଗତ ଭାବେ ମଜବୁତ କରିବାକୁ ହେବ। ରାଜ୍ୟରେ କୌଣସି ପ୍ରକାରର ହିଂସା ଦୁର୍ଭାଗ୍ୟଜନକ। ଏହି ହିଂସା ପୂର୍ବଜ ଏବଂ ପରବର୍ତ୍ତୀ ପିଢି ପାଇଁ ବହୁତ ବଡ଼ ଅନ୍ୟାୟ। ମଣିପୁରରେ ସାମର୍ଥ୍ୟର ଅଭାବ ନାହିଁ। କିନ୍ତୁ ଆମକୁ ସମ୍ବାଦର ପଥକୁ ମଜବୁତ କରିବାକୁ ହେବ। ପାହାଡି ଏବଂ ଘାଟୀର ଲୋକଙ୍କ ମଧ୍ୟରେ ବିଶ୍ୱାସର ସେତୁକୁ ମଜବୁତ କରିବାକୁ ହେବ। ମଣିପୁର ଯୁବଗୋଷ୍ଠୀଙ୍କ ପରିଚୟକୁ ହିଂସାର କରାଳ ଛାୟାରେ ବୁଡ଼ିବାକୁ ଦିଆଯିବ ନାହିଁ। ମଣିପୁର ଆଶା ଏବଂ ଆକାଂକ୍ଷାର ଭୂମି। ଦୁର୍ଭାଗ୍ୟ ଯେ ହିଂସା ଏହି ସୁନ୍ଦର ଅଞ୍ଚଳକୁ ନିଜ ସଂସ୍ପର୍ଶକୁ ନେଇଯାଇଛି। ଆଶା ଏବଂ ବିଶ୍ୱାସର ନୂଆ ସକାଳ ମଣିପୁରରେ ପ୍ରବେଶ କରୁଛି। କୌଣସି କ୍ଷେତ୍ରର ବିକାଶ ପାଇଁ ଶାନ୍ତି ଜରୁରୀ। ଗତ ୧୧ ବର୍ଷରେ ପୂର୍ବୋତ୍ତରର ଅନେକ ସଂଘର୍ଷ ସମାପ୍ତ ହୋଇଛି। ମଣିପୁରରେ ମଧ୍ୟ ଶାନ୍ତିର ବାର୍ତ୍ତା ଆରମ୍ଭ ହୋଇସାରିଛି। ମୋଦୀ ଏହି ଅବସରରେ ନେପାଳର କାମଚଳା ପ୍ରଧାନମନ୍ତ୍ରୀ ସୁଶୀଳା କାର୍କିଙ୍କୁ ଭାରତବାସୀଙ୍କ ପକ୍ଷରୁ ଶୁଭେଚ୍ଛା ଜଣାଇଛନ୍ତି। ସେ ନେପାଳରେ ଶାନ୍ତି, ସ୍ଥିରତା ଏବଂ ସମୃଦ୍ଧିର ମାର୍ଗ ପ୍ରଶସ୍ତ କରିବେ ବୋଲି ଆଶା ବ୍ୟକ୍ତ କରିଛନ୍ତି।

## ମିଜୋରାମର ପ୍ରଥମ ରେଳ ଲାଇନ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

ଆଇଜୋଲ, ୧୩।୯ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ମିଜୋରାମର ପ୍ରଥମ ରେଳ ଲାଇନ 'ବୈରାବୀ-ସାଇରଙ୍ଗ'କୁ ଉଦ୍‌ଘାଟନ କରିଛନ୍ତି। ୫୧ କିମିର ଏହି ରେଳ ଲାଇନ ମାଧ୍ୟମରେ ମିଜୋରାମରୁ ଦିଲ୍ଲୀ, ଗୌହାଟୀ ଏବଂ କୋଲକାତାକୁ ସିଧାସଳଖ ଟ୍ରେନ ଯୋଗାଯୋଗ ହୋଇଯାଇଛି। ଏହି ରେଳ ମାର୍ଗରେ ୪୫ ସୁଡ଼ଙ୍ଗ, ୮୮ ଛୋଟ ଏବଂ ୫୫ଟି ବଡ଼ ବ୍ରିଜ୍ ରହିଛି। ଏହା ବ୍ୟତୀତ ୧୧୪ ମିଟର ଉଚ୍ଚା ଦେଶର ଦ୍ୱିତୀୟ ବୃହତ୍ତମ ପିୟର ବ୍ରିଜ ରହିଛି। ଏହା କୁତୁବମିନାର (୭୨ମିଟର)ଠୁ ମଧ୍ୟ ବଡ଼। ଏହି ବ୍ରିଜ୍ ଉଦ୍‌ଘାଟନ କରି ମୋଦୀ କହିଥିଲେ ଯେ ଦୀର୍ଘ ଦିନ ହେଲା ଦେଶର କିଛି ରାଜନୈତିକ ଦଳ ଭୋଟ ବ୍ୟାଙ୍କ ରାଜନୀତି କରୁଛନ୍ତି। ସେମାନେ ମିଜୋରାମକୁ ଅଣଦେଖା କରିଥିଲେ। କିନ୍ତୁ ଆଜି ଏହି ରାଜ୍ୟ ଆଗରେ ରହିଛି। ମୋଦୀ ଏହି ଅବସରରେ ଲେଙ୍ଗପୁଇ ବିମାନବନ୍ଦରରୁ ୯ ହଜାର କୋଟି ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହା ପରେ ସେ ମଣିପୁର ଯାଇଥିଲେ।

## ଗାଜା- ହମାସ୍ ମାମଲାରେ ଫ୍ରାନ୍ସ, ବ୍ରିଟେନକୁ ଇସ୍ରାଏଲର ସମାଲୋଚନା

ତେଲଅଭିଭ୍, ୧୩।୯(ଏଜେନ୍ସି): ଗାଜା- ହମାସ ମାମଲାରେ ଇସ୍ରାଏଲ ଏବେ ଫ୍ରାନ୍ସ ଓ ବ୍ରିଟେନ ଭଳି ୟୁରୋପୀୟ ଦେଶକୁ ସମାଲୋଚନା କରିଛି। ଜାତିସଂଘ ମହାସଭାରେ ଇସ୍ରାଏଲ୍ ରାଷ୍ଟ୍ରଦୂତ ଡ୍ୟାନି ଡାନନ କାତାରରେ ହମାସ ଆତଙ୍କବାଦୀଙ୍କୁ ଟାର୍ଗେଟ କରି କରାଯାଇଥିବା ଆକ୍ରମଣକୁ ଯଥାର୍ଥ ବୋଲି କହିଛନ୍ତି। ଇସ୍ରାଏଲର ଏହି ଆକ୍ରମଣମକୁ ଫ୍ରାନ୍ସ ଓ ବ୍ରିଟେନ ନିନ୍ଦା କରିଥିଲେ। ଡାନନ କିନ୍ତୁ ଏହାକୁ ଠିକ୍ ବୋଲି କହିଛନ୍ତି। ୨୦୧୪ରୁ ୨୦୨୨ ପର୍ଯ୍ୟନ୍ତ ଫ୍ରାନ୍ସ ମାଲି, ଚାଦ, ବୁର୍କିନା ଫାସୋ ଓ ମାରିଟନିଆରେ ଆତଙ୍କବାଦୀଙ୍କ ଉପରେ ଆକ୍ରମଣ



କରିଥିଲା। ସେହିପରି ବ୍ରିଟେନ ଇରାକ ଓ ସିରିଆ ଉପରେ ଆଇଏସ୍‌ଆଇଏସ୍ ବିରୋଧରେ ଏୟାର ଷ୍ଟ୍ରାଇକ୍ କରିଥିଲା। ତେଣୁ ଯଦି ସେତେବେଳେ ଏଭଳି ଆକ୍ରମଣ ଯଥାର୍ଥ ଥିଲା ଏବେ କାହିଁକି ନୁହଁ ବୋଲି ସେ ପ୍ରଶ୍ନ କରିଛନ୍ତି। କାତାର ଉପରେ ଇସ୍ରାଏଲର ଆକ୍ରମଣ ଠିକ୍ ବୋଲି ଡାନନ କହିଛନ୍ତି। ଉଲ୍ଲେଖଥାଉ କି, ଇସ୍ରାଏଲ ସେନା ଗତ ୯ ତାରିଖରେ କାତାର ରାଜଧାନୀ ଦୋହା ଉପରେ ହମାସ ମୁଖ୍ୟ ଖଲିଲ ଅଲ- ହାୟାଙ୍କୁ ଲକ୍ଷ୍ୟ କରି ଏୟାର ଷ୍ଟ୍ରାଇକ୍ କରିଥିଲା। ଏହାପରେ ଫ୍ରାନ୍ସ, ବ୍ରିଟେନ ସମେତ କେତୋଟି ଦେଶ ଇସ୍ରାଏଲକୁ ସମାଲୋଚନା କରିଥିଲେ। ଏହି ଲୋକମାନେ ୨୦୨୩ ଅକ୍ଟୋବର ୭ରେ ଇସ୍ରାଏଲରେ ନରସଂହାର କରିଥିଲେ ବୋଲି ଡାନନ କହିଛନ୍ତି।

## ସାହାର ଇଣ୍ଡିଆର ନିବେଶକଙ୍କୁ ଶୀଘ୍ର ମିଳିବ ଟଙ୍କା | ୫ ହଜାର କୋଟି ପ୍ରଦାନ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୩।୯ (ଏଜେନ୍ସି): 'ସାହାର ଇଣ୍ଡିଆ'ରେ ଟଙ୍କା ନିବେଶ କରିଥିବା ଲୋକଙ୍କ ପାଇଁ ଭଲ ଖବର ଆସିଛି। ସାହାରା ଗ୍ରୁପ୍‌ର ସହକାରୀ ସମିତି (କୋଅପରେଟିଭ ସୋସାଇଟି)ରେ ଟଙ୍କା ଜମା କରିଥିବା ଲୋକଙ୍କୁ ଫେରାଇବା ପାଇଁ ଜମା ଅର୍ଥରୁ ୫ ହଜାର କୋଟି ଟଙ୍କା ପ୍ରଦାନ କରିବାକୁ ସୁପ୍ରିମକୋର୍ଟ ସେବିକୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ଆବେଦନ ଉପରେ ବିଚାର କରି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ଶୁକ୍ରବାର ଏହି ନିର୍ଦ୍ଦେଶ ଦେଇଥିଲେ। ସାହାରାର ରିଫଣ୍ଡ ଖାତାରେ ଥିବା ରାଶିରୁ ଜମାକାରୀଙ୍କୁ ପୈଠ କରିବା ପାଇଁ ଟଙ୍କା ପ୍ରଦାନ ଲାଗି ଅନୁରୋଧ କରାଯାଇଥିଲା। ଏହା ବ୍ୟତୀତ ୨୦୨୩ରେ ପ୍ରଦାନ କରାଯାଇଥିବା ୫ ହଜାର କୋଟି ଟଙ୍କାକୁ ଆବଣ୍ଟନ କରିବାର ସମୟସୀମାକୁ ୨୦୨୫ ଡିସେମ୍ବର ୩୧ରୁ ୨୦୨୬ ଡିସେମ୍ବର ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

ସୁପ୍ରିମକୋର୍ଟ କହିଥିଲେ ଯେ ୨୦୨୩ ମାର୍ଚ୍ଚ ୨୯ରେ ପାରିତ ନିର୍ଦ୍ଦେଶ ଆଧାରରେ କେନ୍ଦ୍ରର ଏହି ଅନୁରୋଧକୁ ସ୍ୱୀକାର କରାଯାଇଛି। ୫ ହଜାର କୋଟିର ରାଶିକୁ ସେବି-ସାହାରା ରିଫଣ୍ଡ ଖାତାରୁ କୋ-ଅପରେଟିଭ ସୋସାଇଟିର ସେଣ୍ଟ୍ରାଲ ରେଜିଷ୍ଟ୍ରାରଙ୍କ ଖାତାକୁ ସ୍ଥାନାନ୍ତର କରାଯାଉ। ଯାଞ୍ଚ ପ୍ରକୃତ ଜମାକାରୀଙ୍କୁ ଏହି ଟଙ୍କା ଆବଣ୍ଟନ କରାଯିବ। ଖଣ୍ଡପୀଠ କହିଥିଲେ ଯେ ପୂର୍ବତନ ବିଚାରପତି ଆର ସୁଭାଷ ରେଡ୍ଡୀଙ୍କ ତତ୍ତ୍ୱାବଧାନରେ ସପ୍ତାହେ ଭିତରେ ଏହି ରାଶି ସ୍ଥାନାନ୍ତର କରାଯାଉ। ୨୦୨୩ ମାର୍ଚ୍ଚରେ ଦିଆଯାଇଥିବା ନିର୍ଦ୍ଦେଶ ପାଳନ ହେଉ। ପିନାକ ପି ମହାନ୍ତିଙ୍କ ଜନସ୍ୱାର୍ଥ ମାମଲାକୁ ନେଇ କେନ୍ଦ୍ର ପକ୍ଷରୁ ଏହି ଆବେଦନ ଦାଏର କରାଯାଇଥିଲା। ଏହି ଆବେଦନରେ ବିଭିନ୍ନ ଚିଟ୍‌ଫଣ୍ଡ କମ୍ପାନୀ ଏବଂ ସାହାରା କ୍ରେଡିଟ ଫାର୍ମରେ ନିବେଶ କରିଥିବା ନିବେଶକଙ୍କୁ ଟଙ୍କା ଫେରାଇବା ନେଇ ନିବେଦନ କରାଯାଇଥିଲା।

ଏ ପର୍ଯ୍ୟନ୍ତ ପ୍ରାୟ ୫.୪୩ କୋଟି ନିବେଶକ ୧, ୧୩, ୫୦୪.୧୨୪ କୋଟି ଟଙ୍କାର ଦାବି କଲେଣି। ଏଥିରୁ ୨୬, ୨୫, ୦୯୦ ପ୍ରକୃତ ଜମାକାରୀଙ୍କୁ ୫, ୦୫୩.୦୧ ଟଙ୍କା ଫେରାଗଲାଣି। ଏହା ବ୍ୟତୀତ ୧୩, ୩୪, ୯୯୪ ନିବେଶକ ନିର୍ଦ୍ଧାରିତ ୱେବ ପୋର୍ଟାଲରେ ନିଜ ଦାବି ପଞ୍ଜିକରଣ କରିଛନ୍ତି। ଏହାର ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ଏହି ସବୁ ଦାବିରେ ପ୍ରାୟ ୨୭,୮୪୯.୯୫ କୋଟି ଟଙ୍କା ଦାବି କରାଯାଇଛି।

ସକାଳ THE SAKALA
ରବିବାର ୧୪ ସେପ୍ଟେମ୍ବର, ୨୦୨୫


■ ପରକୀୟା ପ୍ରୀତି ସନ୍ଦେହରେ କଙ୍ଗାରୁକୋର୍ଟ

# ମହିଳାଙ୍କ ସମେତ ୩ ଜଣଙ୍କୁ ଖୁଣ୍ଟରେ ବାନ୍ଧି ଛେଚିଲେ

କରଞ୍ଜିଆ, ୧୩।୯ (ସମିସ): ପରକୀୟା ପ୍ରୀତି ସନ୍ଦେହରେ କଙ୍ଗାରୁକୋର୍ଟ। ଦୁଇ ଯୁବକ ଓ ଜଣେ ମହିଳାଙ୍କୁ ଏକ ଖୁଣ୍ଟରେ ବାନ୍ଧି ନିସ୍ତୁକ ଛେଚିଲେ ଗ୍ରାମବାସୀ। ମୟୂରଭଞ୍ଜ ଜିଲ୍ଲା ଯଶିପୁର ଥାନା ବେଗୁନିଆ



ଗାଁରେ ଏଭଳି ଏକ ଘଟଣା ଘଟିଛି। ଏନେଇ ଅଭିଯୋଗ ହେବା ପରେ ପୁଲିସ ୨ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

ସୂଚନାନୁସାରେ, ଶୁକ୍ରବାର ମହିଳାଜଣଙ୍କ ହାଟକୁ ସଉଦା ପାଇଁ ଯଶିପୁର ଯାଇଥିଲେ। କିଣାକିଣିରେ ସାହାଯ୍ୟ କରିବା ପାଇଁ ନିକଟସ୍ଥ କାଶୀପାଳ ଗାଁର ତାଙ୍କ ସମ୍ପର୍କୀୟ ଦୁଇ ଦିଅରଙ୍କୁ ସାଙ୍ଗରେ ନେଇଥିଲେ। ଅପରାହ୍ଣ ପ୍ରାୟ ୪ଟାରେ ସମସ୍ତେ ଏକ ବାଇକ୍‌ରେ ଘରକୁ ଫେରିଥିଲେ। ତେବେ ମହିଳାଙ୍କ ପରିବାରଲୋକ ତାଙ୍କୁ ଦୁଇ ଯୁବକଙ୍କ ସହ ଦେଖି ହଠାତ୍ ଉତ୍ୟକ୍ତ ହୋଇଉଠିଥିଲେ। ଯୁବକଦ୍ୱୟଙ୍କ ସହ ମହିଳାଙ୍କ

## ୨ ଅଟକ

ଅନୈତିକ ସଂପର୍କ ଥିବା ନେଇ ପରିବାରଲୋକ ଅଭିଯୋଗ କରିବାରୁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗାଁ ଲୋକ ରୁଣ୍ଡ ହୋଇ ୩ ଜଣଙ୍କୁ ମାରଧର କରିଥିଲେ। ପରେ ସେମାନଙ୍କୁ ନିକଟସ୍ଥ ଏକ ପଡ଼ିଆରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ନିସ୍ତୁକ ପିଟିଥିଲେ। ଖବର ପାଇ ଯଶିପୁର ପୁଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଯଶିପୁର ମେଡିକାଲରେ ଭର୍ତ୍ତି କରାଇଥିଲା। ଏନେଇ ପୁଲିସ୍ ଏକ ମାମଲା ରୁଜୁ କରି ଦୁଇଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ବିନା ଟେଣ୍ଡର୍‌ରେ ମଧ୍ୟାହ୍ନଭୋଜନ ଚାଉଳ ପରିବହନ

ଠିକ୍ ସମୟରେ ସ୍କୁଲରେ ପହଞ୍ଚୁନି ଚାଉଳ

# ମଧ୍ୟାହ୍ନଭୋଜନରେ ଛୁଆ ଖାଉଛନ୍ତି ମୁଢ଼ି, ବିସ୍କୁଟ

ବାରିପଦା,୧୩।୯ (ସମିସ): ସ୍କୁଲ ଛାତ୍ରଛାତ୍ରୀଙ୍କୁ ନିୟମିତ ସ୍କୁଲ ଆସିବାକୁ ଆକୃଷ୍ଟ କରିବା ସହ ଉତ୍ତମ ପୋଷଣ ପ୍ରଦାନ ନିମନ୍ତେ କେନ୍ଦ୍ର ସରକାର ଦେଶରେ ପ୍ରଧାନମନ୍ତ୍ରୀ ପୋଷଣ ମଧ୍ୟାହ୍ନ ଭୋଜନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି ଯୋଜନା ମାଧ୍ୟମରେ



ସମସ୍ତ ସ୍କୁଲ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପରିସରରେ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଉଛି। ଜିଲ୍ଲାରେ ଏହି ଯୋଜନାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବେଳେ ବର୍ଷକୁ ୮୩ ହଜାର କୁଇଣ୍ଟାଲ ଚାଉଳ ମଧ୍ୟାହ୍ନ ଭୋଜନ ବାବଦରେ ସରକାର ପ୍ରଦାନ କରୁଛନ୍ତି। କିନ୍ତୁ ବ୍ୟବସ୍ଥିତ ଢଙ୍ଗରେ ପରିଚାଳିତ ହେଉନାହିଁ। ବିଭିନ୍ନ ସମୟରେ ଜିଲ୍ଲାର ଅଧିକାଂଶ ସ୍କୁଲରେ ଚାଉଳ ଯୋଗାଣ ହେଉ ନଥିବାରୁ ଶିକ୍ଷକ ଶିକ୍ଷୟିତ୍ରୀ ମୁଢ଼ି ବା ବିସ୍କୁଟ ପ୍ୟାକେଟ୍ କିଣି ପିଲାଙ୍କୁ ପ୍ରଦାନ କରୁଛନ୍ତି।

ମଧ୍ୟାହ୍ନଭୋଜନ ଯୋଜନା ରାଜ୍ୟ ସରକାରଙ୍କ ଦ୍ୱାରା ଜିଲ୍ଲା ଶିକ୍ଷାଧିକାରୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକାରୀ ହେଉଛି। ସ୍କୁଲଗୁଡ଼ିକୁ ଚାଉଳ ଯୋଗାଣ ତଥା ପରିବହନ ପାଇଁ ଜିଲ୍ଲା ଶିକ୍ଷାଧିକାରୀ ପ୍ରତିବର୍ଷ ଖୋଲା ଟେଣ୍ଡର ଆହ୍ୱାନ କରି ଯୋଗ୍ୟ ସଂସ୍ଥା ବା ବ୍ୟକ୍ତିଙ୍କୁ ଏଫସିଆଇ ବା ପିଇଜି ଗୋଦାମରୁ ମଧ୍ୟାହ୍ନ ଭୋଜନ ଚାଉଳ ନେଇ ସ୍କୁଲରେ ଯୋଗାଇବା ନିମନ୍ତେ ସରକାରୀ ଗାଇଡଲାଇନ୍ ରହିଛି। ରାଜ୍ୟ ସରକାର ଏହି ଚାଉଳ ପରିବହନ ପାଇଁ ଟେଣ୍ଡର୍‌ରେ କୁଇଣ୍ଟାଲ ପିଛା ସର୍ବାଧିକ ପରିବହନ ମୂଲ୍ୟ ୧୫୦ ଟଙ୍କା ଧାର୍ଯ୍ୟ କରିଛନ୍ତି। ମାତ୍ର ମୟୂରଭଞ୍ଜ ଜିଲ୍ଲାରେ ଦୀର୍ଘ ବର୍ଷ ହେଲା ନିୟମିତ ଟେଣ୍ଡର୍ କରା ନ ଯାଇ ନିର୍ଦ୍ଦିଷ୍ଟ ଏକ ଏଜେନ୍ସି ବା ବ୍ୟକ୍ତିଙ୍କ ପରିଚାଳିତ ଗୋଷ୍ଠୀ ଦ୍ୱାରା ମଧ୍ୟାହ୍ନ ଭୋଜନ ଚାଉଳ ପରିବହନ ଠିକା ସର୍ବାଧିକ ମୂଲ୍ୟରେ ପ୍ରଦାନ କରାଯାଉଛି। ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ■ ସାନି ଟେଣ୍ଡର୍ ନ କରି ନିର୍ଦ୍ଦିଷ୍ଟ ଏଜେନ୍ସିକୁ ଅନୁଗ୍ରହ
## ■ ସୋମବାର କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିବେ ଅନ୍ୟ ଟେଣ୍ଡର୍ ଆଶାୟୀ

ଏ ବାବଦରେ ବିଭିନ୍ନ ମହଲରେ ଅଭିଯୋଗ ହେବା ପରେ ଜିଲ୍ଲା ଶିକ୍ଷାଧିକାରୀ ଗତ ଜୁନ୍ ୧୮ରେ ଚାଉଳ ପରିବହନ ପାଇଁ ଟେଣ୍ଡର ଆହ୍ୱାନ କରିଥିଲେ। କିନ୍ତୁ ସେଥିରେ ନିର୍ଦ୍ଦିଷ୍ଟ ଏଜେନ୍ସିକୁ ସୁହାଇବା ଭଳି ସର୍ତ୍ତ ରଖାଯାଇଥିଲା। ଏନେଇ କମିଟିର ଚେୟାରମ୍ୟାନ୍ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିବାରୁ ପରବର୍ତ୍ତୀ ମୁହୂର୍ତ୍ତରେ ଟେଣ୍ଡର୍‌ରେ ସର୍ତ୍ତ ପରିବର୍ତ୍ତନ କରାଯାଇଥିଲା। ଟେଣ୍ଡର୍ ଖୋଲିବା ସମୟସୀମା ବୃଦ୍ଧି କରାଯିବା ସହ କିଛି ସର୍ତ୍ତରେ ମଧ୍ୟ ପରିବର୍ତ୍ତନ କରାଯାଇଥିଲା। କିନ୍ତୁ ପୁଣିଥରେ ସେଥିରେ ତ୍ରୁଟିପୂର୍ଣ୍ଣ ସର୍ତ୍ତାବଳୀ ଥିବାରୁ ଜୁଲାଇ ୩୦ରେ ଟେଣ୍ଡର୍ ଖୋଲାଯିବା ପରେ ମଧ୍ୟ କେହି ଚୟନ ହୋଇନଥିଲେ। ଏହି ଘଟଣା ଏକ ମାସରୁ ଅଧିକ ସମୟ ବିତିଯାଇଥିଲେ ହେଁ ଆଜିଯାଏ ସାନି ଟେଣ୍ଡର୍ ଆହ୍ୱାନ କରାଯାଇନାହିଁ।

ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ଅଧୀନରେ ଅଙ୍ଗବାଡ଼ି ସମୂହକୁ ଚାଉଳ, ଗହମ ଯୋଗାଉଥିବା ଏଜେନ୍ସି ଜରିଆରେ ମଧ୍ୟାହ୍ନ ଭୋଜନ ଚାଉଳ ପରିବହନ ଦାୟିତ୍ୱ ଦିଆଯାଇଛି। କିନ୍ତୁ ଉଦ୍‌ବେଗର କଥା ହେଲା, ସମ୍ପୃକ୍ତ ଏଜେନ୍ସି ମଧ୍ୟାହ୍ନଭୋଜନ ଚାଉଳ ପରିବହନ ଟେଣ୍ଡର୍ ପ୍ରକ୍ରିୟାରେ ଭାଗ ନେଇ ଅଯୋଗ୍ୟ ସାବ୍ୟସ୍ତ ହୋଇଥିଲା। ପୁଣି ପ୍ରଶାସନ ତାକୁ ଦାୟିତ୍ୱ ପ୍ରଦାନ କରିବା ପଛରେ ଥିବି ଅଭିସନ୍ଧି ତଦନ୍ତସାପେକ୍ଷ ବୋଲି ସାଧାରଣରେ ଦାବି ହେଉଛି। ଧାର୍ଯ୍ୟ ସମୟ ମଧ୍ୟରେ ଟେଣ୍ଡର୍ ପ୍ରକ୍ରିୟା ସମ୍ପନ୍ନ ନ କରି ବାରମ୍ବାର ସମୟସୀମ ବୃଦ୍ଧି କରି ଅସ୍ଥାୟୀ ପରିବହନ ଦାୟିତ୍ୱ ଦେବା ପଛରେ ମୂଳ ଯୋଗାଣକାରୀ ସଂସ୍ଥା କାର୍ଯ୍ୟ ତୁଲାଉଥିବା ଅଭିଯୋଗ ହୋଇଛି।

ଏ ସଂପର୍କରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଏକକ ଅଂଶଗ୍ରହଣକାରୀ କାରଣରୁ ଟେଣ୍ଡର୍ ବାତିଲ ହୋଇଯାଇଥିଲା। ଖୁବ୍‌ଶୀଘ୍ର ସାନି ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯିବ। ତେବେ ଟେଣ୍ଡର ସମୟରେ ଅନ୍ୟ ଜିଲ୍ଲାରେ ପ୍ରଣିତ ନିୟମାବଳୀ ପରି ମୟୂରଭଞ୍ଜ ଜିଲ୍ଲାରେ ନିୟମ କରାଯିବାକୁ ଆଶାୟୀମାନେ ସୋମବାର ମୟୂରଭଞ୍ଜ ଗସ୍ତରେ ଆସୁଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ନିବେଦନ କରିବେ ବୋଲି ସୂଚନା ମିଳିଛି।

କେନ୍ଦ୍ରକୁ ଯିବେ ଆଉ ଜଣେ ଆଇଏଏସ୍

# ଶାଳିନୀ ପଣ୍ଡିତ କେନ୍ଦ୍ର ଅର୍ଥ ସେବା ଯୁଗ୍ମ ସଚିବ ନିଯୁକ୍ତ

ଭୁବନେଶ୍ୱର, ୧୩।୯ (ସମିସ): କେନ୍ଦ୍ରକୁ ଯିବେ ଆଉ ଜଣେ ଆଇଏଏସ୍। ୨୦୦୧ ବ୍ୟାଚ୍ ଆଇଏଏସ୍ ଶାଳିନୀ ପଣ୍ଡିତଙ୍କୁ କେନ୍ଦ୍ର ଅର୍ଥ ସେବା ଯୁଗ୍ମ ସଚିବ ଭାବେ ନିଯୁକ୍ତି ମିଳିଛି। ନିଯୁକ୍ତି ସଂକ୍ରାନ୍ତ କ୍ୟାବିନେଟ୍ କମିଟିର ଅନୁମୋଦନ ପରେ ଶନିବାର ଏନେଇ କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି। ସୂଚନାନୁସାରେ, ଶ୍ରୀମତୀ ପଣ୍ଡିତଙ୍କୁ କେନ୍ଦ୍ର ଅର୍ଥ ସେବା ଯୁଗ୍ମ ସଚିବ ଭାବେ ୫ବର୍ଷ ଅବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ନିଯୁକ୍ତି ମିଳିଛି। ଶ୍ରୀମତୀ ପଣ୍ଡିତ ଏବେ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ଏବଂ ମିଶନ ଶକ୍ତି ବିଭାଗର ସଚିବ ଭାବେ କାର୍ଯ୍ୟରତ ଅଛନ୍ତି।

ଶ୍ରୀମନ୍ଦିର ଉତ୍ତର ଦ୍ୱାର ନିକଟରେ ଦୁର୍ବୃତ୍ତଙ୍କ ଆତଙ୍କରାଜ

# ଦାଦା-ପୁତୁରାଙ୍କୁ ଛୁରାମାଡ଼

ପୁରୀ,୧୩।୯ (ସମିସ): ପୁରୀ ସହରକୁ ଅପରାଧମୁକ୍ତ ଓ ନିଶାମୁକ୍ତ କରିବା ପାଇଁ ଏସ୍‌ପି ପ୍ରତୀକ ସିଂଙ୍କ ତତ୍ତ୍ୱାବଧାନରେ ଚାଲିଛି 'ଅପରେଶନ ଚକ୍ର'। ବିଭିନ୍ନ ଥାନାର ବରିଷ୍ଠ ପୁଲିସ ଅଧିକାରୀଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ସଞ୍ଜ ନଇଁଲେ ପ୍ରମୁଖ ସ୍ଥାନରେ ଚାଲିଛି ନାକାବନ୍ଦୀ। ଗାଡିମୋଟର ଯାଞ୍ଚ ସାଙ୍ଗକୁ ଅପରାଧୀଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ବୁଲାଉଛି ପୁଲିସ। ସପ୍ତାହକ ମଧ୍ୟରେ ବିଭିନ୍ନ ମାମଲାରେ ଅନେକ ଅଭିଯୁକ୍ତ ମଧ୍ୟ ବନ୍ଧା ହେଲେଣି। ଏହାସତ୍ତ୍ୱେ କିଛି ଅପରାଧୀ ଏବେ ବି ପୋଲିସର କାର୍ଯ୍ୟାନୁଷ୍ଠାନକୁ ଭୟ କରୁନାହାନ୍ତି। 'ଅପରେଶନ ଚକ୍ର'କୁ ଖୋଲା ଚ୍ୟାଲେଞ୍ଜ ଦେବା ଭଳି ଘଟଣା ଘଟିଛି ଶ୍ରୀମନ୍ଦିର ଉତ୍ତର ଦ୍ୱାର ନିକଟରେ। ଜଣେ ଦୁର୍ବୃତ୍ତ ଆତଙ୍କରାଜ ସୃଷ୍ଟି କରିବା ସହ ଦାଦା ପୁତୁରାଙ୍କୁ ଛୁରାମାଡ କରିଛି। ଆକ୍ରମଣର ଶିକାର ହୋଇଥିବା ଦାଦା ଓ ପୁତୁରା ହେଉଛନ୍ତି ମାର୍କଣ୍ଡେଶ୍ୱର ସାହିର ଗୌରାଙ୍ଗ ସାହୁ ଓ ସନ୍ତୋଷ କୁମାର ସାହୁ। ଉଭୟଙ୍କ ଦେହରେ ଆଘାତ ଲାଗିଥିବା ବେଳେ ଆକ୍ରମଣକାରୀ ଘଟଣାସ୍ଥଳରୁ ଚମ୍ପଟ ମାରିଛି। ଖବର ପାଇ ଘଟଣା ସ୍ଥଳରେ ସିଂହଦ୍ୱାର ଥାନା ପୋଲିସ ପହଞ୍ଚି ତଦନ୍ତ କରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଘଟଣା ଘଟିଥିବା ଅନୁମାନ କରାଯାଉଛି। ବିଶେଷକରି ବ୍ୟବସାୟକୁ ନେଇ ଏହି ଘଟଣା ଘଟିଥାଇପାରେ ବୋଲି ପୋଲିସ ଅନୁମାନ କରୁଛି। ତେବେ ଆହତ ଦାଦା ପୁତୁରାଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ପୁଲିସ ଅଭିଯୁକ୍ତଙ୍କୁ ଧରିବା ଲାଗି ଚଢାଉ ଜାରି ରଖିଛି।

# ଟ୍ରେନ୍ ଆଗକୁ ଡେଇଁପଡ଼ିଲେ ଯୁବକ

ବାଲେଶ୍ୱର, ୧୩।୯ (ସମିସ): ଚଳନ୍ତା ଟ୍ରେନ୍ ଆଗକୁ ଡେଇଁ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକଜଣଙ୍କ ହେଲେ, ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ହରିପୁର ଗ୍ରାମର ରମାକାନ୍ତ ମଲ୍ଲିକଙ୍କ ପୁଅ ଧର୍ମରାଜ ମଲ୍ଲିକ (୨୫)। ବାଲେଶ୍ୱର ରେଳଷ୍ଟେସନ ନିକଟ ଆନନ୍ଦବଜାର ରେଲୱେ ଟ୍ରାକ୍‌ରେ ଆଜି ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ଡିବ୍ରୁଗଡ଼ ବିବେକ ସୁପରଫାଷ୍ଟ ଟ୍ରେନ୍ ଷ୍ଟେସନକୁ ପ୍ରବେଶ କରୁଥିବା ସମୟରେ ଧର୍ମରାଜ ହଠାତ ଟ୍ରେନ ସମ୍ମୁଖ ଦୌଡ଼ି ଯାଇ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ଜଣାପଡ଼ିନି। ରେଲୱେ ପୁଲିସ ଘଟଣା ସ୍ଥଳରେ ପହଁଚି ମୃତ ଯୁବକଙ୍କ ଖଣ୍ଡବିଖଣ୍ଡିତ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# କ୍ୟାମ୍ପରୁ ଦେଶୀ ବନ୍ଧୁକ ସହ ଗୁଳି ଜବତ, ୨ ଗିରଫ

ଅନୁଗୋଳ,୧୩।୯ (ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବନଖଣ୍ଡ ଧଣ୍ଡାତୋପା ବନାଞ୍ଚଳ ଧଣ୍ଡାତୋପା ଓଭରବ୍ରିଜ୍ ନିକଟ ଏକ କ୍ୟାମ୍ପରୁ ଶୁକ୍ରବାର ଦେଶୀ ବନ୍ଧୁକ ସହ କିଛି ଅଫୁଟା ଗୁଳି ଜବତ ହୋଇଛି।




ଧଣ୍ଡାତୋପା ବନ ବିଭାଗ ଓ ଠାକୁରଗଡ଼ ଥାନା ପୁଲିସ ମିଳିତ ଚଢ଼ଉ କରି ବନ୍ଧୁକ ଓ ଗୁଳି ଜବତ କରିଛନ୍ତି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ, କିଶୋରନଗର ଥାନା ବ୍ରାହ୍ମଣୀପାଲି ଗ୍ରାମର ସୁଶାନ୍ତ ପ୍ରଧାନ ଓ କଦଳୀମୁଣ୍ଡା ଗ୍ରାମର ଧୋବେଇ ପ୍ରଧାନ। ଏନେଇ ଧଣ୍ଡାତୋପା ରେଞ୍ଜର ବବ୍ରୁବାହାନ ସାହୁଙ୍କ ଅଭିଯୋଗକ୍ରମେ ପୁଲିସ ଏକ ମାମଲା ରୁଜୁ କରି ଶନିବାର ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ପୁଲିସ ସୂଚନାନୁଯାୟୀ, ସୁଶାନ୍ତ ଓ ଧୋବେଇ ଧଣ୍ଡାତୋପା ନିକଟରେ ଏକ କ୍ୟାମ୍ପ କରି କିଛି ଦିନ ହେବ ରହି ଆସୁଥିଲେ। ଦେଶୀ ବନ୍ଧୁକ ସାହାଯ୍ୟରେ ସେମାନେ ନିକଟସ୍ଥ ଜଙ୍ଗଲରୁ ଜନ୍ତୁ ଶିକାର କରୁଥିଲେ। ଏନେଇ ସୂଚନା ମିଳିବା ଚଢ଼ଉ କରାଯାଇଥିଲା। ସେଠାରୁ ବନ୍ଧୁକ ଓ ଗୁଳି ସହ ବାରୁଦ, ଛୁରୀ, ୨ଟି ମୋବାଇଲ, ଟାଙ୍ଗିଆ, ତାର ଆଦି ଜବତ କରାଯାଇଛି।

# ବାର୍‌ହା ଆକ୍ରମଣରେ ମହିଳା ଚାଷୀ ମୃତ

ପୋଲସରା,୧୩।୯ (ସମିସ): ପୋଲସରା ବ୍ଲକ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଡୁଙ୍ଗୁରି ଗ୍ରାମରେ ବାର୍‌ହା ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ସେହି ଗ୍ରାମର ପଦ୍ମାବତୀ ପୋଲାଇ। ଶୁକ୍ରବାର ସନ୍ଧ୍ୟାରେ ପଦ୍ମାବତୀ ନିଜ ଚାଷ ଜମିକୁ ଯାଇଥିବା ବେଳେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଆଉ ଘରକୁ ଫେରି ନଥିଲେ। ପରିବାରଲୋକେ ଖୋଜିବାକୁ ଯାଇ ଚାଷ ଜମିରେ କ୍ଷତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ତାଙ୍କୁ ସେଠାରୁ ଉଦ୍ଧାର କରି ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବା ବେଳେ ସେଠାରେ ଡାକ୍ତର ପଦ୍ମାବତୀଙ୍କୁ ମୃତ ଘୋଷଣା କରିଥିଲେ। ପଦ୍ମାବତୀ ଚାଷ କାମ ସାରି ଫେରିବା ବେଳେ ବାର୍‌ହା ଆକ୍ରମଣ କରିଥିବା ସନ୍ଦେହ କରାଯାଉଛି। ପ୍ରତିବର୍ଷ ନିକଟସ୍ଥ ପାହାଡ଼ିଆ ଅଞ୍ଚଳରେ ବାର୍‌ହା ଉପଦ୍ରବ ଯୋଗୁ ବ୍ୟାପକ ଫସଲ ହାନୀ ହେଉଥିବା ଅଞ୍ଚଳବାସୀ କ୍ଷୋଭର ସହ କହିଛନ୍ତି। ଅନ୍ୟପଟେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ସ୍ପଷ୍ଟ ହୋଇପାରିବ ବୋଲି ପୋଲସରା ରେଞ୍ଜର ଅନିଲ କୁମାର ପଣ୍ଡା କହିଛନ୍ତି।

# ଏନ୍‌କାଉଣ୍ଟର୍‌ରେ ଦୁଇ ମାଓବାଦୀ ନିହତ

ମାଲକନାଗରି, ୧୩।୯ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାର ନେସନାଲ ପାର୍କ ଜଙ୍ଗଲରେ ପୁଲିସ-ମାଓବାଦୀ ଗୁଳି ବିନିମୟରେ ଦୁଇ ହାର୍ଡକୋର ମାଓବାଦୀ ନିହତ ହୋଇଛନ୍ତି। ସୂଚନା ଅନୁଯାୟୀ ଗତକାଲି ସନ୍ଧ୍ୟାରେ ଏହି ଗୁଳି ବିନିମୟ ହୋଇଥିଲା। ମାଓ ଦମନ ପାଇଁ ଡିଆରଜି, ଏସଟିଏଫ ଓ ସିଆରପିଏଫର ଯବାନମାନେ ତଲାସି ଅଭିଯାନ କରୁଥିବା ବେଳେ ଏହି ଗୁଳି ବିନିମୟ ଘଟିଥିଲା। ମାଓବାଦୀମାନେ ଯବାନଙ୍କ ସାମ୍ନା କରିନପାରି ଛତ୍ରଭଙ୍ଗ ଦେଇଥିଲେ। ରାତି ତମାମ ସେଠାରେ ଯବାନମାନେ ତଲାସି ଅଭିଯାନ ଜାରି ରଖିଥିବା ବେଳେ ଘଟଣା ସ୍ଥଳରୁ ୨ ମାଓବାଦୀଙ୍କ ମର ଶରୀର ସହ ୨ଟି ବନ୍ଧୁକ ଓ ବିପୁଳ ପରିମାଣର ମାଓ ବିସ୍ଫୋରକ ସାମଗ୍ରୀ ଜବତ କରିଥିଲେ ଯବାନ। ମୃତ ଦୁଇ ମାଓବାଦୀଙ୍କ ନାଁରେ ୮ ଲକ୍ଷ ଟଙ୍କା ଲେଖାଏଁ ମୋଟ ୧୬ ଲକ୍ଷ ଟଙ୍କା ପୁରସ୍କାର ରହିଥିଲା। ପୁଲିସ ପାଇଁ ଏହା ଏକ ବଡ଼ ସଫଳତା ବୋଲି କହିଛନ୍ତି ବିଜାପୁର ଏସପି ଜିତେନ୍ଦ୍ର ଯାଦବ।

# ମହିଳା ମାଓନେତ୍ରୀ ସୁଜାତାଙ୍କ ଆତ୍ମସମର୍ପଣ

ମାଲକନାଗରି,୧୩।୯ (ସମିସ): ମାଓ ସଂଗଠନକୁ ପୁଣି ବଡ଼ ଝଟ୍‌କା ଲାଗିଛି। କୁଖ୍ୟାତ ମାଓନେତ୍ରୀ ସୁଜାତା ତେଲେଙ୍ଗାନା ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେ ମାଓବାଦୀ କେନ୍ଦ୍ରୀୟ କମିଟି ସଦସ୍ୟ ଥିଲେ।



ତାଙ୍କ ମୁଣ୍ଡ ଉପରେ ୧ କୋଟି ଟଙ୍କାର ପୁରସ୍କାର ରାଶି ରହିଥିଲା।

ସୂଚନାନୁଯାୟୀ, ସୁଜାତା ଦୀର୍ଘ ବର୍ଷ ଧରି ମାଓ ସଙ୍ଗଠନରେ ରହି ଅନେକ ହିଂସାକାଣ୍ଡର ନେତୃତ୍ୱ ନେଇଥିଲେ। ଗତ କିଛି ବର୍ଷ ଧରି ସଂଗଠନର ବିଭିନ୍ନ ଦାୟିତ୍ୱରେ ରହି କେନ୍ଦ୍ରୀୟ କମିଟିର ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। ସେ ବିଭିନ୍ନ ହିଂସାକାଣ୍ଡ ଘଟାଇବା ପାଇଁ ସଠିକ ରଣନୀତି ପ୍ରସ୍ତୁତ କରିବା ସହ ମାଷ୍ଟରମାଇଣ୍ଡ ଭାବେ କାର୍ଯ୍ୟ କରୁଥିଲେ। ତେଲେଙ୍ଗାନା, ଆନ୍ଧ୍ର, ଓଡ଼ିଶା ସହ ଛତିଶଗଡ଼ର ଅନେକ ହିଂସାକାଣ୍ଡରେ ମଧ୍ୟ ସେ ନେତୃତ୍ୱ ନେଇଥିଲେ। ସୁଜାତା ନକ୍ସଲ ସଂଗଠନର ଦକ୍ଷିଣ ଉପ-ଜୋନାଲ କମିଟିର ବ୍ୟୁରୋ ଇନ୍‌ଚାର୍ଜ ମଧ୍ୟ ରହିଥିଲେ। ବିଶେଷକରି, ସେ ଛତିଶଗଡ଼ ବସ୍ତର୍ ଅଞ୍ଚଳରେ ସକ୍ରିୟ ରହିବା ସହ ମାଓ ସଙ୍ଗଠନକୁ ଏହି ଅଞ୍ଚଳରେ ସକ୍ରିୟ ରଖିବାରେ ତାଙ୍କର ବଡ଼ ଭୂମିକା ଥିଲା।

## ମୁଣ୍ଡ ଉପରେ ଥିଲା କୋଟିଏ ଟଙ୍କାର ପୁରସ୍କାର

ସୁଜାତାଙ୍କ ସ୍ୱାମୀ ତଥା ନକ୍ସଲ କମାଣ୍ଡର କିଶାନଜୀ ମଧ୍ୟ ଟପ୍ ମାଓନେତା ଭାବେ ସଂଗଠନ ପାଇଁ ବିଭିନ୍ନ ସ୍ଥାନରେ କାର୍ଯ୍ୟ କରୁଥିବା ବେଳେ ପଶ୍ଚିମବଙ୍ଗରେ ଯବାନଙ୍କ ଗୁଳିରେ ନିହତ ହୋଇଥିଲେ। ତେଲେଙ୍ଗାନା ଡିଜିପିଙ୍କ ନିକଟରେ ସେ ଆତ୍ମସମର୍ପଣ କରିଥିବା ବେଳେ ଏହା ମାଓ ସଙ୍ଗଠନ ପାଇଁ ଏକ ଶକ୍ତ ଧକ୍କା ବୋଲି କୁହାଯାଉଛି।

# ବାଣ ତିଆରି କାରଖାନାରେ ଚଢ଼ଉ

## ବିପୁଳ ପରିମାଣର ବାଣ, ବାରୁଦ ଜବତ; ୨ ଗିରଫ



ବୈଶିଙ୍ଗା, ୧୩।୯ (ସମିସ): ବୈଶିଙ୍ଗା ଥାନା ଅଧୀନ ବାଛୁରୀପଡ଼ା ଅଞ୍ଚଳରେ ଚାଲିଥିବା ଏକ ବେଆଇନ ବାଣ ତିଆରି କାରଖାନାରେ ଆଜି ପୁଲିସ ଚଢ଼ଉ କରି ବିପୁଳ ବାଣ ଓ ବାରୁଦ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ବାଛୁରୀପଡ଼ା ଗ୍ରାମର ଶ୍ରୀନିବାସ ସାହୁ ଓ ସନ୍ତୋଷ କୁମାର ସାହୁ। ଚଢ଼ଉ ସମୟରେ ୪୨ବସ୍ତା ଅଫୁଟା ବାଣ, ୫୦ କେଜି ବାରୁଦ ପାଉଡର୍ ଏବଂ ବାଣ ପ୍ରସ୍ତୁତି ସାମଗ୍ରୀ ଜବତ ହୋଇଛି। ଆଗକୁ ଦୁର୍ଗାପୂଜା ଓ ଦୀପାବଳି ଥିବାରୁ ବାଛୁରିପଡ଼ା ଅଞ୍ଚଳରେ ବେଆଇନ ବାଣ ତିଆରି ଚାଲିଥିବା ଏବଂ ବିଭିନ୍ନ ଫାର୍ମ ହାଉସ୍‌ରେ ବେଆଇନ ବାଣ ଗଚ୍ଛିତ ରଖି ବାହାରକୁ ପଠାଯାଉଥିବା ନେଇ ପୁଲିସ୍ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ବେତନଟୀ ଏସଡିପିଓ ମିନତି ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସ ଏକ ସ୍ୱତନ୍ତ୍ର ଟିମ୍ ଓ ଏକ ପ୍ଲାଟୁନ୍ ପୁଲିସ ସହ ଆଜି ଅପରାହ୍ଣରେ ସେଠାରେ ଚଢ଼ଉ କରିଥିଲେ।

# ହଷ୍ଟେଲ ଛାତରୁ ଆଇଟିଆଇ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବସ୍ତାବ୍ଲକ୍, ୧୩।୯ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ସୁନ୍ଦରହୋତା ଗ୍ରାମ ନିକଟ ୬୦ ନମ୍ବର ଜାତୀୟ ରାଜପଥର ତାରିଣୀ ଛକ ନିକଟରେ ଅବସ୍ଥିତ ପପୁଲାର୍ ନାମକ ଏକ ଘରୋଇ ଶିଳ୍ପ ତାଲିମ କେନ୍ଦ୍ର (ଆଇଟିଆଇ)ରେ ପଢୁଥିବା ଜଣେ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ ଛାତ୍ରୀଜଣଙ୍କ ହେଲେ, ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ଅଞ୍ଚଳର ଶୁକୁରମଣି ମାଝି(୧୬)। ହଷ୍ଟେଲ ଛାତ ଉପରୁ ତାଙ୍କର ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ତେବେ ଏହାକୁ ଶୁକୁରମଣିଙ୍କ ପରିବାରଲୋକ ସହଜରେ ଗ୍ରହଣ କରିପାରୁନାହାନ୍ତି। ଝିଅକୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରାଯାଉଥିବା ଛାତ୍ରୀଙ୍କ ବାପା-ମା' ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ହତ୍ୟା ଅଭିଯୋଗ ଆଣିଲେ ପରିବାରଲୋକେ

ଶୁକୁରୁମଣି ଉକ୍ତ ତାଲିମ କେନ୍ଦ୍ରରେ ଇଲେକ୍ଟ୍ରିସିଆନ୍ ବିଭାଗର ପ୍ରଥମବର୍ଷ ଛାତ୍ରୀ। ଶୁକ୍ରବାର ରାତିରେ ହଷ୍ଟେଲ କର୍ତ୍ତୃପକ୍ଷ ତାଙ୍କ ଶବ ଛାତ ଉପରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ବସ୍ତା ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ବିଧିବଦ୍ଧ ଭାବେ ମୃତ ଘୋଷଣା କରିଥିଲେ। ପୁଲିସ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଏହି ଘଟଣାରେ କର୍ତ୍ତୃପକ୍ଷଙ୍କୁ ଦାୟୀ କରି କାର୍ଯ୍ୟାନୁଷ୍ଠାନ ସହ କ୍ଷତିପୂରଣ ଦାବି କରିଛନ୍ତି ଛାତ୍ରୀଙ୍କ ପରିବାରଲୋକେ।


ମହଙ୍ଗା ପଡ଼ିଲା ବଟି ଆଦାୟ

# ନିଲମ୍ବିତ ହେଲେ ଆଇଆଇସି ମଧୁସ୍ମିତା

ଯାଜପୁର/ବଡ଼ଚଣା,୧୩।୯ (ସମିସ): ବଡ଼ଚଣା ଥାନାର ପୂର୍ବତନ ଅଧିକାରୀ ମଧୁସ୍ମିତା ବେହେରାଙ୍କ ବିରୋଧରେ ଆସିଥିବା ବଟି ଆଦାୟ ଅଭିଯୋଗର ପ୍ରମାଣ ମିଳିବା ପରେ ଆଜି ପୁଲିସ ମହାନିର୍ଦ୍ଦେଶକ ତାଙ୍କୁ ନିଲମ୍ବିତ କରିଛନ୍ତି। ଏହା ପୂର୍ବରୁ ତାଙ୍କୁ ଗତ ୭ ତାରିଖରେ ବଡ଼ଚଣା ଥାନାରୁ ଯାଜପୁର ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଥିଲା। ମଧୁସ୍ମିତାଙ୍କୁ ବଦଳିକୁ ନେଇ ନାନା ଗୁଜବ କରାଯାଉଥିଲେ ମଧ୍ୟ ତାଙ୍କ ବିରୋଧରେ ଆସିଥିବା ବଟି ଆଦାୟ ଅଭିଯୋଗ ପାଇଁ ଏଭଳି କାର୍ଯ୍ୟାନୁଷ୍ଠାନ ହୋଇଥିବା ଆଜି ସ୍ପଷ୍ଟ ହୋଇଛି।

ସୂଚନା ମୁତାବକ, ମଧୁସ୍ମିତାଙ୍କ ବିରୋଧରେ ଗୁରୁତର ଅଭିଯୋଗ ହୋଇଥିଲା। କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ କଟିକଟା ବଜାରର ଜଣେ ଔଷଧ ବ୍ୟବସାୟୀ ପ୍ରଫୁଲ୍ଲ ସାହୁଙ୍କୁ ବେଆଇନ ଭାବେ ଉଠାଇ ଆଣି ସେ ବଡ଼ଚଣା ଥାନାରେ ୩ଦିନ ଅଟକ ରଖିଥିଲେ। ତାଙ୍କୁ ମୁକୁଳାଇବା ପାଇଁ ମାହାଙ୍ଗା/ନିଶ୍ଚିନ୍ତକୋଇଲି ଅଞ୍ଚଳର ଦୁଇଜଣ ସାମ୍ବାଦିକଙ୍କ ଜରିଆରେ ଅଢ଼େଇ ଲକ୍ଷ ଟଙ୍କା ବଟି ଆଦାୟ କରିଥିଲେ। ସେଥିମଧ୍ୟରୁ ୯୦ ହଜାର ଟଙ୍କା ଫୋନ୍-ପେ'ରେ ଆଦାୟ କରାଯାଇଥିବା ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ପ୍ରଫୁଲ୍ଲଙ୍କ ପରିବାର ବିଭିନ୍ନ ଫୋରମ୍‌ରେ ଅଭିଯୋଗ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ, ପୁଲିସ ମହାନିର୍ଦ୍ଦେଶକ, ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ମଧ୍ୟ ଅଭିଯୋଗ କରିଥିଲେ।

ଏହି ଘଟଣା ଗତ ଜୁନ ମାସରେ ହୋଇଥିଲେ ମଧ୍ୟ ଏହାକୁ ପୁଲିସ ବେଶ୍ ହାଲୁକା ଭାବେ ଗ୍ରହଣ କରିଥିଲା। କିନ୍ତୁ ଏ ସଂକ୍ରାନ୍ତରେ ଗତ ଅଗଷ୍ଟ ୨୩ ତାରିଖରେ ପ୍ରଥମେ 'ସକାଳ'ରେ ଖବର ପ୍ରକାଶ ପାଇଥିଲା ଏବଂ ଏହା ପରେ ୨୯ ତାରିଖରେ ମଧ୍ୟ "ବଟି ନେଇଥିବା ଥାନା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବେ?' ବୋଲି ଖବର ପ୍ରକାଶ ପାଇଥିଲା। ଏହାକୁ ନେଇ ବିଭାଗୀୟ



ତଦନ୍ତରେ ତତ୍ପରତା ପ୍ରକାଶ ପାଇଥିଲା। ମଧୁସ୍ମିତାଙ୍କ ବିରୋଧରେ ଆସିଥିବା ବଟି ଆଦାୟ ଅଭିଯୋଗ ସଂପୂର୍ଣ୍ଣ ସତ୍ୟ ଜଣାପଡ଼ିବା ପରେ ପ୍ରଥମେ ତାଙ୍କୁ ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଥିଲା। କିନ୍ତୁ ଉକ୍ତ ବଦଳି ଆଦେଶକୁ ପ୍ରତ୍ୟାହାର କରିବା ପାଇଁ ବଡ଼ଚଣା ଥାନା ଓ ଏସ୍‌ପି ଅଫିସ ସମ୍ମୁଖରେ ବିକ୍ଷୋଭ ଓ ନାରାବାଜି କରାଯାଇ ପୁଲିସ ଉପରେ ଚାପ ପ୍ରୟୋଗ କରାଯାଇଥିଲା।

ସୂଚନାନୁସାରେ, ବଟି ଆଦାୟ ଘଟଣା ପରେ ବିବାଦୀୟ ହୋଇଯାଇଥିବା ମଧୁସ୍ମିତା ଅଚାନକ ବଡ଼ଚଣା ଅଞ୍ଚଳରେ ଏକ ଗୋରୁଗାଡ଼ିକୁ ଜବତ କରି ନିଜ ପାଇଁ ସମର୍ଥକ ଯୋଗାଡ଼ କରିଥିଲେ। ନିଜର କିଛି ସମର୍ଥକଙ୍କ ଜରିଆରେ ନିଜକୁ 'ଗୋ-ପୁତ୍ରୀ' ବୋଲି ପ୍ରଚାର କରିଥିଲେ। ତେଣୁ ମଧୁସ୍ମିତାଙ୍କୁ ଜଣେ

## ■ ବଡ଼ଚଣା ଥାନାରୁ ପୁଲିସ ମୁଖ୍ୟାଳୟକୁ ବଦଳି ହୋଇଥିଲେ
## ■ ଗୋପୁତ୍ରୀ ଆଢୁଆଳରେ କରୁଥିଲେ ବଟି ଆଦାୟ

ଗୋ-ରକ୍ଷକ ଭାବେ ଚିତ୍ରଣ କରିବା ସହ ତାଙ୍କ ବଦଳି ପଛରେ ଗୋ-ମାଫିଆଙ୍କ ହାତଥିବା ବାହାନା କରି ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ ସହିତ କିଛି ସାମ୍ବାଦିକ ଓ ସ୍ଥାନୀୟ ଲୋକ ଥାନା ଓ ଏସ୍‌ପିଙ୍କ କାର୍ଯ୍ୟାଳୟରେ ମଧ୍ୟ ହୋହାଲ୍ଲା କରିଥିଲେ। କିନ୍ତୁ ମଧୁସ୍ମିତାଙ୍କ ବିରୋଧରେ କୌଣସି ଲିଖିତ ଅଭିଯୋଗ ନ ଥାଇ ନିଜ ଥାନା ଅଞ୍ଚଳ ଛାଡ଼ି ଜିଲ୍ଲା ବାହାରକୁ ଯାଇ ଅନ୍ୟ ଥାନା ଅଞ୍ଚଳରୁ ସେ ଅଞ୍ଚଳର ଥାନାକୁ କୌଣସି ସୂଚନା ନ ଦେଇ ଜଣଙ୍କୁ ଉଠାଇ ଆଣି ୩ ଦିନ ଗୁପ୍ତରେ ଅଟକ ରଖିବା ଭଳି ସଙ୍ଗୀନ ଅଭିଯୋଗ ହୋଇଥିଲା।

ଏଭଳି ଗୁରୁତର ଅଭିଯୋଗରୁ ନଜର ହଟାଇବା ପାଇଁ ଗୋ-ରକ୍ଷକ ଭାବେ ନିଜକୁ ଉପସ୍ଥାପନ କରି ଘଟଣାର ଦିଗ ବଦଳାଇବାକୁ ଚେଷ୍ଟା କରୁଥିଲେ କେତେକ ନିର୍ଦ୍ଦିଷ୍ଟ ଗୋଷ୍ଠୀ। ସେପଟେ ଜଣେ ଥାନା ଅଧିକାରୀଙ୍କ ବିରୋଧରେ ଏଭଳି ସଙ୍ଗୀନ ଅଭିଯୋଗ ଆସିବା ନେଇ ଏଥିରେ ଗୃହ ବିଭାଗ ହସ୍ତକ୍ଷେପ କରି ତୁରନ୍ତ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଜପୁର ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏସ୍‌ପି ପ୍ରଥମେ ଗତ ୭ ତାରିଖରେ ମଧୁସ୍ମିତାଙ୍କୁ ପୁଲିସ ମୁଖ୍ୟାଳୟକୁ ବଦଳି କରିବା ପରେ ତାଙ୍କ ନିଲମ୍ବନ ପାଇଁ ସୁପାରିସ କରିବା ପରେ ଆଜି ପୁଲିସ ମହାନିର୍ଦ୍ଦେଶକ (ଚିଠି ନଂ ୩୨୧୫) ତାଙ୍କୁ ନିଲମ୍ବିତ କରିଛନ୍ତି। ମଧୁସ୍ମିତା ନିଜ କାର୍ଯ୍ୟରେ ଅବହେଳା ଏବଂ ଦୁର୍ବ୍ୟବହାର କରିଥିବା ତାଙ୍କ ନିଲମ୍ବନ ଆଦେଶରେ ଉଲ୍ଲେଖ କରାଯାଇଛି।

## ୫ଶହ ଟଙ୍କାରେ ପୂରୁନି ବ୍ୟାଗ୍

# ଘାଣ୍ଟକୁ ନିଅଣ୍ଟ ପନିପରିବା



କୋରେଇ,୧୩।୯ (ସମିସ): ରାତି ପାହିଲେ ଦୁତୀୟା ଓଷା। ପରିବା ଦର ଆକାଶଛୁଆଁ। ୫ଶହ ଟଙ୍କାରେ ବ୍ୟାଗ୍ ପୂରୁନି। ହତାଶ ଖାଉଟି। ଘାଣ୍ଟକୁ ନିଅଣ୍ଟ ହେଉଛି ପନିପରିବା। ଫଳରେ ଘାଣ୍ଟ ତରକାରୀ ମାନ୍ଦା ପଡିବ। ଏପରି ଆଲୋଚନା ହେଉଛି ଯାଜପୁର ଜିଲ୍ଲା କୋରେଇ ବ୍ଲକ ଅନ୍ତର୍ଗତ କନ୍ତୋର ହାଟରେ। କୋରେଇ ବ୍ଲକର ଏକମାତ୍ର ସାପ୍ତାହିକ ହାଟ କନ୍ତୋର। ଏହା ପ୍ରତି ସପ୍ତାହର ଶନିବାର ଦିନ ବସେ। ଏହି ହାଟ ଉପରେ କୋରେଇ ଅଞ୍ଚଳର ୩ଭାଗ ଲୋକ ପରିବା, ସଉଦା ଆଦି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପାଇଁ ନିର୍ଭର କରିଥାନ୍ତି। ତେଣୁ ପ୍ରତି ଶନିବାର ଏଠାରେ ଭିଡ଼ ଜମୁଥିଲା ବେଳେ ଆଜି କିନ୍ତୁ ବହୁତ ଭିଡ଼ ପରିଲକ୍ଷିତ ହୋଇଥିଲା। କାରଣ ରାତି ପାହିଲେ ଦୁତୀୟା ଓଷା। ତା' ପର ଦିନ ଘାଣ୍ଟ। ତେଣୁ ପରିବା ହାଟରେ ଭିଡ଼ ଜମୁଥିଲା ବେଳେ ପରିବା ଦର ଶୁଣ ଖାଉଟି ଆବାକ୍। ସ୍ଥିତି ଏମିତି ହୋଇଛି ଯେ ଜଣେ ସାଧାରଣ ଖାଉଟି ପାଇଁ ପରିବା କିଣିବା କଷ୍ଟସାଧ ହୋଇପଡ଼ିଛି। ଅନେକ ପରିବା ଦର ପୂର୍ବ ଦର ଠାରୁ ବେଶ୍ ଅଧିକ ବଢିଛି। ବିମ୍, କାଙ୍କଡ଼, ପୋଟଳ, କିଲୋ ପ୍ରତି ୧ଶହ ଉପରେ ବିକ୍ରି ହେଉଥିବା ବେଳେ ବାଇଗଣ, ଭେଣ୍ଡି, ଜହ୍ନି, ଅମୃତଭଣ୍ଡା, ମାଟିଆଳୁ, ଗାଜର, ସଜନା ଛୁଇଁ, ଝୁଡ଼ଙ୍ଗ, କାକୁଡି ଆଦି କିଲୋପ୍ରତି ୬୦ରୁ ୮୦ଟଙ୍କା। ସେହିପରି କଞ୍ଚା ଲଙ୍କା, ଧନିଆ ପତ୍ର କିଲୋପ୍ରତି ୨ଶହରୁ ଊର୍ଦ୍ଧ୍ୱ ଟଙ୍କା ଥିଲା ବେଳେ ବୋଇତାଳୁ, କଖାରୁ, ଲାଉ ଆଦି କିଲୋପ୍ରତି ୫୦ଟଙ୍କା ଉପରେ। ନଡ଼ିଆ, ମଟର, ଶୋଲା, ମୁଗର ଦାମ ମଧ୍ୟ ପୂର୍ବ ଅପେକ୍ଷା ଅଧିକ ଥିଲା। ଏଣୁ ଚଳିତ ବର୍ଷ ଘାଣ୍ଟ ତରକାରୀ ମାନ୍ଦା ପଡ଼ିବ ବୋଲି ଆଲୋଚନା ହେଉଥିବା ବେଳେ ସାଧାରଣ ଖାଉଟି ହତାଶ ହେଉଥିବାର ପରିଲକ୍ଷିତ ହେଉଥିଲା।

## ନାବାଳିକା ଗର୍ଭବତୀ ଘଟଣାରେ ଅଭିଯୁକ୍ତ ଗିରଫ

ଧର୍ମଶାଳା,୧୩।୯ (ସମିସ): ଧର୍ମଶାଳା ଥାନା ମିର୍ଜାପୁର ଗ୍ରାମରେ ଜଣେ ଦିବ୍ୟାଙ୍ଗ ବ୍ୟକ୍ତି ଝିଅ କରି ରଖିଥିବା ଜନୈକ ନାବାଳିକା ସହିତ ଶାରୀରିକ ସମ୍ପର୍କ ରଖି ତାକୁ ଅନ୍ତସତ୍ତ୍ୱା କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ ଏହି ଥାନା ମିର୍ଜାପୁର ଗ୍ରାମର ଦିବ୍ୟାଙ୍ଗ ଅର୍ଜୁନ ବେହେରା (୪୫) ଜଣେ ନାବାଳିକାକୁ ନିଜର ଝିଅ କରି ଘରେ ରଖିଥିଲେ। ଅର୍ଜୁନ ଜଣେ ଦିବ୍ୟାଙ୍ଗ ହୋଇଥିବାରୁ ନାବାଳିକାଟି ତାଙ୍କର ସେବା କରି ତାଙ୍କ ଘରେ ରହୁଥିଲା। ଏହାର ସୁଯୋଗନେଇ ଅର୍ଜୁନ ଉକ୍ତ ନାବାଳିକା ସହିତ ଶାରୀରିକ ସମ୍ପର୍କ ରକ୍ଷା କରିବା ଫଳରେ ସେ ୫ ମାସର ଅନ୍ତସତ୍ତ୍ୱା ହୋଇଥିବା ଜଣାପଡିଛି। ତେବେ ଲୋକଲଜା ଯୋଗୁଁ ପୀଡ଼ିତା ଜଣକ ନିଜ ଘରେ ଏସମ୍ପର୍କରେ ଜଣାଇ ନଥିଲା। ଅନ୍ୟପକ୍ଷେ କାହାରିକୁ କହିଲେ ତାକୁ ଜୀବନରୁ ମାରିଦିଆଯିବ ବୋଲି ଅଭିଯୁକ୍ତ ଧମକ ଦେଇଥିଲା ବୋଲି ପୀଡ଼ିତା ତାର ମା' ଆଗରେ ସ୍ୱୀକାର କରିଛି। ତେବେ ଏନେଇ ପୀଡ଼ିତାର ମା' ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ୫୭୨/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତ ଅର୍ଜୁନକୁ ଗିରଫ କରି ଡକ୍ତରୀ ମାଇନା ପରେ ଆଜି ତାକୁ କୋର୍ଟଚାଲାଣ କରାଯାଇଛି। ସେହିପର ପୀଡ଼ିତା ନାବାଳିକାର ୧୬୪ ରେକର୍ଡ ବୟାନ କରାଯିବା ପାଇଁ ତାକୁ ଯାଜପୁର ଟାଉନସ୍ଥିତ ସଟଷ୍ଟେ ହୋମରେ ରଖାଯାଇଛି ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ସୂଚନା ଦେଇଛନ୍ତି।

## ବ୍ରାହ୍ମଣୀରେ ବନ୍ୟା ହେବା ଆଶଙ୍କା

ଧର୍ମଶାଳା,୧୩।୯ (ସମିସ): ବ୍ରାହ୍ମଣୀ ନଦୀରେ ଆଗକୁ ଏକ ବଡ଼ଧରଣର ବନ୍ୟା ହେବା ନେଇ ପୁର୍ବାନୁମାନ କରାଯାଇଛି। ଏବେ ସେପ୍ଟେମ୍ବର ମାସ ଚାଲିଥିବା ବେଳେ ପୂର୍ବାପେକ୍ଷା ବର୍ଷାର ପରିମାଣ ଧିରେ ଧିରେ କମିବାରେ ଲାଗିଛି। ହେଲେ ଯେକୌଣସି ସମୟରେ ଲଘୁଚାପ ଜନିତ ବର୍ଷା ବିପ୍ରିତ ଆଣି ପାରେ ବୋଲି ଆକଳନ କରାଯାଇଛି। ବର୍ତ୍ତମାନ ସମୟରେ ରେଙ୍ଗାଲି ଡ୍ୟାମର ସମସ୍ତ ଗେଟ ବନ୍ଦ ରହିଥିବା ବେଳେ ଡ୍ୟାମରୁ ବନ୍ୟାଜଳ ନିଷ୍କାସନକୁ ରୋକାଯାଇଛି। ହେଲେ ଡ୍ୟାମର ଜଳପତନ ଦିନକୁ ଦିନ ବମିବାରେ ଲାଗିଛି। ରେଙ୍ଗାଲିର ସର୍ବୋଚ୍ଚ ଜଳଧାରଣ କ୍ଷମତା ୨୩.୫୦ ମିଟର ରହିଥିବା ବେଳେ ଆଜି ଜଳପତନ ୨୨.୯୦ ମିଟର ରହିଛି। ତେବେ ଏହା ଧିରେ ଧିରେ ବଢ଼ିବାରେ ଲାଗିଛି। ଗତ ବର୍ଷ ଆଜିର ଦିନରେ ଡ୍ୟାମରେ ୧୨୧.୧୦ ମିଟର ଜଳପତନ ରହିଥିଲା। ଗତ ବର୍ଷପେକ୍ଷା ରେଙ୍ଗାଲିରେ ପାଖାପାଖି ୨ ମିଟର ଅଧିକ ବନ୍ୟାଜଳ ରହିଛି। ଏବେ ଶୁଖିଲା ପାଗରେ ଡ୍ୟାମରୁ ଜଳନିଷ୍କାସନ ନକରାଯାଇ ଛାଡି ଦିଆଯିବା ଆଗକୁ ଭୟଙ୍କର ପରିସ୍ଥିତି ସୃଷ୍ଟି କରିବ ବୋଲି ବୁଦ୍ଧିଜୀବୀ ମହଲରେ ଅଲୋଚନା ହେଉଛି। ଏଭଳି ସ୍ଥଳରେ ଡ୍ୟାମରୁ ଜଳ ନିଷ୍କାସନ ପାଇଁ ଗୋଟିଏ କିମ୍ବା ଦୁଇଟି ଗେଟ ଖୋଲିବା ଜରୁରି ହୋପଡିଛି। ଜଳସେଚନ ବିଭାଗ ଏହାକୁ ଅଣ ଦେଖା କଲେ ନଦୀ କୁଳିଆଲୋକେ ଆଗକୁ ଦୁରର୍ଦ୍ଦଶା ଭୋଗିବା ଥୟ ବୋଲି ଆକଳନ କରାଯାଇଛି। ଏଭଳି ଅବସ୍ଥାରେ ଆଗକୁ ଯଦି ବଡଧରଣର ଲଘୁଚାପ ହୁଏ ଏବଂ ବନ୍ୟା ଆସେ ତେବେ ଜଳସେଚନ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଏଥିଲାଗି ଦାୟି ରହିବେ ବୋଲି ନଦୀ କୁଳିଆ ବାସିନ୍ଦା ଅଭିଯୋଗ କରିଛନ୍ତି।

## ପ୍ରାଥମିକ ଚିକିତ୍ସା ଦିବସ ପାଳିତ




ସିଂହପୁର,୧୩।୯ (ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ସ୍ଥିତ ଖରସ୍ରୋତା ମହାବିଦ୍ୟାଳୟରେ ଆଜି ପ୍ରାଥମିକ ଚିକିତ୍ସା ଦିବସ ପାଳନ କରାଯାଇଛି। ମହାବିଦ୍ୟାଳୟ ଯୁବ ରେଡକ୍ରସ୍ ଆନୁକୂଲ୍ୟରେ ୱାର୍ଲ୍ଡର୍ ଫାଷ୍ଟ ଏଡ୍ ଦିବସରେ ଅଧ୍ୟକ୍ଷ ଡ.ବ୍ରଜ କିଶୋର ସାହୁ ସଭାପତିତ୍ୱ କରି ଛାତ୍ରଛାତ୍ରୀମାନଙ୍କୁ ଆଶୁ ଚିକିତ୍ସା ସଂପର୍କରେ ଅବଗତ କରିଥିଲେ। ଆୟୁଷ ମେଡିକାଲ ଚିକିତ୍ସକ ଡ. ନିରଞ୍ଜନ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଦିବସ ସମ୍ପର୍କରେ ଶିକ୍ଷା ପ୍ରଦାନ କରିଥିଲେ। ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ ଓ ବୈଭବ ନାୟକ ପ୍ରାଥମିକ ଚିକିତ୍ସା ଉପରେ ଆଲୋଚନା କରିଥିଲେ। ଅଧ୍ୟାପକ ସୁବାସ ଚନ୍ଦ୍ର ସାହୁ, ଅରୁଣ କୁମାର ସାମଲ, ଦୀପ୍ତି ରଞ୍ଜନ ସେନାପତି, ଚିତ୍ତରଞ୍ଜନ ସାହୁ, ସନ୍ତୋଷ ମହାପାତ୍ର, ଅଧ୍ୟାପିକା ରୂପାଲି ମହାରଣା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଯୁବ ରେଡ୍‌କ୍ରସ୍ର କାଉନସିଲର ଅଧ୍ୟାପିକା ଝରଣା ଦେହୁରୀ, ଅଧ୍ୟାପକ ନୀଳମଣି ମଲ୍ଲିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଜୟଚଣ୍ଡୀ ମାଧ୍ୟମିକ ବିଦ୍ୟାଳୟରେ ମକ୍‌ଡ୍ରିଲ୍

କୟାଁଗୋଲା,୧୩।୯ (ସମିସ): ଦଶରଥପୁର ବ୍ଲକ କୟାଁ ପଞ୍ଚାୟତ ଜୟଚଣ୍ଡୀ ଉଚ୍ଚତ୍ତର ମାଧ୍ୟମିକ ବିଦ୍ୟାଳୟରେ ଦଶରଥପୁର ଅଗ୍ନିଶମ ବିଭାଗ ତରଫରୁ ଅଗ୍ନିନିର୍ବାରକ ତଥା ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଚ୍ଚତ୍ତର ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ପୋଥାଲଙ୍କ ସଭାପତିତ୍ୱରେ ଏହାର ପରିଚାଳନା କରାଯାଇଥିଲା, ମୁଖ୍ୟ ଅଗ୍ନିଶମ ଅଧିକାରୀ ପର୍ଶୁରାମ ଜେନା ଏବଂ ତାଙ୍କର ସହକର୍ମୀଙ୍କ ମାଧ୍ୟମରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ବିପର୍ଯ୍ୟୟ ପରିଚାଳନା କୌଶଳର ପ୍ରଦର୍ଶନ ମାଧ୍ୟମରେ ତାଲିମ ପ୍ରଦାନ କରଯାଇଥିଲା। ଏହି ତାଲିମ ଶିବିରରେ ଅଧ୍ୟାପକ ଅଭିମନ୍ୟୁ ଦାସ, ଅଭିରାମ ମଲ୍ଲିକ, ଅଟଳ ବିହାରୀ ମଲ୍ଲିକ, ସତ୍ୟବ୍ରତ ପୃଷ୍ଟି ଓ ଅଧ୍ୟାପିକା ଶକୁନ୍ତଳା ସାହୁ, ଗ୍ରନ୍ଥା ଗାରିକ ପ୍ରକାଶ କୁମାର ମିଶ୍ର ଉପସ୍ଥିତ ରହିଥିଲେ। ଶିକ୍ଷା କର୍ମଚାରୀ ହିମାଂଶୁ କୁମାର ନାୟକ, କେଦାରନାଥ ଯେନା, ଅଜୟ କୁମାର ଜେନା, ଦିନେଶ କୁମାର ବାରିକ ଏବଂ ମିତାରାଣୀ ଦାସ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

## ମୋବାଇଲ୍ ଟାୱାରରୁ ଚୋରି

# ୩ ଚୋରଙ୍କୁ କାବୁକଲେ ଗ୍ରାମବାସୀ

ବିଞ୍ଝାରପୁର,୧୩।୯ (ସମିସ): ବିଞ୍ଝାରପୁର ଥାନା ଅନ୍ତର୍ଗତ ତାଉଁତରା ଛକରେ ଥିବା ମୋବାଇଲ୍ ଟାୱାରରୁ ବ୍ୟାଟେରି ଏବଂ ଅନ୍ୟ ଯନ୍ତ୍ରାଂଶ ଚୋରି କରୁଥିବା ସମୟରେ ଗ୍ରାମବାସୀଙ୍କ ଦ୍ୱାରା ୩ ଚୋରଙ୍କୁ କାବୁ କରି ପୁଲିସକୁ ଜିମା ଦେଇଛନ୍ତି। ଗ୍ରାମବାସୀଙ୍କ ଦ୍ୱାରା କାବୁ କରାଯାଇଥିବା ଅଭିଯୁକ୍ତମାନେ ନିକଟସ୍ଥ ଅରେଇ ଗ୍ରାପ ଅରେଇ ଗ୍ରାମର ସୁନିଲ ପରିଡା(୨୫), ଘଣ୍ଟିଆଳି ଗ୍ରାପ ଇଞ୍ଜନପୁର ଗ୍ରାମର ସିପନ ଜେନା(୨୪) ଓ ମଙ୍ଗଳପୁର ଥାନା ଅନ୍ତର୍ଗତ ବିରିପଟା ଗ୍ରାପ ନାରୀଗାଁ ଗ୍ରାମର ଶ୍ରୀତମ ମଲ୍ଲିକ (୨୫) ବୋଲି ଜଣାପଡିଛି। ଘଟଣା ମୁତାବକ ବିଞ୍ଝାରପୁର ଥାନା ଅନ୍ତର୍ଗତ ତାଉଁତରା ଛକରେ ଥିବା ମୋବାଇଲ୍ ଟାୱାରରୁ ଶନିବାର ପ୍ରତ୍ୟୁଷ ସମୟରେ ସୁନିଲ, ସିପନ ଓ ଶ୍ରୀତମ ବ୍ୟାଟେରି ଓ ଅନ୍ୟାନ୍ୟ ମେସନାରୀ ସାମଗ୍ରୀ ଚୋରି କରୁଥିବା ସମୟରେ ସ୍ଥାନିୟ ଗ୍ରାମବାସୀଙ୍କ ନଜରରେ ପଡ଼ିଯାଇଥିଲେ। ଧରା ପଡିଯିବା ଭୟରେ ଏ ତିନି ଜଣ ଘଟଣାସ୍ଥଳରୁ ଖସିଯିବାକୁ ଉଦ୍ୟମ କରୁଥିଲାବେଳେ ସେମାନଙ୍କୁ ସ୍ଥାନୀୟ ଗ୍ରାମବାସୀ କାବୁ କରି ଉତ୍ତମ ମଧ୍ୟମ ସହ ନିର୍ଦ୍ଧୁମ୍ ମାଡ ମାରି ଥିବାର ଭିଡିଓ ସୋସିଆଲ ମିଡିଆରେ ଘୁରିବୁଲୁଥିବା ଦେଖିବାକୁ ମିଳିଛି। ଚୋରଙ୍କୁ କାବୁ କରି ମାଡ ମାରିବା ଭିଡିଓ ଉତ୍ତୋଳନ କରି ଭାଇରାଲ୍ କରିବା ସହ ୧୦୨କୁ ଫୋନ କରି ବିଞ୍ଝାରପୁର ପୁଲିସକୁ ଜଣାଇଥିଲେ ଗ୍ରାମବାସୀ। ଖବରପାଇ ବିଞ୍ଝାରପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚିବାରୁ ଗ୍ରାମବାସୀ ଅଟକ ରଖିଥିବା ୩ ଜଣକୁ ପୁଲିସକୁ ଜିମା ଦେଇଥିଲେ। ଅନ୍ୟ ପକ୍ଷରେ ଟାୱାର କମ୍ପାନୀ ପକ୍ଷରୁ ଏକ ଅଭିଯୋଗ ପ୍ରଦାନ କରାଯିବା ପରେ ବିଞ୍ଝାରପୁର ପୁଲିସ କେଶ ନଂ ୪୨୫/୨୫ରେ ମାମଲା ରୁଜ କରିବା ସହିତ ଅଧିକ ତଦନ୍ତ ପାଇଁ ଅଭିଯୁକ୍ତ ୩ ଜଣକୁ ପଚରା ଉଚରା କରୁଥିବା ଜଣାପଡିଛି। ତେବେ ଅଭିଯୁକ୍ତମାନେ ଅନ୍ତଃଜିଲ୍ଲା ମୋବାଇଲ ଟାୱାର ଚୋରି ଘଟଣାରେ ସମ୍ପୃକ୍ତି ଥିବା ସହ ଏ ମାନଙ୍କ ମୁଖ୍ୟ ଜଣେ ମହିଳା ବୋଲି ସନ୍ଦେହ ସାଧାରଣରେ ପ୍ରକାଶ ପାଇଛି।



## ● କୋରେଇ ବିଧାୟକଙ୍କ ନାଁରେ ଥାନାରେ ମାମଲା

# ପଟ୍ଟା ଦେବା ପାଇଁ ଟଙ୍କା ଆଦାୟ ଅଭିଯୋଗ

ପାଣିକୋଇଲି,୧୩।୯ (ସମିସ): ଭୂମିହୀନ ପରିବାରମାନଙ୍କୁ ବିନା ମୂଲ୍ୟରେ ଜମି ପଟ୍ଟା ଦେବା ପାଇଁ ସରକାରୀ ଆଇନ ବ୍ୟବସ୍ଥା ରହିଛି। କିନ୍ତୁ ଏହାର ଫାଇଦା ନେଇ ଗରିବ ହିତାଧିକାରୀଙ୍କ ଠାରୁ ବେଆଇନ ଭାବେ ଲକ୍ଷାଧିକ ଟଙ୍କା ଆଦାୟ କରାଯାଇଥିବା ଅଭିଯୋଗ ହୋଇଛି। ଖୋଦ ବିଧାୟକଙ୍କ ନାଁ ନେଇ କେତେକ ଦଲାଲ ଏଭଳି ଟଙ୍କା ଆଦାୟ କରିଥିବା ଜଣାପଡିଛି। ଏ ସଂକ୍ରାନ୍ତରେ ଥାନାରେ ମାମଲା ରୁଜୁ କରାଯାଇଥିଲେ ମଧ୍ୟ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାରୁ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସୂଚନା ମୁତାବକ କୋରେଇ ବ୍ଲକ ପଥରପଦା ପଞ୍ଚାୟତ ଅନ୍ତର୍ଗତ ବେଙ୍ଗସାହି ଅଞ୍ଚଳରେ ରହୁଥିବା ଆଦିବାସୀ ପରିବାରମାନଙ୍କୁ ଜମି ପଟ୍ଟା ଯୋଗାଇ ଦେବା ନାଁରେ ହିତାଧିକାରୀଙ୍କ ଠାରୁ ଟଙ୍କା ଆଦାୟ କରାଯାଇଛି। ଏହି ଅର୍ଥ କୋରେଇ ବିଧାୟକଙ୍କୁ ଦିଆଯିବ ବୋଲି କହି କେତେକ ଦଲାଲ ଲକ୍ଷାଧିକ ଟଙ୍କା ଆଦାୟ କରି ଫେରାର ହୋଇଯାଇଛନ୍ତି। ଏ ସଂପର୍କରେ ସ୍ଥାନୀୟ ସରପଞ୍ଚ ମଧୁସ୍ମିତା ବାରିକ ଜାଣିବା ପରେ ଏହାର ପ୍ରତିବାଦ କରିବା ସହିତ ସ୍ଥାନୀୟ ଅଂଚଳବାସୀଙ୍କ ସହିତ ମିଶି ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କିନ୍ତୁ ଥାନା ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାରୁ ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏଭଳି ବେଆଇନ ଟଙ୍କା ଆଦାୟ ପଛରେ କେଉଁ ମାନେ ଅଛନ୍ତି। ସତରେ ଏଥିପାଇଁ କୋରେଇ ବିଧାୟକଙ୍କ ସହମତି ଅଛି କି ନାହିଁ ନାଁ ତାଙ୍କୁ ବଦନାମ ପାଇଁ ଏଭଳି କରାଯାଇଛି ତାକୁ ନେଇ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଛି। ତେଣୁ ଏହାର ସ୍ୱତନ୍ତ୍ର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ପଥରପଦା ସରପଂଚ ମଧୁସ୍ମିତା ବାରିକ ଚେତାବନୀ ଦେଇଛନ୍ତି।



ଧରାବତରଣ କରିବେ ମା'; ସ୍ୱାଗତ ଆବାହନୀ ଗାଉଛି କାଶତଣ୍ଡୀ

## ବାଲି ବୋଝେଇ ହାଇୱା ଓ ମିନିଟ୍ରକ୍ ଜବତ

ପାଣିକୋଇଲି,୧୩।୯ (ସମିସ): ବେଆଇନ ବାଲି ଚାଲାଣ ଉପରେ ଖଣି ବିଭାଗ ଚଡ଼ଉ ଜାରି ରଖିଛି। ଏହି କ୍ରମରେ ଆଜି ଖଣି ବିଭାଗ ପକ୍ଷରୁ ଷଠିପୁରଠାରେ ବେଆଇନ ବାଲିଚାଲାଣ ହେଉଥିବା ଖବର ପାଇ ଖଣିବିଭାଗ ଚଡ଼ଉ କରିଥିଲା। ସେଠାରେ ହାଇୱା ଓ ମିନିଟ୍ରକ୍‌ରେ ବାଲି ଆସୁଥିବା ବେଳେ ତାକୁ ଅଟକାଇ ଯାଞ୍ଚ କରାଯାଇଥିଲା। ହେଲେ ସେମାନେ ବେଆଇନ ବାଲି ଚାଲାଣ ଜାଣିବା ପରେ ଉକ୍ତ ଗାଡି ଦୁଇଟିକୁ ଖଣି ବିଭାଗ ଜବତ କରି ପାଣିକୋଇଲି ପୁଲିସକୁ ଜବତ କରିଥିଲେ। ଏହି ଚଢାଉରେ ଜୁନିୟର ମାଇନିଂ ଧିକାରୀ ଅଶୋକ କୁମାର ମହାନ୍ତି, ଶେଖର କୁମାର ମହାନ୍ତି, ଦିପ୍ତୀରେଖା ସେଠୀଙ୍କ ସମତେ ପୁଲିସ ଉପସ୍ଥିତ ରହିଥିଲେ।

## ଅଯୋଗ୍ୟ ହିତାଧିକାରୀଙ୍କୁ ଘଣ୍ଟ ଘୋଡ଼ାଯାଉଛି

# ମାଗିଲେ ମିଳୁନି ତଥ୍ୟ ; ଅନ୍ଧାରରେ ସୂଚନା ଆଇନ

କୋରେଇ,୧୩।୯ (ସମିସ): ସୂଚନା ଅଧିକାର ଆଇନ ଯାଜପୁର ଜିଲ୍ଲାରେ ବାଟବଣା ହୋଇଛି। ମାଗିଲେ ମିଳୁନି ତଥ୍ୟ। ଯାଜପୁର ଜିଲ୍ଲାର କୋରେଇ ବ୍ଲକ୍ ଓ ପାଣିକୋଇଲିସ୍ଥ ପୂର୍ତ୍ତ ବିଭାଗରେ ଏଭଳି ପରିଲକ୍ଷିତ ହେଉଛି। ଅଯୋଗ୍ୟ ହିତାଧିକାରୀଙ୍କୁ ବ୍ଲକ ଯୋଗାଣ ନିରୀକ୍ଷକ ଅଧିକାରୀ ଘଣ୍ଟ ଘୋଡାଉଛନ୍ତି। ଯାହାର ତଥ୍ୟ ମାଗିଲେ ମିଳୁ ନଥିବା ବେଳେ ପୂର୍ତ୍ତ ବିଭାଗରେ ବିଭିନ୍ନ ପ୍ରକଳ୍ପର ତଥ୍ୟ ପାଇବାରେ ବିତି ଯାଉଛି ବର୍ଷ ବର୍ଷ। ତଥାପି ମିଳୁନି। ଏହିପରି ବିଭିନ୍ନ ଯୋଜନା ତଥା ପ୍ରକଳ୍ପର ଅସଲ ଗୁମର ଖୋଲିଯିବା ଭୟରେ ଅଧିକାରୀମାନେ ସୂଚନା ପ୍ରଦାନ କରିବାରେ ଜାଣିଶୁଣି ବିଳମ୍ବ କରୁଛନ୍ତି।

ମାସ ମାସ ଧରି ଜଣେ ସୂଚନା ଅଧିକାର କର୍ମୀ କାର୍ଯ୍ୟାଳୟକୁ ଦୌଡି ଦୌଡି ନୟାନ୍ତ ହେବା ସହ ଆଇନ୍ ଅନୁଯାୟୀ ଅପିଲ ମଧ୍ୟ କରୁଛନ୍ତି। କିନ୍ତୁ କିଛି ଫଳ ମିଳୁନି। ଆଜି ଦେବି, କାଲି ଦେବି, କହି ସମୟ ଗଡାଇ ଚାଲୁଛନ୍ତି। ଏହି ଭଳି ଅନେକ ଅଭିଯୋଗ ହୋଉଥିବା ବେଳେ କୋରେଇ ବ୍ଲକ୍ ଅର୍ନ୍ତଗତ ତଳଗଡ ପଞ୍ଚାୟତ ଉପୁଳାଇ ଗ୍ରାମର କେତେକ ଅଯୋଗ୍ୟ ହିତାଧୀକାରୀ ତଞ୍ଚକତା କରି ଅନ୍ତ୍ୟୋଦୟ ଯୋଜନାରେ ସାମିଲ୍ ହୋଇଥିବା ଅଭିଯୋଗ ଅନ୍ୟତମ। ଯାହାକୁ ନେଇ ସୂଚନା ଅଧିକାର କର୍ମୀ ନାରାୟଣ ରାଉତରାୟ ଗତ ଜାନୁଆରୀ ୧୬ତାରିଖରେ କୋରେଇ ବିଡିଓଙ୍କୁ ଅଭିଯୋଗ କରିଥିଲେ। ଏହାର ସଠିକ ତଦନ୍ତ କରି ୭ଦିନ ମଧ୍ୟରେ ଜଣାଇବାକୁ ବିଡିଓ ବ୍ଲକ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଦୁଇମାସ ପରେ ତଦନ୍ତ ରିପୋର୍ଟର ତଥ୍ୟ ଜାଣିବା ପାଇଁ ସୂଚନା ଅଧିକାର କର୍ମୀ ଶ୍ରୀଯୁକ୍ତ ରାଉତରାୟ ସୂଚନା ଅଧିକାର ଆଇନ ବଳରେ ଗତ ମାର୍ଚ୍ଚ ମାସ ୨୦ତାରିଖରେ ମାଗିଥିଲେ। ଆବେଦନ କରିବାର ୩୦ଦିନ ମଧ୍ୟରେ ସୂଚନା ପ୍ରଦାନ କରିବାର ନିୟମ ରହିଛି। ଏକ ମାସ ବିତିଗଲା ପରେ ଆବେଦନକାରୀକୁ କୌଣସି ସୂଚନା ପ୍ରଦାନ କରା ନଯିବାରୁ ନିୟମାନୁଯାୟୀ ଆବେଦନକାରୀ ଶ୍ରୀଯୁକ୍ତ ରାଉତରାୟ ଅପିଲ କରିଥିଲେ। ବିଡିଓ ଆବେଦନକାରୀକୁ ଅପିଲ କୋର୍ଟଙ୍କୁ ଯିବାକୁ ମଧ୍ୟ ଚିଠି କରିଥିଲେ। କିନ୍ତୁ ବିଡ଼ମ୍ବନାର ବିଷୟ ଅପିଲରେ ଯୋଗାଣ ଅଧିକାରୀ ଉପସ୍ଥିତ ନଥିବାର ଶ୍ରୀ ରାଉତରାୟ ପ୍ରକାଶ କରିଛନ୍ତି। ଏହା ମଧ୍ୟରେ ୬ମାସ ବିତି ଯାଇଥିଲେ ମଧ୍ୟ ତଥ୍ୟ ମିଳିଲା ନାହିଁ। ଏ ବିଷୟ ନେଇ ଯୋଗାଣ ଅଧିକାରୀଙ୍କ ସହିତ ଯୋଗାଯୋଗ କରିବାରୁ ସେ ଆଜି ତଦନ୍ତ କରିବାକୁ ଯାଉଛନ୍ତି ବୋଲି ପ୍ରକାଶ କରିଥିଲେ। ସେହିପରି ପାଣିକୋଇଲି ପୂର୍ତ୍ତବିଭାଗରୁ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମଗାଯାଉଥିଲେ ମଧ୍ୟ କୌଣସି ତଥ୍ୟ ପାଉନାହାଁନ୍ତି।

## ବାଲିଆ କଲେଜରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ



ବରୀ,୧୩।୯ (ସମିସ): ଅଭିମନ୍ୟୁ ସାମନ୍ତସିଂହାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସ୍ୱଚ୍ଛତା ହିଁ ସେବା ତଥା ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଶତାଧିକ ଛାତ୍ରଛାତ୍ରୀ ଏବଂ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଗଣ ଅଂଶଗ୍ରହଣ କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନିରୋଦ କୁମାର ଜେନା କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଛାତ୍ର, ଛାତ୍ରୀମାନେ ଅନୁଷ୍ଠାନର ପରିସରକୁ ସଫା କରିବା ସହିତ ବାଲିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ରାସ୍ତା ଠାରୁ ଆରମ୍ଭ କରି ସାମନ୍ତସିଂହାର ଉଚ୍ଚ ବିଦ୍ୟାଳୟ ନିକଟବର୍ତ୍ତୀ ଗ୍ରାମ୍ୟ ରାସ୍ତାକୁ ମଧ୍ୟ ଆବର୍ଜନା ମୁକ୍ତ କରି ପରିବେଶ ସ୍ୱଚ୍ଛ ରଖିବା ପାଇଁ ଲୋକମାନଙ୍କୁ ସଚେତନ କରାଇଥିଲେ। ଅଧ୍ୟାପକ ଅଭିନ୍ନ ଚନ୍ଦ୍ର ମହାନ୍ତି, ବିହାର ରଞ୍ଜନ ଦାସ, ନିମାଇଁ ଚରଣ ଲେଙ୍କା, ଗୁଣନିଧି ଜେନା, ବିକାଶ ଚନ୍ଦ୍ର ସାହୁ, ତତ୍ତ୍ୱମସି ନାୟକ, ଅଧ୍ୟାପିକା ପ୍ରଗତି ଦାସ, ସ୍ମୃତି ପଟ୍ଟନାୟକ, ରଶ୍ମିତା ସାହୁ, ଶୁଭଶ୍ରୀ ଦାସ, ମନ୍ଦାକିନି ସାମନ୍ତରାଏ, ଇତିଶ୍ରୀ ଦାସ, ଭକ୍ତିଲତା ସୁତାର ଏବଂ ଅନୁଷ୍ଠାନର ମୁଖ୍ୟ କିରାଣୀ ସରୋଜ କାନ୍ତ ଜେନା, ପ୍ରଭାତ କୁମାର ଜେନା, ବିଭୁ ପ୍ରସାଦ ମଲ୍ଲିକ୍, ପଦ୍ମନାଭ ପ୍ରଧାନ, ଶରତ ଚନ୍ଦ୍ର ଜେନା, ରୁନୁଲତା ପ୍ରଧାନ, ବୀରବର ସାହୁ, ମାଧବାନନ୍ଦ ସାହୁ, ମନୋରଞ୍ଜନ ଜେନା, ପ୍ରମୋଦ କୁମାର ଜେନା, ବଙ୍ଗାଳୀ ଚରଣ ବାରିକ, ଚିତ୍ତରଞ୍ଜନ ସାମଲ, ସୁକାନ୍ତ ଜେନା, ସୁରେଶ ଚନ୍ଦ୍ର ରଥ, ପଦ୍ମନାଭ ଜେନା, ଅନିମା ଦଳାଇ, ପ୍ରଫୁଲ୍ଲ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ପ୍ରଦୀପ କୁମାର ମୁଦୁଲୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସଙ୍ଗଠିତ ହୋଇଥିଲା।

# କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




କବାଟବନ୍ଧ,୧୩।୯ (ସମିସ): ଧର୍ମଶାଳା କୃଷକ ମହାସଙ୍ଘ ପକ୍ଷରୁ ସ୍ଥାନୀୟ ଜେନାପୁର ଥାନା ଅଧୀନ ମର୍ଜିତାପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ସମନ୍ୱିତ କୃଷି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଧର୍ମଶାଳା ବ୍ଲକ ଅନ୍ତର୍ଗତ ମର୍ଜିତାପୁର, ମଧୁସୂଦନପୁର, ରାଇଛନ୍ଦା, କବାଟବନ୍ଧ, କାଏମା, ଚୋରମୁହାଁ ଆଦି ବିଭିନ୍ନ ପଞ୍ଚାୟତର ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗ ଦେଇଥିଲେ। ପ୍ରଶିକ୍ଷକ କୃଷି ବିଶ୍ୱବିଦ୍ୟାଳୟ (ଓୟୁଏଟି) ଦ୍ୱାରା ପରିଚାଳିତ ଯାଜପୁର କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ଲଳିତ ମହାନ୍ତି ଏବଂ ଡ. ସୁବ୍ରତ ପାଣିଗ୍ରାହୀଙ୍କ ସହିତ ଧର୍ମଶାଳା ଉଦ୍ୟାନ କୃଷି ବିଭାଗର ନାରଦ ହେମ୍ରମ ଯୋଗ ଦେଇଥିଲେ। ଚାଷୀମାନେ ନିଜ ନିଜର ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଅଧିକାରୀଙ୍କୁ ଅବଗତ କରିଥିଲେ। ଆଧୁନିକ ଜ୍ଞାନକୌଶଳ ମାଧ୍ୟମରେ ବିଭିନ୍ନ କୃଷି ଯନ୍ତ୍ରପାତି ସାହାଯ୍ୟରେ କମ ଖର୍ଚ୍ଚରେ ଅଧିକ ଲାଭବାନ ହେବା, ଚିନାବାଦାମ ସହିତ ବିଭିନ୍ନ ଡାଲି ଜାତୀୟ ଫସଲ ତଥା ବିରି, ମୁଗ ଆଦିର ରୋଗପୋକ ନିୟନ୍ତ୍ରଣ, ଧାନ ଫସଲର ରୋଗପୋକ ନିୟନ୍ତ୍ରଣ, ଘାସ ନିୟନ୍ତ୍ରଣ ଆଦି ସମ୍ବନ୍ଧରେ ପ୍ରଶିକ୍ଷଣ ଦେଇଥିଲେ। ଛତୁ ଚାଷ ପାଇଁ ଚାଷୀଙ୍କୁ ବିଶେଷ ପରାମର୍ଶ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରରେ ମାଟି ପରୀକ୍ଷା କରିବା, ହାଇବ୍ରିଡ ବିହନ ଲଗାଇବା, ଡ୍ରୋନ ମାଧ୍ୟମରେ କୀଟନାଶକ ଔଷଧ ସିଞ୍ଚନ କରିବା ପାଇଁ ପରାମର୍ଶ ଦିଆଯିବା ସହିତ ମାଛ ଚାଷ, କୁକୁଡ଼ା ଚାଷ ଆଦି ସମ୍ବନ୍ଧରେ ମଧ୍ୟ ଟ୍ରେନିଂ ଦିଆଯାଇଥିଲା। ସେହିପରି ଉଦ୍ୟାନ କୃଷି ବିଭାଗ ପକ୍ଷରୁ ରହିଥିବା ବିଭିନ୍ନ ସୁବିଧା ନେବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆ ଯିବା ସହିତ ପିଜୁଳି, ଆମ୍ବ, କାଜୁ, ସଜନା, ଅମୃତଭଣ୍ଡା ଆଦି ଚାଷ ଏବଂ ଏଥିପାଇଁ ରହିଥିବା ବିଭିନ୍ନ ସରକାରୀ ପ୍ରୋତ୍ସାହନ ସମ୍ବନ୍ଧରେ ସୂଚନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ କୃଷକ ମହାସଂଘର ସଭାପତି ସୁବ୍ରତ କୁମାର ମଲ୍ଲିକ, ସମ୍ପାଦକ ମାନସ ସାମଲ, ସହ ସମ୍ପାଦକ ଗିରିଧାରୀ ପ୍ରଧାନ, ଜୋନ ସମ୍ପାଦକ ପ୍ରଦୀପ ମଲ୍ଲିକ, ମର୍ଜିତାପୁର ପଞ୍ଚାୟତ ସରପଞ୍ଚ ସଭ୍ୟ ନିରଞ୍ଜନ ଜେନା, ହରିହର ସ୍ୱାଇଁ, ରମେଶ ରଞ୍ଜନ ଜେନା, ଜୟନ୍ତ କୁମାର ଜେନା, ଗଙ୍ଗାଧର ମଲ୍ଲିକ, ତପନ ବେହେରା, କୈଳାସ ପରିଡ଼ା, ଯୁଗଳ ସାହୁ, ପଞ୍ଚାନନ ସାହୁ, ବିଜୟ ରାଉତ, ଲାଲମୋହନ ମଲ୍ଲିକ, ପ୍ରଭାତ ଜେନା, ଅନନ୍ତ ସେନାପତି, ରାହାସ ଦାଶ, ପ୍ରଶାନ୍ତ ପ୍ରଧାନ, ଜୟଦେବ ମଲ୍ଲିକଙ୍କ ସମେତ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଧର୍ମଶାଳା କୃଷକ ମହାସଂଘ ପକ୍ଷରୁ ଉପଦେଷ୍ଟା ଶ୍ରୀକାନ୍ତ ସାହୁ ଏବଂ ମର୍ଜିତାପୁର ପଞ୍ଚାୟତ ସରପଞ୍ଚ ବିଜୟ କୁମାର ଦାଶଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

JOB OPPORTUNITY
Ev mechanic -3 nos, Experience -3 years
Salary -Rs 8,000/- with Lunch
Service incharge -1 nos, experience- 1year
Salary -Rs 10,000/- With lunch


IF INTRESTED...
SEND YOUR BIODATA & CONTACT WITH
SATYA ENTERPRISES
WARD NO-13, SRIPADGANJ, NEAR SDPO OFFICE,
STATION BAZAR, PALABANI, BARIPADA
Phone No-8144751467, E-Mail:- dealereve@gmail.com

### ହିନସ୍ତାରେ ଦୁର୍ଗାପୁରବାସୀ

# ସେତୁ ସଂଯୋଗ ରାସ୍ତା ନିର୍ମାଣକୁ ନେଇ ଗୋଷ୍ଠୀ ବିବାଦ



**ସୁଜନପୁର, ୧୩।୯ (ସମିସ)**

ଗତ ପ୍ରବଳ ବର୍ଷାରେ ସୁଜନପୁର ପଞ୍ଚାୟତ ଦୁର୍ଗାପୁରକୁ ସଂଯୋଗ କରୁଥିବା ଦୁଧେଇନାଳ ସଂଯୋଗ ରାସ୍ତା ଭାସିଯିବା ପରେ ନିର୍ମାଣକୁ ନେଇ ଏବେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଲାଗି ରହିଛି। ଯାହାଫଳରେ ସଂଯୋଗ ରାସ୍ତା ନିର୍ମାଣ ହୋଇପାରୁନଥିବାରୁ ହିନସ୍ତାରେ ଦୁର୍ଗାପୁରବାସୀ। ସଂଯୋଗ ରାସ୍ତା ନଥିବାରୁ ଛାତ୍ରଛାତ୍ରୀ ସ୍କୁଲ, କଲେଜକୁ ଯାଇପାରୁନଥିବା ବେଳେ ରୋଗୀ ସେବା ବ୍ୟାହତ ଘଟିଛି। ଏ ନେଇ ଦୁର୍ଗାପୁରବାସୀ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତଥାପି କୌଣସି ସୁଫଳ ମିଳିନାହିଁ। ଏପରିକି ଗ୍ରାମବାସୀ ଯାଜପୁର ସଦର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏହି ସଂଯୋଗ ରାସ୍ତା ନିର୍ମାଣ କରିବାକୁ ନେଇ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଲାଗି ରହିବା ଦ୍ୱାରା ନିର୍ମାଣ କାର୍ଯ୍ୟ ଠପ୍ ହୋଇଯାଇଛି। ବର୍ଷା ଛାଡ଼ିବା ପରେ ବରୀ ବିଧାୟକ ବିଶ୍ୱ ରଞ୍ଜନ ମଲ୍ଲିକ ଘଟଣାସ୍ଥଳ ପରିଦର୍ଶନ କରିବା ସହ ତିନି ଦିନ ଭିତରେ ସଂଯୋଗ ରାସ୍ତା ନିର୍ମାଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ଡ୍ରେନେଜ୍ ଡିଭିଜନର ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ଉପସ୍ଥିତ ଥିଲେ। ତିନିଦିନ ଭିତରେ ସଂଯୋଗ ରାସ୍ତା ଶେଷ କରିବା ନେଇ ବିଭାଗୀୟ ଯନ୍ତ୍ରୀ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ହେଲେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଯୋଗୁଁ ନିର୍ମାଣ କାମ ହୋଇପାରୁନାହିଁ। ଯାହାଫଳରେ ହିନସ୍ତା ଭୋଗୁଛନ୍ତି ଦୁର୍ଗାପୁରବାସୀ। ବଜାରକୁ ଆସିବାକୁ ହେଲେ ପାଖାପାଖି ୫ କିମି ବୁଲି ଯିବାକୁ ପଡୁଛି। ରାସ୍ତା ଭଲ ନ ଥିବାରୁ ଲୋକେ ନାହିଁ ନଥିବାର ହଇରାଣ ହେଉଛନ୍ତି। ଏପରିକି ଯେଉଁ ରାସ୍ତାରେ ବାଇକ ଯିବା କଷ୍ଟକର ସେହି ରାସ୍ତାରେ ଚାରିଚକିଆ ଯାନ ଯିବା କେତେ ସମ୍ଭବ ତାହା ସାଧାରଣରେ ଅନୁମେୟ। ରାସ୍ତା ଭଲ ନଥିବାରୁ ଆମ୍ବୁଲାନ୍ସ ରୋଗୀ ଆଣିବାକୁ ଯାଇପାରୁନାହିଁ। ଏହା ମଧ୍ୟରେ ସଂଯୋଗ ରାସ୍ତା ନିର୍ମାଣକୁ ନେଇ ଉପୁଜିଥିବା ବିବାଦ ଯୋଗୁଁ ନିର୍ମାଣ ହୋଇପାରୁନାହିଁ। ଛାତ୍ରଛାତ୍ରୀ ଦୀର୍ଘ ଦିନ ହେବ ସ୍କୁଲ, କଲେଜକୁ ଯାଇପାରୁନାହାଁନ୍ତି। କହିବାକୁ ଗଲେ ବନ୍ଦୀ ଜୀବନ ବିତାଉଛନ୍ତି ଦୁର୍ଗାପୁରବାସୀ। ରାଜ୍ୟ ସରକାର ଲୋକଙ୍କ ସୁବିଧା ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ଗମନାଗମନ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା କିପରି ଲୋକଙ୍କ ପାଖରେ ପହଞ୍ଚି ପାରିବ ସେଥିନେଇ ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ରାଜନୈତିକ ଛକା ପଞ୍ଝା ଭିତରେ ପେଶି ହୋଇଯାଉଛନ୍ତି ଦୁର୍ଗାପୁରବାସୀ। ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦୁର୍ଗାପୁରବାସୀ ନିବେଦନ କରିଛନ୍ତି।

# ୧୭ ରୁ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଚାଲିବ ସୁସ୍ଥ ନାରୀ ଓ ସଶକ୍ତ ପରିବାର ଅଭିଯାନ

**ଯାଜପୁର, ୧୩।୯ (ସମିସ):** ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ବିଭାଗକୁ ନେଇ ସୁସ୍ଥ ନାରୀ ଓ ସଶକ୍ତ ପରିବାର ଅଭିଯାନ ସମ୍ପର୍କିତ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ଗୋକୁଳାନନ୍ଦ ମଲ୍ଲିକ ଏହି ଅଭିଯାନର ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ ସମସ୍ତ ଅଧିକାରୀ ମାନଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମ ଚଳିତ ସେପ୍ଟେମ୍ବର ୧୭ତାରିଖରୁ ଆରମ୍ଭ ହୋଇ ଅକ୍ଟୋବର ୨ତାରିଖ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଚାଲିବ। ଏଥିରେ ମୁଖ୍ୟତଃ ଗ୍ରାମ୍ୟସ୍ତରରୁ ଜିଲ୍ଲାସ୍ତର ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଯଥା ଅଣସଂକ୍ରାମକ ରୋଗ ଚିହ୍ନଟକରଣ, ଟିବି ରୋଗର ପରୀକ୍ଷା, ମା'ମାନଙ୍କର ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା ଯଥା-ଅଣସଂକ୍ରାମକ ରୋଗର ଚିହ୍ନଟ କରଣ, ଟିଭି ରୋଗର ପରୀକ୍ଷା, ଟିକାକରଣ, ବିଭିନ୍ନ ପ୍ରକାର କର୍କଟ ରୋଗ, ସିକିଲ ସେଲ୍‌ଫ ଓ ଥାଲାସେମିଆ ଇତ୍ୟାଦି




ରୋଗର ପରୀକ୍ଷା, ଗର୍ଭବତୀ ମା'ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ବିଭିନ୍ନ ସଚେତନଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବିଭିନ୍ନ ବିଭାଗର ସମନ୍ୱୟ ସହିତ ସମାଜର ସବୁ ବର୍ଗର ଲୋକଙ୍କୁ ଏଥିରେ ସାମିଲ କରାଯାଇ ବ୍ୟାପକ ସଚେତନତା ସୃଷ୍ଟି କରି ମହିଳାମାନଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଅଧିକରୁ ଅଧିକ ସଂଖ୍ୟକ ମହିଳା ଓ ମା' ମାନଙ୍କ ଅଂଶ ଗ୍ରହଣ ପାଇଁ ପଦକ୍ଷେପ ନିଆଯିବ। ଏଥି ସହିତ ଏହି ଅଭିଯାନ ସମୟରେ ପିଏଚ୍‌ସି, ସିଏଚ୍‌ସି, ଡିଏଚ୍‌ଏଚ ଓ ଅନ୍ୟାନ୍ୟ ସବସେଣ୍ଟର ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ସ୍ୱାସ୍ଥ୍ୟପରୀକ୍ଷା କରାଯିବ। ବିଦ୍ୟାଳୟ ସ୍ତରରେ ମୋବାଇଲ ହେଲଥ ୟୁନିଟ ମାଧ୍ୟମରେ ପିଲାମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ବର୍ତ୍ତମାନ ଡାଇବେଟିସ ଅଧିକ ଲୋକଙ୍କୁ ହେଉଥିବାରୁ ଚିନି ଓ ତେଲ କମ ଖାଇବା ଏବଂ ଯୋଗ, ବ୍ୟାୟାମ ଅଭ୍ୟାସ କରିବାକୁ ଅଧିକ ସଚେତନତା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ମହାରାଜା ଯଯାତିକେଶରୀ ଭେଷଜ ମହାବିଦ୍ୟାଳୟର ଡିନ ତଥା ଅଧ୍ୟକ୍ଷ ଡା. ସୀତାରାମ ମହାପାତ୍ର ଏହି କାର୍ଯ୍ୟକ୍ରମକୁ କିଭଳି ସଫଳତାର ସହ ଜିଲ୍ଲାରେ କରାଯିବ ସେଥିଲାଗି ସମସ୍ତ ସ୍ୱାସ୍ଥ୍ୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଡିପିଏମ୍ ବିଶ୍ୱରଞ୍ଜନ ରଥ ଯୋଗଦେଇ କହିଲେ ଆସନ୍ତା ଅକ୍ଟୋବର ମାସ ୧୨, ୧୩ ଓ ୧୪ ତାରିଖରେ ଜିଲ୍ଲାର ୧.୮୫ ଲକ୍ଷ ଜନ୍ମରୁ ୫ ବର୍ଷର ଶିଶୁଙ୍କୁ ପଲସ ପୋଲିଓ ବୁନ୍ଦା ପ୍ରଦାନ କରାଯିବ। ଅନ୍ୟ ମାନଙ୍କ ମଧ୍ୟରେ, ଅତରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଯୁଧିଷ୍ଠିର ନାଏକ, ମେଡିକାଲ ସୁପାରିଟେଣ୍ଡେଣ୍ଟ ଡା.ମନୋରମା ସ୍ୱାଇଁ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରମେଶ ଚନ୍ଦ୍ର ମଲ୍ଲିକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ପାର୍ବତୀ ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସକ, ଘରୋଇ ଚିକିତ୍ସାଳୟର ଚିକିତ୍ସକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ପଞ୍ଚାୟତ ଏଡିଇଓଙ୍କୁ ଆକ୍ରମଣ

## ଥାନାରେ ଲିଖିତ ଅଭିଯୋଗ

**ଦଶରଥପୁର, ୧୩।୯ (ସମିସ):** ଦଶରଥପୁର ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ ପଞ୍ଚାୟତ ଏଡିଇଓଙ୍କୁ କାର୍ଯ୍ୟକ୍ଷେତ୍ରରେ ଆକ୍ରମଣ ହୋଇଥିବା ସମ୍ପୃକ୍ତ ଏଡିଇଓ ଦଶରଥପୁର ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଦଶରଥପୁର ବ୍ଲକ ଦୁଦୁରାଅନ୍ତା ପଞ୍ଚାୟତରେ କାର୍ଯ୍ୟରତ ଏଡିଇଓ ବାଲାଜୀ ମହନ୍ତ ସାହୁ ଗତ ଶୁକ୍ରବାର କେନ୍ଦ୍ର ସରକାରଙ୍କ ଯୋଜନାରେ ହେବାକୁ ଥିବା ବୃକ୍ଷରୋପଣ ପାଇଁ ଆବଶ୍ୟକ ଜାଗା ଚିହ୍ନଟ ଉଦ୍ଦେଶ୍ୟରେ ଅର୍ଦ୍ଦାଉଲିଆ ଠାରେ ଫଟୋ ଉତ୍ତୋଳନ କରୁଥିବା ସମୟରେ ସ୍ଥାନୀୟ ଅଞ୍ଚଳର ବାବୁ ବିଶ୍ୱାଳ ନାମକ ଜଣେ ଯୁବକ ସେଠାରେ ପହଞ୍ଚି ହଠାତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଏଠାରେ କ'ଣ ପାଇଁ ଫୋଟୋ ଉଠାଉଛୁ କହି ଏଡିଇଓ ବାଲାଜୀ ମହନ୍ତଙ୍କୁ ଗୋଇଠା, ବିଧା, ଚାପୁଡ଼ା ମାରିଥିଲା। କିଛି ଗାଁ ଲୋକ ଦୌଡ଼ି ଆସିବାରୁ ବାବୁ ସେଠାରୁ ଦୌଡ଼ି ପଳେଇଥିଲା। ବିଡ଼ିଓ ଅନୁପସ୍ଥିତିରେ ଏଡିଇଓ ଶ୍ରୀ ସାହୁ ଏବିଡିଓ ତ୍ରିଲୋଚନ ସେଠୀଙ୍କ ପରାମର୍ଶ କ୍ରମେ ଏ ସମ୍ପର୍କରେ ଦଶରଥପୁର ଥାନାରେ ଏକ ଲିଖିତ ଅଭିଯୋଗ କରି ବାବୁଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରଥିବା ଜଣାଯାଇଛି।

## କଳାକାରଙ୍କ ପରଲୋକ



**ଦଶରଥପୁର, ୧୩।୯ (ସମିସ):** ଦଶରଥପୁର ବ୍ଲକ ଅନ୍ତର୍ଗତ ଅସନପୁର ପଞ୍ଚାୟତ ଡାହାଣହତା ଗ୍ରାମର ବାସୁଦେବ ଜେନା (୮୪)ଙ୍କ ପରଲୋକ ହୋଇଯାଇଛି। ସେ ଚାକିରିରୁ ଅବସର ନେବା ପରେ ସଙ୍ଗୀତ ସହ ହାରମନିୟମ, ସୀତାର ଆଦି ଶିକ୍ଷା ଦେବା ସହ ଅଞ୍ଚଳରେ ସାମାଜିକ କାର୍ଯ୍ୟ ସହିତ ଏକ ମହାଦେବ ମନ୍ଦିର ନିର୍ମାଣରେ ମୁଖ୍ୟ ପୁରୋଧା ସାଜିଥିଲେ। ଭୁବନେଶ୍ୱରସ୍ଥ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଥିବା ଜଣାଯାଇଛି। ମୃତ୍ୟୁ ସମୟରେ ପୁଅ ସୁନୀଲ କୁମାର ଜେନା, ସୁରେଶ ଚନ୍ଦ୍ର ଜେନା, ସୁବ୍ରତ କୁମାର ଜେନା ଉପସ୍ଥିତ ଥିଲେ। ମରଶରୀରକୁ ଏକ ଶୋଭଯାତ୍ରାରେ ଗ୍ରାମ ପରିକ୍ରମା କରିବା ପରେ ଗାଁ ମଶାଣିରେ ଶେଷକୃତ୍ୟ ସମାପନ କରାଯାଇଛି।

## ଅଧ୍ୟାପକ କର୍ମଚାରୀଙ୍କ ଆନ୍ଦୋଳନ ଜାରି

**ସିଂହପୁର, ୧୩।୯ (ସମିସ):** ରାଜ୍ୟ ସଂଘ ଡାକରାରେ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ସ୍ଥିତ ଖରସ୍ରୋତା ମହାବିଦ୍ୟାଳୟର ଅଧ୍ୟାପକ, କର୍ମଚାରୀ ମାନେ ୨୮ ଦିନ ହେଲା ମହାବିଦ୍ୟାଳୟ ପ୍ରାଙ୍ଗଣରେ ବସିଛନ୍ତି। ଅନୁଦାନ ଦାବିରେ ସରକାରଙ୍କ ଟାଳଟୁଳ ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି କାର୍ଯ୍ୟବନ୍ଦ ଆନ୍ଦୋଳନ ଦୀର୍ଘ ୨୮ ଦିନରେ ପହଞ୍ଚିଛି। ସରକାର ତୁରନ୍ତ ଆନ୍ଦୋଳନକାରୀଙ୍କ ଦାବି ପୂରଣ କରିବାକୁ ଅଡ଼ି ବସିଛନ୍ତି। ଏହି ଆନ୍ଦୋଳନରେ ସତ୍ୟନାରାୟଣ ଗୁପ୍ତା, ରାଜେଶ ପୃଷ୍ଟି, ବିଶ୍ୱଜିତ୍ ସାମଲ ସୁଚିସ୍ମିତା ନାୟକ, ନୀଳମଣି ମଲ୍ଲିକ, ଅର୍ପିତା ସ୍ୱାଇଁ, ଜ୍ୟୋତିପ୍ରଭା ମହାନ୍ତି, ତାପସ ଓଝା, ଚନ୍ଦନ ପତି, ଶରତ ରାଉଳ, ରୋଜାଲିନ କୁଅାଁର, ଜୟନ୍ତୀ ପଣ୍ଡା, ବିଶ୍ୱଜିତ୍ ମଲିକ, ଯୋଗେନ୍ଦ୍ର ସୂତାର, ଜ୍ଞାନରଞ୍ଜନ ଦାସ, ସତ୍ୟରଞ୍ଜନ ନାୟକ, ସନ୍ତୋଷ ମଲ୍ଲିକ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

## କଂଗ୍ରେସ ପକ୍ଷରୁ ସଂଗଠନ ସୃଜନ ଅଭିଯାନ

**ବିଞ୍ଝାରପୁର, ୧୩।୯ (ସମିସ):** ବିଞ୍ଝାରପୁର ବ୍ଲକ କଲ୍ୟାଣମଣ୍ଡପ ଠାରେ କଂଗ୍ରେସର ସୃଜନ ସଂଗଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ବରିଷ୍ଠ କଂଗ୍ରେସ ନେତା ବିଦ୍ୟାଧର ମହାନ୍ତି, ପୂର୍ବତନ ଜିଲ୍ଲା ସଭାପତି ଶ୍ରୀନାଥ ମିଶ୍ର, ଜିଲ୍ଲା ସମ୍ପାଦକ ସନ୍ତୋଷ ନନ୍ଦ, ଯାଜପୁରର ସୁଦୀପ୍ତ କର, ଧର୍ମଶାଳାର କିଷାନ ପଣ୍ଡା, ସନ୍ତୋଷ ବଳ, ବିଶ୍ୱରଞ୍ଜନ ସାମଲ, ଦଳିତ ନେତା ମାଗୁଣି ଯେନା, ଅଭିନ୍ନ ମଲିକ, ଗଣେଶ ଦାସ, ମହିଳା ନେତ୍ରୀ କନକଲତା ମଲିକ, ଆବୁ ସମା ପ୍ରମୁଖ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାରୀନେତ୍ରୀ ବନ୍ଦିତା ପରିଡ଼ା, ମନୋଜ ରାଉତ, ପଦ୍ମକର ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକୀର୍ତ୍ତନ କଳା ପରିଷଦର ଆଲୋଚନାଚକ୍ର

**ବରୀ, ୧୩।୯ (ସମିସ):** ଜୟ ଜଗନ୍ନାଥ ବ୍ଲକ ସଂକୀର୍ତ୍ତନ କଳା ପରିଷଦ, ବରୀର ବ୍ଲକସ୍ତରୀୟ ଆଲୋଚନାଚକ୍ର ନୀଳମଣି ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ବ୍ଲକ କାର୍ଯ୍ୟାଳୟ ନିକଟରେ ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଉକ୍ତ ବୈଠକରେ କଳାକାରମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇ ଥିଲା। ପରିଷଦର ସମ୍ପାଦକ ନଟବର ମହାନ୍ତି ପ୍ରକାଶ କରିଥିଲେ ଯେ



ଆସନ୍ତା ବଜେଟ ଅଧିବେଶନରେ କଳାକାରମାନଙ୍କ ପାଇଁ ବହୁ ସଂଖ୍ୟାରେ ଭତ୍ତା ମଞ୍ଜୁର କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯିବ। ନୂତନ କଳାକାରମାନଙ୍କୁ ସିଟିଏମଏସ ଯୋଜନାରେ ଅନ୍ତର୍ଭୁକ୍ତ କରିବା ଏବଂ ଭାଗବତ ଟୁଙ୍ଗି ଗୁଡ଼ିକର ପୁନରୁଦ୍ଧାର କରାଯିବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ଦେବକୁ ସ୍ଥିର କରାଯାଇଛି। ପରିଷଦର ଆଗାମୀ ବୈଠକ ଚଳିତ ମାସ ୧୭ ତାରିଖରେ ହେବାକୁ ସ୍ଥିର କରାଯାଇଛି। ବୈଠକରେ ବରିଷ୍ଠ କଳାକାର ଚକ୍ରଧର ସାମଲ, ନିତ୍ୟାନନ୍ଦ ସ୍ୱାନ୍ତି, ଅନାଦି ଜେନା, ନାରାୟଣ ରାଉତ, ଆର୍ତ୍ତ ଚରଣ ଦାସ ପ୍ରମୁଖ ଉପସ୍ଥିତ ଥିବାବେଳେ ବ୍ଲକ ସଂଯୋଜାକ

# ୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ




ରାଷ୍ଟ୍ରୀୟ ଲୋକ ଅଦାଲତ

**ଯାଜପୁର, ୧୩।୯ (ସମିସ):** ଯାଜପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଅଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଭିନ୍ନ ପ୍ରକାରର ମୋଟ ୬୫୦୯ ଗୋଟି ମକଦ୍ଦମା ଫଇସଲା ହୋଇଛି। ସେଥିମଧ୍ୟରୁ ୭୩୬ ଗୋଟି ଫୌଜଦାରୀ, ୨୩ ଗୋଟି ମଟର ଦୁର୍ଘଟଣା ଜନିତ ମାମଲା, ୧୦୬ ଗୋଟି ଦେୱାନୀ, ୨୧ ଗୋଟି ପାରିବାରିକ କଳହ ମକଦ୍ଦମା ଏବଂ ରାଜସ୍ୱ ବିଭାଗର ୫୪୯୪ଟି ରାଜସ୍ୱ ମାମଲା ଫଇସଲା କରାଯାଇ ମୋଟ ୪ କୋଟି ୧୫ ଲକ୍ଷ ୬୯, ୩୫୦ ଟଙ୍କା ଆଦାୟ କରାଯାଇଛି। ଏତଦ୍‌ବ୍ୟତୀତ ଏହି ଲୋକ ଅଦାଲତରେ ବିଭିନ୍ନ ବ୍ୟାଙ୍କର ମୋଟ ୬୧ ଗୋଟି, ବିଦ୍ୟୁତ ବିଭାଗର ୬୩ ଗୋଟି, ସ୍ଥାୟୀ ଲୋକ ଅଦାଲତର ୨ ଗୋଟି ଏବଂ ୩ ଗୋଟି ଟେଲିଫୋନ ସମ୍ବନ୍ଧୀୟ ପ୍ରାକ ବିଚାରାଧୀନ ମାମଲା ଫଇସଲା କରାଯାଇ ମୋଟ ୩୪ ଲକ୍ଷ ୫୦ ହଜାର ୩୨୦ ଟଙ୍କା ମଧ୍ୟ ଆଦାୟ କରାଯାଇଛି।

ଏହି ରାଷ୍ଟ୍ରୀୟ ଲୋକ ଅଦାଲତକୁ ଜିଲ୍ଲା ଓ ଦୌରାଜଜ ତଥା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀଯୁକ୍ତ ଅମୃତ ରଞ୍ଜନ ନନ୍ଦ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଲିପା ମହାନ୍ତି ପରିଚାଳନା କରିଥିଲେ। ଏହି ରାଷ୍ଟ୍ରୀୟ ଅଦାଲତରେ ଯାଜପୁର ଜିଲ୍ଲାର ପରିବାର ଅଦାଲତର ବିଚାରପତି ଗୁଣ୍ଡିଚା ସାମନ୍ତସିଂହାର, ଅତିରିକ୍ତ ଜିଲ୍ଲା ଜଜ୍ ବିଶେଶ୍ୱର ବିଶ୍ୱପ୍ରକାଶ ରାୟ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସର୍ବେଶ୍ୱର ଦାସ, ବରିଷ୍ଠ ଦେୱାନୀ ବିଚାରପତି ସତ୍ୟପ୍ରକାଶ ରାୟ ଚୌଧରୀ, ବରିଷ୍ଠ ଦେୱାନୀ ବିଚାରପତି (ଏଲ୍‌ଆର ଏବଂ ଏଲ୍‌ଟିଭି) ଲୋପାମୁଦ୍ରା ବେହେରା, ଏସ୍‌ଡିଜେଏମ୍ ସୁମିତ୍ରା ବିଶ୍ୱାଳ, ଦେୱାନୀ ବିଚାରପତି, ଶ୍ରୀମତୀ ସୁନିତା ବିଶ୍ୱାଳ, ଜେଏମ୍‌ଏଫ୍‌ସି. (ଏଇଆର୍‌ଆଣ୍ଡ ଏଲ୍‌ଟିଭି) ଅଂଶୁମାନ ରଥ, ଜେଏମ୍‌ଏଫ୍‌ସି ବୀଣାପାଣି ତାଣ୍ଡି ଅଂଶ ଗ୍ରହଣ କରି ବିଭିନ୍ନ ମକଦ୍ଦମା ଗୁଡ଼ିକ ଫଇସଲା କରିଥିଲେ। ଏହି ଲୋକ ଅଦାଲତରେ ଜିଲ୍ଲା ଓ ଦୌରାଜଜ ତଥା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀଯୁକ୍ତ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶକ୍ରମେ ଯାଜପୁର ଜିଲ୍ଲା କାରାଗାର ତରଫରୁ ଏକ ଷ୍ଟଲ୍ ଖୋଲାଯାଇ ସେଥିରେ କାରାଗାର ଅନ୍ତେବାସୀ ମାନଙ୍କ ଦ୍ୱାରା ତିଆରି କରାଯାଇଥିବା ଫିନାଇଲ୍ ଏବଂ ଜୈବିକ ଖତ ବିକ୍ରୟ କରାଯାଇଥିଲା।

### ଗଣେଶ ଭସାଣିରେ ଗଣ୍ଡଗୋଳ ଘଟଣା

# କାର୍ଯ୍ୟାନୁଷ୍ଠାନ ନେଉନି ପୁଲିସ

### ଏସ୍‌ପିଙ୍କ ନିକଟରେ ଅଭିଯୋଗ

**ଦଶରଥପୁର, ୧୩।୯ (ସମିସ):** ଗଣେଶ ଭସାଣିରେ ଗଣ୍ଡଗୋଳ ଘଟଣା। ସମାଧାନ କରିବାକୁ ଯାଇଥିବା ଯୁବକ ଦୁର୍ବୃତ୍ତଙ୍କ ଆକ୍ରମଣରେ ଗୁରୁତର। ଥାନାରେ ଅଭିଯୋଗ ସତ୍ତ୍ୱେ ପୁଲିସ ଆକ୍ରମଣକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେଉ ନଥିବା ଯୋଗୁଁ ଗୁରୁତର ଯୁବକ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଅଭିଯୋଗ କରିଥିବା ଜଣାଯାଇଛି। ଅଭିଯୋଗ ମୁତାବକ ଚଳିତ ମାସ ୯ ତାରିଖରେ ଦଶରଥପୁର ଥାନା ବିରୁହାଁ ଅଞ୍ଚଳ ଯେନା ସାହିରେ ଗଣେଶ ଭସାଣି ହେଉଥିବା ସମୟରେ କୌଣସି କାରଣକୁ ନେଇ ଭସାଣିରେ କିଛି ପିଲାଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ଯେଉଁଥିରେ କିଛି ଛୋଟ ପିଲା ଖଣ୍ଡିଆ ଖାବରା ହୋଇଥିଲେ। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳର ଯୁବକ ମୋହନ ଯେନା(୩୯) ସାହିର ମୁରବୀ ଶ୍ରେଣୀର ବ୍ୟକ୍ତି ଦିବାକର ଯେନାଙ୍କ ସହ କଥା ହେଉଥିବା ବେଳେ ହଠାତ ଦିବାକରଙ୍କ ସମ୍ପର୍କୀୟ ମନୋରଞ୍ଜନ ଯେନା, ବିଶ୍ୱନାଥ ଯେନା, ଅଧିକାରୀ ଯେନା, ମଧୁସୂଦନ ଯେନା, ସୁମନ ଯେନା, ଶ୍ୟାମସୁନ୍ଦର ଯେନା ଇତ୍ୟାଦି ସଂଘବଦ୍ଧ ହୋଇ ମୋହନଙ୍କୁ ବାଉଁଶ କିଲାରେ ବାଡେଇଥିଲେ। ଫଳରେ ମୋହନ ନିଜ ଜୀବନ ବଞ୍ଚାଇବାକୁ ଘରପାର୍ଶ୍ୱ ରାସ୍ତାରେ ଦୌଡିବାରୁ ଦୁର୍ବୃତ୍ତମାନେ ତାଙ୍କୁ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିବାରୁ ତାଙ୍କ ଡାହାଣ ହାତ ଭାଙ୍ଗି ଯିବା ସହିତ ଶରୀରର ବିଭିନ୍ନ ଅଙ୍ଗରେ ଗୁରୁତର ଆଘାତ ଲାଗିଥିଲା। ପଡୋଶୀଙ୍କ ସହାୟତାରେ



ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୋହନ ଚିକିତ୍ସିତ ହୋଇ ଦଶରଥପୁର ଥାନାରେ ସେହିଦିନ ରାତିରେ ଲିଖିତ ଅଭିଯୋଗ କରି ଅଭିଯୁକ୍ତଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଗୁହାରୀ କରିଥିଲେ। ତେବେ ଅଭିଯୋଗକୁ ଇତିମଧ୍ୟରେ ୧୨ ଦିନ ବିତିଯାଇଥିଲେ ହେଁ ପୁଲିସ ଅଭିଯୁକ୍ତଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଦୁର୍ବୃର୍ତ୍ତଙ୍କୁ ସୁରକ୍ଷା ଦେଉଥିବା ମୋହନ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ମୋହନ ଆଜି ପାଣିକୋଇଲି ସ୍ଥିତ ଜିଲ୍ଲା ଏସପିଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦଶରଥପୁର ଥାନା ପୁଲିସର ଏତାଦୃଶ ଅବହେଳାକୁ ନେଇ ଲିଖିତ ଅଭିଯୋଗ କରିବା ସହିତ ଦଶରଥପୁର ଥାନାଧିକାରୀଙ୍କୁ ଅଭିଯୁକ୍ତଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ନିର୍ଦ୍ଦେଶ ଦେବାକୁ ନିବେଦନ କରିଛନ୍ତି।

### ଡ୍ରାଇଭରଙ୍କ ଅମାନବୀୟ କାଣ୍ଡ

## ଗାଡ଼ି ଚଢ଼ାଇ ଗାଈକୁ ମାରିଦେଲେ

**କବାଟବନ୍ଧ, ୧୩।୯ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ଚକ୍ରଧରପୁର ପଞ୍ଚାୟତ ମୁକୁନ୍ଦପୁର ଗ୍ରାମରେ ଗାଡ଼ି ଚଢ଼ାଇ ଦେଇ ଏକ ଗାଈକୁ ମାରିଦେବାର ହୃଦୟ ବିଦାରକ ଦୃଶ୍ୟ ସିସିଟିଭିରେ କଏଦ ହୋଇଥିବା ଜଣାପଡ଼ିଛି। ଯାହାକୁ ନେଇ ସ୍ଥାନୀୟ ଜନସାଧାରଣ ଏବଂ ବିଭିନ୍ନ ଗୋସୁରକ୍ଷା ସଙ୍ଗଠନ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଏନେଇ ଜେନାପୁର ଥାନାରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ ଶୁକ୍ରବାର ରାତି ପ୍ରାୟ ୧୨ଟା ବେଳେ ମୁକୁନ୍ଦପୁର ଗ୍ରାମର ସନା ସାହୁଙ୍କ ପୁଅ ରାମଚନ୍ଦ୍ର ସାହୁ ନିଜେ ଚଳାଉଥିବା ଏକ ଟ୍ରକକୁ ନମ୍ବର ଓଆର ୧୫କ୍ୟୁ ୭୫୭୪ ନେଇ ଗାଁକୁ ଯାଉଥିଲେ। ଯିବା ସମୟରେ ରାସ୍ତା ମଝିରେ ଏକ ଗାଈ ଶୋଇଥିବା ଦେଖିବାକୁ ପାଇଥିଲେ। ସେଠାରେ ଗାଡ଼ି ରଖି ହର୍ଣ୍ଣ ବଜାଇବା ସହିତ ଗାଈକୁ ଘଉଡାଇବା ପାଇଁ ଚେଷ୍ଟା କରିଥିଲେ ଏବଂ ରାଗି ଯାଇ ଗାଈ ଉପରେ ଗାଡ଼ି ଚଢ଼ାଇ ଦେଇଥିଲେ। ସକାଳୁ ଗ୍ରାମବାସୀ ଗାଈ ମରି ପଡ଼ିଥିବା ଦେଖିଥିଲେ। ଏହା ସେହି ମୁକୁନ୍ଦପୁର ଗ୍ରାମର ନଗେନ୍ଦ୍ର ଜେନାଙ୍କ ପୁଅ ଦିଲ୍ଲୀପ ଜେନାଙ୍କ ଗାଈ ବୋଲି ଜଣାପଡ଼ିଥିଲା। ଲୋକଙ୍କ ସହଯୋଗରେ ଗାଈଟିକୁ ମାଟି ଖୋଳି ପୋତି ଦେଇ ସତ୍କାର କରି ଦେଇଥିଲେ। ଏହା ପରେ ଏନେଇ ଗାଈର ମାଲିକ ଦିଲ୍ଲୀପ ଜେନା ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଜେନାପୁର ଥାନା କେସ ନମ୍ବର ୩୨୪/୨୫ରେ ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ଧର୍ମଶାଳା ଗୋଷ୍ଠୀ ପ୍ରାଣୀ ଚିକିତ୍ସକଙ୍କୁ ଖବର ଦେଇଥିଲେ। ବ୍ୟବଚ୍ଛେଦ ପାଇଁ ଗାଈର ମୃତଦେହକୁ ଗହଣା ପୋଲ ନିକଟରେ ପୋତି ଦିଆଯାଇଥିବା ସ୍ଥାନରୁ ଏକ ଜେସିବି ମେସିନରେ ଖୋଳି ବାହାର କରିଥିଲେ। ସନ୍ଧ୍ୟାରେ ଧର୍ମଶାଳା ପ୍ରାଣୀଧନ ଚିକିତ୍ସକ ଡାକ୍ତର ସାଇସ୍ୱରୂପ ନନ୍ଦ, ଆଟେଣ୍ଡାଣ୍ଟ ଅମୂଲ୍ୟ ସ୍ୱାଇଁ, ଜେନାପୁର ପ୍ରାଣୀଧନ ନିରୀକ୍ଷକ ବସନ୍ତ କୁମାର ସାହୁ ପ୍ରମୁଖ ବ୍ୟବଚ୍ଛେଦ କରିଥିଲେ। ଘଟଣା ସ୍ଥଳରେ ଜେନାପୁର ପୁଲିସ ଉପସ୍ଥିତ ଥିଲେ। ଏନେଇ ଅଧିକ ତଦନ୍ତ ଜାରି ରହିଥିବା ଜେନାପୁର ପୁଲିସ ସୂଚନା ଦେଇଛି।

### ବଡ଼ଚଣା ଅର୍ଥ; ମାହାଙ୍ଗାରେ ଖର୍ଚ୍ଚ

# ନଳକୂପ ଖୋଳାକୁ ନେଇ ସୀମା ବିବାଦ

**କୁନ୍ଦଳ, ୧୩।୯ (ସମିସ)**

ଗୋଟିଏ ନଳକୂପ ଖୋଳା ହେବାକୁ ନେଇ ଦୁଇ ଗୋଟି ଜିଲ୍ଲା ମଧ୍ୟରେ ବିବାଦ ଉପୁଜିଛି। ଗୋଟିଏ ପଞ୍ଚାୟତ ଯାଜପୁର ଜିଲ୍ଲାର ବଡ଼ଚଣା ବ୍ଲକରେ ହୋଇଥିବା ବେଳେ ଅନ୍ୟ ପଞ୍ଚାୟତ କଟକ ଜିଲ୍ଲାର ମାହାଙ୍ଗା ବ୍ଲକରେ। ଉଭୟ ବ୍ଲକ ପରସ୍ପରକୁ ଲାଗିରହିଥିଲା ବେଳେ ନଳକୂପ ଖୋଳିବାକୁ ନେଇ ସୀମା ବିବାଦ ଦେଖାଦେଇଛି। ମାହାଙ୍ଗା ବ୍ଲକ ଲଳିତଗିରି ପଞ୍ଚାୟତକୁ ଲାଗି ବଡ଼ଚଣା ବ୍ଲକ ନଳୀପୁର ଗ୍ରାମପଞ୍ଚାୟତ ରହିଛି। କିନ୍ତୁ ଜମିଜମା ବାବଦରେ ଲଳିତଗିରି ପଞ୍ଚାୟତବାସୀଙ୍କ ପକ୍ଷରୁ ଆପତ୍ତି ଉଠିଛି। ଯେଉଁଠି ପୂର୍ବରୁ କଟକ ଜିଲ୍ଲାର ସରକାରୀ ଅନୁଦାନ ଖର୍ଚ୍ଚ ହୋଇ ସ୍ଥାୟୀ କାର୍ଯ୍ୟ ନିର୍ମାଣ କରାଯାଇଛି ସେଠାରେ କିପରି ଯାଜପୁର ଜିଲ୍ଲାର ସରକାରୀ ଅନୁଦାନ ଖର୍ଚ୍ଚ ହେବ। ଅର୍ଥାତ୍ ବଡ଼ଚଣା ବ୍ଲକ ନଳୀପୁର ପଞ୍ଚାୟତର ଟଙ୍କା ମାହାଙ୍ଗା ବ୍ଲକ ଲଳିତଗିରି ପଞ୍ଚାୟତରେ ଖର୍ଚ୍ଚ କରାଯାଉଛି। ଯାହା କି ନବ୍ଲକ ଓ ଜିଲ୍ଲା ଭିନ୍ନ ଭିନ୍ନ ଅଟେ। କିପରି ଗୋଟିଏ ଜିଲ୍ଲାର ସରକାରୀ ଅନୁଦାନ ଅନ୍ୟ ଗୋଟିଏ ଜିଲ୍ଲାରେ ଖର୍ଚ୍ଚ କରାଯାଉଛି ତାହା ସମସ୍ତଙ୍କୁ ଚକିତ କରିଛି। ଯେହେତୁ ଉଭୟ ଜିଲ୍ଲାର ସୀମାନ୍ତବର୍ତ୍ତି ଅଞ୍ଚଳର ହେଉଛି ସେଥିପାଇଁ କିଛି ଲୋକ ଉକ୍ତ ସ୍ଥାନକୁ ମାହାଙ୍ଗା ବ୍ଲକର କହୁଥିବା ବେଳେ କିଛି ଲୋକ ବଡ଼ଚଣା ବ୍ଲକର ବୋଲି ଦାବି କରୁଛନ୍ତି। ତେବେ ପୂର୍ବରୁ ଉକ୍ତ ଅଞ୍ଚଳରେ ୧୦୦ ଫୁଟ ଭିତରେ ଗୋଟିଏ ନଳକୂପ ମାହାଙ୍ଗା ପଟରୁ ସ୍ଥାପନା ହୋଇଥିବା ବେଳେ ଆଉ ଗୋଟିଏ ବଡ଼ଚଣା ପକ୍ଷରୁ ସ୍ଥାପନା ହୋଇଛି। ତେବେ ଦୁଇ ଗୋଟି ନଳକୂପ ଥିବା ବେଳେ କାହିଁକି ତାହା ମଝିରେ ଆଉ ଏକ ନଳକୂପ ଆବଶ୍ୟକ ପଡ଼ିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ଚଣ୍ଡିଖୋଲ ଆର୍‌ଡବ୍ଲ୍ୟୁଏସ୍‌ଏସର ଯନ୍ତ୍ରୀ ସୁଧାକର ପଣ୍ଡାଙ୍କୁ ଯୋଗାଯୋଗ କରିବାରେ ଉକ୍ତ ସ୍ଥାନରେ କାର୍ଯ୍ୟ ବନ୍ଦ ଅଛି। ମାତ୍ର ଯନ୍ତ୍ରୀଙ୍କର ଉତ୍ତରକୁ ପରଖିବା ପାଇଁ ଘଟଣାସ୍ଥଳକୁ ଯାଇ ଦେଖିଲା ବେଳକୁ କାର୍ଯ୍ୟ ଚାଲୁରହିଛି। ପୁନର୍ବାର ଯନ୍ତ୍ରୀ ଯୋଗାଯୋଗ କରିବାରୁ ସେ କହନ୍ତି ଆପୋସ ବୁଝାମଣାରେ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାରୀ ଅନୁଦାନ ଖର୍ଚ୍ଚ ହୋଇପାରିବ। କେତେ ଟଙ୍କାର ପ୍ରକଳ୍ପ ଓ ଠିକାସଂସ୍ଥା କିଏ ବୋଲି ପ୍ରଶ୍ନ କରିବାରୁ ଯନ୍ତ୍ରୀ ଜଣଙ୍କ ପ୍ରଶ୍ନକୁ ଏଡ଼ାଇ ଦେଇଛନ୍ତି। ଏଠାରେ ପ୍ରଶ୍ନ ଉଠେ ୧୦୦ ମିଟର ମଧ୍ୟରେ ଦୁଇ ଗୋଟି ନଳକୂପ ଥିବା ବେଳେ ମଧ୍ୟ ଭାଗରେ ଆଉ ଗୋଟିଏ ନଳକୂପ କାହିଁକି ଆବଶ୍ୟକ ପଡ଼ିଲା ଉତ୍ତରରେ ଯନ୍ତ୍ରୀ ଜଣଙ୍କ କହନ୍ତି ସୋମବାର ମୁଁ କ୍ଷେତ୍ର ପରିଦର୍ଶନ କରିବି। ତେବେ ପାନୀୟ ଜଳ ବିଭାଗ ରାଜସ୍ୱ ବିଭାଗର ଦାୟିତ୍ୱ ନିଜ ମୁଣ୍ଡକୁ ନେଇ ସମାଧାନ କରିପାରୁଥିବାରୁ ପାନୀୟ ଜଳ ବିଭାଗ ଯନ୍ତ୍ରୀଙ୍କୁ ଜଣେ ଦକ୍ଷ ଅଧିକାରୀ ଭାବେ ବିବେଚନା କରିପାରିବା। ଉପରୋକ୍ତ ସୀମା ବାବଦକୁ ଉଭୟ ଜିଲ୍ଲା ପ୍ରଶାସନ ଗୁରୁତର ସହ ଦୃଷ୍ଟି ଦେଇ ଉପଯୁକ୍ତ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।



ସୃଜନିକା

ସକାଳ
THE SAKALA
www.sakalaepaper.com





# ନୀଳମଣି

ମହାଶ୍ୱେତା ସାହୁ

ଏଇ ଆକାଶ ବି ତୁମର ନୁହେଁ ! ଯେଉଁଠି ଜହ୍ନ, ତାରା, ଆକାଶରେ ଆସନ୍ତି ଓ ଯାଆନ୍ତି। ସୂର୍ଯ୍ୟ ମଧ ନୁହେଁ, ତୁମ ନୁହେଁ! କାରଣ ମୁଁ ସମୟର ଦାସ ନୁହେଁ, ମୁଁ ସମୟକୁ ଦାସ କରେ। ମୁଁ... ରାବଣ!! ମୋର ଦଶଟା ମୁଣ୍ଡ...ହା...ହା...ହା... ମୁଁ ରାବଣ!!

- "ମୋ ପାଇଁ କିନ୍ତୁ ତୁମେ ନୀଳମଣି!! ଅଜବ ମଣିଷ ତୁମେ। ଅସମାହିତ ପ୍ରଶ୍ନ ପରି ତୁମେ। ଅଡୁଆ ସୂତାଖିଅ ପରି ତୁମେ ଯେତେ ତୁମକୁ ଖୋଲିବ ସେତେ ଗୁଡ଼େଇ ହୋଇ ଯାଉଥିବ। ତୁମକୁ ବୁଝିବା ଭାରି କଷ୍ଟ" କହିଥିଲା ମାନିନୀ ବିମୂଢ଼ ହୋଇ।

କଥାକଥାକେ ତମକୁ କଷ୍ଟ ହୋଇଯାଏ। ଅଭିମାନର ଅସରନ୍ତି ଗନ୍ତାଘର ଯେପରି ତୁମେ। ପ୍ରତି କଥାରେ ଅଭିମାନ। ପ୍ରତିକଥାରେ ଅହଂକାର।

- "ଅହଂକାରୀ କେବଳ ଅହଂକାରୀ ହୁଏ। ପ୍ରେମ କରିପାରେନା। ପ୍ରେମିକ ତୁମେ ହୋଇ ପାରିବନି। ତୁମ ପାଖରେ କେହି ରହିପାରିବେନି। ପ୍ରକୃତ କଥା ତୁମ ପାଖରେ କେହି ରହିବେ ନାହିଁ।" କହିଲା ଅଭିମାନ କରି ମାନିନୀ।

- "କିନ୍ତୁ, ଏଇ ଅହଂକାରୀ ପ୍ରେମହୀନ ମଣିଷକୁ ତ' ତୁମେ ପ୍ରେମ କର !" କହିଥିଲା ଆକାଶ ଦାସ। ତା'ର ଦୁଇ ହାତକୁ ମେଲେଇ କହିଥିଲା- "ଜାଣିରଖ, ତଥାପି ଏଇ ଲୋକଟାର ଏଇ ଅହଂକାର ହିଁ ତା'ର ଗହଣା। ଅହଂକାର ବିନା ତା'ର ଅସ୍ତିତ୍ୱ ନାହିଁ। ଏଇ ଅହଂକାର ପାଇଁ ହିଁ ସେ ସଭିଙ୍କ ପ୍ରିୟ। କାରଣ ଯେବେ ଅଭାବଗ୍ରାସେ, ସେବେ ଏଇ ଅହଂକାରୀ କେବଳ ଏହି ଅହଂକାର ସହ; ଅଭାବ ସହ ଯୁଦ୍ଧ କରେ। ଆଉ ବିଜୟ ମଧ ପାଏ।"

ନିଜ କଥା କହି କହି ଥକି ପଡ଼େନା ଆକାଶ ଦାସ। ନିଜ ମୁହଁରେ ନିଜର ପାପପୁଣ୍ୟକୁ ବଖାଣେ। ବିନ୍ଦାସ ଭାବରେ ଜୀଇଁବାକୁ ସାଥୀ ଖୋଜେ।

କାହାର ଇଚ୍ଛାକୁ ଜାଣିବାର ପ୍ରୟାସ କରେନା, ପ୍ରଶ୍ନ ବିନା ସାଥୀ ବାଛେ। ଭାବେ କେବଳ ସମ୍ପର୍କ ପାଇଁ ନାରୀ ଓ ପୁରୁଷ ଲୋଡ଼ା। ବାକିସବୁ ଅଯୋଗ୍ୟ ବ୍ୟାପାର। ନିଜକୁ ସେ ଶ୍ରେଷ୍ଠ ଭାବେ। ଶ୍ରେଷ୍ଠ ମଧ କହେ। ତେଣୁ ସେ ଶ୍ରେଷ୍ଠା ଖୋଜେ।

କହେ ମୋଠୁ ଶ୍ରେଷ୍ଠ ପ୍ରେମିକ ଏ ଦୁନିଆରେ ପାଇବ ନାହିଁ। ଯେ ନିର୍ଭେଜାଲ ଭଲ ପାଇପାରେ। ସବୁ ଅତୀତର ଇତିହାସକୁ ପଛକରି ତୁମକୁ ସତୀ ପରି ପୂଜା କରିପାରେ। ଯେ ପ୍ରେମକୁ ଶ୍ରେଷ୍ଠ ତପସ୍ୟା ଭାବେ। ଯେ ପ୍ରେମିକାକୁ ପୂଜା କରିପାରେ। ଦେହରେ ନୁହେଁ ଆତ୍ମାରୁ ଖୋଜେ। ତାସହ ଖେଳିବ, ବୁଲିବ, ହସିବ, ଡେଇଁବ, ଖାଇବ....। କିନ୍ତୁ ତାକୁ ନଷ୍ଟ କରିବ ନାହିଁ। ପ୍ରେମିକା ତା'ର ଦେବୀଟିଏ !

- ମୁଁ ବୁଝୁଛି ମୁଁ ପ୍ରେମ କରିବା ଶିଖି ନାହିଁ। ପ୍ରେମିକ ପାଖରେ ଯେଉଁ ଶବ୍ଦରେ ଯାଦୁଥିବା କଥା, ସେ ଯାଦୁ କରିପାରୁନି। ସତ କହିଦିଏ...ମତେ କ'ଣ ହୁଏ କେଜାଣି ମୁଁ ସତ କହିଦିଏ!! ସେପାଇଁ ମୋର ପ୍ରେମିକା କିଏ ରହେନି ବେଶୀଦିନ!! କଣ୍ଠରେ ହତାଶ ଥିଲା, ଦୁଃଖ ଥିଲା।

- ଏତେ ବି ସତ କୁହନା, ଯେକେହି ସତକୁ ସହ୍ୟ କରିପାରିବେ ନାହିଁ। - ବିବସ ହୋଇ କହିଥିଲା ମାନିନୀ।

ହଁ ଜାଣୁଛି ମୁଁ ଅସଭ୍ୟ, ମୋ ଶବ୍ଦରେ ବାଡ଼ବତା ନାହିଁ, କିନ୍ତୁ ମୁଁ ଏତେ ଖରାପ ମଧ ନୁହେଁ। ମୁଁ ପ୍ରେମ ଖୋଜୁଛି। ପ୍ରେମିକା ଖୋଜୁଛି, ଯେ ରହିବ ମୋ ସହ ଜୀବନର ଶେଷଯାଏ। ମୁଁ ବଦଳି ଯିବାକୁ ଚେଷ୍ଟା କରିବି। ତୁମେ ଜାଣି ରଖ।

କିନ୍ତୁ ସ୍ଥିର କିଛି ମଧ ନୁହେଁ। ଏ ଜୀବନ କିମ୍ବା ସମ୍ପର୍କ ମଧ ଚିରସ୍ଥାୟୀ ନୁହେଁ। ଖୁବ୍ ଅନ୍ତରଙ୍ଗ ଆପଣାର ବୋଧ ହଉଥିବା ସବୁଠାରୁ ପ୍ରିୟ ମଣିଷଟା ଦିନେ ସେତେ ପ୍ରିୟ ରହେ ନାହିଁ। ସମୟ ସହ ବଦଳିଯାଏ ସବୁ। ଏଇ ବଦଳିବା କିଛି ଭୁଲ୍ ନୁହେଁ – ଏହା ହିଁ ସତ୍ୟ !! ଏହାକୁ ଗ୍ରହଣ କରିବା ଉଚିତ।

- ହା...ହା...ହା... ଯାହା ବଦଳିଯାଏ ତା' କି ପ୍ରେମ। ଯାହା ଛାତିରେ ନ ରହେ ସେ କି ପ୍ରେମ, ଯାହା ତୁମକୁ ଚିରକାଳ ଆବଦ୍ଧ କରେ ବଦଳିଯିବାର ରାସ୍ତା ଦେଖାଏ ସେ କି ସମ୍ପର୍କ... ?? ଉଚ୍ଚ ହାସ୍ୟ କରି କହିଲା ଆକାଶ।

ମାନଚିତ୍ରର ଅନେକ କଥା ବଦଳିଯିବ, ମାତ୍ର ପ୍ରତ୍ୟେକ ଦିନ ନୂଆ ହୋଇ ସମ୍ପର୍କରେ ନୂତନତା ଆଣୁଥିବ।

ଜାଣୁ ଆକସ୍ମିକ ଦୁଃଘଟଣା ବା ଘଟଣାରୁ ତିଆରି ହୁଏ ସମ୍ପର୍କ। ଯେବେ ଅଡୁଆସୂତା ଖିଅ ହୋଇଯାଏ, ସେତେ ନିବିଡ଼ ହୋଇଯାଏ। ଆଉ ସେଥିରୁ ମୁକୁଳି ନ ପାରିବା ହିଁ ସମ୍ପର୍କର ମାଧୁର୍ଯ୍ୟ ଥାଏ!!

ଜୀବନ ଜୀଇଁ ପାରିଲେ ଖୁବ୍ ସୁନ୍ଦର। ନ ପାରିଲେ ଜୀବନ ଗୋଟେ ବୋଝ। ଦ୍ୱାପର ହେଉ କି ତ୍ରେତୟା ଅବା କଳି ସବୁକାଳେ ରାବଣର ମୃତ୍ୟୁ ସୁନିଶ୍ଚିତ!!- ଏତେ ସବୁ କଥା କହୁଥିବା ଲୋକ ଆଖିରେ ଲୁହ ଥିଲା। ସେ ଲୁହ କିନ୍ତୁ ଏକାନ୍ତ ନିଜସ୍ୱ, ଏକାନ୍ତ ଅନ୍ତରଙ୍ଗ।

ଦୁଃଖୀ ହୋଇ କହୁଥିଲା ଆକାଶ ଦାସ। ଲୁହ ଛଳ ଛଳ ଆଖିରେ କହିଲା – "ଜାଣ ତୁମେ ଏମିତି ପ୍ରେମାସ୍ପଦ, ତୁମକୁ ବୁଝାଇ ପାରୁନି କି ବୁଝି ମଧ ପାରୁନି। ଏମିତି ଜାଗାରେ ଅଛ ଯେଉଁଠି ମୁଁ ତୁମକୁ ପାର କରିପାରୁନି କି ପାଇ ମଧ ପାରୁନି। ତୁମକୁ ଅତିକ୍ରମ କରିଯିବାର କ୍ଷମତା ଯେମିତି ମୋ ପାଖରେ ନାହିଁ।"

ତୁମେ ଏମିତି ତର୍ପଣ ଯାହା ବିନା ପୂଜା ଅର୍ଘ୍ୟ। ତୁମେ ଏମିତି ଯେଉଁଠି ପ୍ରେମ ଓ ଘୃଣା ଏକାକାର। ଧର୍ମ ଓ ପ୍ରେମ ମଧରେ ଫରକ କିଛି ନାହିଁ। ଧର୍ମ ଓ ପ୍ରେମରେ ଶୁଦ୍ଧ ଭାବନା ଲୋଡ଼ା, ସୁଦ୍ଧ ମନୀଷା ଲୋଡ଼ା ଯାହା ତୋ ପାଖରେ ନାହିଁ। ତୁମେ ଗୋଟେ ପଥର।

ମାନିନୀ ନିରବ ହୋଇ ଯାଇଥିଲା – "ଅହଂକାରୀ ତୁମେ, କଦାପି ବଦଳିବ ନାହିଁ" ବୋଲି ବାହୁଡ଼ି ଗଲା।

ତୋ ପାଖରେ ମୁଣ୍ଡବାଡ଼େଇ ରକ୍ତାକ୍ତ ହେବା ଛଡ଼ା ଭିନ୍ନ କିଛି ପ୍ରାପ୍ତି ନାହିଁ। ସତକୁ ମୁଁ ରକ୍ତାକ୍ତ, କ୍ଷତାକ୍ତ, ଯନ୍ତ୍ରଣାରେ ଛଟପଟ ହଉଥିବା ରାବଣ ଯେ ଜାଣେ ସୀତାକୁ କଦାପି ପାଇବ ନାହିଁ। ସୀତା ହିଁ ତା'ର ମୃତ୍ୟୁର କାରଣ ସବୁ ସତ୍ତ୍ୱେ ସେ ସୀତାକୁ ପ୍ରେମ କରିବା ଛାଡ଼ିଲା ନାହିଁ!!

ଗୋଟେ ନିଷ୍ଫଳ ପ୍ରାର୍ଥନା ସହ ଆକାଶ ଦାସ ବସିଥିଲା ମନ୍ଦିର ବେଢ଼ାରେ। ଯେଉଁଠି ଚମ୍ପାଫୁଲର ମହକ, କୋଇଲିର କୁହୁତାନ ସତ୍ତ୍ୱେ ଗୋଟେ ନିର୍ଜନକୁଞ୍ଜର ହାହାକାର ଶୁଭୁଥିଲା ପବନରେ। ପବନର ବାସ୍ନାରେ ମଧ ଗୋଟେ ଅସହାୟ ଆବେଗ ବନେଇ ଦେଇଥିଲା ସ୍ରୋତର ଢେଉ ପରି ଆକାଶ ଦାସର ଛାତିରେ।

ପ୍ରିୟତମା ମାନିନୀ ଯେବେ ପ୍ରତିଶ୍ରୁତି ପରିହାର କରି ଅନ୍ୟ କାହାର ଜୀବନସାଥୀ ପାଲଟି ସାରିଥିଲା। ତଥାପି ଆକାଶ ଦାସ ଗୋଲାପି କାଗଜର ଡଙ୍ଗା କରି ତା' ଦେହରେ ନୀଳ ରଙ୍ଗର ସାହିରେ ମାନି... ଲେଖି ପାଣିରେ ଭସାଇ ଦେଉଥିଲା....!!

ଅଧ୍ୟାପିକା ଓଡ଼ିଆ ବିଭାଗ
ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟ
ସେକ୍ଟର -୦୨, ରାଉରକେଲା-୨
ସୁନ୍ଦରଗଡ଼-୭୬୯୦୦୬

## ପୁସ୍ତକ ପରିଚୟ

### ବହ୍ନିକା

ଶୁଭଶ୍ରୀ ଶୁଭସ୍ମିତା ମିଶ୍ର






ଶାନ୍ତିସେନା ପବ୍ଲିକେଶନ୍ସ
ଜଗତସିଂହପୁର
ପ୍ରଥମ ପ୍ରକାଶନ: ୨୦୨୫
ମୂଲ୍ୟ: ୧୫୦ ଟଙ୍କା

"ଦେବୀ ତୁ ଦର୍ପଣରେ ମୋତେ ଦିଶୁଥାଉ ମୋର ଛାଇ ପରି/ ମୁଁ ତୋତେ ବାରମ୍ବାର ଆଉ ବାରମ୍ବାର ଗୋଟାଏ/ କେବେ ମୋ ଜେଜେମା'ର କବର ତଳୁ ତ/କେବେ ମୋ ବୋଉର ରକ୍ତଝରା ଜରାୟୁରୁ,/ ତୁ ପାହି ଆସୁଥାଉ ଦେବୀ/ ସୂର୍ଯ୍ୟାସ୍ତର ଲୋହିତ ଲାଲିମାରେ/ ତୋର ମୁହଁ ଦିଶେ ଧରିତ୍ରୀ ପରି,/ ତୋ ମୁହଁ ଦିଶେ ଧର୍ଷିତା ନାରୀ ପରି!" (ଦେବୀସୂକ୍ତ) ଏଭଳି ଦେବୀ ଓ ନାରୀର ନାନା ରୂପ ପ୍ରତିଫଳିତ ହୋଇଛି ଶୁଭଶ୍ରୀ ଶୁଭସ୍ମିତା ମିଶ୍ରଙ୍କ 'ବହ୍ନିକା' କବିତା ପୁସ୍ତକରେ। କେବେ ନାରୀର କୋମଳ ରୂପକୁ ପୁଣି କେବେ ନାରୀର ମହିଷାମର୍ଦ୍ଦିନୀ ରୂପକୁ ଆଙ୍କିବାରେ କବି ବେଶ୍ ସିଦ୍ଧହସ୍ତ। 'ଦେବୀମୁହଁ', 'ଅଗ୍ନି ଓ ଅସ୍ତ୍ର', 'ଦେବୀ ଓ ରକ୍ତବୀର୍ଯ୍ୟ', 'ଦେବୀ ଓ ପ୍ରେମିକ', 'ରୂପଜୀବୀ', 'ଈଶ୍ୱରବୋଧ', 'ଅଭାଗ୍ୟଲିପି', 'ନିଆଁରଙ୍ଗ', 'ଯୁଦ୍ଧୋତ୍ତର ଜଣେ ସ୍ତ୍ରୀଲୋକର ଡାକ', 'ଈଶ୍ୱରଙ୍କ ମୃତ୍ୟୁରେ', 'ଆସନ୍ତା ଦୁର୍ଗାପୂଜା', 'ଜାତିଭେଦ', 'ଲିଲିଥ୍' ଆଦି କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ନାରୀ ଆଖିର ଲୁହ, ହୃଦୟର ବେଦନା ଏହି ପୁସ୍ତକର ଅନେକ କବିତାରେ ପ୍ରସ୍ଫୁଟିତ ହୋଇଉଠିଛି ଜୀବନ୍ତ ଭାବେ। ସାମାଜିକ ଅବ୍ୟବସ୍ଥା, ସାମାଜିକ ମୂଲ୍ୟବୋଧର ଅବକ୍ଷୟ, ରୁଢ଼ିବାଦୀ ଚିନ୍ତାଧାରା, ନାରୀ ପ୍ରତି ଅଶାଳୀନ ଆଚରଣ ପ୍ରଦର୍ଶନ ବିରୁଦ୍ଧରେ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି ଅନେକ କବିତାରେ। 'ବହ୍ନିକା'ର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ।

### ହରମାନ୍ ହେସ୍‌ଙ୍କ ସିଦ୍ଧାର୍ଥ

ଅନୁସୃଜନ: ପ୍ରଦୀପ୍ତ ଶ୍ରୀଚନ୍ଦନ





ଏଥେନା ବୁକ୍ସ
ଭୁବନେଶ୍ୱର
ତୃତୀୟ ସଂସ୍କରଣ: ୨୦୨୪
ମୂଲ୍ୟ: ୨୫୦ ଟଙ୍କା

ସମଗ୍ର ବିଶ୍ୱ ସାହିତ୍ୟରେ ଏକ କାଳଜୟୀ ଉପନ୍ୟାସ ହେଉଛି ହରମାନ୍ ହେସ୍‌ଙ୍କ 'ସିଦ୍ଧାର୍ଥ'। ଏହି ଲୋକପ୍ରିୟ ଉପନ୍ୟାସକୁ ଓଡ଼ିଆ ଭାଷାରେ ଅନୁସୃଜନ କରିଛନ୍ତି ପ୍ରଦୀପ୍ତ ଶ୍ରୀଚନ୍ଦନ। ବୌଦ୍ଧ ଯୁଗର ସମୟ ଓ ସମାଜ ଭିତ୍ତିଭୂମି ଉପରେ ଏହି ଉପନ୍ୟାସଟି ଆଧାରିତ। ଉପନ୍ୟାସର ମୁଖ୍ୟ ଚରିତ୍ର 'ସିଦ୍ଧାର୍ଥ'ଙ୍କ ଆତ୍ମଲିପିର ଏକ ସୃଜନାତ୍ମକ ପରିପ୍ରକାଶ ଏହି ଉପନ୍ୟାସ। ବୌଦ୍ଧ ଧର୍ମ ଓ ଦର୍ଶନର ପ୍ରତିଫଳନ 'ସିଦ୍ଧାର୍ଥ' ଉପନ୍ୟାସରେ ପାଠକମାନେ ଅନୁଭବ କରିପାରିବେ। ତତ୍କାଳୀନ ଜୀବନଧାରା, ସାମାଜିକ ପୃଷ୍ଠଭୂମି, ଆଧାତ୍ମିକ ଅବବୋଧ, ସତ୍ୟ ଓ ଶାନ୍ତିର ସନ୍ଧାନ, ଶାଶ୍ୱତ ମାନବୀୟ ପ୍ରେମର ବର୍ଣ୍ଣନା 'ସିଦ୍ଧାର୍ଥ' ଉପନ୍ୟାସକୁ ଅଧିକ ଲୋକପ୍ରିୟ କରିଛି। ନିର୍ବାଣ ନୁହେଁ ଜୀବନ ହିଁ ଲୋଡ଼ା- ଏହି ଦର୍ଶନ ପ୍ରତିଫଳିତ ହୋଇଛି ଉପନ୍ୟାସରେ। ସିଦ୍ଧାର୍ଥଙ୍କ ଜୀବନ, ଜିଜ୍ଞାସା, ଦର୍ଶନକୁ କେନ୍ଦ୍ର କରି ଉପନ୍ୟାସର କାହାଣୀ ଗତିଶୀଳ। ଉପନ୍ୟାସଟିକୁ ସୁଖପାଠ୍ୟ କରିବା ପାଇଁ 'ବ୍ରାହ୍ମଣ ପୁତ୍ର,'ଶ୍ରମଣମାନଙ୍କ ସହିତ', 'ଗୌତମ', 'ଜାଗୃତି', 'କମଳା', 'ଜନସମାଜରେ', 'ସଂସାର', 'ନଦୀ ତଟରେ', 'ନୌବାହକ', 'ପୁତ୍ର' ଆଦି କେତୋଟି ଭାଗରେ ବିଭକ୍ତ କରାଯାଇଛି। ସିଦ୍ଧାର୍ଥଙ୍କ ଜନ୍ମ, ଜୀବନ ଓ ପୁନର୍ଜନ୍ମକୁ କେନ୍ଦ୍ର କରି ଏକ ମହିମ୍ନ ଉପଲବ୍ଧି ଓ ସୃଜନଶୀଳତାର କଳାତ୍ମକ ପରିପ୍ରକାଶ ହେଉଛି 'ସିଦ୍ଧାର୍ଥ' ଉପନ୍ୟାସ। 'ସିଦ୍ଧାର୍ଥ' ଉପନ୍ୟାସଟି ପାଠକଙ୍କ ହୃଦୟସ୍ପର୍ଶୀ ହେବ ବୋଲି ଆଶା କରାଯାଏ।

# ସୁଇସାଇଡ୍ ନୋଟ୍

ବିରଜା ବଳ



ନା, ମୁଁ ଚୋରି କରିନି ମା' ।

ପେଟରେ ଭୋକର କଳାବାଦଲ
ଖେଳି ବୁଲୁଥିବା ବେଳେ
ଦୋକାନରୁ ପବନରେ ଉଡ଼ି ଆସିଥିବା
ପାଞ୍ଚଟଙ୍କିଆ ତିନି ପ୍ୟାକେଟ୍ ଚିପ୍ସ
ଗୋଟେଇ ଆଣିଥିଲି ମା'।
ଏତିକି ମୋ'ର ଅପରାଧ ।

ମୁଁ ଚୋର, ମତେ କାନଧରି ଉଠ୍ ବସ୍ କରାଯାଏ ଓ
ଆଣ୍ଠେଇ ଦିଆଯାଏ ମଝି ରାସ୍ତାରେ
ତାଚ୍ଛଲ୍ୟଭରା ହସରେ
ମୋ' ଗାଲରେ ବସୁଥାଏ
ଗୋଟିଏ ପରେ ଗୋଟିଏ ଚାପୁଡ଼ା
ଦିନ ମଝିର ଖରାର ତେଜରେ ମୋ' ବିକଳ ଅଭିମାନ
ମରିଯାଉଥାଏ ମା'।

ତୁମେ ଶିଖେଇଥିବା, ପ୍ରେମ, ଭଲପାଇବା ଓ
ମୋ'ର କୁନି କୁନି କଳ୍ପନା ନିରୀହ ଦୀର୍ଘଶ୍ୱାସରୁ ବାହାରି
କୁଆଡ଼େ ମିଳେଇ ଯାଉଥାଏ ମା'

ତୁମେ ଶିଖେଇଥିବା
ମଣିଷ ଓ ଭୂମିର କେତେ ଯେ କଥା
ମଣିଷ ଓ ଆକାଶର କେତେ ଯେ କଥା
ତୁମର ଗେହ୍ଲାପଣ ଓ ମୋ'ର ଚପଳପଣର
କେତେ ଯେ କଥା !!!
ମୋ'ର ଚୋରପଣକୁ ତମେ କ'ଣ ବିଶ୍ୱାସ କରିବ ମା'?

ତମଠୁ ଶିଖିଚି ଭୋକରେ ରହିବାର କଳା
ମୋ' ପାଟିରେ ଦୁଇଗୁଣ୍ଡା ଭାତ ଗୁଞ୍ଜିଦେଇ
ତମେ କେମିତି ଶୋଇପଡ଼ ଗଭୀର ନିଦ୍ରାରେ
ତୁମ ପେଟ ଉପରେ ମଥାରଖି
ଭୋକକୁ ମୁଁ ଶୁଣିପାରେ ତୁମ ପେଟର କଳକଳରେ ।

ମୁଁ ବୁଝିଯାଇଛି ଭୋକର ସ୍ୱାଦ ପରି
ଚୋରି ଜିନିଷର ସ୍ୱାଦ ନଥାଏ ମା'।


କାହିଁକି କେଜାଣି ଏ ସୁନ୍ଦର ପୃଥିବୀ ମୋ'ର
କ୍ଷଣକେ ନରକ ବୋଲି ପ୍ରତେ ହେଲା
ମଣିଷର ମାନବିକତା ମୋ' ପାଠ ବହିର
ଡାଇନୋସର ପରି ବିଲୁପ୍ତ ହୋଇଯାଉଥିଲା
ଜୀବନର ଆହତ ଫର୍ଦ୍ଦସବୁ ଫଡ଼ଫଡ଼ ହୋଇ
ଚିରିଗଲା ବେଳେ
ଜନ୍ମନେଲା ଏକ ସିଦ୍ଧାନ୍ତ
ମୋ' ଆଗରେ ପୁଣ୍ୟତୋୟା ଗଙ୍ଗାର
ଢେଉଢେଉକା ନୀଳ ଜଳରାଶି, ଉତ୍ତାଳ ତରଙ୍ଗ
ଛିଡ଼ିଗଲା ମୋ'ର ସବୁ ଆଶା,
ଆକାଂକ୍ଷାର ରଙ୍ଗିନ ଜାଲ ମା' ।

ନା, ମୁଁ ଚୋରି କରିନି ମା'
ନା, ମୁଁ ଚୋରି କରିନି ମା'

ଏ ପତ୍ର ପଢ଼ିସାରିଲା ପରେ
ତୁମ କୋଳ ଉପରେ ମତେ ଅନୁଭବ କରିବ ମା'
ଗୋଟେ ମଲା କୁନି ପୃଥିବୀକୁ
ଥରୁଟିଏ ଆଲିଙ୍ଗନ କରିବ ମା'
ମୋ' ନିରପରାଧ ଛାଇଟିକୁ କ୍ଷମା କରିଦବ ମା' ।

(କବିତାର ବସ୍ତୁ ଆହରଣ : ପ୍ରିୟ ଅନୁସୃଜକ ପ୍ରଦୀପ କୁମାର ରାୟଙ୍କ ଫେସ୍‌ବୁକ ଆଲେଖରୁ । ପଶ୍ଚିମବଙ୍ଗର ପାଁଶକୁଡ଼ାର ତେର ବର୍ଷର ବାଳକ କୃଷ୍ଣେନ୍ଦୁର କରୁଣ ଆତ୍ମହତ୍ୟାର କାହାଣୀ)

ଚିତ୍ରକଳ୍ପ
ବାଲିଗଣ୍ଡ, କୁଆଁରପୁର
ରାମବାଗ, ଯାଜପୁର -୧୪
ମୋ : ୭୭୯୦୦୦୩୪୪୨



# ବାପା

ଅୟସ୍କାନ୍ତ



କି ହେବ ବାପା ହେ
ତମ ବନ୍ଦ ବାକ୍ସ ଭିତରର
ଆଣ୍ଠୁ ନ ନୁଚା ଖଦୀ
ଗୋଲ ଚଷମା
ଅଣ୍ଟା ବନ୍ଧା ଘଡ଼ି
ତମ ନୂଆନୂଆ ସତ୍ୟାଗ୍ରହରେ
ଆଗ୍ରହ ଥିଲେବି,
ଆଉ ଚାଲିପାରେ ନାହିଁ
ଏବେତ
ମୁଁ ଚାଲେନା
ତମେ ଚାଲନା
ତବେ ଚାଲେ
କା' ଛାଇ
କା' ଛାଇ
କା' ଛାଇ!
ତୁଚ୍ଛାଟାରେ ସିନା ସାବରମତୀରେ
ବଂଶୀ ବାହୁନଇ
ମୁଁ ଚାଲେନା
ତମେ ଚାଲନା
ଚାଲେ ଛାଇ
ଚାଲେ ଛାଇ
ଚାଲେ ଛାଇ!

ଗ୍ରାମ୍ୟ ନିର୍ମାଣ ଉପବିଭାଜନ
ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା
ମୋ: ୮୭୬୩୩୯୩୧୧୬

# କବିତାରେ ଉତ୍ତର ଆଧୁନିକତା

ଡକ୍ଟର ଚନ୍ଦ୍ରକଳା ନାୟକ



ଅନେକ ସାହିତ୍ୟିକଙ୍କ ମତ ଉତ୍ତର ଆଧୁନିକ କବିତା କିଛି ବି ନାହିଁ। ଏହା କେବଳ ଏକ ଶାବ୍ଦିକ ଚାତୁରୀ। ଉତ୍ତର ଆଧୁନିକ ତତ୍ତ୍ୱ ପାଶ୍ଚାତ୍ୟ ସାହିତ୍ୟର ଏକ ଆଧାରିତ ଶବ୍ଦ। ବିଶେଷ ଭାବେ କବିତା ରଚନା କ୍ଷେତ୍ରରେ ଉତ୍ତର ଆଧୁନିକ ତତ୍ତ୍ୱଟି ଆଦୌ ଗ୍ରହଣୀୟ ନୁହେଁ। ଆଧୁନିକ ତ ବୁଝାପଡ଼େ। କିନ୍ତୁ ଉତ୍ତର ଆଧୁନିକ କ'ଣ ? ବୋଧହୁଏ ଏହା ଏକ ସମୟର କବିତା। ୧୯୮୦ ପରବର୍ତ୍ତୀ କବିତାର ଧାରା ଉତ୍ତର ଆଧୁନିକତା ବୋଲି ଗ୍ରହଣ କରାଯାଇଛି। ଏଭଳି ଦ୍ୱନ୍ଦ୍ୱ ତ ସଦାସର୍ବଦା ଲାଗିଛି। ଏହାର ନିଷ୍କର୍ଷ ମଧ କଠିନ।

ବାସ୍ତବ ସତ୍ୟ ଏହା ଯେ, ଏହା ପାଶ୍ଚତ୍ୟ ସାହିତ୍ୟର ଏକ ତତ୍ତ୍ୱ। ଏମିତି ଦେଖିଲେ ଅନେକ ତତ୍ତ୍ୱ ଅଛି, ଯଥା – ବାମବାଦ, ରହସ୍ୟବାଦ, ମାକ୍ସବାଦ, ପ୍ରୟୋଗବାଦ, ଅସ୍ତିତ୍ୱବାଦ, ଅତି ବାସ୍ତବବାଦ। ଏସବୁ ପାଶ୍ଚାତ୍ୟ ସାହିତ୍ୟରୁ ଆଧାରିତ। ଏସବୁକୁ ଆମେ ଆମ ସାହିତ୍ୟରେ ପରୀକ୍ଷାଧର୍ମୀ ଭାବରେ ଗ୍ରହଣ କରିଛେ। ଯଥାସାଧ ପ୍ରୟୋଗ ବି କରିଛେ। ତେବେ ଏଥିରେ ଦ୍ୱନ୍ଦ୍ୱ ରହିବା ଅନାବଶ୍ୟକ। ଆଧୁନିକ ଶବ୍ଦକୁ ନେଇ ମଧ ଅନେକ ଦ୍ୱନ୍ଦ୍ୱ। ଆଧୁନିକ କବିତାଗୁଡ଼ିକ ମଧ ଅନେକ ସମାଲୋଚନାର ଶରବ୍ୟ ହୋଇଛି। ଏହାର କାରଣ ହେଉଛି, ଆଧୁନିକ କବିତାର ଦୁର୍ବୋଧତା, କ୍ଲିଷ୍ଟତା, ଅବୋଧତା ଏବଂ ପାଠକୀୟ ଗ୍ରହଣୀୟତାଠାରୁ ଦୂରରେ ରହିବା। କେବଳ ଆଧୁନିକ କବିତା ବୌଦ୍ଧିକତା ମଧରେ ସୀମାବଦ୍ଧ ହେବା। ଏହି ଆଧୁନିକ କବିତା ନିର୍ଦ୍ଦିଷ୍ଟ ଶ୍ରେଣୀର ପାଠକଙ୍କ ପାଇଁ ରଚିତ ହୋଇଥାଏ। ସାଧାରଣ ମଣିଷର ଚେତନ ଶକ୍ତିକୁ ଏହା ଛୁଇଁ ପାରିନାହିଁ। ତଥାପି ସାହିତ୍ୟରେ ଏହାର ପରୀକ୍ଷା ଅନବରତ ଚାଲିଛି। ଗଦ୍ୟମୟତା ଏହାର ମୁଖ୍ୟ ବିଷୟ। ସାଧାରଣ ଭାବେ ତାର ଅନ୍ତସତ୍ତାକୁ ବୁଝିବା କଷ୍ଟସାଧ। ବାସ୍ତବ ସତ୍ୟଟି ହେଉଛି, ଏହା ପାଶ୍ଚାତ୍ୟ ସାହିତ୍ୟର ଆତ୍ମିକ ସତ୍ତାର ଅନୁକରଣ। ଆମର ନିଜସ୍ୱ ପ୍ରାୟତଃ ଏଥିରେ କିଛି ନାହିଁ। ଇଲିୟାଟୀୟ କାବ୍ୟ ଦୃଷ୍ଟିରୁ ଏହା ମୋହାବିଷ୍ଟ ।

ପଦ୍ମଶ୍ରୀ ସଚ୍ଚି ରାଉତରାୟଙ୍କଠାରୁ ଅଦ୍ୟାବଧି ଅନେକ କବିତା ଏହି ଧାରାରେ ରଚନା କରାଯାଇଛି। ହୁଏତ ସବୁ କବିତା ଏହି ଧାରାର ଅନ୍ତର୍ଭୁକ୍ତ ନୁହନ୍ତି । କହିବାକୁ ଗଲେ ଉତ୍ତର ଆଧୁନିକ କବିତା ଦୁର୍ବୋଧତା ବିରୋଧରେ ଏକ ପ୍ରତିବାଦ। ପାଠକ ଓ ଲେଖକଙ୍କ ମଧରେ ଦୂରତା ହ୍ରାସ କରିବାର ଏକ ପ୍ରୟାସ। ପାଠକର ନିକଟତର ହେବାକୁ କବିଟିର ଏହା ପ୍ରଥମ ଅଭିଳାଷ। ଉତ୍ତର ଆଧୁନିକ କବିତା – ସମାଜର ପ୍ରତିନିଧିଟିଏ। ଏହା କୌଣସି ବ୍ୟକ୍ତିର ଜାଗିର ନୁହେଁ, ବରଂ ଏହା ସର୍ବଜନାଦୃତ ଶ୍ରୋତଟିଏ । ଗୋଟିଏ ଅର୍ଥରେ କହିଲେ ପାଠକର ଗ୍ରହଣୀୟତା ହିଁ ଉତ୍ତର ଆଧୁନିକତା। କବିଟିଏ କେବେ ବି ଅହଂକାରୀ ନହେଉ ଏହି ମୂଳତତ୍ତ୍ୱକୁ ଉତ୍ତର ଆଧୁନିକ କବିତା ବଖାଣିଥାଏ।

ରହସ୍ୟମୟତାକୁ ପରିତ୍ୟାଗ କରି ବାସ୍ତବତାରେ ସେ ବିଶ୍ୱାସ କରେ। ମାଟି ପ୍ରତି ଅହେତୁକ ମୋହ ଉତ୍ତର ଆଧୁନିକ କବିତାର ପ୍ରମୁଖ ବିଭବ। ଆଧାତ୍ମିକତା ଅପେକ୍ଷା ଜୀବନ ଜଗତ ଉପରେ ଅଧିକ ଗୁରୁତ୍ୱ ଦିଆ ଯାଇଥାଏ। ଉତ୍ତର ଆଧୁନିକ କବିଟିଏ କେବଳ ଅନ୍ୟର ଇଚ୍ଛା ଅଭୀପ୍ସାକୁ କୋଳାଗ୍ରତ କରିଛି । ଆତ୍ମ ସଚେତନ ହୋଇ ଆତ୍ମ ଆବିଷ୍କାରକ ହେବା କବି ପାଇଁ ଏକ ସଂକେତ ଆଣିଛି। କାରଣ ଉତ୍ତର ଆଧୁନିକ କବିତାରେ କବିତା ନିଜସ୍ୱ ଚେତନାର ଅଭିବ୍ୟକ୍ତି ସାଜିଥାଏ । ସମାଜ ସହିତ ତା'ର ସଂପୃକ୍ତି, ପାରିପାର୍ଶ୍ୱିକ ପରିବେଶ ପ୍ରତି ଆସକ୍ତି, ନିଜ ଭିତରେ ଅନ୍ୟର ଅନ୍ୱେଷଣ, ଅନ୍ୟ ପ୍ରତି ନିଜର ଅନ୍ତରଙ୍ଗତା, ବିଶେଷ ଭାବରେ ହୃଦୟଶୀଳତା ହିଁ ଏହାର ପ୍ରକୃତ ଉତ୍ସ।

ଉତ୍ତର ଆଧୁନିକ କବି କେବେ ବି ପଳାୟନବାଦୀ ନୁହେଁ। ଜୀବନର ବିବିଧ କ୍ଷେତ୍ରକୁ ସାମ୍ନା ବି କରେ, ତା'ର ସମାଧାନର ବାଟ ବି ଫିଟାଏ। ପରମ୍ପରାକୁ ପୁନଃ ଭାବରେ ଗଢ଼ି ତୋଳେ। ଏହି ଧାରାର କବିଟିଏ ନୂତନ ସାଂସ୍କୃତିକ, ଐତିହାସିକ ଓ ନୈତିକ ଭିତ୍ତିଭୂମିକୁ ସୁଦୃଢ଼ କରେ। ବିଶ୍ୱାସ ରଖେ - ବ୍ୟକ୍ତିର ସ୍ୱତନ୍ତ୍ରତାରେ ଏବଂ ସାଧାରଣ ମଣିଷର ଅନ୍ତସତ୍ତାରେ। ଆତ୍ମିକ ଆବେଦନ ହିଁ କବିତାଟିକୁ ପୂର୍ଣ୍ଣ ରୂପ ପ୍ରଦାନ କରିଥାଏ। ଆଧୁନିକ କବିତାର ସମସ୍ତ ସଂଜ୍ଞାକୁ ଉତ୍ତର ଆଧୁନିକ କବିତା ବିଶ୍ୱାସ କରେନାହିଁ। ବ୍ୟକ୍ତି ସତ୍ତା ଜୀବନ ଜିଜ୍ଞାସା ସହ ସମାହିତ ହୋଇ ଏଥିରେ ଅଭିବ୍ୟକ୍ତ ହୁଏ । ଏହାର କାବ୍ୟିକ ସ୍ୱର କରୁଣା ବିଚଳିତ, କୋମଳତାରେ ସ୍ନିଗ୍ଧତା, ହୃଦୟବତ୍ତା, ଅନ୍ତରଙ୍ଗତା କାବ୍ୟିକ ଚେତନାର ଭୂମି ହୋଇ ଥିବାରୁ ପାଠକଙ୍କୁ ଖୁବ୍ ସ୍ପର୍ଶ କରିପାରେ। କବିତାରେ ଈଶ୍ୱର ଅପେକ୍ଷା ମଣିଷ, ଆଧାତ୍ମିକତା ଅପେକ୍ଷା ମାନବିକତା, ପଳାୟନ ଅପେକ୍ଷା ପରିଗ୍ରହଣତା ଅଧିକ ସଂଗଠିତ ହୋଇଛି। ଉତ୍ତର ଆଧୁନିକ କବିତା ନିଃସଙ୍ଗତା, ବୀତସ୍ପୃହତା, ସ୍ୱପ୍ନ ଭଙ୍ଗରେ ଆଦୌ ଭରସା କରେ ନାହିଁ। ଉତ୍ତର ଆଧୁନିକ କବିତା ଅନ୍ଧାର ଭିତରେ ଏକ ଆଲୋକର ଅନ୍ୱେଷଣ କରେ।

ଲଣ୍ଡନ ପୋଲ ଭାଙ୍ଗି ଯିବାର ଏକ ପୁରୋଦୃଷ୍ଟି ସମ୍ପନ୍ନ ପ୍ରତୀକାତ୍ମକ ବିବିଧତା ଉତ୍ତର ଆଧୁନିକ କବିକୁ କେବେ ବି ବ୍ୟତିବ୍ୟସ୍ତ କରିନାହିଁ। ବର୍ଣ୍ଣବୈଷମ୍ୟ, ମଦମୃତ୍ୟୁ, ବିସ୍ଥାପିତଙ୍କ ଅସହାୟତା, କନ୍ଧମାଳର ଦଙ୍ଗା, ଭଣ୍ଡବାବା, ମହିଳାଙ୍କୁ ହତ୍ୟା – ଏହିଭଳି ନିଷ୍ପେଷିତ ଓ ନିପୀଡ଼ିତ ମାନବାତ୍ମର ସ୍ୱରକୁ ଏହା ବାରମ୍ବାର ଅନୁରଣିତ କରିଛି। ଏଗୁଡ଼ିକ ଉତ୍ତର ଆଧୁନିକ କବିତାର କେତେକ ଉପଜୀବ୍ୟ କାବ୍ୟବସ୍ତୁ।

ଉତ୍ତର ଆଧୁନିକ କବିଟିର ସାମ୍ୟବାଦୀ ଦୃଷ୍ଟି ତୀକ୍ଷ୍ଣ, ସ୍ୱଚ୍ଛ, ସତ୍ୟନିଷ୍ଠ। ଏହା ହୃଦୟର ଏକ କାରୁଣିକ ଉପଲବ୍ଧ। ଅନ୍ୟର ଦୁଃଖ ଓ ଉତ୍ପୀଡ଼ନକୁ ନିଜ ଭିତରେ ଆତ୍ମସ୍ଥ କରିବାର ସମସ୍ତ ଭାବନା ତା ଭିତରେ ଉପଲବ୍ଧ କରିହୁଏ। ଉତ୍ତର ଆଧୁନିକ କବିତାର ସାମ୍ୟବାଦୀ ଦୃଷ୍ଟି ବିଶେଷ ଭାବେ ସହାନୁଭୂତି ସମ୍ପନ୍ନ, ଆନ୍ତରିକ, ବ୍ୟକ୍ତିପକ୍ଷ ଓ ଅଭିବ୍ୟକ୍ତି ପକ୍ଷ ଭିତରେ ସନ୍ତୁଳନଟିଏ ବେଶ ସ୍ପଷ୍ଟ। ସ୍ୱାଭାବିକ ଭାବେ ବ୍ୟକ୍ତିଗତ ସ୍ୱତନ୍ତ୍ର ଅନୁଭୂତି ଅନୁଭବର ସାଧାରଣୀକରଣ ମଧରେ ସମ୍ଭବ ହୋଇ ପାରିଛି। ଯଥାର୍ଥରେ ଏଗୁଡ଼ିକ ହିଁ ଉତ୍ତର ଆଧୁନିକ କବିତାର ଆତ୍ମିକ ଭାବବସ୍ତୁ । କିନ୍ତୁ ଏହାର ଆଙ୍ଗିକ ଶୈଷ୍ଠବ ଆତ୍ମା ସହିତ ସଂପୃକ୍ତ।

ଜଣେ ବିଶିଷ୍ଟ କବିଙ୍କ ଭାଷାରେ କବିର ଆଙ୍ଗିକ ହିଁ ଆତ୍ମିକ। ଯେଉଁଥିରେ ଭାବଟି ଗମ୍ଭୀର ଥିବ, କିନ୍ତୁ ଅଙ୍ଗ ଯଦି ଦୁର୍ବଳ ହେବ ତେବେ ତାହା ସଫଳ କବିତା ସୃଷ୍ଟି କରିବା ଅସମ୍ଭବ । ଶବ୍ଦଚିତ୍ର ପ୍ରୟୋଗ ଆଜିର ନୁହେଁ। ମାଟିର ମହାକବି ଶୁଦ୍ରମୁନି ଶାରଳା ଦାସଙ୍କଠାରୁ ଏପର୍ଯ୍ୟନ୍ତ ଏହା କବିତାର ପ୍ରମୁଖ ବିଭବ। ଶବ୍ଦଚିତ୍ର ହିଁ କାବ୍ୟିକ ଭାବାବେଗକୁ ସାନ୍ଦ୍ର କରିଥାଏ । ଶବ୍ଦର ଚୁମ୍ବକୀୟ ଶକ୍ତି ଦ୍ୱାରା ଚିତ୍ରଟି ଆମ ଅନ୍ତରର ଗଭୀରତାକୁ ସ୍ପର୍ଶ କରିଥାଏ। ଚିତ୍ରକଳ୍ପଟିଏ ତ ଆମର ମନନ ଶୀଳତାକୁ ଖୋରାକ ଯୋଗାଇ ଥାଏ। ମାତ୍ର ଅତ୍ୟଧିକ ବିମ୍ବ ପ୍ରୟୋଗ ଦ୍ୱାରା କବିତାକୁ ନିମ୍ନଗାମୀ କରି ଗଢ଼ି ତୋଳେ। ବିଶ୍ୱବ୍ୟାପୀ କାବ୍ୟାଦର୍ଶକୁ ଅନୁକରଣ ଗୁଡ଼ାଏ ଅଯୌକ୍ତିକ ଶବ୍ଦଚିତ୍ର ନିର୍ମାଣ କରିବାର ମାର୍ଗ ଦେଖାଉଛି। ଆତ୍ମଦର୍ଶୀ ସମାଲୋଚକଙ୍କ ଉତ୍ସାହ ପାଇଁ ସିଧାସଳଖ କଥା କହିବାର ଯେଉଁ ଶୈଳୀ ଆମେ ଗ୍ରହଣ କରିବା ଆରମ୍ଭ କରିଛେ, ସେଥିରେ ବିମ୍ବ ତ ରହିବ, ହେଲେ ତାହା କବିତାକୁ ଭାରାକ୍ରାନ୍ତ କରିବ ନାହିଁ । କବି ବିଶ୍ୱର ଆଶ୍ରୟ ନେଇ ବାସ୍ତବ ସତ୍ୟକୁ କେବେ ବି ପ୍ରତାରିତ କରି ପାରିବ ନାହିଁ। ଗୋଟିଏ ବାକ ବିମ୍ବରେ ଯାହା ସତ୍ୟ ତାହାକୁ ସ୍ପଷ୍ଟ ଭାବେ ପ୍ରକାଶ କରିବ । ଏହି ଧର୍ମରେ ଉତ୍ତର ଆଧୁନିକ କବିତା ଇନ୍ଦ୍ରିୟବୋଧ ଓ ଭାବର ସଂପ୍ରସାରଣ ହରାଇ ନାହିଁ। ଏହି କବିତା ଧୀରେ ଧୀରେ ଜଟିଳତାରୁ କିପରି ମୁକ୍ତ ହେବାକୁ ତା'ର ପ୍ରୟାସ ଆରମ୍ଭ କରିଛି। କବିତା ସର୍ବଦା ସ୍ୱୟଂ ସଂପୂର୍ଣ୍ଣ । ଶବ୍ଦଚିତ୍ର ଓ କଥାକଳ୍ପ ଯେ ଉତ୍ତର ଆଧୁନିକ କବିତାରେ ନାହିଁ, ତାହା କହିହେବ ନାହିଁ । କିନ୍ତୁ ତାହା ସାର୍ବଜନୀନତା ଓ ବୋଧଗମ୍ୟତାକୁ ବଜାଇ ରଖିଛି । ସାଧାରଣ ଜୀବନରୁ ତଥ୍ୟ ଆହରଣ କରି ଏହାର ସାର୍ବଜନୀନତା ସର୍ବୋତ୍କୃଷ୍ଟ ହୋଇ ପାରିଛି । ଭାଷା ଓ ଭାବର ସରଳତା , ସ୍ୱଚ୍ଛନ୍ଦତା ଉତ୍ତର ଆଧୁନିକ କବିତାର ଅନ୍ୟତମ ମୁଖ୍ୟ ବୈଶିଷ୍ଟ୍ୟ।

ଉତ୍ତର ଆଧୁନିକ କବିତାର କବି ଚେତନାରେ ଯେଉଁ ଶବ୍ଦଚିତ୍ର ନିର୍ମାଣ କରେ, ସେହି ବିମ୍ବ ଆମ ଭାବବିଶ୍ୱରେ ସହଜରେ ପ୍ରତିଫଳିତ କରେ। ଆମ କଳ୍ପନାର ପରିସରକୁ ପରିବ୍ୟାପ୍ତ କରେ। କବିର ଏକ ପୂର୍ଣ୍ଣାଙ୍ଗ ରୂପରେଖ ତିଆରି କରିବା ସହ ଅନୁଭବକୁ ଏକ ଶାବ୍ଦିକ ଗୁଣ ପ୍ରଦାନ କରେ। ଉତ୍ତର ଆଧୁନିକ କବିତା କବିର ମାନସିକ ଅନ୍ତଃସ୍ୱର ହୋଇ ଥିବାରୁ ରୂପ ବିନ୍ୟାସ ଅପେକ୍ଷା ଭାବ ବିନ୍ୟାସକୁ ଯଥେଷ୍ଟ ଗୁରୁତ୍ୱ ଦିଏ।

ଉତ୍ତର ଆଧୁନିକ କବିତା ବୁଦ୍ଧିର ବିପ୍ଳବ ନୁହେଁ। ଏହା ହୃଦୟର ବିପ୍ଳବ। ଉତ୍ତର ଆଧୁନିକ କବିତା ସିଧା ସଳଖ ହୃଦୟକୁ ଛୁଏଁ। ଭାଷାର ଆନୁଷ୍ଠାନିକତାରୁ ଏହା ଅନେକ ପରିମାଣରେ ବିମୁକ୍ତ। ଆଳଙ୍କାରିକ ଆଟୋପ ନାହିଁ ସତ, ଅଛି ଏଥିରେ ନିଷ୍କପଟ ସ୍ୱାଭାବିକତା। ସର୍ବଶେଷରେ ଉତ୍ତର ଆଧୁନିକ କବିତା ଏକ ଅନୁଶୀଳନାତ୍ମକ ଆଲେଖ୍ୟ। ବିବିଧତାରେ ବିଶ୍ୱାସ କରୁଥିବା ଏହି କବିତା, ଆଙ୍ଗିକର ବିବିଧତାକୁ ମଧ ସମ୍ମାନର ସହ ଗ୍ରହଣ କରିଥାଏ।

ଅଧ୍ୟାପିକା
ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟ
ଛତିଆ, ଯାଜପୁର
ମୋ: ୯୪୩୭୯୫୭୬୧୭

ଛାତ୍ରଙ୍କ ଆଖିରେ ସହପାଠୀ ଫେଭି-କୁଇକ୍ ଲଗାଇବା ଘଟଣା

# ପ୍ରଧାନ ଶିକ୍ଷକ ନିଲମ୍ବିତ

ଫିରିଙ୍ଗିଆ, ୧୩।୯ (ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ ସଲାଗୁଡ଼ା ପଞ୍ଚାୟତ ସଲାଗୁଡ଼ା ସେବାଶ୍ରମରେ ୮ଜଣ ତୃତୀୟ ଓ ଚତୁର୍ଥଶ୍ରେଣୀ ଛାତ୍ରଙ୍କ ଆଖିରେ ସହପାଠୀ ଫେଭିକୁଇକ ଲଗାଇବା ଘଟଣାରେ କାର୍ଯ୍ୟାନୁଷ୍ଠାନ ହୋଇଛି। ଜିଲ୍ଲାପାଳ ବେଦଭୂଷଣ ଏହି ଘଟଣାରେ ସ୍କୁଲର ପ୍ରଧାନଶିକ୍ଷକ ମନୋରଞ୍ଜନ ସାହୁଙ୍କୁ ନିଲମ୍ବନ କରିଛନ୍ତି। କାର୍ଯ୍ୟରେ ଅବହେଳା, ବିଦ୍ୟାଳୟରେ ଅନୁପସ୍ଥିତ ରହିବା ନେଇ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ସୂଚନାଯୋଗ୍ୟ, ଗୁରୁବାର ରାତିରେ ସେବାଶ୍ରମରେ ସମସ୍ତେ ଖାଇପିଇ ଶୋଇଥିବା ବେଳେ ୪ର୍ଥ ଓ ୫ମରେ ପଢୁଥିବା ୮ ଛାତ୍ରଙ୍କ ଆଖିରେ ସେମାନଙ୍କର କିଛି ସହପାଠୀ ଫେଭିକୁଇକ୍ ଲଗାଇ ଦେଇଥିଲେ। ସେମାନଙ୍କ ମଧ୍ୟରୁ ୭ଜଣଙ୍କୁ ଗୁରୁତର ଅବସ୍ଥାରେ ଫୁଲବାଣୀ ଜିଲ୍ଲା ଚିକିତ୍ସାଳୟକୁ ଅଣାଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଭଲ ନ ଥିବା ଜଣାପଡ଼ିଛି। ବିଦ୍ୟାଳୟରେ ଶିକ୍ଷକଙ୍କ ଅବହେଳାରୁ ଏଭଳି ଘଟିଥିବାରୁ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ବ୍ୟକ୍ତିଗତ କାର୍ଯ୍ୟରେ ଆଶାକର୍ମୀଙ୍କୁ ନିୟୋଜିତ କରୁଛନ୍ତି ଏଏନ୍‌ଏମ୍

■ କାମ ନ କଲେ ଚାକିରିରୁ ବିଦା ଧମକ
■ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ: ସିଡିଏମ୍‌ଓ



ମୋହନା,୧୩।୯ (ସମିସ): ସୁରକ୍ଷିତ ମାତୃତ୍ୱ ଲାଭ କରିବାରେ ସହଯୋଗ ସହ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ସରକାର ବିଭିନ୍ନ ସ୍ଥାନରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ତଥା ସ୍ୱାସ୍ଥ୍ୟ ଉପକେନ୍ଦ୍ର ଖୋଲିଛନ୍ତି। ପ୍ରତ୍ୟେକ ଆରୋଗ୍ୟ କେନ୍ଦ୍ରରେ ଜଣେ ଲେଖାଏଁ ଏଏନ୍‌ଏମ୍ ନିଯୁକ୍ତ କରିବା ସହ ତାଙ୍କ ଅଧୀନରେ ଆଶାକର୍ମୀଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି। କିନ୍ତୁ ଉପାନ୍ତ ଅଞ୍ଚଳରେ ଆଶାକର୍ମୀଙ୍କୁ ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟ ସହ ଏଏନ୍‌ଏମ୍ ନିଜ ସରକାରୀ ଗୃହର ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିବା ଭଳି ସଂଗୀନ ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ଆସିଛି ଗଜପତି ଜିଲ୍ଲା ମୋହନା ବ୍ଲକର ବୁଡୁଲି ସ୍ଥିତ ସ୍ୱାସ୍ଥ୍ୟ ଉପକେନ୍ଦ୍ରରୁ। ସେଠାରେ ଦାୟିତ୍ୱରେ ଥିବା ଏଏନ୍‌ଏମ୍ ବିଶ୍ୱରଞ୍ଜନୀ ପାଣି ସେକ୍ଟରର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟରତ ଆଶାକର୍ମୀଙ୍କୁ ଉପକେନ୍ଦ୍ରର ସଫେଇ, ବଗିଚା କାମ, ଘାସବଛା ଆଦି କାର୍ଯ୍ୟରେ ଲଗାଉଥିବା ଆଶାକର୍ମୀମାନେ ଅଭିଯୋଗ କରୁଛନ୍ତି। ଯଦି କେହି କାର୍ଯ୍ୟ କରିବାକୁ ଅମଙ୍ଗ ହୁଏ, ତାକୁ ଉପର ଅଧିକାରୀଙ୍କୁ କହି ଚାକିରିରୁ ବାହାର କରିବାର ଧମକ ମଧ୍ୟ ଦେଉଛନ୍ତି ଏଏନ୍‌ଏମ୍। ଏନେଇ ଗ୍ରାମବାସୀ, ଜନପ୍ରତିନିଧି ଅବଗତ ହେବା ପରେ ଜିଲ୍ଲାପାଳ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଏଏନ୍‌ଏମ୍‌ଙ୍କ ମନମୁଖୀ କାର୍ଯ୍ୟ ସମ୍ପର୍କରେ ଲିଖିତ ଭାବେ ଏକ ଅଭିଯୋଗ ପ୍ରଦାନ କରିଛନ୍ତି। ଏଭଳି ଦବଙ୍ଗ କାର୍ଯ୍ୟଶୈଳୀ ପ୍ରଦର୍ଶନ କରୁଥିବା ଏଏନ୍‌ଏମ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ଅଞ୍ଚଳବାସୀ।

ଏନେଇ ଗଜପତି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏମ୍.ଏମ୍ ଅଲ୍ଲୀଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଥିଲେ, ଅଭିଯୋଗ ପାଇବା ପରେ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଜୟ ପଣ୍ଡାଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିବା ପରେ ସମ୍ପୃକ୍ତ ଏଏନ୍‌ଏମ୍‌ଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ତୃତୀୟ ଶ୍ରେଣୀ ଛାତ୍ରକୁ ବାକ୍ସରେ ପୂରାଇଦେଲେ ସହପାଠୀ

ଅଚେତ ଅବସ୍ଥାରେ ଉଦ୍ଧାର

ବଣାଇଁ, ୧୩।୯ (ସମିସ): ଜଣେ ଛାତ୍ରକୁ ଦୀର୍ଘ ୪ ଘଣ୍ଟା ଧରି ବାକ୍ସରେ ବନ୍ଦ କରିଦେଇଥିଲା ଅନ୍ୟ ଜଣେ ଛାତ୍ର। ଏହା ଜଣାପଡ଼ିବା ପରେ ମୁମୂର୍ଷୁ ଅବସ୍ଥାରେ ଉକ୍ତ ଛାତ୍ରକୁ ଉଦ୍ଧାର କରାଯାଇଛି। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଗୁରୁଣ୍ଡିଆ ବ୍ଲକ୍ ଅଧୀନ ଜର୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ସୂଚନାନୁସାରେ, ଶୁକ୍ରବାର ସ୍କୁଲ ହଷ୍ଟେଲରେ ରହୁଥିବା ଦୁଇ ଛାତ୍ରଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଫଳରେ ତୃତୀୟ ଶ୍ରେଣୀର ସ୍ୱସ୍ତିକ କିସାନ ନାମକ ଜଣେ ଛାତ୍ରକୁ ଅନ୍ୟଜଣେ ଛାତ୍ର ବାକ୍ସରେ ବନ୍ଦ କରିଦେଇଥିଲା। ଛାତ୍ରଜଣଙ୍କ କ୍ଲାସ୍‌କୁ ନ ଆସିବା ଦେଖି ଶିକ୍ଷକ ଏବଂ ଅନ୍ୟ ଛାତ୍ରଛାତ୍ରୀମାନେ ଅନେକ ଖୋଜାଖୋଜି କରିଥିଲେ ମଧ୍ୟ ପାଇନଥିଲେ। ଫଳରେ ପ୍ରଧାନ ଶିକ୍ଷକ ଛାତ୍ରଙ୍କ ପିତାମାତାଙ୍କୁ ଖବର ଦେଇଥିଲେ। ବାପା-ମାଆ ସ୍କୁଲରେ ପହଞ୍ଚିବା ପରେ ଛାତ୍ରର ବାକ୍ସକୁ ଖୋଲିବାରୁ ବାକ୍ସ ଭିତରେ ଛାତ୍ରଜଣକେ ମୁମୂର୍ଷୁ ଅବସ୍ଥାରେ ଥିବା ଦେଖିବାକୁ ପାଇଥିଲେ। ଉଦ୍ଧାର କରିବା ପରେ ବାପା-ମାଆ ଛାତ୍ରଙ୍କୁ ଘରକୁ ନେଇ ଯାଇଥିଲେ। ଏନେଇ ପ୍ରଧାନଶିକ୍ଷକ ଗଙ୍ଗାଧର ସେଠଙ୍କ ପଚାରିବାରୁ ଛାତ୍ରଜଣଙ୍କ ବଡ଼ଛାତ୍ରଙ୍କ ମାଡ଼ ଭୟରେ ନିଜ ବାକ୍ସରେ ପଶି ଲୁଚି ରହିଥିବା କହିଥିଲେ।

ଏମ୍‌ସର ନିଆରା ପ୍ରୟାସ

# ଆତ୍ମହତ୍ୟା ରୋକିବ 'ନେଭର୍ ଆଲୋନ୍' ଆପ୍

ମାନସିକ ସ୍ୱାସ୍ଥ୍ୟକୁ ବଳ ଯୋଗାଇବ

ଭୁବନେଶ୍ୱର, ୧୩।୯ (ସମିସ): ଛାତ୍ରଛାତ୍ରୀଙ୍କ ମାନସିକ ସ୍ୱାସ୍ଥ୍ୟ ଉନ୍ନତି ଓ ଆତ୍ମହତ୍ୟା ରୋକିବା ଲାଗି ଏମ୍‌ସ ଭୁବନେଶ୍ୱର ଏକ ନୂତନ ପଦକ୍ଷେପ ନେଇଛି। କୃତ୍ରିମ ବୁଦ୍ଧିମତା (ଏଆଇ) ଭିତ୍ତିକ 'ନେଭର ଆଲୋନ୍' ମାନସିକ ସ୍ୱାସ୍ଥ୍ୟ ଓ କଲ୍ୟାଣ ପ୍ଲାଟଫର୍ମ ପ୍ରୟୋଗ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହା ଯୁବକଙ୍କ ମଧ୍ୟରେ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କଳଙ୍କ ଦୂର କରିବା ଓ ୨୪ ଘଣ୍ଟିଆ ସହାୟତା ଯୋଗାଇବ ବୋଲି ଏମ୍‌ସ ପକ୍ଷରୁ କୁହାଯାଇଛି। ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସରେ ଏମ୍‌ସ ଦିଲ୍ଲୀରେ ଆନୁଷ୍ଠାନିକ ଭାବେ ଉନ୍ମୋଚିତ ହୋଇଥିବା 'ନେଭର ଏଲୋନ୍' ଆପ୍‌କୁ ଏମ୍‌ସ ଭୁବନେଶ୍ୱରରେ କାର୍ଯ୍ୟକାରୀ କରାଯିବ। ଅତ୍ୟନ୍ତ ସୁରକ୍ଷିତ ଓ ୱେବ୍-ଆଧାରିତ ଇଣ୍ଟରଫେସ ଆଧାରିତ ଏହି ପ୍ଲାଟଫର୍ମ, ଯାହା ହ୍ୱାଟସଆପ୍ ମାଧ୍ୟମରେ ୨୪ ଘଣ୍ଟା ମାନସିକ ସ୍ୱାସ୍ଥ୍ୟ ସହାୟତା ପ୍ରଦାନ କରିବ। ଏହି ଆପ୍ ମନସ୍ତତ୍ତ୍ୱ ବିଭାଗ ଦ୍ୱାରା ପରିଚାଳିତ କରାଯିବ। ଏହି ଆପ୍ ମାଧ୍ୟମରେ ଛାତ୍ରମାନେ ଭର୍ଚୁଆଲ ଓ ଅଫଲାଇନ୍, ଉଭୟ ପ୍ରକାରେ ମାନସିକ ସ୍ୱାସ୍ଥ୍ୟ ଓ କଲ୍ୟାଣ ବିଶେଷଜ୍ଞଙ୍କ ସହ ପରାମର୍ଶ ପାଇପାରିବେ ବୋଲି ଏମ୍‌ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ଅଶୁତୋଷ ବିଶ୍ୱାସ କହିଛନ୍ତି।

୩୦ଜିଲ୍ଲାରେ ରାଷ୍ଟ୍ରୀୟ ଲୋକ ଅଦାଲତ

# ୩୦୬୬୯୫ ମାମଲାର ଫଇସଲା

୨୬୫କୋଟି ଟଙ୍କା କ୍ଷତିପୂରଣ ରାଶି ସ୍ଥିରୀକୃତ

କଟକ,୧୩।୯ (ସମିସ): ଜାତୀୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ରାଜ୍ୟ ଆଇନ ସେବା ପ୍ରାଧିକରଣ ଆନୁକୁଲ୍ୟରେ ରାଜ୍ୟବ୍ୟାପୀ ୩୦ଗୋଟି ଜିଲ୍ଲା ଓ ବିଭିନ୍ନ ତାଲୁକ ସ୍ତରରେ ଆଜି ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୩,୦୬,୬୯୫ଟି ମାମଲା ଫଇସଲା ହୋଇଛି ଓ ମୋଟ ୨୬୫କୋଟି ୨୬ଲକ୍ଷ ୯୫ହଜାର ୭୩୯ ଟଙ୍କା କ୍ଷତିପୂରଣ ରାଶି ସ୍ଥିରୀକୃତ ହୋଇଛି । ସମାଧାନ ହୋଇଥିବା ମାମଲା ଗୁଡିକ ମଧ୍ୟରେ ପ୍ରାକ ମକଦ୍ଦମା ସ୍ତରୀୟ ୭୬୪୪ଟି ମାମଲା ଓ ବିଚାରାଧିନ କୋର୍ଟ ମାମଲା ୨୨୯୩୬ଟି ଓ ୨,୭୬,୦୯୩ଟି ରାଜସ୍ୱ ମାମଲା ଏହିପରି ମୋଟ ୩,୦୬,୬୯୫ଟି ମାମଲା ଫଇସଲା କରାଯାଇଛି। ଫଇସଲା ହୋଇଥିବା ବିଚାରାଧୀନ ମାମଲା ଗୁଡିକ ମଧ୍ୟରେ ୩୭୦ଟି ଫୌଜଦାରୀ (କ୍ରିମିନାଲ କମ୍ପାଉଣ୍ଡେବଲ),ଏନଆଇ ଆକ୍ଟ ମାମଲା ୨୨୦୦ଟି, ଟଙ୍କା ଅସୁଲି ମାମଲା ୬୮୨ଟି ଓ ୧୩୦୯ଟି ମୋଟରଯାନ ଦୁର୍ଘଟଣାଜନିତ ମାମଲା ଫଇସଲା କରାଯାଇପାରିଛି । ସେହିଭଳି ୬୬୦ଟି ପାରିବାରିକ ଓ ବୈବାହିକ ବିବାଦ(ବିବାହ ବିଚ୍ଛେଦ ବ୍ୟତୀତ), ୨ଟି ଜମି ଅଧିଗ୍ରହଣ ବିବାଦ, ୩୫ଟି ବିଦ୍ୟୁତ, ଜଳ ବିଲ୍ ସଂପର୍କିତ,୩୯ଟି ଶ୍ରମ ଓ ନିୟୋଜନ ସଂପର୍କିତ ୨୭୬୦୯୩ଟି ରାଜସ୍ୱ ମାମଲା,ଅନ୍ୟାନ୍ୟ ଫୌଜଦାରୀ ମାମଲା ୧୫,୩୭୯ଟି ,ଖାଉଟି ଓ କ୍ୱାସି ଜୁଡିସିଆଲ ମାମଲା ୩୨ଟି,୨୨୨୮ଟି ଅନ୍ୟାନ୍ୟ ଦେୱାନୀ ମାମଲା ,ରାଜ୍ୟ ଖାଉଟି ବିବାଦ ସମାଧାନ ଆୟୋଗ ୨ଟି,ଡିଆରଟି ମାମଲା୮ଟି , ଶିକ୍ଷା ଟ୍ରିବ୍ୟୁନାଲ ମାମଲା ୮ଟି, ଶ୍ରମ ଅଦାଲତ ମାମଲା ୨ଟି,ଶିଳ୍ପ ଟ୍ରିବ୍ୟୁନାଲ ମାମଲା ୨ଟି ଅନ୍ତର୍ଭୁକ୍ତ ବୋଲି ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ତଥା ରାଜ୍ୟ ଆଇନ ସେବା ପ୍ରାଧିକରଣର ମୁଖ୍ୟ ଉପଦେଷ୍ଟା ଜଷ୍ଟିସ ହରିଶ ଟଣ୍ଡନ, ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ ମାନସ ରଂଜନ ପାଠକଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଏହି ଲୋକ ଅଦାଲତ ରାଜ୍ୟର ବିଭିନ୍ନ ଜିଲ୍ଲା,ତାଲୁକ ଓ ଟ୍ରିବ୍ୟୁନାଲ ସ୍ତରରେ ଅନୁଷ୍ଠିତ ହୋଇଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରାଜସ୍ଥାନରୁ ୧୫ରେ...

ଏହାପରେ ଜୁନ ୨୯ରେ ଅର୍ଥାତ ୯ ଦିନ ପୂର୍ବରୁ ପୂରା ଦେଶକୁ ମୌସୁମୀ ପରିବ୍ୟାପ୍ତ ହୋଇଥିଲା। ସାଧାରଣତଃ ଏହା ଜୁଲାଇ ୮ରେ ସାରା ଦେଶକୁ ସମ୍ପୂର୍ଣ୍ଣ ଭାବେ କଭର କରିଥାଏ। ଏଥର ସାରା ଦେଶରେ ଏପର୍ଯ୍ୟନ୍ତ ୮୩୫.୨ ମିମି ବର୍ଷା ହୋଇଛି। ସ୍ୱାଭାବିକ ଠାରୁ ଏହା ୭ ପ୍ରତିଶତ ଅଧିକ।

ଇତିମଧ୍ୟରେ ହିମାଚଳ ପ୍ରଦେଶର ବିଳାଶପୁରର ନାମହୋଲରେ ଶୁକ୍ରବାର ବିଳମ୍ବିତ ରାତିରେ ବାଦଲ ଫଟା ବର୍ଷା ହୋଇଥିଲା। ଫଳରେ ଆବର୍ଜନା ତଳେ ୧୦ଟି ଗାଡି ଦବି ଯାଇଛି। ଅନେକ ଘର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ସେହିପରି ମଣ୍ଡି ଜିଲ୍ଲାର ଧର୍ମପୁରରେ ସପଡ଼ି ରୋହ ଗାଁରେ ଶନିବାର ସକାଳେ ଭୂସ୍ଖଳନ ହେବାରୁ ଅନେକ ଘର ପାଣିରେ ରହିଛି। ହିମାଚଳରେ ବର୍ଷା, ବନ୍ୟା ଓ ଭୂସ୍ଖଳନରେ ଏପର୍ଯ୍ୟନ୍ତ ମୋଟ ୩୮୬ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ରାଜ୍ୟରେ ଏଥର ସମାନ୍ୟଠାରୁ ଅଧିକ ୪୩ ପ୍ରତିଶତ ବର୍ଷା ହୋଇଛି। ଜୁନ୍ ୧ରୁ ସେପ୍ଟେମ୍ବର ୧୨ ପର୍ଯ୍ୟନ୍ତ ହାରାହାରି ୬୭୮.୪ ମିମି ବର୍ଷା ହୋଇଥାଏ। କିନ୍ତୁ ଏଥର ମୌସୁମୀ ଋତୁରେ ୯୬୭.୨ ମିମି ବର୍ଷା ହୋଇଛି। ଉତ୍ତରପ୍ରଦେଶର ଉନ୍ନାଓରେ ଗଙ୍ଗା ନଦୀର ଜଳସ୍ତର ବିପଦ ସଂକେତର ୨୩ ସେମି ଉଚ୍ଚରେ ରହିଛି। ଫଳରେ ୮୦ଟି ଗାଁ ବନ୍ୟା ଘେରରେ ରହିଛି। ୧୦୦ରୁ ଊର୍ଦ୍ଧ୍ୱ ପରିବାର ବାସହାରା ହୋଇଛନ୍ତି। ହିମାଚଳରେ ଏପର୍ଯ୍ୟନ୍ତ ସାମାନ୍ୟଠାରୁ ୧୩୩ ପ୍ରତିଶତ ଅଧିକ ବର୍ଷା ହୋଇଛି।

### ଭାରତ-ପାକ୍...

କୁହାଯାଇଛି ଯେ ସାମାଜିକ ଗଣମାଧ୍ୟମରେ ପାକିସ୍ତାନୀ ଖେଳାଳି ଭାରତୀୟଙ୍କ ପ୍ରତି ଅପମାନସୂଚକ ଶବ୍ଦ ବ୍ୟବହାର କରୁଛନ୍ତି। ଏଭଳି ସ୍ଥିତିରେ ସେମାନଙ୍କ ସହିତ ଖେଳାଯିବା ଉଚିତ ନୁହେଁ। ପହଲଗାମ ଆକ୍ରମଣର ଶିକାର ପରିବାର ମଧ୍ୟ ଏହି ମ୍ୟାଚ୍‌କୁ ବିରୋଧ କରିଛନ୍ତି। ସେମାନେ କହିଛନ୍ତି ଯେ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ଯେଉଁ ୨୬ ଜଣ ପ୍ରାଣ ହରାଇଛନ୍ତି,ସେମାନଙ୍କ ପ୍ରତି ବିସିସିଆଇର ଟିକିଏ ହେଲେ ସମବେଦନା ନାହିଁ।

ଅନ୍ୟପକ୍ଷରେ ବିଜେପି ନେତା ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି ଯେ ଆତଙ୍କବାଦକୁ ସମର୍ଥନ କରୁଥିବା ପର୍ଯ୍ୟନ୍ତ ପାକିସ୍ତାନ ସହିତ ଦ୍ୱିପାକ୍ଷିକ ମ୍ୟାଚ୍ ନଖେଳିବାକୁ ଭାରତ ନିଷ୍ପତ୍ତି ନେଇଛି। କିନ୍ତୁ ବହୁଦେଶୀୟ ଟୁର୍ଣ୍ଣାମେଣ୍ଟରେ ଏହା ସମ୍ଭବ ନୁହେଁ, କାରଣ ଭାରତୀୟ ଟିମ୍‌କୁ ଏହା କ୍ଷତି ପହଞ୍ଚାଇବ।

ଦେଶ ଭିତରେ ଏହି ମ୍ୟାଚ୍‌କୁ ନେଇ ଉତ୍ତେଜନା ଦେଖାଦେଇଥିବା ବେଳେ ବିସିସିଆଇ ମୁହଁ ଖୋଲୁ ନାହିଁ। ତେବେ ଯାହା ଖବର ମିଳିଛି ଯେ ଏହାର ଅଧିକାରୀ ଆସନ୍ତାକାଲିର ମ୍ୟାଚ୍‌ରେ ଉପସ୍ଥିତ ରହିବେ ନାହିଁ। କେବଳ ଜଣେ ଅଧିକାରୀ ଉପସ୍ଥିତ ରହିବେ।

### ନୂଆପଡ଼ାରେ ହେବ...

ଜାରି ସୂଚନା ଅନୁସାରେ ସେପ୍ଟେମ୍ବର ୧୪ତାରିଖ ସୁଦ୍ଧା ମତଦାନ କେନ୍ଦ୍ରର ପୁନଃବ୍ୟବସ୍ଥାପନ ବା ପରିବର୍ତ୍ତନ ସହ ୧୫ତାରିଖରେ ସମନ୍ୱିତ ଚିଠା ଭୋଟର ତାଲିକା ପ୍ରକାଶ ପାଇବ। ସେହିଦିନଠାରୁ ସେପ୍ଟେମ୍ବର ୨୯ତାରିଖ ପର୍ଯ୍ୟନ୍ତ ଏହା ଉପରେ ଦାବି ଓ ଆପତ୍ତି ଦାଖଲ ଆହ୍ୱାନ, ଅକ୍ଟୋବର ୭ସୁଦ୍ଧା ଦାବି ଓ ଆପତ୍ତିର ସମାଧାନ ଏବଂ ଅକ୍ଟୋବର ୯ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଁ ନିର୍ବାଚନ ଅଧିକାରୀ କାର୍ଯ୍ୟସୂଚୀ ଜାରି କରିଛନ୍ତି। ଏହାପରେ ମତଦାନ ପାଇଁ ପରବର୍ତ୍ତୀ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଜଣାପଡ଼ିଛି।

### ମେଲୋଡି ଗାର୍ଲଙ୍କୁ...

ସନ୍ଦେହ କରିନଥିଲେ। ପୂର୍ବ ଯୋଜନା ମୁତାବକ, ଚନ୍ଦନ ଓ ପ୍ରସନ୍ନ ଯୁବତୀଙ୍କୁ ଥଣ୍ଡା ପାନୀୟରେ ନିଶା ଦେଇ ଅଚେତ କରିବା ପରେ ରୁମ ଭିତରେ ଜଣଙ୍କ ପରେ ଜଣେ ବାରମ୍ବାର ଦୁଷ୍କର୍ମ କରିଥିଲେ।

ଅପରାହ୍ଣରେ ଯୁବତୀଙ୍କ ଚେତା ଫେରିବା ବେଳକୁ ରୁମକୁ ବାହାର ପଟରୁ ତାଲା ପଡ଼ିଥିଲା। କବାଟ ବାଡ଼େଇବା ପରେ କେୟାରଟେକର୍ ରାଜେଶ ତାଲା ଖୋଲି ରୁମକୁ ଆସିଥିଲା। ରାଜେଶ ମଧ୍ୟ ଦୁଷ୍କର୍ମ କରିବାକୁ ଚାହୁଁଛି ବୋଲି ଯୁବତୀଙ୍କୁ କହିଥିଲା। ତା' କଥା ଶୁଣି ଯୁବତୀଜଣଙ୍କ କାନ୍ଦିବାରୁ ଚନ୍ଦନ ଓ ପ୍ରସନ୍ନ ରୁମରେ ପହଞ୍ଚିଥିଲେ। ପରେ ଏକ କାର୍ ଭଡ଼ା କରି ଯୁବତୀଙ୍କୁ ପଠାଇ ଦେଇଥିଲେ। କାର୍ ଚାଳକଜଣଙ୍କ ପୀଡ଼ିତାଙ୍କୁ ରସୁଲଗଡ଼ ଛକରେ ଛାଡ଼ି ପଳାଇଥିଲା। ସେହି ସମୟରେ ପୀଡ଼ିତାଙ୍କ ସାଙ୍ଗ ଫୋନ୍ କରିବାରୁ ସେ କାନ୍ଦି କାନ୍ଦି ସବୁ କଥା କହିଥିଲେ। ପୀଡ଼ିତାଙ୍କ ସାଙ୍ଗ ତାଙ୍କୁ ରସୁଲଗଡ଼ ଛକରୁ ଉଦ୍ଧାର କରି ଘରକୁ ନେଇଥିଲେ। ଏହାର ପରଦିନ ପୀଡ଼ିତାଙ୍କ ବଡ଼ ଭଉଣୀ ମହିଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ପୀଡ଼ିତାଙ୍କ ଡାକ୍ତରୀମାଇନା କରିବା ସହ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଧାରା ୧୮୩ ଅନୁସାରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୀଡ଼ିତାଙ୍କ ବୟାନ ରେକର୍ଡ କରିଥିଲା। ଆଜି ମୁଖ୍ୟ ଅଭିଯୁକ୍ତ ଚନ୍ଦନ, ପ୍ରସନ୍ନ ଓ କେୟାରଟେକର୍ ରାଜେଶକୁ ଗିରଫ କରି କୋର୍ଟଚାଲାଣ କରିଛି।

### ଭୁଶୁଡ଼ିଲା ମାର୍କେଟ୍...

ପଡ଼ିଥିଲା। ଫଳରେ କମ୍ପ୍ଲେକ୍ସର ଉପର ମହଲା ମଧ୍ୟ ଧରାଶାୟୀ ହୋଇଥିଲା। ସୌଭାଗ୍ୟବଶତଃ ଷ୍ଟଲ୍ ଭିତରେ କାମ କରୁଥିବା ଶ୍ରମିକମାନେ ଦୌଡ଼ି ବାହାରକୁ ଚାଲି ଆସିଥିଲେ। କିନ୍ତୁ ବେକେରୀ ସମ୍ମୁଖରେ ପାନ ଦୋକାନ କରି ପରିବାର ଚଳାଉଥିବା ବେକେରୀ ମାଲିକଙ୍କ ଭାଇ ଲୋକନାଥ ପାତ୍ର ଛାତ ତଳେ ଚାପି ହୋଇ ରହି ଯାଇଥିଲେ। ଖବର ପ୍ରଚାର ହେବା ମାତ୍ରେ ୬ଟି ଜେସିବି ମେସିନ୍ ସହ ଓଡ୍ରାଫ ଟିମ୍ କୋରାପୁଟ, ଜୟପୁର, ସେମିଳିଗୁଡା ଏବଂ ଲକ୍ଷ୍ମୀପୁର ଅଗ୍ନିଶମ ବିଭାଗ କର୍ମଚାରୀ ତଲାସୀ କୁକୁର ନେଇ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ।

କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ଼ ବିଧାୟକ ରୂପୁ ଭତ୍ରା, ଏସ୍‌ପି ରୋହିତ ବର୍ମା, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ପୌର ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ଏବଂ ଅନ୍ୟ ଅଧିକାରୀ ସେଠାରେ ପହଞ୍ଚିଥିଲେ। କଟର୍ ଦ୍ୱାରା ଛାତ କାଟି ଚାପି ହୋଇ ରହିଥିବା ଲୋକନାଥ ପାତ୍ରଙ୍କୁ ଗୁରୁତର ଅବସ୍ଥାରେ ତୁରନ୍ତ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସପିଟାଲକୁ ନିଆଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। କମ୍ପେଲକ୍ସ ପ୍ରାୟ ୪୦ବର୍ଷ ପୁରୁଣା ଓ ଅତ୍ୟନ୍ତ ବିପଜ୍ଜନକ ଅବସ୍ଥାରେ ଥିବାରୁ ଜିଲ୍ଲା ପ୍ରଶାସନ ଏହାକୁ ବିପଦସଂକୁଳ ବୋଲି ଘୋଷଣା କରିଛି। କୌଣସି ବ୍ୟବସାୟୀ ବିଶ୍ୱାସ ରାୟ ମାର୍କେଟ୍ କମ୍ପ୍ଲେକ୍ସରେ ଦୋକାନ ନ ଖୋଲିବା ଏବଂ ଜନସାଧାରଣ ସେଠାକୁ ନଯିବା ପାଇଁ ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। ଅନ୍ୟପକ୍ଷରେ, ମୃତକଙ୍କ ପରିବାରକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ରେଡକ୍ରସ ପାଣ୍ଠିରୁ ୩୦ହଜାର ଟଙ୍କା ସହାୟତା ଦିଆଯାଇଛି ଏବଂ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ଲକ୍ଷ ଟଙ୍କାର ସହାୟତା ଯୋଗାଇ ଦେବାକୁ ଅନୁରୋଧ କରାଯାଇଥିବା ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ସୂଚନା ଦେଇଛନ୍ତି।

**ODISHA HYDRO POWER CORPORATION LTD.,**
OHPC
O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA – 768017, DISTRICT: SAMBALPUR (ODISHA),
PHONE: 0663-2950721(O), 2950765(R), E-Mail: srgmhps_burla@yahoo.co.in
CIN : U40101OR1995SGC003963
CAD-1739

**No. HHEP/Tech-WK-104, Vol-IV/6161** **Date : 10.09.2025**

**NOTICE INVITING TENDER NO HHEP-53/2025**

Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed Contractors having **valid HT License with supervision for EHT works** issued from ELBO, Govt of Odisha, valid IT PAN, GST registration certificate and past experience for carrying out such type of work as mentioned below.

| Sl. No. | Description of work/ Service | Cost of tender paper (non-refundable) in Rs. | EMD in shape of DD/BC (Refundable) in Rs. |
|---|---|---|---|
| 1 | Annual Maintenance Contract for two years for maintenance of equipments of 132KV Switchyard, 11KV Switch house & LT Systems of HHEP,Burla | Rs. 11800/- (Rs. 10000 + GST @ 18%) | 57565/- |

- Sale of tender paper: **16.09.2025 (10.00AM) to 03.10.2025 upto 05.30PM**
- Receipt of tender paper: **04.10.2025 upto 03.30PM**
- Date & time of opening of tender: **04.10.2025 at 04.00PM**
- For details of tender documents / terms & conditions / corrigendum / errata / addendum if any please visit our website www.ohpcltd.com.

Sd/-
OIPR-04007/11/0072/2526 C&P Head. HHEP. Burla

**VEHICLE FOR SALE**
MARUTI TOUR S, Model - 2023, Registration No-OD-34-R-0993, in as is where is condition. Contact: M/S Sundaram Finance Limited, JAJPUR ROAD BRANCH, Ph: 94371 02409 within 7 days

**VEHICLE FOR SALE**
ITL SONALIKA SOLISYAN DI 42 TRACTOR WITH TRAILER, Model - 2022, Registration No-OD-09-X-3898, in as is where is condition, Contact: M/S Sundaram Finance Limited, JAJPUR ROAD BRANCH, Ph:94371 02409 within 7 days

**AFFIDAVIT**
By virtue of an Affidavit sworn before Executive Magistrate, Basudevpur, dated 24 April 2025.I, Sukanta Kishor Mohanty, age- 40 years, S/o- Gagan Mohanty, Address- Village- Mallikadeipur, P.O./ P.S. - Naikanidihi, Dist.: Bhadrak, Odisha, declare that I have changed my name from Sukanta Kishor Mohanty, to Sudarshan Mohanty, S/o- Gagan Mohanty. Henceforth, I shall be know as Sudarshan Mohanty, S/o- Gagan Mohanty for all purposes.
Sudarshan Mohanty

**AFFIDAVIT**
By virtue of an affidavit sworn before Executive Magistrate Angul dated 26/08/2025, I **Shraddha Tulsiyan,** Address: Old Daily Market, Laxmi Bazar, Angul, Pin-759122, Odisha, declare that I have changed my name from **Shraddha Kansal** to **Shraddha Tulsiyan.** Henceforth, I shall be known as **SHRADDHA TULSIYAN** (new name) for all purposes.
**Shraddha Tulsiyan**

**AFFIDAVIT**
By virtue of an affidavit No. 5403 sworn before the Executive Magistrate, Champua on dated- 08/09/2025. I **Alekh Kumar Sahoo**, Permanent resident of Vill- Dhaladihi, Po/Ps- Champua, Dist- Keonjhar, Odisha, Pin- 758041 declare that I have changed my minor daughter's name from **Sangita Sahoo** (old name) To **Aradhya Sahoo** (new name). Henceforth she shall be known as **ARADHYA SAHOO,** D/o- Alekh Kumar Sahoo for all future purposes.
**Sd/- Alekh Kumar Sahoo**

**DOCUMENT LOST**
I, **Maheswar Panda,** S/o Dinabandhu Panda, resident of GN-4, Ganesh Nagar, Gandamunda, PS- Khandagiri, Bhubaneswar, Dist- Khorda, Odisha do hereby declare that, Original Sale Deed bearing No. 230, 1152, 130 & 1722 & ROR vide Khata No. 453/128, 1133/2436 & Land Passbook No. 07054178/35 has been lost somewhere in Jagamara Bazar while I travelling from Ganesh Nagar To Royal Garden, Aiginia on 08/09/2025. If any person finds the same, may please contact to my address or nearest police station & if anyone will misutilize it I will not be responsible for it.
**Maheswar Panda**

**AFFIDAVIT**
By virtue of affidavit C.F. No. 2461, dtd. 18.08.2025 in the court of the Executive Magistrate, Sambalpur, I, Balkeshi Yadab, aged about 45 years have changed my name and address from Sawariya Devi, W/o- Bindeshwari Ray, resident of At- Shilauri, Po- Marhowrah, Dist.- Saran (Bihar) to Balkeshi Yadab, aged about 45 years, W/o- Bindheswari Yadab, resident of At- Dindayal Nagar (Dhipapada), Po/Ps- Burla, Dist.- Sambalpur (Vide my Aadhaar Card No. 698622954248) for all purposes.
**Sd/- Balkeshi Yadab**

**AFFIDAVIT**
By virtue of an affidavit sworn before the Executive Magistrate, Jajpur Road no 3474 dated 07/02/2025 I Amulya Kumar Nayak declare that My wife surname is wrongly printed as Swagatika Nayak in my daughter's birth certificate issued by CHC Korei (700) in place of Swagatika Jena. Hence she will be known as **Swagatika Jena alias Nayak** for all purposes.
**Sd/- AMULYA KUMAR NAYAK**

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar, Affidavit No.111, on dated, 12.09.2025, I Triloknath Mohapatra, resident of Plot No.1385/9, Sastri Nagar, Unit-4, Ps- Kharvel Nagar, Bhubaneswar, Dist-Khordha, Odisha, PIN-751001, declare that I have changed my name from Trilok Mohapatra to Triloknath Mohapatra. Henceforth, He shall be known as **TRILOKNATH MOHAPATRA** for all future purposes.

**AFFIDAVIT**
By virtue of an affidavit sworn before the Executive Magistrate,Cuttack , vide No.7920 dated 11.09.2025, I, Sajida Khatun, M/o Arsalan Raja Khan, Resident of At/Po- Rasulpur, PS-Tirtol, Dist- Jagatsinghpur, PIN-754104, Odisha declare that I have changed my Son's name from Aramlan Raja Khan to Arsalan Raja Khan. Henceforth, He will be known as **ARSALAN RAJA KHAN** for all future purposes.

**AFFIDAVIT**
By virtue of an Affidavit before Notary Public, Malkangiri, I, **Debe Kabasi**, aged about 27 years, W/o.: Irma Kabasi, D/o.: Laka Madkami resident of Village: Fulaguda, PO.: Sikhapali, P.S./Dist.: Malkangiri, Odisha, declare by this Affidavit No.: 1601/2025, Dated: 12.09.2025 that I have changed my name from Debe Madkami to **Debe Kabasi**. Henceforth I shall be known as **Debe Kabasi**, for all future purposes.

**NOTICE**
By virtue of an affidavit sworn before the Notary Public, Cuttack, dated 22.08.2025 I, Swami Anupamanand Saraswati, S/o- Subash Pradhan permanent resident of At- Tholanda, P.O.- Alladi, PS- Jagannath Prasad, Dist- Ganjam, Odisha, Pin- 761120 have changed my name and surname from Bikram Pradhan to Swami Anupamanand Saraswati. Henceforth, I shall be known as **Swami Anupamanand Saraswati** for all purposes.
**Swami Anupamanand Saraswati**

**AFFIDAVIT**
By virtue of an affidavit CF No.-47, dtd.25.07.2025 in the court of the Executive Magistrate, Bhubaneswar, I, Raja Das, S/o- Babu Das, resident of Plot No. 1190, Raghunath nagar, Satya Nagar, Dumduma, Po- Dumduma, Ps- Khandagiri, Bhubaneswar, Dist.- Khordha, Odisha, Pin-751019 have changed my name from Sek Raja to Raja Das. Hencefroth I shall be known as Raja Das for all purposes.
**Sd/- Raja Das**

**AFFIDAVIT**
By virtue of an affidavit sworn before the Executive Magistrate, Nabarangpur, dated. 08.09.2025, I Bharat Hial, S/o- Madhu Hial, Vill.- Kamata, Po.- Kamata, Ps.- Tentulikhunti, Dist.- Nabarangpur, Odisha, Pin- 764049, declare that, I have changed my minor Daughter 's name from **SECOND BABY OF LYDIA HIAL** to **ABIGAIL HIAL**. Henceforth she shall be known as **Abigail Hial** for all purposes.
Sd/- **Bharat Hial**

**NOTICE**
By virtue of an affidavit sworn before the Notary Public, Cuttack, dated 02.09.2025 I, Basanti Sahoo, W/o – Avimanyu Moharana, D/o. Late Panchanan Sahoo, resident of At– Ramagarh, P.O.- Kotasahi, P.S- Tangi, Dist- Cuttack, Odisha, Pin- 754022 have changed my name from Basanti Moharana to Basanti Sahoo. Henceforth, I shall be known as Basanti Sahoo for all purposes.
**Basanti Sahoo**

**AFFIDAVIT**
By virtue of an affidavit CF No.-34, dtd.04.09.2025 in the court of the Executive Magistrate, Bhubaneswar, I, Dipa Sethi, W/o- Santosh Kumar Sethi, resident of Plot No. 122, Balanaga, Maa Narayani Mandir, Sainsasan, Po- Dakhinaradasa, Dist.- Puri, Odisha, Pin-752114 have changed my name from Dwipa Sethy to Dipa Sethi. Hencefroth I shall be known as Dipa Sethi for all purposes.
**Sd/- Dipa Sethi**

**AFFIDAVIT**
By virtue of an affidavit sworn before the Executive Magistrate, Nabarangpur, vide No. 776 dt. 10.09.2025 I Sri Puppala Srinivas, S/o- Late Puppala Jagannath Rao resident of Gill Petrol Pump back side, Chamuriaguda, Nabarangpur, Dist.- Nabarangpur, Odisha- 764059 state that I intend to rectify the names in the school admission records and enter our names as **PUPPALA SOHAN KUMAR**, S/O- **PUPPALA SRINIVAS** (Father) and **PUPPALA KALPANA** (Mother) in place of P. SOHAN KUMAR, S/o- P. SRINIVAS (father) and P. KALPANA (mother) in respective columns to avoid future litigations.
Sd/- Puppala Srinivas

**AFFIDAVIT**
I, Smt. Padmini Kumari Mishra, W/o- Sri Debendra Mishra, resident of Gadia Street, Nabarangpur, Dist.- Nabarangpur state vide affidavit no. 1000 dtd.13.09. 2025 that, my actual and correct name is **Padmini Kumari Mishra** but in my daughter **Eva Mishra**'s admission in PM Kendriya Vidyalaya, Nabarangpur my name has been entered as Padmini Mishra. Hence **Padmini Kumari Mishra** and **Padmini Mishra** is one and same same person. Henceforth, I shall be known as **Padmini Kumari Mishra** for all official purposes.

**AFFIDAVIT**
By virtue of an affidavit sworn before the Executive Magistrate, Nabarangpur, dated. 03.09.2025, I Chandralal Durga, S/o- Late Sobha Harijan, Vill.- Tota Street, Nabarangpur, Po.- Nabarangpur, Ps.- Nabarangpur, Dist- Nabarangpur, Odisha, Pin - 764059, declare that, I have changed my minor Daughter's name from **RITWISHALAL HARIJAN** to **RITWISHALAL DURGA**. Henceforth she shall be known as **Ritwishalal Durga** for all purposes.
Sd/- **Chandralal Durga**

**AFFIDAVIT**
By virtue of an affidavit sworn before the Executive Magistrate, Nabarangpur, dated. 01.09.2025, I REBATI HARIJAN, W/o- Sahul Bagh, Vill- Bhatisalguda, Nabarangpur, Po.-Nabarangpur, P/s.- Nabarangpur, Dist- Nabarangpur, Odisha, Pin - 764059 declare that, I have changed my name from **SAMA HARIJAN** to **REBATI HARIJAN**. Henceforth I shall be known as **REBATI HARIJAN** for all purposes.
Sd/- **REBATI HARIJAN**

**AFFIDAVIT**
I, Raja Ramesh, S/o- R. P. Raja resident of Vill.- Balda, Po.- Balda, Ps.- Padwa Dist.- Koraput, Odisha state vide affidavit no.777 dtd.05.9.2025 that, I have changed my son's name from **Raja Yagesh** to **R. Yogesh** and his Date of Birth is **18/03/2009**. Henceforth he will be known as **R. Yogesh** for all future purposes.

**AFFIDAVIT**
By virtue of an affidavit vide no.-.3455, dated 10/09/2025 sworn before Executive Magistrate, Banpur declare that, I, Sangram Keshari Palai, S/o- Basudev Palai, At- Nuagada, Po.- Badakul, Ps.- Balugaon, Dist.- Khordha, Odisha, Pin- 752030 declare that, I **Sangram Keshari Palai** and **Sangram Keshri Palai** is one and same person. But I want to keep my name as **Sangram Keshari Palai** as per adhar for all purposes.
Sangram Keshari Palai

**AFFIDAVIT**
By virtue of an affidavit sworn before The Executive Magistrate Banpur, Dist.- Khordha vide no-3404, Dated- 6/9/2025, I Gangadhar Nayak, aged about 57yrs., S/O- Kaibalya Nayak, At- Balipadar, Po./Ps.-Banpur, Dist.- Khordha, Pin-752031, Odisha, declare that I have changed my minor Daughter's name from **Debasmita Debabarni Nayak** to **Debasmita Nayak**, which is mentioned in Certificate. Henceforth, he shall be known as **Debasmita Nayak** for all purpose.
Debasmita Nayak

**AFFIDAVIT**
By virtue of an affidavit No 12/33 dated 11/09/2025 before the Notary Public, Puri, I, Dasarathi Satapathy, S/o- Late Ramachandra Satapathy, At/Po- Bhagabanpur, PS- Brahmagiri, Puri - 752011 declare that now onwards I shall be known as **DASHARATHI SATAPATHY** for all future purpose.

**AFFIDAVIT**
I, Smt. Urmila Behera, W/o- Sri Tapan Kumar Behera, resident of Vill./Po.- Mirganguda, Ps.- Nabarangpur, Dist.- Nabarangpur vide affidavit no. 997 dtd.12.9.2025 state that my actual and correct name is **URMILA BEHERA**. At the time of my daughter Sudhansubala Behera's admission in PM Kendriya Vidyalaya, Nabarangpur my name has been entered as Urmilla Behera. Hence **Urmila Behera** and **Urmilla Behera** is one and same person. Henceforth I shall be known as **Urmila Behera** for all official purposes.

### ଜଳସେଚନ ବିଭାଗ ୱାଚମ୍ୟାନଙ୍କୁ ଅଶ୍ଳୀଳ ବ୍ୟବହାର ଓ ଧମକ

# ଏସ୍‌ଡିଓଙ୍କ ବିରୋଧରେ ଥାନାରେ ଅଭିଯୋଗ




**ଭଦ୍ରକ, ୧୩।୯ (ସମିସ)**

ଜଳସେଚନ ବିଭାଗର ୱାଚମ୍ୟାନଙ୍କୁ ନାଲିଆଖି, ଅଶ୍ଳୀଳ ବ୍ୟବହାର କରିବା ସହିତ ବୃଦ୍ଧା ମହିଳାଙ୍କ ଚୁଟି ଘୋଷାଡି ମାରିବା ପାଇଁ ବିଭାଗୀୟ ଏସଡିଓ ଧମକ ଦେଉଛନ୍ତି। ସରକାର ବଦଳିବା ପରେ ଏବେ କୁଜି ନେତାଙ୍କ ହାତବାରିସି ସାଜିଛନ୍ତି କିଛି ଚାଟୁକାରିତା ସରକାରୀ ବାବୁ। ଗତ ୨୦୨୩ରୁ ଜଳସେଚନ ବିଭାଗର ୱାଚମ୍ୟାନ୍ ଭାବରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ନିଶାସକ୍ତ ଅବସ୍ଥାରେ ଏସଡିଓ ଅଶ୍ଳୀଳ ବ୍ୟବହାର କରିବା ସହିତ ବକେୟା ପାଉଣା ଦେଉ ନ ଥିବା ନେଇ ତାଙ୍କ ବିରୋଧରେ ଚାନ୍ଦବାଲି ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏ ନେଇ ୱାଚମ୍ୟାନ ଅଭିଷେକ ପ୍ରିୟଦର୍ଶୀ ଜେଷ୍ଠି ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଚାନ୍ଦବାଲି ଜଳସେଚନ ବିଭାଗର ୱାଚମ୍ୟାନ ଭାବରେ ଅଭିଷେକ ପ୍ରିୟଦର୍ଶୀ ଜେଷ୍ଠି ୨୦୨୩ରୁ କାର୍ଯ୍ୟ କରିଆସୁଛନ୍ତି। ସେ ନିଜ ପରିବାର ସହିତ ଏକ କ୍ୱାର୍ଟରରେ ରହୁଥିଲେ; ହେଲେ କିଛି ଦିନ ପୂର୍ବରୁ ଚାନ୍ଦବାଲି ଜଳସେଚନ ବିଭାଗର ଏସଡିଓ ସୁରୋଜ ମଲ୍ଲିକ ୱାଚମ୍ୟାନଙ୍କୁ ଘର ଛାଡିବା ପାଇଁ କହିଥିଲେ। ହେଲେ ୨୦୨୩ରୁ ଆଜି ପର୍ଯ୍ୟନ୍ତ ୱାଚମ୍ୟାନ ଜଣଙ୍କ ନିଜର ପାଉଣା ପାଇନଥିବା ବେଳେ ସେ ଘର ଛାଡ଼ିବା ପାଇଁ ଅମଙ୍ଗ ହୋଇଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଏସ୍‌ଡିଓ ସୁରୋଜ୍ ମଲ୍ଲିକ ୱାଚମ୍ୟାନଙ୍କ ସହିତ ତାଙ୍କ ପରିବାରକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଘର ଖାଲି ନ କଲେ ମହିଳାଙ୍କ ଚୁଟି ଘୋଷାଡି ମାରିବା ପାଇଁ ଧମକ ଦେଇଥିବା ଅଭିଯୋଗ କରିଛନ୍ତି ଅଭିଷେକ। ଏସଡିଓଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏ ନେଇ ଏସ୍‌ଡିଓ ଶ୍ରୀ ମଲ୍ଲିକଙ୍କୁ ଯୋଗାଯୋଗ କରିବାରୁ ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି। ପୁଲିସ ଅଭିଯୋଗ ଅଧିକ ତଦନ୍ତ କରୁଛି।

### ଭଦ୍ରକରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

# ୧୨୮୦ଟି ମୋକଦ୍ଦମା ଆପୋସ ସମାଧାନ



**ଭଦ୍ରକ, ୧୩।୯ (ସମିସ):** ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଜାତୀୟ ଆଇନ ସେବା ପ୍ରାଧିକାରଣ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ଭଦ୍ରକ ଜିଲ୍ଲା କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଇନ ସେବା ପ୍ରାଧିକରଣର ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକ ଏଥିରେ ଅଧକ୍ଷତା କରିଥିବାବେଳେ ଜିଲ୍ଲା ଆଇନ ସେବା ପ୍ରାଧିକାରଣ ଭାରପ୍ରାପ୍ତ ସଚିବ ଅରୋଲିପି ପରିଜା ଏହି ଲୋକ ଅଦାଲତକୁ ପରିଚାଳନା କରିଥିଲେ। ମୋଟ ୫୦୪୪୩୮୧୨.୭୫ ଟଙ୍କାରେ ୧୨୮୦ଟି ମୋକଦ୍ଦମମାର ଆପୋସ ସମାଧାନ ହୋଇଥିଲା। ସେଗୁଡିକ ମଧ୍ୟରେ ବିଭିନ୍ନ ମୋଟର ଯାନ ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲର ବିଚାରାଧୀନ ଥିବା ୪୨ଟି ମାମଲାର ୩୧୭୨୧୭୦୦ ଟଙ୍କା, ୪୫ଟି ଚେକ ବାଉନ୍ସ, ପୁନରୁଦ୍ଧାର ମାମଲା ୭୫୩୧୮୪୧ ଟଙ୍କା, ୩୦ଟି ବୈବାହିକ ବିବାଦ, ୫୯୨ଟି ରାଜସ୍ୱ ମୋକଦ୍ଦମା, ୧୩୨୩୫୩ ଟଙ୍କା, ୧୧୩ଟି ଅନ୍ୟାନ୍ୟ ଦେୱାନୀ ମାମଲା, ପ୍ରାକ ମୋକଦ୍ଦମା ମଧ୍ୟରେ ବିଭିନ୍ନ ବ୍ୟାଙ୍କର ୨୬୮ଟି ବ୍ୟାଙ୍କ ଋଣ ମାମଲା ୬୭୫୭୦୭୯ ଟଙ୍କାରେ ବିଏସଏନଏଲର ଟେଲିଫୋନେ ବିଲ ସମ୍ବନ୍ଧୀୟ ୧୧ଟି ମାମଲା ୨୧୪୮୨ ଟଙ୍କା, ବିଦ୍ୟୁତ୍ ବିଭାଗର ୫୭ଟି ମାମଲା ୧୨୦୫୦୦୦ ଟଙ୍କାରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇଥିଲା।

## କର୍ମକର୍ତ୍ତା ପରିବର୍ତ୍ତନକୁ ବିରୋଧ; ଅଦାଲତର ଦ୍ୱାରସ୍ଥ

**ବାରିକପୁର, ୧୩।୯ (ସମିସ):** ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ଜରିଆରେ ଗଠିତ ହୋଇଥିବା ଏସଏଚଜିକୁ ନେଇ ଦିନକୁ ଦିନ ବିବାଦ ବଢ଼ିବାରେ ଲାଗିଛି। କେତେବେଳେ ଏମବିକେ, ସିଆରପି, ବ୍ୟାଙ୍କ ମିତ୍ର ଆଦି କର୍ମଚାରୀ ଦରମା ପାଉନାହାନ୍ତି ତ ପୁଣି କେତେବେଳେ ଗଠିତ କମିଟିର କର୍ମକର୍ତ୍ତା ପରିବର୍ତ୍ତନ ପାଇଁ ସରକାର ନିର୍ଦ୍ଦେଶ ଦେଉଛନ୍ତି। ଯାହାକୁ ନେଇ ମହିଳାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ସମ୍ପ୍ରତି ପଞ୍ଚାୟତ ସ୍ତରରେ କାର୍ଯ୍ୟରତ ଥିବା ଏସଏଚଜି, ସିଏଲଏଫ ଓ ଜିପିଏଲଏଫ କର୍ମକର୍ତ୍ତାଙ୍କୁ ମୁତାବକ, ବ୍ଲକ ସ୍ତରୀୟ ବାବା ଶନିଶ୍ଚର ବିଏଲଏଫ ଜରିଆରେ ୨୨ଟି ପଞ୍ଚାୟତ ସ୍ତରୀୟ ମହାସଙ୍ଘର ସଭାପତି ଓ ସମ୍ପାଦିକା ଦୀର୍ଘ ୫ବର୍ଷ ହେବ ସ୍ୱେଚ୍ଛାକୃତ ଭାବେ କାର୍ଯ୍ୟ କରୁଛନ୍ତି। ପୂର୍ବ ସରକାର ସେମାନଙ୍କୁ କିଛିଟା ପ୍ରୋତ୍ସାହନ ରାଶି ପ୍ରଦାନ କରିଥିବା ବେଳେ ନୂତନ ସରକାର ମହିଳାଙ୍କୁ ସବୁଥିରୁ ବଞ୍ଚିତ କରିଛି। ଏହାସତ୍ତ୍ୱେ ସରକାର ଏବେ କାର୍ଯ୍ୟ କରୁଥିବା ମହିଳାଙ୍କ ସ୍ଥାନରେ ନୂତନ ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ପ୍ରାୟ ଅଢେଇ ହଜାର ମହିଳା ଏଭଳି ନିର୍ଦ୍ଦେଶ ନାମାକୁ ବିରୋଧ କରିଛନ୍ତି। ଏହି ପରିପ୍ରେକ୍ଷୀରେ



ପରିବର୍ତ୍ତନ କରିବା ପାଇଁ ସରକାରୀସ୍ତରରେ ନିର୍ଦ୍ଦେଶନାମା ଜାରି ହୋଇଛି। ଏନେଇ ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ କାର୍ଯ୍ୟ କରୁଥିବା ଏସଏଚଜି ସଭାନେତ୍ରୀ ଓ ସମ୍ପାଦିକା ତୀବ୍ର ବିରୋଧ କରିଛନ୍ତି। ଏହାକୁ ବେଆଇନ ଦର୍ଶାଇ ମହିଳାମାନେ କୋର୍ଟ ଓ ପ୍ରଶାସନ ନିକଟରେ ମଧ୍ୟ ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ଆଜି ୨୨ଗୋଟି ପଞ୍ଚାୟତ ମହାସଙ୍ଘର ୪୪ଜଣ ସଭାନେତ୍ରୀ ଓ ସମ୍ପାଦିକା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡ଼ିଓ ଓ ମିଶନ ଶକ୍ତି ଅଧିକାରୀଙ୍କୁ ଏ କ ଦାବିପତ୍ର ପ୍ରଦାନ ପାଇଁ ପ୍ରସ୍ତୁତ ହୋଇଛନ୍ତି। ଆଗାମୀ ଦିନରେ କୌଣସି ପରିବର୍ତ୍ତନ ନ କରିବା ପାଇଁ ସେମାନେ ଦାବି କରିଛନ୍ତି।

## ୧୦ ଶିକ୍ଷକଙ୍କୁ 'ଶିକ୍ଷା ପୁରସ୍କାର' ପ୍ରଦାନ

**ବାରିକପୁର, ୧୩।୯ (ସମିସ):** ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ୧୦ ଜଣ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଚଳିତବର୍ଷ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ରହଣିଆ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ମୃତିରେଖା ନାୟକଙ୍କ ସମେତ ଅନ୍ୟ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ସ୍ମିତାରାଣୀ ସାହୁ, ଅଜୟ କୁମାର ନନ୍ଦ, ଜୟପ୍ରକାଶ ସ୍ୱାଇଁ, ଭୂପେଶ କୁମାର ଲେଙ୍କାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସେହିଭଳି ପ୍ରକାଶ କୁମାର ଦାସ, ଅଜୟ ରାୟ, ଅକ୍ଷୟ ନନ୍ଦ, ଜଗନ୍ନାଥ ପଣ୍ଡା ଓ ଅଭିମନ୍ୟୁ ବେହେରା ମଧ୍ୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ଜଣାପଡ଼ିଛି। ସମସ୍ତଙ୍କୁ ଶିକ୍ଷା ବିଭାଗ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।



## ପ୍ରାଣକୃଷ୍ଣ ପାଠାଗାର ପକ୍ଷରୁ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ଭଣ୍ଡାରିପୋଖରୀ/ବାରିକପୁର, ୧୩।୯ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ବାରିକପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ମାତୃଭାଷା ଓଡ଼ିଆରେ ସର୍ବୋଚ୍ଚ ମାର୍କ ରଖିଥିବା ଛାତ୍ରୀ କୁମାରୀ ପ୍ରଜ୍ଞା ପାରମିତା ଖିଲାରଙ୍କୁ ପ୍ରାଣକୃଷ୍ଣ ଧଳ ପାଠାଗାର ପକ୍ଷରୁ ସମ୍ବର୍ଦ୍ଧନା ଶନିବାର ଦିଆଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ ପ୍ରଫୁଲ୍ଲ କୁମାର ସାହୁ, ଡା. ନିରଞ୍ଜନ ଓଝା, କବି ଜଗନ୍ନାଥ ନାୟକ, ଶ୍ରୀକାନ୍ତ ଦାସ, ପାଠାଗାର ସଭାପତି ପୁରୁଷୋତ୍ତମ ଧଳ ଅତିଥିଭାବେ ଯୋଗଦେଇ ଛାତ୍ରୀ ଖିଲାରଙ୍କୁ ସମ୍ବର୍ଦ୍ଧିତ କରିବା ସହ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ରାଜ୍ୟ ଓ ଜାତୀୟ ସ୍ତରରେ ଆୟୋଜିତ ସାଇକଲ ଚାଳନା ପ୍ରତିଯୋଗିତାରେ ବିଦ୍ୟାଳୟର ଛାତ୍ର ସତ୍ୟଜିତ ଗୋଛାୟତ ଓ ଛାତ୍ରୀ ଅନସୂୟା ନନ୍ଦୀ ମେଡାଲ ଆଣି ଥିବାରୁ ଉଭୟଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ରୀଡା ଶିକ୍ଷକ ଜିତେନ୍ଦ୍ର କୁମାର ସାହୁ ସ୍ୱାଗତ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ପ୍ରତିଭା ସେନାପତି, ପ୍ରଜ୍ଞା ପାରମିତା ପତି, ସଞ୍ଜୁଲତା ବେହେରା, ନୀଳିମା ପଣ୍ଡା, ମାନସୀ ମାଝୀ, ସଞ୍ଜିତା ନାୟକ, ପ୍ରଭାତୀ ମହାରଣା, ମାନିନୀ ଦାସ, ଓ ଶିକ୍ଷକ ପ୍ରଦୀପ ମହାକୁଡ଼ ସଭା ପରିଚାଳନା କରିଥିଲେ। ପାଠାଗାର ସମ୍ପାଦକ ହିମାଂଶୁ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

### 'ନୋ ଡିଜେ' ନିଷେଧର ସଫଳତା

# ଏମ୍‌ଏସ୍‌ଏଫ୍ ପକ୍ଷରୁ ବସ୍ତି ସର୍ଦ୍ଦାରଙ୍କୁ ସମ୍ବର୍ଦ୍ଧନା



**ଭଦ୍ରକ, ୧୩।୯ (ସମିସ):** ଭଦ୍ରକ ପୁରୁଣା ବଜାର ସ୍ଥିତ ଛଡ଼ାକ ମହଲ୍ଲାର ମାଇନରିଟି ଷ୍ଟୁଡେଣ୍ଟ ଫୋରମ (ଏମ.ଏସ.ଏଫ) କମିଟିର ସମ୍ପାଦକ ଶେଖ ଇମଦାଦ ଓ ସମସ୍ତ ସହଯୋଗୀଙ୍କ ଆନୁକୂଲ୍ୟରୁ ତାଜ ପ୍ୟାଲେସଠାରେ ସନ୍ଧ୍ୟା ୭ଟାରେ ବିଶିଷ୍ଟ କବି ମୁସ୍ତାକ ଗୌହରଙ୍କ ସଞ୍ଚାଳନରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। କିଛି ବର୍ଷ ପୂର୍ବେ ଏମ.ଏସ.ଏଫ କମିଟି ଗଠନ ହୋଇ ଏବେ ଶହେରୁ ଊର୍ଦ୍ଧ୍ୱ ସଭ୍ୟ ରହିଛନ୍ତି। ଉକ୍ତ କମିଟି ଗତ ୩ ବର୍ଷ ଭିତରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଛନ୍ତି। ଏଥି ମଧ୍ୟରୁ 'ନୋ ଡିଜେ ମିଶନ'କୁ ଗତ ଦୁଇ ବର୍ଷ ଧରି ପ୍ରତ୍ୟେକ ଗାଁ ଗାଁରେ ଏକ ସଭା ବସାଇ ଏହାକୁ ନିଷେଧ କରିବା ପାଇଁ ପ୍ରକଳ୍ପ କରାଇଲେ। ବହୁଚେଷ୍ଟା ଓ ପରିଶେଷରେ ଚଳିତ ହଜରତ ପ୍ରଫେଟ ମହମ୍ମଦଙ୍କ ଜୟନ୍ତୀ ତଥା ଜସ୍ନ-ଏ -ଇଦ ମିଲାଦୁନ ନବୀଙ୍କ 'ଜୁଲୁସ ଓ କାଫେଲା' ଶୋଭାଯାତ୍ରାରେ ନୋ ଡିଜେ ନିଷେଧ କରି ଶାନ୍ତିଶୃଙ୍ଖଳା ସହିତ ମଦିନା ମଇଦାନରେ ପହଞ୍ଚିଥିଲେ। ସମ୍ବର୍ଦ୍ଧନା ସଭାରେ ହଜରତ ପ୍ରଫେଟ ମହମ୍ମଦଙ୍କ ପ୍ରାୟ ୮୦ 'ଜୁଲୁସ ଓ କାଫେଲା' ସରଦାରଙ୍କୁ ଫୁଲତୋଡ଼ା, ପ୍ରମାଣପତ୍ର ଓ ଉତ୍ତରୀୟ ସହିତ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ନୋ ଡିଜେ ମିଶନରେ ସାମିଲ ହୋଇ ସହଯୋଗ କରିଥିବାରୁ ଭଦ୍ରକର ସମସ୍ତ ମସଜିଦର ମୌଲାନା (ପଣ୍ଡିତ)ଙ୍କୁ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ସହଯୋଗ କରିଛି ଭଦ୍ରକ ମୁସଲିମ ଜମାତ। ମୁସଲିମ ଜମାତର ଉପ-ସଭାପତି ମହମ୍ମଦ ଜକାଉଲ୍ଲା, ସମ୍ପାଦକ ଶେଖ ସିରାଜୁଦ୍ଦିନ, ସିରତ କମିଟିର ସଭାପତି ହାଜି ଅବଦୁଲ ମୁକିତ ଖାନ, ସମ୍ପାଦକ ଇଂ. ହବିବୁଲ୍ଲା ଖାନ, କାର୍ଯ୍ୟକାରୀ ସଭାପତି ଅସରାଫ ଅଲି ଖାନ, ଲିଗଲ ସେଲ ଜମିଲ ଅଖତର ଖାନ, ନୁର ମୋଜାସ୍ସମ, ମିଡ଼ିଆ ସେଲ ଶେଖ ଅନୱର (ବାବୁ) ମିର୍ଜା ଏକ୍ରାମ ବେଗ, ଶେଖ ହବିବୁଲ୍ଲା ଓ ହାଜି କୈଉମ ଅଲିଙ୍କୁ ଫୁଲତୋଡ଼ା ସହ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ଡେପୁଟି କଲେକଟର କାର୍ତ୍ତିକ ମଣ୍ଡଳ, ସମ୍ମାନିତ ଅତିଥି ଭାବେ ସମାଜସେବୀ ବିଦ୍ୟାଧର ସାହୁ, ଟୋକା ଗଣେଶର ସଭାପତି ହରୀ ନନ୍ଦୀ, ଫଜ୍‌ଲେ ହକଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଯେଉଁ ମିଶନକୁ ଧରି ଏମ.ଏସ.ଏଫ କମିଟି ସ୍ୱପ୍ନ ଦେଖିଥିଲା ତାହା ଆଜି ଭଦ୍ରକ ଶୋଭାଯାତ୍ରା ସହରରେ ସମ୍ପୂର୍ଣ୍ଣ ସଫଳ ହୋଇଥିବାରୁ ଧନ୍ୟବାଦ ଜଣାଇଥିଲେ।

## ସଂସ୍କୃତ କଲେଜରେ ପ୍ରାଥମିକ ଚିକିତ୍ସା ଦିବସ

**ଭଦ୍ରକ, ୧୩।୯ (ସମିସ):** ପୁରୁଣାବଜାରସ୍ଥିତ ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ପ୍ରାଥମିକ ଚିକିତ୍ସା ଦିବସ ଅଧକ୍ଷ ଡ଼ଃ ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥିଭାବେ ସମାଜସେବୀ ତଥା ବରିଷ୍ଠ ନାଗରିକ ମଞ୍ଚ ର ସଭାପତି ସମାଜସେବୀ ଲଲାଟେନ୍ଦୁ ମହାନ୍ତି ଯୋଗ ଦେଇ 'ପାଷ୍ଟ ଏଡ୍ ଡେ'ର ଇତିବୃତ୍ତ ସହ ଆଜିକାର ପାଣିପାଗ ପରିବର୍ତନ ସମ୍ବନ୍ଧିତ ଶୀର୍ଷକ ଉପସ୍ଥାପନ କରିଥିଲେ। ଅନ୍ୟତମ ଅତିଥି ଶୁକଦେବ ପଣ୍ଡା, ଅକ୍ଷୟ ପାଣିଗ୍ରାହୀ ଓ ପ୍ରଭାବୀ ନାୟକ ପ୍ରମୁଖ ଯୋଗଦେଇ ଉକ୍ତ ଦିବସର ମାହାତ୍ମ୍ୟ ଓ ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର କର୍ମଚାରୀ ସର୍ବଶ୍ରୀ ମଧୁସୂଦନ ତ୍ରିପାଠୀ, ରଘୁନାଥ ନାୟକ ମଞ୍ଜୁଲତା ମହାପାତ୍ର ଓ ଗୌରାଙ୍ଗ ଦାସ ପ୍ରମୁଖ ସହାୟତା କରିଥିଲେ। ସ୍ୱର୍ଣ୍ଣଲତା ପାକଳ ଧନ୍ୟବାଦ ଅର୍ପଣ କରିଥିଲେ।




## କେରଳରୁ ପ୍ରବାସୀ ଶ୍ରମିକଙ୍କ ମୃତଦେହ ଓଡ଼ିଶା ଆସିଲା

**ଭଦ୍ରକ, ୧୩।୯ (ସମିସ):** ଆଜି ସକାଳ ସାଢେ ୯ଟାବେଳେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ତରଫରୁ ଶ୍ରମ ଆୟୁକ୍ତ ନିର୍ଦ୍ଦେଶ ଓ ଭଦ୍ରକ ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ସଚ୍ଚିଦାନନ୍ଦ ଜେନା, ଜିଲ୍ଲା ଶ୍ରମ ଅଧିକାରୀ (ପ୍ରବର୍ତ୍ତନ) ପ୍ରେମମଞ୍ଜରୀ ନାୟକଙ୍କ ପ୍ରଚେଷ୍ଟାରେ ସହକାରୀ ଶ୍ରମ ଅଧିକାରୀ ସଞ୍ଜିତ କୁମାର ଦେଓ ଓ ସୁରେନ୍ଦ୍ର ବିକ୍ରମ ଜେନା ପ୍ରମୁଙ୍କ ପ୍ରୟାସରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଖୋର୍ଦ୍ଧା ଜିଲ୍ଲା ଶ୍ରମ ଅଧିକାରୀ ପ୍ରଭାକର ବିଶ୍ୱାଳଙ୍କ ଉପସ୍ଥିତିରେ କେରଳ ଏର୍ଣ୍ଣକୁଲମ୍ ସ୍ଥିତ ବାର୍ଡ କଂପାନୀକୁ କାର୍ଯ୍ୟ କରିବାକୁ ଯାଇଥିବା ଭଦ୍ରକ ବ୍ଲକ କେଶପୁରା ପାଣିଭଣ୍ଡାର ନିବାସୀ ପ୍ରବାସୀ ଓଡ଼ିଆ ଶ୍ରମିକ ସ୍ୱର୍ଗତ ଇତିଶ୍ରୀ ମଲ୍ଲିକଙ୍କ ମରଶରୀରକୁ ତାଙ୍କ ଭଉଣୀ ମାମାଲି ମଲ୍ଲିକ ଓ ସମ୍ପର୍କୀୟଙ୍କୁ ବିମାନ ବନ୍ଦର ତରଫରୁ ହସ୍ତାନ୍ତର କରାଯାଇଛି। ସେହିଭଳି ସ୍ୱର୍ଗତ ଇତିଶ୍ରୀ ମଲ୍ଲିକଙ୍କ ମରଶରୀର ସହିତ ତାଙ୍କ ଭଉଣୀ ଓ ସମ୍ପର୍କୀୟଙ୍କୁ ଏକ ଆମ୍ବୁଲାନ୍ସ ଯୋଗେ ଶବ ସତ୍କାର ପାଇଁ ପୁରୀ ସ୍ୱର୍ଗଦ୍ୱାର ଅଭିମୁଖେ ପଠାଯାଇଥିଲା। ଅନ୍ୟପକ୍ଷରେ ଶ୍ରମ ବିଭାଗର ପ୍ରବାସୀ ଶ୍ରମିକ ସହାୟତା ପାଣ୍ଠି ତରଫରୁ ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ଅଗ୍ରୀମ ୪୯ ହଜାର ୫୦୦ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି ବୋଲି ଇତିଶ୍ରୀ ମଲ୍ଲିକଙ୍କ ପରିବାର ସୂଚନା ଦେଇଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ସୁରୁଖୁରୁରେ ଶବ ସତ୍କାର ପାଇଁ ଭଦ୍ରକ ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ଯୋଗାଯୋଗ କରିଛନ୍ତି।



## ମେଗା ପାନୀୟ ଜଳ ପ୍ରକଳ୍ପ ଯୋଜନା ଫେଲ୍

**ଦୋଳସାହି, ୧୩।୯ (ସମିସ):** ତିହିଡି ବ୍ଲକ ଗୁଆମାଳ ପଞ୍ଚାୟତରେ ମେଗା ପାନୀୟ ଜଳ ପ୍ରକଳ୍ପ ଯୋଜନା ଫେଲ୍ ମାରିଛି। ସରକାରଙ୍କ ପକ୍ଷରୁ ପ୍ରତି ପଞ୍ଚାୟତରେ ଗାଁକୁ ଗାଁ ପିଇବା ପାଣି ଯୋଗାଇ ଦେବା ପାଇଁ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଛି। ହେଲେ ଅଧିକାଂଶ ପ୍ରକଳ୍ପ ଅଚଳ ହୋଇପଡ଼ିଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଗୁଆମାଳ ପଞ୍ଚାୟତର ଈଷାଣପୁର, ଗଣଶରପୁର ଓ ସଦାନନ୍ଦପୁର ଗାଁରେ ସରକାରଙ୍କ ତରଫରୁ ତିନୋଟି ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହୋଇଥିଲା। କିନ୍ତୁ ଏହିସବୁ ପ୍ରକଳ୍ପ ଅଚଳ ହୋଇ ପଡ଼ିଥିବାବେଳେ ବିଦ୍ୟୁତ ବିଲ୍ ପ୍ରଦାନ କରାଯାଉ ଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଏହି ପଞ୍ଚାୟତରେ ପିଇବା ପାଣି ଅଭାବ ନଥିବା ବେଳେ ଅନାବଶ୍ୟକ ଭାବେ ସରକାରୀ ଜୋଜାନାକୁ ବାଟବଣା କରିବା ଅର୍ଥ ହରିଲୁଟ ପାଇଁ ଏହି ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିବା ସାଧାରଣରେ ଅଭିଯୋଗ ହୋଇଛି।



### ୪ ବର୍ଷରେ ପାଦ ଥାପିଲା ଲେଞ୍ଜରା ଶାରଦୀୟ ଦୁର୍ଗାପୂଜା

# ମା'ଙ୍କ ପଖାଳ ପ୍ରସାଦ ମୁଖ୍ୟ ଆକର୍ଷଣ

**ଅସୁରାଳି, ୧୩।୯ (ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ଫତେପୁର ପଞ୍ଚାୟତ ଲେଞ୍ଜରା ଗାଁରେ ଗତ ୧୪ ବର୍ଷ ଧରି ଶାରଦୀୟ ଦୁର୍ଗାପୂଜା ମହାସମାରୋହରେ ପାଳିତ ହୋଇଆସୁଛି। ପୂର୍ବରୁ ଏହି ପୂଜା ମାତ୍ର ୫ଜଣ ଶ୍ରଦ୍ଧାଳୁଙ୍କ ଉଦ୍ୟମରେ ଆରମ୍ଭ ହୋଇଥିଲା। ଏବେ ଶତାଧିକ ଆଧ୍ୟାତ୍ମିକ ଚେତନାର ମଣିଷ ଯୋଡି ହୋଇ ଏକ ବିରାଟ ଅନୁଷ୍ଠାନରେ ପରିଣତ ହୋଇଛି। ଭକ୍ତମାନଙ୍କ ସ୍ୱେଚ୍ଛାକୃତ ଅନୁଦାନ, ଗ୍ରାମବାସୀଙ୍କ ସହଯୋଗରେ ମା'ଙ୍କ ପାଇଁ ଏକ ଭବ୍ୟ ମଣ୍ଡପ ନିର୍ମିତ ହୋଇ ପୂଜାକାର୍ଯ୍ୟ ସମ୍ପନ୍ନ ହେଉଛି। ଧୁଷୁରୀ ପୁଲିସ ଓ ପୂଜା କମିଟିର ସହଯୋଗ କ୍ରମେ ପ୍ରତିବର୍ଷ ସୁଚାରୁ ତଥା ଶୃଙ୍ଖଳାରେ ମାଆଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଥିବାରୁ ବହୁ ସଂଖ୍ୟାରେ ଭକ୍ତମାନେ ଏଠାକୁ ଆସିଥାନ୍ତି। ମାଆଙ୍କ ଆଗମନ ପାଇଁ ପ୍ରତିମା, ତୋରଣ, ଆଲୋକ ସଜ୍ଜା, ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ପ୍ରତ୍ୟେକ ଗ୍ରାମବାସୀ ନିଜ ନିଜ ବାସଗୃହ ଓ ଅଗଣାକୁ ଝୋଟି, ଚିତା, ମୁରୁଜ ଓ ବିଭିନ୍ନ ରଙ୍ଗ ମାଧ୍ୟମରେ ସଜ୍ଜିତ କରି ଗ୍ରାମର ରୂପକୁ ଆକର୍ଷଣୀୟ କରିଛନ୍ତି। ମା'ଙ୍କର ଷୋଡଶ ଉପଚାର ପୂଜା ମଧ୍ୟରେ କୁଷ୍ମାଣ୍ଡ ବଳି ଏକ ଆକର୍ଷଣୀୟ।



ପ୍ରତ୍ୟହ ମାଆଙ୍କ ନିକଟରେ ନାନା ନୈବେଦ୍ୟ ସହିତ ଖେଚୁଡ଼ି ଓ ଅନ୍ନ ଭୋଗ ସମର୍ପଣ କରାଯାଇ ଭକ୍ତଙ୍କୁ ବଣ୍ଟନ କରାଯାଇଥାଏ। ମାଆଙ୍କର ଦଶମୀ ତିଥିରେ ସୁବାସିତ ପଖାଳ ପ୍ରସାଦ ଅନ୍ୟତମ ଆକର୍ଷଣ। ପ୍ରତିବର୍ଷ ପୂଜା ପୂର୍ବରୁ ସ୍ୱେଚ୍ଛାସେବୀ ଯୁବକମାନଙ୍କ ଦ୍ୱାରା ମଣ୍ଡପଠାରୁ ଗ୍ରାମ ପରିବେଶ ଏବଂ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଏ। ଏହି ଅବସରରେ ନବମୀ ଦିନ ଆଞ୍ଚଳିକ କୁନି ପ୍ରତିଭାମାନଙ୍କ ମଧ୍ୟରେ ଆକର୍ଷଣୀୟ ସାଂସ୍କୃତିକ ପ୍ରତିଯୋଗିତା ଆୟୋଜନ କରାଯାଇ ପୁରସ୍କାର ପ୍ରଦାନ ଏବଂ ପାଲା, ଯାତ୍ରା ଓ ଆଧ୍ୟାତ୍ମିକ ଆଲୋଚନା, ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ।

**ସେମାନେ ଯାହା କୁହନ୍ତି...**



ଏହି ଶାରଦୀୟ ପୂଜା ସମସ୍ତ ରୀତିନୀତି ଅନୁସାରେ ସମ୍ପାଦିତ ହୋଇଥାଏ। ମା'ଙ୍କ ପୂଜା ହଜାର ହଜାର ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିଥାଏ।

- ମନୋରଞ୍ଜନ ଗୋସ୍ୱାମୀ, ସଭାପତି



ମା 'ଙ୍କ ସାନ୍ନିଧ୍ୟ ଲାଭ ପାଇଁ ବହୁ ଦୂରଦୂରାନ୍ତରୁ ଭକ୍ତ ଆସିଥାନ୍ତି। ଦଶମୀ ତିଥିର ଦହି ପଖାଳ ଖାଇ ତୃପ୍ତି ଲାଭ କରିଥାନ୍ତି।

- ସଦାଶିବ ପାଣିଗ୍ରାହୀ, ସମ୍ପାଦକ।

## ବିଭିନ୍ନ ଦାବିନେଇ ଧାରଣା; ପ୍ରଧାନଆଚାର୍ଯ୍ୟଙ୍କୁ ଘେରଉ



ଭଦ୍ରକ, ୧୩।୯ (ସମିସ): ପୁଣି ଭଦ୍ରକ ସହର ଗାନ୍ଧୀପଡ଼ିଆସ୍ଥିତ ମଞ୍ଜୁଳା ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମୁଣ୍ଡ ଟେକିଲା ବିବାଦ। ବିଭିନ୍ନ ସମସ୍ୟାକୁ ନେଇ ପ୍ରଧାନଆଚାର୍ଯ୍ୟ ମାୟାଧର ଲେଙ୍କାଙ୍କୁ ଘେରିଲେ ଅଭିଭାବକ। ପ୍ରଧାନଆଚାର୍ଯ୍ୟଙ୍କ କକ୍ଷରେ ଅଭିଭାବକମାନେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ। ଶିକ୍ଷା ବର୍ଷ ମଝିରେ ଗତ ଦୁଇ ମାସ ଭିତରେ ୪-୫ ଜଣ ପୁରାତନ ଶିକ୍ଷକଙ୍କ ବଦଳିକୁ ବିରୋଧ କରି ଅଭିଭାବକମାନେ ଏହି ଧାରଣା ଦେଇଛନ୍ତି। ସ୍କୁଲରେ ଧୀରେ ଧୀରେ ଶୈକ୍ଷିକ ବାତାବରଣ ନଷ୍ଟ ହେଉଥିବା ବେଳେ ପାଠପଢାରେ ବହୁ ଅସୁବିଧା ଉପୁଜୁଥିବା ଅଭିଯୋଗ ହୋଇଛି। ସ୍କୁଲରେ ବିଭିନ୍ନ ସମସ୍ୟାକୁ ନେଇ ପୂର୍ବରୁ ଧାରଣା ଦେଇଥିବା ଗୁରୁଜୀଗୁରୁମାଙ୍କୁ ଟାର୍ଗେଟ କରି ବଦଳି କରାଯାଉଥିବା ଅଭିଭାବକ ଅଭିଯୋଗ କରିଛନ୍ତି। ତୁରନ୍ତ ନୂତନ ଶିକ୍ଷକ ନିଯୁକ୍ତି ସହ ପାଠପଢା ସୁରୁଖୁରୁରେ ଚଲାଇବାକୁ ଦାବି ହୋଇଛି। ଅନ୍ୟପଟେ ଶିକ୍ଷା ବିକାଶ ସମିତି ପକ୍ଷରୁ ଶିକ୍ଷକଙ୍କ ବଦଳି କରାଯାଇଥିବା ବେଳେ ସ୍କୁଲ କିମ୍ବା ପରିଚାଳନା କମିଟି ଏଥିନେଇ କିଛି କରିପାରିବ ନାହିଁ ବୋଲି କହିଛନ୍ତି ପ୍ରଧାନଆଚାର୍ଯ୍ୟ। ଅଭିଭାବକ ଶ୍ରୀହରି ଦାସ, ରୀତାରାଣୀ ସାହୁ ପ୍ରମୁଖ ଏହି ଧାରଣାର ନେତୃତ୍ୱ ନେଇଥିଲେ।

## ଆଳୁ ବୋଝେଇ କଣ୍ଟେନର ଓଲଟି ଖଲାସୀ ଗୁରୁତର

ଭଦ୍ରକ, ୧୩।୯ (ସମିସ): ୧୬ ନମ୍ବର ଜାତୀୟ ରାଜପଥ ଭଦ୍ରକ ସାହାପୁର ଛକ ନିକଟରେ ଓଲଟିଲା ଆଳୁ ବୋଝେଇ କଣ୍ଟେନର। ଅନ୍ୟ ଏକ କଣ୍ଟେନରକୁ ପଛକୁ ଧକ୍କା ଦେବା ପରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ବୋଝେଇ ଆଳୁତକ ତଳେ ପଡ଼ି ଯାଇଥିଲା ବେଳେ ଟ୍ରକ କେବିନରେ ହେଲ୍ପର ଚାପି ହୋଇ ରହିଥଲେ। ତାଙ୍କୁ ଉଦ୍ଧାର କଲେ ସ୍ଥାନୀୟ ଲୋକେ। ଗୁରୁତର ହେଲ୍ପରକୁ ଭଦ୍ରକ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ଡ୍ରାଇଭର ସୁସ୍ଥ ଥିବା ବେଳେ ଦୁର୍ଘଟଣାସ୍ଥଳରେ ପୁଲିସ ପହଞ୍ଚି ଟ୍ରାଫିକ୍ ନିୟନ୍ତ୍ରଣ କରିଥିଲା।

## ପ୍ରଶାନ୍ତି ଶିଶୁବିହାରରେ ବିଜ୍ଞାନ ମେଳା

ବାସୁଦେବପୁର, ୧୩।୯ (ସମିସ): ବାସୁଦେବପୁର ବ୍ଲକର ବେତଡାସ୍ଥିତ ପ୍ରଶାନ୍ତି ଶିଶୁବିହାରର ୨୬ତମ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ପୂର୍ଣ୍ଣଚନ୍ଦ୍ର ପରିଡା ଏହାକୁ ଉଦଘାଟନ କରିଥିଲେ।



ପ୍ରଧାନ ଅଚାର୍ଯ୍ୟ ଗୋବିନ୍ଦଚନ୍ଦ୍ର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ୧୧୦ ଜଣ କୁନି ବୈଜ୍ଞାନିକ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଜୟ ବେହେରା, କୈଳାସ ବେହେରା, ପ୍ରମୋଦ ପାଢୀ, ପରେଶ ବେହେରା, ଶ୍ରୀକାନ୍ତ ପାକଳ, ମାନସ ରଞ୍ଜନ ବେହେରା ବିଚାରକ ଥିଲେ। ଉଦଯାପନୀ ଉତ୍ସବର ମୁଖ୍ୟଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅମୀୟ ମହାଳିକ ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନ କରାଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷକ ପ୍ରମୋଦ ପାଢୀ, ପୂର୍ଣ୍ଣଚନ୍ଦ୍ର ପରିଡା ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସଂଜୀବ ପାଣିଗ୍ରାହୀ ଯୋଗ ଦେଇଥିଲେ।

## ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା

ବନ୍ତ/ଆଗରପଡ଼ା,୧୩।୯ (ସମିସ): ବନ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ କାଦବରାଙ୍ଗ ସଂଯୁକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ମୁଖ୍ୟମନ୍ତ୍ରୀ ଶିକ୍ଷା ସମ୍ମାନ-୨୦୨୫ ପାଇଥିବା



ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଲିଲି ପରିଡ଼ା, ଶିକ୍ଷୟିତ୍ରୀ ଲୋପାମୁଦ୍ରା ସ୍ୱାଇଁ, ରୀହା ରାଉଳଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ପ୍ରଧାନ ଶିକ୍ଷକ ବିମଳଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ପୂର୍ବତନ ସରପଞ୍ଚ ଭାଗୀରଥି ସେଠୀ, ଆଲୁମନି କମିଟି ସଭାପତି ସୁବଳକାନ୍ତ ପଣ୍ଡା, ସଦସ୍ୟ ଭଗବାନ ଗିରି, ଶିକ୍ଷାବିତ୍ ସଞ୍ଜୟ ମଜୁମଦାର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସିଆରସିସି ପ୍ରଦୀପ ପାଲାଇଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା ବେଳେ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଆସ ସ୍କୁଲ୍ ଯିବା ପଦଯାତ୍ରା

ବନ୍ତ/ଆଗରପଡ଼ା,୧୩।୯ (ସମିସ): କାଦବରାଙ୍ଗ ସଂଯୁକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଆସ ସ୍କୁଲ ଯିବା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଏବଂ ଅଭିଭାବକଙ୍କ ସମେତ ଛାତ୍ରଛାତ୍ରୀମାନେ ପ୍ଲାକାର୍ଡ ଧରି ବିଭିନ୍ନ ପ୍ରକାରର ସଚେତନତାର ବାର୍ତ୍ତା ଦେଇ ଗ୍ରାମ ପରିକ୍ରମା କରିଥିଲେ। ଘରେ ନରହି କିମ୍ବା ବାହାରକୁ ନଯାଇ ପିଲାମାନେ ସମସ୍ତେ ବିଦ୍ୟାଳୟକୁ ଯାଇ ଶିକ୍ଷାଗ୍ରହଣ କରିବାକୁ ସଚେତନ କରିଥିଲେ। ସରକାର ଗ୍ରାମାଞ୍ଚଳର ଶିଶୁଙ୍କୁ ଶିକ୍ଷାଦାନ ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରିଛନ୍ତ। ତେଣୁ ସମସ୍ତଙ୍କୁ ସଭ୍ୟ ଏବଂ ଶିକ୍ଷିତ କରିବା ପାଇଁ ବିଦ୍ୟାଳୟ ପକ୍ଷରୁ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା।

# କାର୍ଯ୍ୟରୁ ନିଲମ୍ବିତ ହେଲେ ନିଶାସକ୍ତ ପ୍ରଧାନଶିକ୍ଷକ, ଅଟକାଇଲେ ଗ୍ରାମବାସୀ

ଭଦ୍ରକ/ବାସୁଦେବପୁର,୧୩।୯ (ସମିସ):

'ସକାଳ'ରେ ଏକ ସ୍ୱତନ୍ତ୍ର ରିପୋର୍ଟ ଆଧାରରେ ଶ୍ରେଣୀରେ ଜଣେ ନିଶାସକ୍ତ ପ୍ରଧାନ ଶିକ୍ଷକଙ୍କୁ ଶିକ୍ଷା ବିଭାଗ ନିଲମ୍ବନ କରିଛି। ଖବର ପ୍ରସାରଣ ପରେ ଆକ୍ସନ ମୋଡକୁ ଆସିଲା ଶିକ୍ଷା ବିଭାଗ। ବାସୁଦେବପୁର ବ୍ଲକର ବିନୋବାଭାବେ ନଗର ପଞ୍ଚାୟତ ଉପେନ୍ଦ୍ରନାଥ ଘୋରୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନିମାଇଁ ଚରଣ ଟୁଡୁ ନିଶାସକ୍ତ ଅବସ୍ଥାରେ ଶ୍ରେଣୀଗୃହରେ ଶୋଇଥିବା ବେଳେ ଗ୍ରାମବାସୀ ତାଲା ପକାଇ ହୋ ହାଲ୍ଲା କରିଥିଲେ। ଶନିବାର ସକାଳୁଆ ସ୍କୁଲ ଥିବାରୁ ଶ୍ରୀ ଟୁଡୁଙ୍କୁ ଗ୍ରାମବାସୀ ଓ ଅଭିଭାବକ ସ୍କୁଲ ଭିତରକୁ ଛାଡ଼ି ନଥିଲେ। ନିଶାସକ୍ତ ପ୍ରଧାନଶିକ୍ଷକଙ୍କ ପ୍ରତି ଶିକ୍ଷା ବିଭାଗ କୋହଳ ମନୋଭାବ ପୋଷଣ କରି ବିଦ୍ୟାଳୟର ପରିବେଶକୁ କଳୁଷିତ କରୁଥିଲେ। ଏପରିକି



'ସକାଳ' ପ୍ରଭାବ

ଜାତୀୟ ସଙ୍ଗୀତ ପରିବେଷଣ ସମୟରେ ପ୍ରଧାନ ଶିକ୍ଷକ ନିମାଇଁ ଚରଣ ଟୁଡୁ ନିଶାସକ୍ତ ଅବସ୍ଥାରେ ଶୋଇ ରହିଥିଲେ। ଗ୍ରାମବାସୀ ଓ ଅଭିଭାବକ ଅଭିଯୋଗ ପରେ ଗଣମାଧ୍ୟମର ପ୍ରଭାବ ଯୋଗୁଁ ଶିକ୍ଷା ବିଭାଗର ଅଧିକାରୀଙ୍କ ନିଦ ଭାଙ୍ଗିଲା। ବାସୁଦେବପୁର ବ୍ଲକ ଶିକ୍ଷାଧିକାରୀଙ୍କ ଚିଠି ନମ୍ବର-୩୬୩୪ ତାରିଖ-୧୩ ସେପ୍ଟେମ୍ବର ୨୦୨୫ରେ ଉପେନ୍ଦ୍ରନାଥ ଘୋରୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିମାଇଁ ଚରଣ ଟୁଡୁଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଲକ୍ଷ୍ମୀପ୍ରସାଦ ପ୍ରାଥମିକ ବିଦ୍ୟାଳୟରେ ଯୋଗଦାନ କରିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଶିକ୍ଷା ବିଭାଗର କାର୍ଯ୍ୟାନୁଷ୍ଠାନକୁ ସ୍ୱାଗତ କରିବା ସହିତ ନିଶାସକ୍ତ ଶିକ୍ଷକ ବିଦ୍ୟାଳୟ ନୁହେଁ ଶିକ୍ଷା ବିଭାଗର ଏକ କଳଙ୍କ ବୋଲି କହିଛନ୍ତି।

## ଜରାଜୀର୍ଣ୍ଣ ଚାରିବାଟିଆ ଗ୍ରାମ୍ୟ ରାସ୍ତା

ବାରିକପୁର, ୧୩।୯ (ସମିସ): ଭଣ୍ଡାରିପୋଖରୀ ବ୍ଲକ କୋରିଗାଁ ପଞ୍ଚାୟତର ଶେଷ ସୀମାରେ ଥିବା ଚାରିବାଟିଆ ଗ୍ରାମ୍ୟ ରାସ୍ତାଟି ଏବେ ଗମନାଗମନ ଅନୁପଯୋଗୀ ହୋଇଛି। ଉକ୍ତ ଗ୍ରାମ୍ୟ ରାସ୍ତାର କେତେକାଂଶରେ ଦୀର୍ଘ ବର୍ଷ ପୂର୍ବରୁ କଂକ୍ରିଟ ନିର୍ମାଣ ହୋଇଥିଲା; ଯାହାକି ଏବେ ଭଗ୍ନ ଅବସ୍ଥାରେ ପହଞ୍ଚିଛି। ପକ୍କା ରାସ୍ତା ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଥିବା ବେଳେ ଏଥିରେ ସାଇକଲ ଓ ମୋଟର ସାଇକଲ ଯାତାୟାତ କରିବା କଷ୍ଟକର ହେଉଛି। ବାକି ଅଂଶ ରାସ୍ତା ମୋରମ ମାଟି ମିଶ୍ରିତ କଚ୍ଚା ଅବସ୍ଥାରେ ରହିଛି। ଅସରାଏ ବର୍ଷା ହେଲେ ସେଥିରେ ମଧ୍ୟ ଯାତାୟାତ କରିବା ଯନ୍ତ୍ରଣା ଦାୟକ ହେଉଛି। ପଞ୍ଚାୟତର ୪ ନମ୍ବର ୱାର୍ଡ ବାସିନ୍ଦା ରାତି ପାହିଲେ କୌଣସି ବିକଳ୍ପ ପଥ ନଥିବା ଯୋଗୁଁ ବାଧ୍ୟ ହୋଇ ଏହି ଜରାଜୀର୍ଣ୍ଣ ରାସ୍ତାରେ ଗମନାଗମନ କରୁଛନ୍ତି। ସଂପ୍ରତି ଜରୁରିକାଳୀନ ଯାନଟିଏ ଗାଁକୁ ଯିବା କଷ୍ଟକର ହୋଇପଡୁଛି। ଛୋଟ ଛୋଟ ପିଲାମାନେ ମଧ୍ୟ ରାସ୍ତା ଦେଇ ସ୍କୁଲ କଲେଜକୁ ଯିବାଆସିବା କରିବା ବିପଦଜନକ ହେଉଛି। ଅନେକ ସମୟରେ ଛୋଟବଡ ଦୁର୍ଘଟଣା ଘଟୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ବିଡିଓଙ୍କୁ ରାସ୍ତାର ଫଟୋ ସହ ଲିଖିତ ଭାବେ



ଅଭିଯୋଗ ହୋଇଥିବା ବେଳେ କୌଣସି ସରକାରୀ ଅଧିକାରୀ କ୍ଷେତ୍ର ପରିଦର୍ଶନ କରି ନଥିବା ଜଣାପଡିଛି। ଫଳରେ ଭଦ୍ରକ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଅଗ୍ନିକାଣ୍ଡରୁ ଅଳ୍ପକେ ବର୍ତ୍ତିଲେ ତହସିଲ କର୍ମଚାରୀ

ଧାମନଗର,୧୩।୯ (ସମିସ): ଧାମନଗର ତହସିଲ କାର୍ଯ୍ୟାଳୟ ପରିସରର କଲୋନୀରେ ରହୁଥିବା ଅଧିକାରୀ ଓ କର୍ମଚାରୀଙ୍କ ତିନି ମହଲା କୋଠା ଘର ରୋଷଶାଳାରେ ଗ୍ୟାସ ସିଲଣ୍ଡର ପାଇପ ଜଳି ଯିବାରୁ ଅଗ୍ନିକାଣ୍ଡ ଘଟିଥିଲା। ଖବର ପାଇ ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ଗ୍ୟାସ ସିଲିଣ୍ଡର ଉକ୍ତ ସ୍ଥାନରୁ ବାହାର କରିଥିଲେ। ହେଲେ ଏହି ଅଗ୍ନିକାଣ୍ଡରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ତହସିଲ କର୍ମଚାରୀ।

## ବେଆଇନ ବାଲି ଚାଲାଣ; ଟ୍ରାକ୍ଟର ଜବତ

ଭଣ୍ଡାରିପୋଖରୀ,୧୩।୯ (ସମିସ): ମଞ୍ଜୁରୀରୋଡ ଫାଣ୍ଡି ପୁଲିସ ଦ୍ୱାରା ୨ଟି ବେଆଇନ ବାଲି ପରିବହନକାରୀ ଟ୍ରାକ୍ଟର ଶନିବାର ମଧ୍ୟାହ୍ନରେ ଜବତ କରାଯାଇ ମାମଲା ରୁଜୁ ହୋଇଛି। ବୈତରଣୀ ନଦୀ କୋଚିଲାପଦୀରୁ ଓଡି ୩୪କ୍ୟୁ ୬୯୩୧ ଏବଂ ଓଡି ୩୪ଏମ ୦୭୯୦ ଟ୍ରାକ୍ଟର ବେଆଇନ ବାଲି ପରିବହନ କରିଆସୁଥିବା ସୂଚନା ପାଇ ଫାଣ୍ଡି ଅଧିକାରୀ ବୁଦ୍ଧିରାମ ମହାନ୍ତି, କନେଷ୍ଟବଳ ବିଚିତ୍ରାନନ୍ଦ ବେହେରା ଓ ଚିତ୍ତରଞ୍ଜନ ଓଝା ନାଆମୀ-କୋଚିଲାପଦୀ ରାସ୍ତାର ମୁଣ୍ଡାସାହି ଛକରେ ଜବତ କରିଥିଲେ। ସଂପୃକ୍ତ ଟ୍ରାକ୍ଟର ଚାଳକ ସମର କେଶରୀ ବେହେରା ଓ ସାଗର ମୁଣ୍ଡାଙ୍କୁ ଗିରଫ କରାଯାଇଛି। ଫାଣ୍ଡି ଅଧିକାରୀ ଶ୍ରୀ ମହାନ୍ତିଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା ରୁଜୁ କରାଯାଇଥିବା ଜଣାଯାଇଛି।



## ଧସିଗଲାଣି ବନ୍ଧ ରାସ୍ତା



ବାରିକପୁର, ୧୩।୯ (ସମିସ): ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦା ଆନିକଟଠାରୁ କଟିଂ ଏସକେପ ଯାଏଁ ବୈତରଣୀ ବାମ ପାର୍ଶ୍ୱ ବନ୍ଧର ନବୀକରଣ କାର୍ଯ୍ୟ ହୋଇଛି। ଦୁଇ ବର୍ଷ ହେବ କାମ ଆରମ୍ଭ ହୋଇଥିଲେ ସୁଦ୍ଧା ତାହା ଆଜି ଯାଏଁ ଶେଷ ହୋଇନାହିଁ। ଆନିକଟଠାରୁ ବାଲିପୋଖରୀ ଏସକେପ ଓ ବୈତରଣୀ ସେତୁଠାରୁ ଏସକେପ ଯାଏଁ ବନ୍ଧର ନବୀକରଣ କାର୍ଯ୍ୟ ପ୍ରାୟତଃ ସମ୍ପନ୍ନ ହୋଇଛି। ଏହାସତ୍ତ୍ୱେ କୁମ୍ଭାରୀଆ, ବାଲିପୋଖରୀ, କୋରକରା ପ୍ରମୁଖ ସ୍ଥାନରେ ଦୀର୍ଘ ଦିନ ହେବ କାମ ଅଧପନ୍ତରିଆ ଭାବେ ପଡିରହିଛି। ବନ୍ଧ ଉପରେ କେବଳ ମେଟାଲ ଓ ଡଷ୍ଟ ପଡ଼ିଥିବା ବେଳେ ବର୍ଷା ହେଲେ ତାହା ଧୋଇଯାଉଛି। କିଛି ଦିନ ହେବ ଲଗାଣ ବର୍ଷା କାରଣରୁ ବନ୍ଧର କେତେକ ସ୍ଥାନ ଭୟଙ୍କର ଭାବେ ଧସିଛି। ଏପରିକି ବନ୍ଧ ରାସ୍ତା ସୁଡ଼ଙ୍ଗ ସଦୃଶ ହୋଇଛି। ସାଇକଲ ଓ ମୋଟର ସାଇକଲ ଯୋଗେ ଯିବା ବେଳେ ଅଧପନ୍ତରିଆ ବନ୍ଧ ରାସ୍ତାରେ ଦୁର୍ଘଟଣା ମଧ୍ୟ ଘଟୁଛି। ବନ୍ଧ ସଂଲଗ୍ନ ଗାଁର ଗାଈ ଗୋରୁ ଧସିଥିବା ସ୍ଥାନରେ ପଡି ଆହତ ମଧ୍ୟ ହେଉଛନ୍ତି। ଏହା ଉପରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବା ସହ ଯଥାଶୀଘ୍ର ଗର୍ତ୍ତ ମରାମତି ପାଇଁ ସ୍ଥାନୀୟ ଲୋକ ଦାବି କରିଛନ୍ତି।

## ଚୋରା ମଦ ଜବତ; ଜଣେ ଗିରଫ

ତିହିଡି,୧୩।୯ (ସମିସ): ତିହିଡି ଥାନା ତାଳପଦା ପଞ୍ଚାୟତ ଗୋପ ଗାଁରେ ଶନିବାର ଅପରାହ୍ନରେ ପୁଲିସ ଚଢଉ କରି ଜଣେ ଚୋରା ବେପାରୀ ଘରୁ ୩୦ ଲିଟର ଚୋରା ଦେଶୀ ମଦ ଜବତ କରି ନଷ୍ଟ କରିଛି। ଏନେଇ ତିହିଡି ଥାନାରେ ଏକ ମାମଲା ରୁଜୁ ହୋଇ ତାଳପଦା ଗାଁର ଚନ୍ଦା ମାଝୀ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## ଗୁଆମାଳ ପଞ୍ଚାୟତ ଦୁର୍ନୀତିର ଅଭିଯୋଗ ଭିଜିଲାନ୍ସରେ

ଦୋଳସାହି, ୧୩।୯ (ସମିସ): ତିହିଡି ବ୍ଲକ୍ ଗୁଆମାଳ ପଞ୍ଚାୟତରେ ଏକ ରାସ୍ତା କାର୍ଯ୍ୟ ନିର୍ମାଣର ଅନିୟମିତତା ଏବଂ ଦୁର୍ନୀତି ସମ୍ପର୍କରେ ଭିଜିଲାନ୍ସ ପାଖରେ ଅଭିଯୋଗ ହୋଇଛି। ଏହାପରେ ଘଟଣାଟି ବର୍ତ୍ତମାନ ଗୁରୁତର ଭାବେ ଭିଜିଲାନ୍ସ ପକ୍ଷରୁ ବିଚାର କରାଯାଉଥିଲା ବେଳେ ଏନେଇ ତଦନ୍ତ ଅପେକ୍ଷାରେ ବିଭିନ୍ନ ଆଲୋଚନା ଆରମ୍ଭ ହୋଇଛି। ପ୍ରଥମେ ବିଡିଓଙ୍କ ତଦନ୍ତ ହେବା ପରେ ଗୁଆମାଳ ପଞ୍ଚାୟତରେ ରାଜନୀତି ସରଗରମ ହୋଇପଡିଥିଲା। ବିଭିନ୍ନ ଧରଣର ସରକାରୀ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ ଭିଜିଲାନ୍ସ ବିଭାଗରେ ହେବା ପରେ ଖୁବ୍ ଶୀଘ୍ର ତଦନ୍ତ ପାଇଁ ଏକ ଟିମ୍ ଆସୁଥିବା ଅଲୋଚନା ପରିସରରେ ରହିଛି। ଗୁଆମାଳ ପଞ୍ଚାୟତ ଗଣସରପୁର ଗ୍ରାମରେ ସରକାରଙ୍କ ଦୁଇଟି ପାଣ୍ଠିରୁ ଦୁଇଟି ସ୍ଥାନରେ ରାସ୍ତା ନିର୍ମାଣ ହୋଇ ତିନି ଲକ୍ଷ ୪୮ ହଜାର ଟଙ୍କା ବିଲ୍ ହୋଇଥିବା ବେଳେ ଗୋଟିଏ କାର୍ଯ୍ୟର ସୂଚନାଫଳକ ପ୍ରଦାନ କରାଯାଇଥିଲା। ଗୋଟିଏ କାର୍ଯ୍ୟରେ ସୂଚନାଫଳକ ହୋଇ ନଥିବା ଦେଖିବାକୁ ମିଳିଛି। ଏହି ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ସାଧାରଣରେ ଅଭିଯୋଗ ହେଉଛି। ଏହି ରାସ୍ତା ନିର୍ମାଣ କାର୍ଯ୍ୟ ନ ହୋଇ ଫଲସ୍ ବିଲ୍ ହୋଇଥିବା ଗ୍ରାମବାସୀ ତିହିଡି ବିଡିଓ ନିରଞ୍ଜନ ବାରିକଙ୍କ ପାଖରେ ଅଭିଯୋଗ ପରେ ଅଭିଯୋଗ ସମ୍ପର୍କରେ ବିଡିଓ ତଦନ୍ତ ଜାରି ରହି ରହିଥିବା ପ୍ରକାଶ କରିଛନ୍ତି।

## ଟ୍ରକ୍ ମାଲିକ ସଂଘ ଧାରଣା ସ୍ଥଗିତ; ସୋମବାର ହେବ ଆଲୋଚନା

ଭଣ୍ଡାରିପୋଖରୀ,୧୩।୯ (ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର



ଭାଗଡା-ନାରାୟଣପୁର ଟୋଲଗେଟ ସମ୍ମୁଖରେ ମା'କାଳିଜା ଟ୍ରକ ମାଲିକ ସଂଘ ପକ୍ଷରୁ ଧାମରା ବନ୍ଦରରୁ ମାଲ ପରିବହନ ସୁଯୋଗ ଦାବିରେ ବୁଧବାରଠାରୁ ଅନୁଷ୍ଠିତ ୨ୟ ପର୍ଯ୍ୟାୟ ଧାରଣା ଶୁକ୍ରବାର ରାତ୍ରରେ ସ୍ଥଗିତ ହୋଇଛି। ଧାମରାରୁ ସାମଗ୍ରୀ ପରିବହନ କରି ଏହି ରାସ୍ତାରେ ଯାଉଥିବା ଟ୍ରକଗୁଡ଼ିକୁ ଧାରଣାକାରୀମାନେ ଅଟକାଇ ଦେଇବା ଫଳରେ ପ୍ରଶାସନ ତତ୍ପର ହୋଇଥିଲା। ଶୁକ୍ରବାର ରାତ୍ର ୧୧ଟାରେ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଅତିରିକ୍ତ ପୁଲିସ ଅଧୀକ୍ଷକ ଅରୂପ ବେହେରା, ଥାନାଧିକାରୀ କମଳାକାନ୍ତ ଦାସ ଧାରଣାରତ ଟ୍ରକ ମାଲିକ ସଂଘ ନିକଟରେ ଆଲୋଚନା କରିଥିଲେ। ଆସନ୍ତା ୧୫ ତାରିଖ ଭଦ୍ରକରେ ମା'କାଳିଜା ଟ୍ରକ ମାଲିକ ସଂଘ ଓ କଇତଗୋଲା ଧାମରା ଟ୍ରକ ଓ ଟିପର ସଂଘ ମଧ୍ୟରେ ଆଲୋଚନା ପ୍ରଶାସନ ମଧ୍ୟସ୍ଥତାରେ ହେବା ପାଇଁ ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲା। ଏହାକୁ ଗ୍ରହଣ କରି ସଂଘ ପକ୍ଷରୁ ଧାରଣାକୁ ସାମୟିକ ଭାବେ ସ୍ଥଗିତ କରାଯାଇଥିଲା। ଏଠାରେ ପ୍ରକାଶ ଯୋଗ୍ୟଯେ ଭଣ୍ଡାରିପୋଖରୀ, ବନ୍ତ ଓ ଧାମନଗର ଟ୍ରକ ମାଲିକମାନଙ୍କ ଦ୍ୱାରା ଗଠିତ ଏହି ସଂଘରେ ଅନୁବନ୍ଧିତ ଟ୍ରକଗୁଡ଼ିକୁ ଧାମରା ବନ୍ଦରରୁ ପରିବହନ ସୁଯୋଗକୁ ଉଦ୍ଦେଶ୍ୟମୂଳକ ଭାବେ ବାଧା ଦିଆଯାଉଛି। ଜିଲ୍ଲା ଓ ଜିଲ୍ଲା ବାହାରର ଟ୍ରକ ମାଲିକ ସଂଘଗୁଡ଼ିକୁ ପରିବହନ ସୁଯୋଗ ମିଳୁଥିବା ବେଳେ ମା'କାଳିଜା ସଂଘକୁ ବୈମାତୃକ ମନୋଭାବ ଯୋଗୁଁ ଏଥିରୁ ବଞ୍ଚିତ କରାଯାଉଥିବା ଅଭିଯୋଗ କରି ମା'କାଳିଜା ଟ୍ରକ ମାଲିକ ସଂଘ ପକ୍ଷରୁ ୨ ପର୍ଯ୍ୟାୟ ଧାରଣା ଦିଆଯାଇଥିଲା।

### ୩୦୧ ବର୍ଷରେ ଗୋବିନ୍ଦପୁର ନୀଳ ସରସ୍ୱତୀ ପୂଜା

# ମୁଖ୍ୟ ଆକର୍ଷଣ ଦଶହରାର ବଳଦ ନାଚ

ଅସୁରାଳି,୧୩।୯ (ସମିସ):

ଶାରଦୀୟ ଦୁର୍ଗାପୂଜା ତଥା ପାର୍ବଣ ଅବସରରେ ସମଗ୍ର ରାଜ୍ୟର କେତେକ ସ୍ଥାନରେ ଅର୍ଦ୍ଧନାରୀଶ୍ୱର ବା ହର-ପାର୍ବତୀଙ୍କ ମୂର୍ତ୍ତି ପୂଜିତ ହୋଇଥାନ୍ତି; ହେଲେ ଧାମନଗର ବ୍ଲକ ଗୋବିନ୍ଦପୁର ଶାରଦୀୟ ପୂଜା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ପୂଜା ଚଳିତବର୍ଷ ୩୦୧ ବର୍ଷରେ ପଦାର୍ପଣ କରୁଥିଲା ବେଳେ ଏଠାରେ ମାଆ ନୀଳ ସରସ୍ୱତୀଙ୍କ ପୂଜାର ବିଶେଷ ଆକର୍ଷଣ ରହିଛି। ଏହି ନୀଳ ସରସ୍ୱତୀ ୧୦ ମହାବିଦ୍ୟାର ମାଆ ଶକ୍ତିମୟୀ ତାରାଦେବୀ ବୋଲି ଜଣାଯାଏ। ସମସ୍ତ ପାରମ୍ପରିକ ତଥା ଶାସ୍ତ୍ରୀୟ ବିଧିବିଧାନ ଅନୁସାରେ ମାଆଙ୍କୁ ଷୋଡଶ ଉପଚାରରେ ଆରାଧନା କରାଯାଏ।

ଜନଶ୍ରୁତିରୁ ଜଣାଯାଏ ଯେ ୩୦୧ବର୍ଷ ପୂର୍ବରୁ ଜଣେ ଦିବ୍ୟ ପୁରୁଷ ବା ସନ୍ୟାସୀଙ୍କ ପ୍ରେରଣାରେ ଗାଁର କେତେକ ବ୍ୟକ୍ତି ଏକ କ୍ଷୁଦ୍ର କୁଡିଆରେ ମା'ଙ୍କ ପୂଜାର୍ଚ୍ଚନା କରୁଥିଲେ। ସମୟକ୍ରମେ ସେହି ପୀଠ ଆଜି ଏକ ଭବ୍ୟ ମଣ୍ଡପରେ ପରିଣତ ହୋଇଛି। ମଣ୍ଡପଠାରୁ



ଆରମ୍ଭ କରି ପୂଜସ୍ଥଳର ପରିବେଶର ବହୁ ଉନ୍ନତି କରଯାଇଛି। ମାଆଙ୍କ ଆଗମନରେ ପୂଜା କମିଟି ତରଫରୁ ସମସ୍ତ ପ୍ରକାରର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବିରଜା ପଞ୍ଜିକା ଅନୁସାରେ ବିଲ୍ୱବରଣ, କଳସ ଯାତ୍ରା, ମହାସପ୍ତମୀ, ମହାଷ୍ଟମୀ, ସନ୍ଧିପୂଜା, ମହାନବମୀ ଓ ବିଜୟା ଦଶମୀ ଯଥାବିଧ ଅନୁଷ୍ଠିତ ହେବ। ଦଶମୀରେ ଦଶହରା ବଳଦ ଓ ରାବଣ ପୋଡ଼ି ଏକ ପ୍ରମୁଖ ଆକର୍ଷଣ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତମାନେ ବିଭିନ୍ନ ଅଞ୍ଚଳରୁ ଏଠାକୁ ମାତୃ ଦର୍ଶନ ପାଇଁ ଆସିଥାନ୍ତି। ବିଶେଷ କରି ପାରମ୍ପରିକ ପ୍ରଥା ଉପରେ ଧ୍ୟାନ ଦିଆ ଯାଇଥାଏ। ପ୍ରତି ଦିନ ପ୍ରସାଦ ସେବନ ସହିତ ଆଧାତ୍ମିକ ଆଲୋଚନା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ପାଲା ପରିବେଷଣ କରାଯାଏ। ଚଳିତ ବର୍ଷ ବିଶିଷ୍ଟ ପାଲା ଗାୟିକା ନମିତା ନାୟକ ଓ ମିନତି ସ୍ୱାଇଁ ଆସି ପାଲା ପରିବେଷଣ କରିବେ। ଆଜିକାଲିର ସମାଜରେ ଆଧୁନିକ ଚାକଚକ୍ୟକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ମା' ବୀଣାପାଣି କମିଟି ପକ୍ଷରୁ ଏପରି ଆୟୋଜନକୁ ଗ୍ରାମବାସୀଙ୍କ ଦ୍ୱାରା ସ୍ୱାଗତ କରାଯାଇଛି। ଏହି ନୀଳ ସରସ୍ୱତୀ ଓଡ଼ିଶାରେ ୨ଟି ସ୍ଥାନରେ ପୂଜା ପାଇଥାନ୍ତି। ଯାଜପୁର ଏବଂ ଭଦ୍ରକ ଜିଲ୍ଲାର ଧାମନଗର ଅନ୍ତର୍ଗତ ଗୋବିନ୍ଦପୁର ଗାଁରେ ଏହି ପୂଜା ଦେଖିବାକୁ ମିଳେ। ଦଶହରା ବଳଦ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ବହୁ ଲୋକ ରୁଣ୍ଡ ହୋଇଥାନ୍ତି। ବଳଦମାନଙ୍କୁ ସୁସଜ୍ଜିତ କରି ବାଜା ଢୋଲର ତାଳେ ତାଳେ ମଣ୍ଡପ ଚାରିପଟେ ବୁଲାଇଥାନ୍ତି। ପରେ ଗ୍ରାମ ପରିକ୍ରମା କରାଯାଏ।

## ଧାମନଗର କଲେଜରେ ପିଏମ୍ ଶିକ୍ଷା ଅଭିଯାନ ପାଠଚକ୍ର




ଦୋବଲ,୧୩।୯ (ସମିସ): ଧାମନଗର ମହାବିଦ୍ୟାଳୟରେ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ଆନୁକୂଲ୍ୟରେ ଶୀର୍ଷକ 'ଫ୍ରମ ପଲିସି ଟୁ ପ୍ରାକ୍ଟିସ୍ ଏନଇପି-୨୦୨୨୦' ଶୀର୍ଷକ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜୟ କୁମାର ବେଜଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର କଲେଜ ବିକାଶ ପରିଷଦ ନିର୍ଦ୍ଦେଶକ ଡ. ସନ୍ତୋଷ ଅଗ୍ରୱାଲା, ଆକଡେମିକ୍ କନସଲଟାଣ୍ଟ ପ୍ର. ତୁଷାରକାନ୍ତି ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ନିର୍ଦ୍ଦେଶକ ଓ ଆକଡେମିକ୍ କନସଲଟାଣ୍ଟ ପ୍ରାରମ୍ଭରେ ମହାବିଦ୍ୟାଳୟର ପ୍ରାଣପ୍ରତିଷ୍ଠାତା ହୃଦାନନ୍ଦ ମଲ୍ଲିକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମହାବିଦ୍ୟାଳୟର ପାଠାଗାର, ବିଜ୍ଞାନଗାର ଏବଂ ଅନ୍ୟାନ୍ୟ ଶ୍ରେଣୀ ପ୍ରକୋଷ୍ଠ ପରିଦର୍ଶନ କରିବା ପରେ ସମସ୍ତ ଅଧ୍ୟାପକ-ଅଧ୍ୟାପିକାଙ୍କୁ ନେଇ ମହାବିଦ୍ୟାଳୟର ସର୍ବାଙ୍ଗ ଉନ୍ନତି ସମ୍ପର୍କରେ ବିଶେଷ ଆଲୋଚନା କରିଥିଲେ। ପ୍ରାଧ୍ୟାପକ ପ୍ରଦୀପ କୁମାର ରାୟ କାର୍ଯ୍ୟକ୍ରମର ବିଷୟ ଆଭିମୁଖ୍ୟ, ଅଧ୍ୟକ୍ଷ ଅଜୟ କୁମାର ବେଜ ସ୍ୱାଗତ ସମ୍ଭାଷଣ, ଅଧ୍ୟାପିକା ସ୍ୱାଗତିକା ରାୟ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ, ଡ. ସାଜିଆ ତମକୀନ୍ ଅତିଥି ପରିଚୟ ପ୍ରଦାନ, ଅଧ୍ୟାପିକା ବାସ୍ତବିକା ଦାସ ମଞ୍ଚ ସଂଚାଳନ ଓ ଅଧ୍ୟାପକ ଆଶୀର୍ବାଦ ମହାନ୍ତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ। ଧାମନଗର ମହାବିଦ୍ୟାଳୟ ସମେତ ଆଠଟି ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ-ଆଧ୍ୟାପିକା ଉପସ୍ଥିତ ଥିଲେ। ଅଧ୍ୟାପକ ସତ୍ୟନ ଜେନା ଧନ୍ୟବାଦ ଦେଇଥିଲେ।

## ନିହ୍ନୁଆରୁ ୮ ଛେଳି ଚୋରି

ତୁରୁମୁଙ୍ଗା, ୧୩।୯(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ନିହ୍ନୁଆ ଗ୍ରାମର ହୃଷୀକେଶ ସିଂଙ୍କ ଗୁହାଳରୁ ଗତ ରାତି ଲକ୍ଷାଧିକ ଟଙ୍କାର ୮ଟି ଖାସି ଛେଳିକୁ ଦୁର୍ବୃତ୍ତମାନେ ଚୋରି କରିନେଇଛନ୍ତି। ତୁରୁମଙ୍ଗାର ମାଂସ କଟାଳି ଏମଡି ଆଲମ ଏହି ଛେଳିଗୁଡ଼ିକୁ ହୃଷୀକେଶଙ୍କ ଘରେ ରଖିଥିଲେ। ଘର ଲୋକ ଶୋଇଥିବା ସମୟରେ ବାହାର ପଟୁ ଦୁର୍ବୃତ୍ତମାନେ କବାଟର ଶିକୁଳି ଲଗାଇ ଦେଇ ଗୁହାଳ ଘର ଚାବି କାଟି ୮ଟି ଖାସି ଚୋରି କରିନେଇଛନ୍ତି। ଖାସି କଟାଳି ଏମଡି ଆଲାମ ଏନେଇ ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି।

## ବିଷ ଦେଇ ମାରିଦେଲେ ୩୦ କୁକୁଡ଼ା

ବେଲବାହାଲି,୧୩।୯(ସମିସ): ଘସିପୁରା ଥାନା ରେକୁଟିଆ ଖଳାଟିକର ସାହିର ୪ନଂ ୱାର୍ଡରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବିଷରେ ଚାଉଳ ମିଶାଇ ୩୦ରୁ ଅଧିକ କୁକୁଡ଼ାକୁ ମାରିଦେଇଥିବା ଅଭିଯୋଗ କରି ଉଭୟ ଦମ୍ପତି ଉକ୍ତ ମୃତ କୁକୁଡାଗୁଡିକୁ ଧରି ପୁଲିସ ନିକଟରେ ଅଭିଯୋଗ କରିଛନ୍ତି। ସୁମନ ନାହକ ଓ ତାଙ୍କ ପତ୍ନୀ ଅଭିଯୋଗ କରିଛନ୍ତି ଯେ ତାଙ୍କ ପୁତୁରା ଧୂଳା ନାହକ ସହ ଗତ ୧୦ ତାରିଖରେ ତାଙ୍କର ସାମାନ୍ୟ କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ପୁତୁରା ତାର ସାଙ୍ଗଙ୍କୁ ନେଇ ସେହିଦିନ ମାରଣାସ୍ତ୍ର ଧରି ତାଙ୍କୁ ମାରିବାକୁ ଆସିଥିଲା। ସେ ଘରେ ଅନୁପସ୍ଥିତ ଥିବା ସମୟରେ ପତ୍ନୀ ରଞ୍ଜିତାଙ୍କୁ ଗାଳିଦେଇ ପଳାଇଥିଲେ। ଏହାକୁ ନେଇ ଶନିବାର ଭୋର ୪.୩୦ ସମୟରେ ପୁତୁରା ଧୂଳ, ସାଙ୍ଗ ନାଣ୍ଟୁ ନାହକ ଓ ଭିକୁ ଦଳାଇ ସହ ଆସି କୁକୁଡା ଥିବା ସ୍ଥାନ ଆଗରେ ବିଷ ମିଶା ଚାଉଳ ପକାଉଥିବା ରଞ୍ଜିତା ଦେଖିଥିଲେ। ପରେ ସମସ୍ତେ ସେଠାରୁ ସମସ୍ତେ ଦୌଡ଼ି ପଳାଇଥିଲେ। ସକାଳୁ ପ୍ରାୟ ୩୦ଟି ମରିପଡ଼ିଥିବା ଦେଖାଯାଇଥିଲା। ଏନେଇ ଦମ୍ପତି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ମହିଳାଙ୍କୁ ଅସଦାଚରଣ ଅଭିଯୋଗ

ବଡ଼ସାହି,୧୩।୯(ସମିସ): ବଡ଼ସାହି ଥାନା ଅଧୀନ କେନ୍ଦୁଡିହା ପଞ୍ଚାୟତ କୁଳିଅଣା(ବି) ଗ୍ରାମରେ ଜଣେ ମହିଳାଙ୍କୁ ଅସଦାଚରଣ କରିବା ସହିତ ଗାଳିଗୁଲଜ ଓ ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ମହିଳା ଜଣକ ହେଲେ ନନ୍ଦ ମହାକୁଡ଼ଙ୍କ ସ୍ତ୍ରୀ ବିନତୀ(୩୫)। ସେ ଗାଁ ଭାଗବତ ଟୁଙ୍ଗି ଦାୟିତ୍ୱରେ ଥାଇ ବୁଝାବୁଝି କରନ୍ତି। ସେହି ଗାଁର ପ୍ରଫୁଲ୍ଲ ସିଂ ପ୍ରତିଦିନ ରାତିରେ ଭାଗବତ ପଢିବାକୁ ଆସିଥାନ୍ତି। ଟୁଙ୍ଗୀ ବନ୍ଦ କରି ବିନତୀ ଘରକୁ ଫେରୁଥିବା ବେଳେ ପ୍ରଫୁଲ୍ଲ ତାଙ୍କୁ ଏକୁଟିଆ ପାଇ ଅସଦାଚରଣ କରେ। ସେ ଏହାର ପ୍ରତିବାଦ କରିବା ସହିତ ଗାଁରେ ବୈଠକ ଡକାଇବାରୁ ପ୍ରଫୁଲ୍ଲଙ୍କ ପୁତୁରା କାର୍ତ୍ତିକ ସିଂ ଓ ଟିକିବାବୁ ସିଂ ତାଙ୍କୁ ଗାଳିଗୁଲଜ କରିବା ସହିତ ବିଭିନ୍ନ ପ୍ରକାର ଧମକ ଦେଇଥିବାର ଅଭିଯୋଗରୁ ଜଣାଯାଇଛି।

## ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟରେ ବିବାଦ

ରାମଚନ୍ଦ୍ରପୁର,୧୩।୯(ସମିସ): ଘସିପୁରା ବ୍ଲକ ଖଲଣା ପଞ୍ଚାୟତ ଅନ୍ତର୍ଗତ ଆଗରଦା ଗ୍ରାମରେ ଏକ କୋଠାଘର ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ଆସିଛି। ଏହା ରାଜ୍ୟ ସରକାରଙ୍କ ''ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନା ଅନ୍ତର୍ଭୁକ୍ତ ଅଟେ। ଏହି କାର୍ଯ୍ୟ ପାଇଁ ସୂଚନାଫଳକ ଲାଗି ସାରିଥିବା ବେଳେ ୬ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ଥିବା ଜଣାପଡ଼ିଛି। କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଗ୍ରାମର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ନିର୍ମାଣ ହେଉଥିବା ସ୍ଥାନକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଫଳରେ ଆଜି ଘଷିପୁରା ବିଡିଓ ବିନିତା ବିଜୟିନୀ କାର୍ଯ୍ୟସ୍ଥଳକୁ ଯାଇ ଘଟଣା ସମ୍ପର୍କରେ ବୁଝିଥିଲେ। କାର୍ଯ୍ୟାଦେଶ ହୋଇଥିବା ସ୍ଥାନରେ କାର୍ଯ୍ୟଟି ହେଉ ନଥିବାରୁ କିଛି ବ୍ୟକ୍ତି ଏହାକୁ ବିରୋଧ କରୁଛନ୍ତି। ଖୁବଶୀଘ୍ର ଏହାର ସମାଧାନ ହୋଇ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି ଘସିପୁରା ବିଡିଓ।

## ୟୁରିଆ ସାର ଅଭାବ ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ

ବହଳଦା, ୧୩।୯ (ସମିସ): ବର୍ତ୍ତମାନ ଖରିଫ ଧାନ ଫସଲରେ ୟୁରିଆ ସାରର ବହୁଳ ମାତ୍ରାରେ ଆବଶ୍ୟକତା ଥିବାବେଳେ କୃତ୍ରିମ ଅଭାବ ଏବଂ କଳାବଜାରୀ ହେଉଥିବା ନେଇ ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ ହୋଇଛି। ବହଳଦା ବ୍ଲକ ଅନ୍ତର୍ଗତ ବିଞ୍ଜୁଆ ଗ୍ରାମର ଦିଲ୍ଲୀପ କୁମାର ବସା ଏବଂ ଗିରିଶ କୁମାର ମହାପାତ୍ର ରାଇରଙ୍ଗପୁରରେ ଅନୁଷ୍ଠିତ ଜନଶୁଣାଣିରେ ଜିଲ୍ଲାପାଳଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଲ୍ୟାମ୍ପ୍ସ କିମ୍ବା ସରକାରୀ ମାନ୍ୟତାପ୍ରାପ୍ତ ରିଟେଲର ଦୋକାନରେ ସାର ମିଳୁ ନ ଥିବା ଅଭିଯୋଗ କରିଛନ୍ତି। ଏନେଇ ପ୍ରଶାସନ ପକ୍ଷରୁ ଯାଞ୍ଚ କରିବାକୁ ଉଭୟ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି। ବିଞ୍ଜୁଆ ଗ୍ରାମରେ ଦୁଇଟି ସରକାରୀ ମାନ୍ୟତା ପ୍ରାପ୍ତ ଖୁଚୁରା ସାର ବିକ୍ରୟ କେନ୍ଦ୍ର ରହିଥିବା ସତ୍ତ୍ୱେ ସାର ଉପଲବ୍ଧ ହେଉନାହିଁ। ଫଳରେ ଚାଷୀ ବହୁ ଅସୁବିଧାର ସମ୍ମୁଖୀନ ହେବା ସହିତ ଚଢା ଦରରେ କିଣିବାକୁ ବାଧ୍ୟ ହେଉଛନ୍ତି। ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ରାଜ୍ୟରେ ସାର ଅଭାବ ନାହିଁ ବୋଲି ମତ ଦେଇଛନ୍ତି। ଏପଟେ ବ୍ଲକ କୃଷି ଅଧିକାରୀ କିମ୍ବା ଜିଲ୍ଲା କୃଷି ଅଧିକାରୀ କୃଷକମାନେ ଠିକ୍ ଭାବେ ଉର୍ବରକ ସାର ପାଇ ପାରୁଛନ୍ତି କି ନାହିଁ ସେନେଇ କୌଣସି ଯାଞ୍ଚ କରାଯାଉନାହିଁ। ୫୦ କେଜି ୟୁରିଆ ସାର ବ୍ୟାଗର ପ୍ରକୃତ ମୂଲ୍ୟ ୨୬୮ ଟଙ୍କା ଏବଂ ୪୫ କିଲୋଗ୍ରାମ ଓଜନର ୟୁରିଆ ବ୍ୟାଗର ମୂଲ୍ୟ ୨୪୨ ଟଙ୍କା ରହିଥିବା ବେଳେ କଳା ବଜାରୀ ବିକ୍ରେତାମାନେ ୬୦୦ରୁ ୭୦୦ ଟଙ୍କା ନେଉଛନ୍ତି। ତେଣୁ ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି।

## ତ୍ରିପୁରାରେ ଓଡ଼ିଆ ବିଏସ୍ଏଫ୍ ଯବାନ ମୃତ



ବହଳଦା, ୧୩।୯ (ସମିସ): ତିରିଂ ଥାନା ଅଧୀନ ଲୁପୁଙ୍ଗ ଗ୍ରାମପଞ୍ଚାୟତ ଅନ୍ତର୍ଗତ ରାଏବାଡି ଗ୍ରାମର ଜନୈକ ବିଏସଏଫ ଯବାନଙ୍କ ବାଙ୍ଗଲାଦେଶ ସୀମା ନିକଟ ତ୍ରିପୁରା ଅଞ୍ଚଳରେ ମୃତ୍ୟୁ ଘଟିଛି। ଏହି ଖବର ପାଇବା ପରେ ପରିବାର ଲୋକେ ଦୁଃଖରେ ଭାଙ୍ଗିପଡିଛନ୍ତି। ବାଙ୍ଗଲାଦେଶ ସୀମା ଅଞ୍ଚଳ ତ୍ରିପୁରା ରାଜ୍ୟରେ ବିଏସଏଫ ଜବାନଭାବେ ଲାଲୁ ମୁର୍ମୁ କାର୍ଯ୍ୟରତ ଥିଲେ। ହେଲେ ତାଙ୍କ ମୃତ୍ୟୁର କାରଣ ଜଣାପଡିନାହିଁ। ମୃତ ଯବାନ ଲାଲୁ ମୁର୍ମୁଙ୍କ ମୃତଦେହ ଅଗରତଲା ସ୍ଥିତ ସେନା ହସ୍ପିଟାଲରେ ରଖାଯାଇଛି।

# ୫୦୦ ମିଟରର 'ଜୀବନଧାରା' ସାଜିଛି ଯମ ଯନ୍ତ୍ରଣା

ଆନନ୍ଦପୁର, ୧୩।୯ (ସମିସ)





କେନ୍ଦୁଝର ଜିଲ୍ଲାର ଜୀବନଧାରା କୁହାଯାଉଥିବା ୨୦ ନମ୍ବର ଜାତୀୟ ରାଜପଥର ଶାଳପଡ଼ା ନିକଟରେ ଅଧପନ୍ତରିଆ କାମ ଏବେ ଜିଲ୍ଲାବାସୀଙ୍କ ଦୁଃଖ ପାଲଟିଛି। ସର୍ଭିସ ରୋଡ ଅବସ୍ଥା ପ୍ରତିମୁହୂର୍ତ୍ତରେ ଶୋଚନୀୟ ହୋଇପଡୁଥିବାରୁ ଛାତ୍ରଛାତ୍ରୀ ଓ ସ୍କୁଲ ବସ ନିର୍ଦ୍ଧାରିତ ସମୟରେ ସ୍କୁଲ କଲେଜରେ ପହଞ୍ଚି ପାରୁନାହାନ୍ତି। ଫଳରେ ସ୍କୁଲ ସମୟରେ ଲୁହାପଥର ଟ୍ରକ ଚଳାଚଳ ବନ୍ଦ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଭିୟୁପି ନିର୍ମାଣରେ ବିଳମ୍ବ ହେଉଥିବାରୁ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ଖରା ସମୟରେ ଧୂଳିଧୂଆଁରେ ଲୋକେ ଅତିଷ୍ଠ ହେଉଥିବା ବେଳେ ଏବେ ବର୍ଷାରେ ପାଣି ଜମୁଥିବାରୁ ରାସ୍ତାରେ ବାଇକ୍ ବୁଡ଼ିଯାଉଛି। ଜୁନ୍ ସୁଦ୍ଧା ରାସ୍ତା ନିର୍ମାଣ ସାରିବାକୁ କଣ୍ଟ ଥିଲା। ଜୁଲାଇ ମାସ ମଧ୍ୟରେ କାମ ସାରିବାକୁ

- ● ଅବଧି ସରିଲାଣି; ସରୁନି ରାସ୍ତା ନିର୍ମାଣ
- ● ସ୍କୁଲ ସମୟରେ ଲୁହାପଥର ଟ୍ରକ୍ ବନ୍ଦ ଦାବି

ଉପଜିଲ୍ଲାପାଳ ତାଗିଦ କରିଥିଲେ। ସେପ୍ଟେମ୍ବର ଅଧା ହେବାକୁ ବସିଥିବା ବେଳେ ଅଦ୍ୟାବଧି କାମ ଶେଷ ହୋଇନାହିଁ। ଫଳରେ ଲୋକମାନେ ଯମ ଯନ୍ତ୍ରଣା ଭୋଗୁଛନ୍ତି। ଗତ ୭ ବର୍ଷ ହେଲା ୨୦ ନମ୍ବର ଜାତୀୟ ରାଜପଥ ନିର୍ମାଣ ଶେଷ ହୋଇଥିବା ନେଇ ବିଭାଗ ରିପୋର୍ଟ ଦେଉଥିବାବେଳେ ସ୍ଥାନୀୟ ଶାଳପଡ଼ାର ମାତ୍ର ୫୦୦ ମିଟର ରାସ୍ତା ନିର୍ମାଣ ସରୁନାହିଁ। ତିନୋଟି ଠିକାସଂସ୍ଥା ଯିବାପରେ ମଧ୍ୟ କାମ ସମ୍ପୂର୍ଣ୍ଣ ହୋଇପାରିନି। ଆନନ୍ଦପୁର ପୌରାଞ୍ଚଳ ମଧ୍ୟରେ ଥିବା ଗୁରୁତ୍ୱପୂର୍ଣ୍ଣ ଶାଳପଡ଼ା ଛକ କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ଭଦ୍ରକ ଜିଲ୍ଲାକୁ ସଂଯୋଗ କରୁଛି। ୭ ମାସ ହେଲା ମୁଖ୍ୟରାସ୍ତାକୁ ବନ୍ଦ କରି ସର୍ଭିସ୍ ରୋଡ୍‌ରେ ସମସ୍ତ ଗାଡ଼ି ଯାତାୟାତ କରୁଛି। ମୁଖ୍ୟରାସ୍ତାର ସମସ୍ତ ଗାଡ଼ି ସର୍ଭିସରୋଡରେ ଯାତାୟାତ କରୁଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟିହୋଇଛି। ହଜାରହଜାର ସଂଖ୍ୟାରେ ଲୁହାପଥର ବୋଝେଇ ଟ୍ରକ୍ ଚଳାଚଳ କରୁଥିବାରୁ ଏହି ସର୍ଭିସରୋଡ୍ ବିପଦସଙ୍କୁଳ ହୋଇଛି। ଅନେକ ସମୟରେ ରାସ୍ତାରେ ଆମ୍ବୁଲାନ୍ସ ଓ ଅନ୍ୟ ଜରୁରୀ ଗାଡ଼ି ଅଟକି ରହୁଛି। ପ୍ରଶାସନ ଏ ଦିଗରେ ଠୋସ୍ ପଦକ୍ଷେପ ନେଉ ନଥିବା ବେଳେ ସାମାନ୍ୟ ବର୍ଷାରେ ରାସ୍ତାରେ ଆଣ୍ଠୁଏ ପାଣି ଜମି ରହୁଥିବାରୁ ବାଇକ୍ ଆରୋହୀ ଓ ସାଧାରଣ ଲୋକ ହଟହଟା ହେଉଛନ୍ତି। ରାସ୍ତା ନିର୍ମାଣ ସମ୍ପୂର୍ଣ ନହେବାଯାଏ ସ୍କୁଲ ସମୟରେ ଲୁହାପଥର ଗାଡି ଚଳାଚଳ ବନ୍ଦ କରିବା ଜରୁରୀ ହୋଇପଡ଼ିଥିବା ସ୍ଥାନୀୟ ଲୋକ ମତ ଦେଇଛନ୍ତି।

## ଉଦଳା ଓ କରଞ୍ଜିଆରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଉଦଳା,୧୩।୯(ସମିସ): ଶନିବାର ଉଦଳା ବିଚାର ବିଭାଗୀୟ ଅଦାଲତରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅଦାଲତରେ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷ ପ୍ରଦୀପ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ଉଦଳାର ବରିଷ୍ଠ ଦେୱାନୀ ବିଚାରପତି ଅରୁଣ ପଟ୍ଟନାୟକ ଓ କନିଷ୍ଠ ଦେୱାନୀ ବିଚାରପତି ଅନୁରାଗ ଦେହୁରୀଙ୍କ ସହାୟତାରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ ଅଦାଲତରେ ୧୦ଟି ମୋଟର ଦୁର୍ଘଟଣା ଜନିତ ମାମଲା ମୋକଦ୍ଦମାର ଆପୋଷ ସମାଧାନ ହୋଇ ୩୫ ହଜାର ଟଙ୍କା ଆଦାୟ ହୋଇଛି। ବରିଷ୍ଠ ଦେୱାନୀ ବିଚାରପତିଙ୍କ ଅଦାଲତରେ ଆଗତ ୧୬ଟି ମାମଲା ମଧ୍ୟରୁ ୭ଟି ମୋକଦ୍ଦମାର ଆପୋଷ ସମାଧାନ ହୋଇଛି। ଅନ୍ୟାନ୍ୟ ୩୯ଟି ଦେୱାନୀ ମୋକଦ୍ଦମାରୁ ୩୦ ମୋକଦ୍ଦମା ଫଇସଲା ହୋଇଛି। ବିବାହ ସମ୍ବନ୍ଧୀୟ ୮ ଟି ମୋକଦ୍ଦମାରୁ ୩ ଟି ଫଇସଲା ହୋଇଛି। କନିଷ୍ଠ ଦେୱାନୀ ବିଚାରପତିଙ୍କ ଅଦାଲତରେ ଅନ୍ୟାନ୍ୟ ୧୦ଟି ଦେୱାନୀ ମୋକଦ୍ଦମାର ଆପୋଷ ସମାଧାନ ହୋଇଛି। ଅନ୍ୟାନ୍ୟ ଫୌଜଦାରୀ ୨୨୫ଟି ଆଗତରୁ ୨୨୦ଟି ମୋକଦ୍ଦମାର ଫଇସଲା ହୋଇ ୧୨ଶହ ଟଙ୍କା ଜୋରିମାନା, ଏନ୍.ଆଇ. ଆକ୍ଟ ୧୦ଟି ମୋକଦ୍ଦମାରୁ ୭ଟି ଫଇସଲା ହୋଇ ୨୧ ଲକ୍ଷ ୮୯ ହଜାର ୯୯ ଟଙ୍କା ଆଦାୟ ହୋଇଛି। ସେହିପରି ବିବାହ ସମ୍ବନ୍ଧୀୟ ୮ଟି ମୋକଦ୍ଦମାରୁ ୮ଟି ଫଇସଲା ଓ ଫୌଜଦାରୀ ମୋକଦ୍ଦମା ଗୋଟିଏ ଆଗତ ହୋଇ ଗୋଟିଏ ଫଇସଲା ହୋଇଛି।




**କରଞ୍ଜିଆ :** କରଞ୍ଜିଆ କୋର୍ଟ ପରିସରରେ ତାଲୁକ ଆଇନ ସେବା ସମିତି ପକ୍ଷରୁ ତୃତୀୟ ଲୋକ ଅଦାଲତ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଆଶିଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସବ୍‌ଜଜ ଅମିତ ସ୍ୱରୂପ ସେଠୀ ଓ ଏସଡିଜେଏମ୍ ପ୍ରଭାତ କୁମଲ ସାମଲ ମୋକଦ୍ଦମା ପରିଚାଳାନରେ ସହଯୋଗ କରିଥିଲେ। ଅଦାଲତରେ ମୋଟ ୪୩୫ଟି ମକଦ୍ଦମା ଆଗତ ହୋଇଥିବାବେଳେ ସେଥିରୁ ୨୪୬ଟି ଫଇସଲା କରାଯାଇ ଜରିମାନା ଓ ଆପୋଷ ନିଷ୍ପତ୍ତି ବାବଦରେ ୧୨ ଲକ୍ଷ ୭୫ ହଜାର ଟଙ୍କା ଆଦାୟ କରାଯାଇଥିଲା। ସେହିପରି ଫୌଜଦାରୀ ମାମଲା, ଚେକ୍ ବାଉନସ, ଅର୍ଥ ଆଦାୟ, ମଟର କ୍ଷତିପୂରଣ, ପାରିବାରିକ ଗଣ୍ଡଗୋଳ, ଦେୱାନୀ ଓ ଫୌଜଦାରୀ ମାମଲାର ବିଚାର ହୋଇଥିଲା।

## ୩ ଦିନ ପରେ ଅଟକ ପ୍ରେମୀଯୁଗଳ ଉଦ୍ଧାର

ମହୁଲଡିହା,୧୩/୯(ସମିସ): ଠାକୁରମୁଣ୍ଡା ଥାନା ତରାମରା ଗ୍ରାମପଞ୍ଚାୟତ ଗୁଲିଆଯୋଡି ଗ୍ରାମରୁ ୩ ଦିନ ପରେ ପ୍ରେମୀଯୁଗଳଙ୍କୁ ଉଦ୍ଧାର କରାଯାଇଛି। ତିନି ଦିନ ଧରି ଗ୍ରାମବାସୀ ଅଟକ ରଖିବା ପରେ ୧୧ ତାରିଖ ମଧ୍ୟରାତ୍ରିରେ ମହିଳା ଏବଂ ପ୍ରେମିକକୁ ୨ଟି ଘରୁ ଉଦ୍ଧାର କରିଛି ପୁଲିସ। ଘଟଣାରୁ ପ୍ରକାଶ ଯେ, ଗତ ୯ ତାରିଖରେ ଡକେଇପାଳ ଗ୍ରାମରେ ଫୁଟବଲ ଟୁର୍ଣ୍ଣାମେଣ୍ଟ ସରିବା ପରେ ଆନନ୍ଦପୁର ଥାନା ବଡ଼କୁଶପଦା ଗ୍ରାମର ଅଜୟ କୁମାର ହାଁସଦା (୨୮) ଗୁଲିଆଯୋଡି ଗ୍ରାମର ରାମଦାସ ଟୁଡୁଙ୍କ ଘରେ ଆସି ରହିଥିଲେ। ରାମଦାସ ତାମିଲନାଡୁରେ ରହି କାମ କରନ୍ତି। ରାମଦାସ ନ ଥିବା ବେଳେ ତାଙ୍କ ସ୍ତ୍ରୀ ଫୁଲମଣୀ ଅଜୟଙ୍କୁ ଫୋନ କରି ଡକାନ୍ତି। ଫୋନ କଲ ପାଇ ରାତିରେ ଆସି ରାତିରେ ଚାଲି ଯାଆନ୍ତି ଅଜୟ। ଗ୍ରାମବାସୀ ଏହା ଦେଖି କ୍ଷୁବ୍ଧ ହୁଅନ୍ତି। ଗତ ୯ ତାରିଖ ଅନ୍ଧାର ରାତିରେ ଜଣେ ଯୁବକ ସମ୍ପୃକ୍ତ ଘରେ ପଶିବା ଦେଖି ଯୁବକମାନେ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ପରେ ରାମଦାସଙ୍କୁ ଫୋନ କରି ଘଟଣା ଜଣାଇ ତାଙ୍କର ମତ ନେଇଥିଲେ। ରାମଦାସ ଉଭୟଙ୍କୁ ଅଟକ ରଖିବା ପାଇଁ ଗ୍ରାମବାସୀଙ୍କୁ କହିଥିଲେ। ଘରୁ ଅସଂଯତ ଅବସ୍ଥାରେ ଉଭୟ ପ୍ରେମୀଯୁଗଳଙ୍କୁ ଗ୍ରାମବାସୀ ଧରିବା ପରେ ସେମାନଙ୍କୁ ସେହି ଅବସ୍ଥାରେ ଦୁଇଟି ଘରେ ଅଲଗା ରଖିଥିଲେ। ପରେ ପ୍ରେମିକର ବାପାମାଆଙ୍କୁ ଗ୍ରାମବାସୀ ୧୦ ତାରିଖ ଡକାଇଥିଲେ। ଅଜୟଙ୍କ ବାପା ମା ସମ୍ପୃକ୍ତ ଯୁବତୀଙ୍କୁ ବୋହୂ ଭାବେ ଗ୍ରହଣ କରିନଥିବାରୁ ଅଲଗା ଭାବେ ରଖିବାକୁ ପରାମର୍ଶ ଦେଇଥିଲେ। ହେଲେ ଇତି ମଧ୍ୟରେ ଉଭୟଙ୍କର ଗୋଟିଏ ଭିଡିଓ ଭାଇରାଲ ହୋଇଥିଲା। ଭିଡିଓ ଦେଖି ଠାକୁରମୁଣ୍ଡାର ଜ୍ୟୋତ୍ସ୍ନା ପାଣିଗ୍ରାହୀ ଥାନାଧିକାରିଣୀଙ୍କୁ ଖବର ଦେବା ସହିତ ୧୧୨ରୁ ମଧ୍ୟ ଖବର ଆସିଥିଲା ବୋଲି ଓଆଇସି କହିଛନ୍ତି। ତେବେ ଅନୁସନ୍ଧାନରୁ ଜଣାପଡିଛି ଯେ, ଉଭୟଙ୍କୁ ଉଦ୍ଧାର ପରେ ଗ୍ରାମବାସୀ ଅଲଗା ରଖିଥିଲେ ମଧ୍ୟ ପୂର୍ଣ୍ଣ ଭାବେ ଯତ୍ନ ନେଇଥିଲେ। କାହାକୁ ଆକ୍ରୋଶମୂଳକ ଭାବେ କୌଣସି ନିର୍ଯାତନା ଦେଇନଥିଲେ। ପୁଲିସ ଉଦ୍ଧାର କରିବା ପରେ ଯୁବତୀ ଜଣକ ସ୍ୱାମୀଙ୍କ ପାଖକୁ ଯିବାକୁ ଅନିଚ୍ଛା ପ୍ରକାଶ କରିଥିଲା। ଅନ୍ୟ ପକ୍ଷରେ ଅଜୟ ଫୁଲମଣି ସହିତ ୨ ବର୍ଷ ଧରି ସମ୍ପର୍କରେ ଥିବା ଏବଂ ଆନନ୍ଦରେ ସ୍ତ୍ରୀ ଭାବେ ଗ୍ରହଣ କରି ଥାନାରୁ ଘରକୁ ନେଇଛି।

## ଖୁଣ୍ଟାରେ ସାମାଜିକ ସୁରକ୍ଷା ଜନଶୁଣାଣି



କୁଆମରା,୧୩।୯(ସମିସ): ଖୁଣ୍ଟା ବ୍ଲକର ମହାତ୍ମାଗାନ୍ଧୀ ଜାତୀୟ କର୍ମ ନିଯୁକ୍ତି ଯୋଜନା ଓ ଖାଦ୍ୟ ସୁରକ୍ଷା ଆଇନର ଜନଶୁଣାଣି ଶିବିର ବିଡ଼ିଓ ସତ୍ୟଜିତ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୨୦୨୪ ଅକ୍ଟୋବରରୁ ୨୦୨୫ ମାର୍ଚ୍ଚ ପର୍ଯ୍ୟନ୍ତ ୬ ମାସ ମଧ୍ୟରେ ମନୋରେଗା ଯୋଜନା ଓ ଖାଦ୍ୟ ସୁରକ୍ଷା ଯୋଜନା ଉପରେ ସମୀକ୍ଷା କରାଯାଇଥିଲା। ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁଧନ୍ୟା ନାଏକ, ଉପାଧ୍ୟକ୍ଷା ଜବା କିସ୍କୁ, ସହକାରୀ ଯନ୍ତ୍ରୀ ବିନୟଜ୍ୟୋତି ଲେଙ୍କା, ଦୁଇ ଜିଲ୍ଲାପରିଷଦ ସଭ୍ୟ ହୃଦାନନ୍ଦ ମୁର୍ମୁ, ସୁନିତି ମାରାଣ୍ଡି, ଏପିଓ ମନସ୍ୱିନୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ମନରେଗା ଯୋଜନାରେ ମୋଟ ୯୬୨ ପ୍ରକଳ୍ପ ମଧ୍ୟରୁ ୩୧୨ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ଏଥିନିମନ୍ତେ ୭୪୮ ଲକ୍ଷ ୬୭ ହଜାର ଟଙ୍କା ବ୍ୟୟ ହୋଇଛି। ତେବେ ୧୨,୬୬୧ ଟି ପରିବାର ମଧ୍ୟରୁ ୮୨୬୦କୁ କାର୍ଯ୍ୟ ଯୋଗାଇ ଦିଆଯାଇଛି। ଏଥିରେ ମୋଟ ୩,୫୧,୪୬୦ ଶ୍ରମିକ ଦିବସ ସୃଷ୍ଟି ହୋଇଛି। ମୋଟ ୨୧୯ ପରିବାରକୁ ଶହେ ଦିନର କାମ ଯୋଗାଇ ଦିଆଯାଇଛି। ଶିବିରରେ ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବାଲି ବୋଝେଇ ଡମ୍ଫର ଜବତ; ଚାଳକ ଗିରଫ

ମୋରଡା,ରାସଗୋବିନ୍ଦପୁର,୧୩।୯(ସମିସ): ରାସଗୋବିନ୍ଦପୁର ପୁଲିସ ଶନିବାର ଏକ ବାଲି ବୋଝେଇ ଡମ୍ଫରକୁ ଜବତ କରିବା ସହିତ ଡ୍ରାଇଭରକୁ ଗିରଫ କରିଛି। ପୁଲିସ ଖବର ପାଇ ଦେବଶୋଳ ନିକଟରେ ଗାଡିକୁ କାବୁ କରିବା ସହ ଡ୍ରାଇଭର କାର୍ତ୍ତିକ ଚନ୍ଦ୍ର ଦାସଙ୍କୁ ଗିରଫ କରିଛି।

## ହାତୀ ଶାବକର ଜନ୍ମ



ବାଲିବନ୍ଧ, ୧୩।୯ (ସମିସ): ଚମ୍ପୁଆ ରେଞ୍ଜ ବାଲିବନ୍ଧ ଫରେଷ୍ଟ ସେକ୍ସନ ରାଜାବସା ଜଙ୍ଗଲରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ହାତୀ ଶାବକ ଜନ୍ମ ନେଇଛି। ୭ଟିକିଆ ହାତୀପଲ ଶୁକ୍ରବାର ଦିନବେଳା ଆଶ୍ରୟ ନେଇଥିଲେ ରାଜାବସା ଜଙ୍ଗଲରେ। ଦୀର୍ଘ ସମୟ ଧରି ମାଈ ହାତୀ ଗର୍ଜନ କରୁଥିଲା। ପ୍ରସବ ପରେ ହାତୀ ଶାବକକୁ ନେଇ ହାତୀପଲ ଅରଡେଇ ନଦୀକୂଳକୁ ଚାଲିଯାଇଥିଲେ। ପରେ ପାଟବିଲା ଗ୍ରାମ୍ୟ ଜଙ୍ଗଲକୁ ଚାଲିଯାଇଥିଲେ। ହାତୀପଲ କାଶୀପାଳ ଅଭିମୁଖେ ଯାଇଥିବା ଚମ୍ପୁଆ ସହକାରୀ ବନ ସଂରକ୍ଷକ ଅକ୍ଷୟ ଛତ୍ରିଆ ସୂଚନା ଦେଇଛନ୍ତି।

## ଆମ୍ବ ପରେ ଲେମ୍ବୁର ଅଭାବୀ ବିକ୍ରି



କରଞ୍ଜିଆ, ୧୩।୯(ସମିସ): ଗତ ଗ୍ରୀଷ୍ମ ଋତୁରେ କରଞ୍ଜିଆରେ ଆମ୍ବର ଅଭାବୀ ବିକ୍ରି ଦେଖାଦେଇଥିଲା। ଫଳରେ ଚାଷୀଙ୍କ ସ୍ୱପ୍ନ ତୁରମାର ହୋଇଯାଇଥିଲା। ଏବେ କାଗଜି ଲେମ୍ବୁର ଅଭାବୀ ବିକ୍ରି ଦେଖାଦେଇଛି। ମାତ୍ର କିଛି ମାସ ଆଗରୁ ଯେଉଁ ଲେମ୍ବୁ ଗୋଟା ଦଶ ଟଙ୍କାରେ ବିକ୍ରୟ ହେଉଥିବାବେଳେ ଏବେ ଦଶ ଟଙ୍କାରେ ୧୫ରୁ ୨୦ ଟି ଲେମ୍ବୁ ବିକ୍ରି ହେଉଛି। ମାଟି ଓ ପାଣିପାଗ ଅନୁଯାଇ ଏଠିକାର ଅନେକ ଚାଷୀ ଜମିରେ ଲେମ୍ବୁ ଗଛ ଲଗାଇଥାନ୍ତି। ଆଉ ଅନେକ ଚାଷି ବ୍ୟବସାୟିକ ଭିତ୍ତିରେ ଲେମ୍ବୁ ଫାର୍ମ କରିଛନ୍ତି। ଲେମ୍ବୁ ବିକିଲେ ଦୁଇ ପଇସା ପାଇବେ ବୋଲି ଆଶା ରଖି ଚାଷୀ କରଞ୍ଜିଆ ବଜାର ଉପରେ ନିର୍ଭର କରିଥାନ୍ତି। ତେବେ ଚାହିଦା ତୁଳନାରେ ଅଧିକ ଲେମ୍ବୁ ବଜାରରେ ଉପଲବ୍ଧ ହେଉଥିବାରୁ ଚାଷୀ ନିରାଶ ହୋଇପଡିଛନ୍ତି।

## ଶିଶୁଙ୍କୁ ନେଇ ବୃକ୍ଷରୋପଣ ସଚେତନତା

ରାମଚନ୍ଦ୍ରପୁର,୧୩।୯ (ସମିସ): ଘଷିପୁରା ବ୍ଲକ୍ ଖଲଣା ପଞ୍ଚାୟତ ଅନ୍ତର୍ଗତ ଆଗର୍ଦ୍ଦା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମା' ପାଇଁ ଗଛ ଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିଶୁ ମନ୍ଦିରର ଟ୍ରଷ୍ଟି ପୂର୍ଣ୍ଣମାସୀ ମହାରଣାଙ୍କ ଅଧ୍ୟକ୍ଷତାରେ ପ୍ରଧାନ ଆଚାର୍ଯ୍ୟା ପ୍ରେମଲତା ସାହୁ ସଂଯୋଜନା କରିଥିଲେ। ଅତିଥି ଭାବେ ଖଲଣା ସରପଞ୍ଚ ଜ୍ୟୋସ୍ନାରାଣୀ ନାୟକ, ଅବସରପ୍ରାପ୍ତ ଶିକ୍ଷକ ଗୋପାଳ ଚରଣ ପରିଡ଼ା, ସମାଜସେବୀ ବିପିନ ବିହାରୀ ମାଝୀ ଶିଶୁଙ୍କୁ ପରିବେଶ ସୁରକ୍ଷା ଏବଂ ସନ୍ତୁଳନ ବିଷୟରେ ସଚେତନ କରିଥିଲେ। ଟ୍ରଷ୍ଟ ବୋର୍ଡ ସଦସ୍ୟ ବାସୁଦେବ ସାହୁ, ସହକାରୀ ପ୍ରଧାନଆଚାର୍ଯ୍ୟା ମିଲାନିସ୍ମିତା ନାୟକ, ଆଚାର୍ଯ୍ୟ ଦୁଷ୍ମନ୍ତ ପାଗଡ଼, ପୁଷ୍ପାଞ୍ଜଳି ନାୟକ, ଲକ୍ଷ୍ମୀପ୍ରିୟା ବେହେରା, ଅନିତା ଓଝା, ସ୍ମୃତିଶ୍ରୀ ରାଉତ, ସସ୍ମିତା ପରିଡ଼ା ଏବଂ କର୍ମଚାରୀ ଲୀଳାବତୀ ସାହୁ ଯୋଗ ଦେଇଥିଲେ।

**ଜାତୀୟ ନାଟ୍ୟ ମହୋତ୍ସବ**

## ଆସାମର 'ଦ୍ରୋଣାଚାର୍ଯ୍ୟ ଶ୍ରୀ ଗୁରୁବେ ନମଃ' ମଞ୍ଚସ୍ଥ



ବାରିପଦା, ୧୩।୯(ସମିସ): ସହିଦ ସ୍ମୃତି ଭବନରେ ଆମେ' ବାରିପଦା ଆନୁକୂଲ୍ୟରେ ଆୟୋଜିତ ଜାତୀୟ ନାଟ୍ୟ ମହୋତ୍ସବର ୮ମ ସନ୍ଧ୍ୟାରେ ପୂର୍ବାରଙ୍ଗ, ଆସାମ ପ୍ରସ୍ତୁତ ନାଟକ 'ଦ୍ରୋଣାଚାର୍ଯ୍ୟ ଶ୍ରୀ ଗୁରୁବେ ନମଃ' ମଞ୍ଚସ୍ଥ ହୋଇଛି। ସଭାପତି ଡା କୈଳାଶ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ନିର୍ଦ୍ଦେଶକ ପ୍ରଣବ ଦାସ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଅଭିନେତା ସୁଶୀଲ ମିଶ୍ର, ଆଇଆଇଏମସି, ଢେଙ୍କାନାଳର ପରିଚାଳନା ନିର୍ଦ୍ଦେଶକ ଡଃ ମୃଣାଳ ଚାଟାର୍ଜୀ, ପ୍ରତିଷ୍ଠିତ ନାଟ୍ୟକାର ରମେଶ ଚନ୍ଦ୍ର ଦାସ, ପିଆରଏମ ଭେଷଜ ମହାବିଦ୍ୟାଳୟର ସହକାରୀ ପ୍ରାଧ୍ୟାପିକା ଡଃ ସୁମିତ୍ରା ସୋରେନ, ଆକାଶବାଣୀ ସମ୍ବଲପୁରର ପୂର୍ବତନ କେନ୍ଦ୍ର ନିର୍ଦ୍ଦେଶକ ପ୍ରଦୀପ୍ତ ଶ୍ରୀଚନ୍ଦନ, ଅବସରପ୍ରାପ୍ତ ଶିକ୍ଷୟତ୍ରୀ ରଜନୀ ବାରିକ ଯୋଗ ଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। କମିଟିର ସାଧାରଣ ସମ୍ପାଦକ ଚିନ୍ମୟ ଦାସ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହାଭାରତ ଯୁଦ୍ଧ ପୂର୍ବରୁ ଗୁରୁ ଦ୍ରୋଣାଚାର୍ଯ୍ୟ ଓ ଏକଲବ୍ୟର କାହାଣୀ ଓ ଯୁଦ୍ଧରେ ଦ୍ରୋଣାଚାର୍ଯ୍ୟାଙ୍କ ଭୂମିକା ଉପରେ ଆଧାରିତ ତଥା ମୃନ୍ମୟ ଭୂୟାଁଙ୍କ ରଚିତ ଏବଂ ଗୁଣାକର ଦେବ ଗୋସ୍ୱାମୀଙ୍କ ନିର୍ଦ୍ଦେଶିତ ନାଟକରେ ଗୁଣାକର ଦେବ ଗୋସ୍ୱାମୀ, ରିଷି ବର୍ମନ ହର୍ଷିତା ରାୟ ଚୌଧୁରୀ, ସୀମାଶ୍ରୀ ପଟୱାରୀ ନିଖୁଣ ଅଭିନୟ କରିଥିଲେ। ରବିବାର ଉଦଯାପନୀ ସନ୍ଧ୍ୟାରେ ଆମେ' ବାରିପଦା ପ୍ରସ୍ତୁତ ନାଟକ 'ଅଭିଯାନ' ପରିବେଷଣ ହେବ

## କଫି ବଗିଚା ପରିଦର୍ଶନ କଲେ ଜଳ ବିଭାଜିକା ନିର୍ଦ୍ଦେଶକ




କେନ୍ଦୁଝର,୧୩।୯ (ସମିସ): ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା ଦିନିକିଆ କେନ୍ଦୁଝର ଗସ୍ତରେ ବିଭାଗ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଅଗ୍ରଗତି ତଦାରଖ କରିବା ସହ ସମୀକ୍ଷା କରିଛନ୍ତି। ଘଟଗାଁ ବ୍ଲକ ପିପିଳିଆଠାରେ ୧୦ ହେକ୍ଟର ଜମିରେ ଲାଗିଥିବା କାଜୁ ଗଛର ତଦାରଖ କରିବା ପାଇଁ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସହ ହିତାଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ପରେ ରୁଟିଶିଳା ଗ୍ରାମରେ ଓମ୍ବାଡସି ଅନୁଦାନରେ କରାଯାଇଥିବା କ୍ଷେତ ପୋଖରୀ ବୁଲି ଦେଖିଥିଲେ। ପୁଣି ବାଂଶପାଳ ବ୍ଲକ ଗୋନାସିକା ପଞ୍ଚାୟତ ତଳ ବୈତରଣୀ ଗ୍ରାମରେ ହୋଇଥିବା କଫି ନର୍ସରୀ ବୁଲି ଦେଖିବା ସହ ପଦ୍ମଶ୍ରୀ ଦୈତାରୀ ନାଏକଙ୍କ ସହ ଆଲୋଚନା କରିଥିଲେ। ତତପରେ ତରମାକାନ୍ତ ଗ୍ରାମ ପଞ୍ଚାୟତ ଜଳଡିହା ଗ୍ରାମରେ ୮ ହେକ୍ଟର ଜମିରେ କରାଯାଇଥିବା କଫି ବଗିଚାକୁ ବୁଲି ଦେଖିଥିଲେ। ଜଳଡିହା ଗ୍ରାମରେ ଏକ ପେଡ ମା କେ ନାମ କାର୍ଯ୍ୟକ୍ରମରେ ବୃକ୍ଷରୋରଣ କରିଥିଲେ। ବାଂଶପାଳ ବ୍ଲକର ପାହାଡିଆ ଅଞ୍ଚଳ ସମୁଦ୍ର ପତ୍ତନଠାରୁ ୬୦୦ମିଟର ଉଚ୍ଚରେ ଥିବାରୁ କଫି ଚାଷ ପାଇଁ ଅନୁକୂଳ। ଥଣ୍ଡା ଜଳବାୟୁ ସହିତ ଭଲ ବର୍ଷା କଫି ଚାଷକୁ ସୁହାଇବ। ଆସନ୍ତା ବର୍ଷ ଅଧିକ ଅଞ୍ଚଳରେ କଫି ଚାଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଚମ୍ପୁଆ ବ୍ଲକରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଅର୍ଥରେ ପୋଖରୀ, ନିର୍ମିତ ଟ୍ରେଞ୍ଚ ଏବଂ ପ୍ୟାଚ୍ ଟ୍ରିଟମେଣ୍ଟ ବୁଲି ଦେଖିଥିଲେ। ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ସେନାପତି, ଏପିଡି ବନମାଳି ପାତ୍ର, ପ୍ରଦୀପ ରାଉତ ଉପସ୍ଥିତ ଥିଲେ।





# ବଡ଼ ବଜେଟ୍‌ର 'ଚ୍ୟାଲେଞ୍ଜ'

ଚଳିତ ଦଶହରାରେ ମୁକ୍ତିଲାଭ କରିବ ବିଗ୍ ବଜେଟ ନୂଆ ଓଡ଼ିଆ ସିନେମା 'ଚ୍ୟାଲେଞ୍ଜ'। ଅର୍ଦ୍ଧେନ୍ଦୁ ସାହୁ, ଏଲିନା ସାମନ୍ତରାୟ, ପୁପିନ୍ଦର ସିଂହ, ଲିପି ମହାପାତ୍ର, ହରିହର ମହାପାତ୍ର ଏବଂ ପୁନିତ ଇଶାର୍‌ଙ୍କୁ ନେଇ ନିର୍ମାଣ ହୋଇଛି ଏହି ବଡ଼ ବଜେଟ୍‌ର ସିନେମା। ଏଥିରେ ଆକ୍ସନ ଷ୍ଟାର୍ ଅର୍ଦ୍ଧେନ୍ଦୁଙ୍କ ଜବରଦସ୍ତ ଆକ୍ସନ ଦେଖିବାକୁ ପାଇବେ ଦର୍ଶକେ। ଏହାସହ ପୁପିନ୍ଦର, ଲିପିଙ୍କ ପୁରୁଣା ଯୋଡ଼ିକୁ ପୁଣି ଥରେ ମନେ ପକାଇବେ। 'ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନର୍'ରେ ଆଦିକନ୍ଦ ସାହୁଙ୍କ ପ୍ରଯୋଜନାରେ ଜୀ ସାର୍ଥକର ସହଭାଗିତାରେ ପ୍ରସ୍ତୁତ ହୋଇଥିବା ଏହି ଚଳଚ୍ଚିତ୍ରକୁ ସାଇ କିରଣ ମଙ୍ଗରାଜ ନିର୍ଦ୍ଦେଶନା ଦେଇଛନ୍ତି। କାହାଣୀ ଓ ଚିତ୍ରନାଟ୍ୟ ରଚନା କରିଛନ୍ତି ମାନସ ପଢ଼ିଆରୀ। ସିନେମାର ଚିତ୍ରତ୍ତୋଳନ କରିଛନ୍ତି ପ୍ରତାପ ରାଉତ ଏବଂ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରଭ ଆନନ୍ଦ। ତେବେ ଏହା ଦଶହରାରେ ଦର୍ଶକଙ୍କର ଯଥେଷ୍ଟ ମନୋରଞ୍ଜନର ଖୋରାକ ଯୋଗାଇବ ବୋଲି ପ୍ରଯୋଜନା ସଂସ୍ଥା ପ୍ରକାଶ କରିଛନ୍ତି। ■



## ଓଡ଼ିଆ ସଂସ୍କୃତି, ପରମ୍ପରା ଓ ପର୍ଯ୍ୟଟନ ବିକାଶର କଥା ବଖାଣୁଛି

# ଲହରୀ

କୋଲକାତା ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ଓ ମେଲବୋର୍ଣ୍ଣ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହୋଇ ପ୍ରଶଂସା ସାଉଁଟିବା ପରେ 'ଲହରୀ' ବଡ଼ ପରଦାରେ ମୁକ୍ତିଲାଭ କରିଛି। ଏହି ସିନେମାରେ ରହିଛି ମାଟିର କଥା ଓ ଓଡ଼ିଶାର ସଂସ୍କୃତି, ପରମ୍ପରା ଓ ପର୍ଯ୍ୟଟନ ବିକାଶର କଥା। ସାମାଜିକ ଜୀବନରେ ମୂଳ ତତ୍ତ୍ୱ ସହ ନିଜକୁ ଯୋଡ଼ି ରଖିବା ଓ ବାପ ପୁଅର ସମ୍ପର୍କ ଉପରେ ଆଧାରିତ ଏହାର କାହାଣୀ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିବା ପ୍ରଥମ ଦିନରୁ ଜଣାପଡ଼ିଛି।

ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଓ ଜାତୀୟ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର ନିର୍ଦ୍ଦେଶକ ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ ଫିଲ୍ମର ନିର୍ଦ୍ଦେଶନା ଦେଇଥିବା ବେଳେ ପ୍ରଯୋଜନା କରିଛନ୍ତି ଓଡ଼ିଶାର ଲୋକପ୍ରିୟ ଅଭିନେତ୍ରୀ ତଥା ସ୍ୱନାମଧନ୍ୟ ଯୁବ ନିର୍ମାତ୍ରୀ ଝିଲିକ୍ ଭଟ୍ଟାଚାର୍ଯ୍ୟ। ଏଥିରେ ବିଭିନ୍ନ ଭୂମିକାରେ ଚୌଧୁରୀ ଜୟପ୍ରକାଶ ଦାସ, ଚୌଧୁରୀ ବିକାଶ ଦାସ, ସ୍ମୃତି ମହଲା, ଦୀପାନ୍ୱିତ ଦାସ ମହାପାତ୍ର, ସୁଶାନ୍ତ ମିଶ୍ର, ହର ରଥ, ପ୍ରସେନଜିତ୍, ସ୍ୱସ୍ତିକ ଚୌଧୁରୀ ପ୍ରମୁଖ ଅଭିନୟ କରିଥିବା ବେଳେ ଲୋକପ୍ରିୟ ତାରକା ଦେବାଶିଷ ପାତ୍ର ଅତିଥି କଳାକାର ଭୂମିକାରେ ଏବଂ ସୁପରଷ୍ଟାର ବାବୁଶାନ ମହାନ୍ତିଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିଛି। ସିନେମାରେ ଥିବା 'ଝିଅର ସ୍କୁଟା ଢିଲା..' ଗୀତଟି ଏବେ ଟ୍ରେଣ୍ଡିଙ୍ଗରେ ରହିଥିବା ବେଳେ ଏଥିରେ କଣ୍ଠଦାନ କରିଛନ୍ତି ଗୌରବ ଆନନ୍ଦ ଓ ନବ୍ୟା ଜାଇତି। ସାରା ଓଡ଼ିଶାରେ ୩୧ଟି



ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିବା ଏହି ସିନେମାର ଗ୍ରାଣ୍ଡ ପ୍ରିମିୟର ରାଜଧାନୀର ଏସ୍‌ପ୍ଲାନେଡ୍ ସିନେପଲିସରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ରାଜନେତା ପ୍ରଫୁଲ ଚନ୍ଦ୍ର ଘଡ଼ାଇ ମୁଖ୍ୟଅତିଥି ଭାବେ ଯୋଗଦେଇ କେକ୍ କାଟିବା ସହ 'ଲହରୀ'ର ଟିମ୍ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବୁକ୍ ମାଇଁ ଶୋ' ପ୍ରଥମ ଦିନ ପ୍ରତ୍ୟେକ ଟିକଟ୍ ଉପରେ ୫୦ ପ୍ରତିଶତ ରିହାତି ଥିବା ବେଳେ ପ୍ରଥମ ଦିନର ପ୍ରଥମ ଶୋ ହାଉସଫୁଲ୍ ଦେଖିବାକୁ ମିଳିଥିଲା। ସିନେମାଟି ଉଭୟ କଳାତ୍ମକ ଏବଂ ବ୍ୟାବସାୟିକ ଦୃଷ୍ଟିକୋଣରୁ ବେଶ୍ ଭଲ ହୋଇଛି ବୋଲି ଦର୍ଶକ ମତବ୍ୟକ୍ତ କରିଛନ୍ତି। ■

ପରଦା ପଛର କାହାଣୀ

# ଅଭିନେତ୍ରୀଙ୍କୁ ବଞ୍ଚାଇବାକୁ ନିଆଁକୁ ଡେଇଁଥିଲେ ଅଭିନେତା

୧୯୫୭ ମସିହାରେ ମୁକ୍ତିଲାଭ କରିଥିଲା କଲ୍ଟ୍ କ୍ଲାସିକ୍ ଫିଲ୍ମ 'ମଦର ଇଣ୍ଡିଆ'। ଏହି ଫିଲ୍ମରେ ଅଭିନେତ୍ରୀ ନର୍ଗିସ୍, ଅଭିନେତା ସୁନିଲ ଦତ୍ତ ଏବଂ ରାଜେନ୍ଦ୍ର କୁମାର ଚମତ୍କାର ଅଭିନୟ କରିଛନ୍ତି। ଏଥିରେ ନର୍ଗିସ୍ ଦୁଇଜଣ ଅଭିନେତାଙ୍କ ମାଆ ଚରିତ୍ରରେ ଅଭିନୟ କରିଥିଲେ। ନିକଟରେ ଏହି ଫିଲ୍ମ ସହ ଜଡ଼ିତ ଏକ ରୋଚକୀୟ ଫଟୋ ସାମ୍ନାକୁ ଆସିଛି। ଯେଉଁଥିରେ ଅଭିନେତା ନିଜ ଜୀବନକୁ ବାଜି ଲଗାଇ ଅଭିନେତ୍ରୀଙ୍କୁ ବଞ୍ଚାଇ ଥିଲେ। 'ମଦର ଇଣ୍ଡିଆ'ର ସୁଟିଂ ସମୟରେ ସେଟ୍‌ରେ ନିଆଁ ଲାଗିଯାଇଥିଲା। ଅଧିକାଂଶ କ୍ରିଉ ମେମ୍ବର ଓ ଅଭିନେତ୍ରୀ ସେହି ନିଆଁ ମଧ୍ୟରେ ଫସି ରହିଥିଲେ। ନର୍ଗିସଙ୍କୁ ନିଆଁରେ ଦେଖି ଅଭିନେତା ତାଙ୍କୁ ବଞ୍ଚାଇବାକୁ ଭୟଙ୍କର ନିଆଁ ମଧ୍ୟକୁ ଝାସ ଦେଇଥିଲେ। ଅଭିନେତ୍ରୀଙ୍କୁ ବଞ୍ଚାଇବା ପାଇଁ ସୁନୀଲ ଦତ୍ତ ସେହି ନିଆଁରେ ଫସି ଯାଇଥିଲେ। ଏଥିରେ ତାଙ୍କ ମୁହଁର କିଛି ଅଂଶ ଜଳି ଯାଇଥିଲା। ସୁନୀଲ ସୁସ୍ଥ ହେବା ଯାଏ ତାଙ୍କ ସହିତ ରହି ନର୍ଗିସ୍ ଦେଖାଶୁଣା କରିଥିଲେ। ଏହି ସମୟରେ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। କିଛି ଦିନ ପରେ ନର୍ଗିସଙ୍କୁ ବିବାହ ପାଇଁ ସୁନୀଲ ଦତ୍ତ ପ୍ରସ୍ତାବ ଦେଇଥିଲେ। ପ୍ରଥମେ ମନା କରିବା ପରେ ଦ୍ୱିତୀୟ ଥର ନର୍ଗିସ୍ ବିବାହ ପାଇଁ ରାଜି ହୋଇଥିଲେ। ଏହାପରେ ୧୯୫୮ ମସିହାରେ ଦୁହେଁ ବିବାହ କରିଥିଲେ।



ନିକଟରେ ସାମାଜିକ ଗଣମାଧ୍ୟମରେ ସୁନିଲ ଦତ୍ତ ଓ ନର୍ଗିସଙ୍କ ଏକ ଫଟୋ ଭାଇରାଲ୍ ହୋଇଥିବା ଦେଖିବାକୁ ମିଳିଛି। ଏହା 'ମଦର ଇଣ୍ଡିଆ' ଫିଲ୍ମର ନିଆଁ ଲାଗିବା ସମୟର ଦୃଶ୍ୟ ବୋଲି ଜଣାପଡ଼ିଛି। ■

## ୨୨ରୁ ଆଓ ନେକ୍ସଟ୍‌ରେ

# ଘମାଘୋଟ୍



ଓଡ଼ିଶାର ବିଭିନ୍ନ ଫିଲ୍ମ ହଲ୍‌ରେ ଦର୍ଶକଙ୍କ ଭଲ ପାଇବା ସାଉଁଟିବା ପରେ ଓଡ଼ିଆ ହାଇ-ଆକ୍ସନ ଫିଲ୍ମ 'ଘମାଘୋଟ୍' ଆସନ୍ତା ସେପ୍ଟେମ୍ବର ୨୨ ତାରିଖରୁ ଓଡ଼ିଶାର ଲୋକପ୍ରିୟ ଷ୍ଟ୍ରିମିଂ ପ୍ଲାଟଫର୍ମ 'ଆଓ ନେକ୍ସଟ୍'ରେ ଡିଜିଟାଲ ପ୍ରିମିୟର ହେବାକୁ ଯାଉଛି। କୌଶିକ ଦାସଙ୍କ ଦ୍ୱାରା ପ୍ରଯୋଜିତ ଓ ରାଜା.ଡି.ଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଘମାଘୋଟ୍' ଗତ ମାର୍ଚ୍ଚ ମାସରେ ହଲ୍‌ରେ ରିଲିଜ ହୋଇ ବକ୍ସ ଅଫିସ୍‌ରେ ହିଟ୍ ହୋଇଥିଲା। ଜବରଦସ୍ତ ଡ୍ରାମା ଏବଂ ଆକର୍ଷଣୀୟ କାହାଣୀ ସହିତ ଏହି ଫିଲ୍ମଟି ଗ୍ୟାଙ୍ଗ ୱାର୍‌ର ଅନ୍ଧାର ଦୁନିଆର ଗଭୀରତାକୁ ଅତି ସରଳ ଭାବରେ ଦର୍ଶକଙ୍କ ପାଖରେ ପହଞ୍ଚାଇ ଥିଲା। ନିର୍ଦ୍ଦେଶକ କହିଛନ୍ତି ଯେ, ଆକ୍ସନ୍ ସିକ୍ୱେନ୍ସ ଗୁଡ଼ିକ ରଶି ବିନା ପ୍ରଦର୍ଶନ କରାଯାଇଥିଲା। ଫଳରେ ଫାଇଟ୍ ଦୃଶ୍ୟଗୁଡ଼ିକ ଅତ୍ୟନ୍ତ ନିଚ୍ଛକ ଏବଂ ବାସ୍ତବବାଦୀ ହୋଇଛି। ଫିଲ୍ମରେ ଅଭିଷେକ ପଣ୍ଡା, ଦୀପକ ପରିଡ଼ା, ବିଶ୍ୱଜିତ ରାଉତ, ଜୋଣ୍ଟି, ଆକାଶ ହୋତା, ଆକାଶ ରାଉତ, ସନ୍ଦୀପ ମିଶ୍ର, ସନୋଜ କୁମାର, ଗୋଲ୍ଡି ଦାସ, ଶକ୍ତି, ରାଜେଶ କୁମାର ସାହୁ, ତପି ମିଶ୍ର, ଆଇମନ୍ ପ୍ରଧାନ, ଶୈଳେନ୍ଦ୍ର ସାମନ୍ତରାୟ ଏବଂ କ୍ରୀଷ୍ଟା କରଙ୍କ ପରି ପ୍ରତିଭାଶାଳୀ କଳାକାରମାନେ ନିଜର ଅଭିନୟର ଯାଦୁ ଦେଖାଇଛନ୍ତି। ତେବେ ଯେଉଁ ଦର୍ଶକମାନେ ଫିଲ୍ମଟିକୁ ହଲରେ ଦେଖି ପାରି ନ ଥିଲେ ସେମାନେ ସେପ୍ଟେମ୍ବର ୨୨ରୁ ଆଓ ନେକ୍ସଟରେ ଏହି ଓଡ଼ିଆ ହାଇ-ଆକ୍ସନ ଫିଲ୍ମ ଦେଖିପାରିବେ। ■

# 'ଓଡ଼ିଶାର ବେଷ୍ଟ ସିନେ ଷ୍ଟାର୍‌ର ଖୋଜ୍'ରେ ରଞ୍ଜିତ ବେଦୀ



ଜୀ ସାର୍ଥକରେ ପ୍ରସାରିତ ହେଉଥିବା ଓଡ଼ିଶାର ବଡ଼ ରିୟାଲିଟି ଶୋ' "ଓଡ଼ିଶାର ବେଷ୍ଟ ସିନେ ଷ୍ଟାରର ଖୋଜ୍" ମଞ୍ଚରେ ମୁମ୍ବାଇ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରିର ବରିଷ୍ଠ ଅଭିନେତା ତଥା ପ୍ରଖ୍ୟାତ ଖଳନାୟକ ରଞ୍ଜିତ ବେଦୀ ଅତିଥି ବିଚାରକ ଭାବେ ଯୋଗ ଦେଇଛନ୍ତି। ଓଡ଼ିଶାର ପ୍ରତିଟି କୋଣ ଅନୁକୋଣରେ ଥିବା ପ୍ରତିଭାବାନ କଳାକାର ସୃଷ୍ଟି କରିବା ପାଇଁ ଜୀ ସାର୍ଥକ ଯେଉଁ ପ୍ଲାଟଫର୍ମ ଯୋଗାଇଦେଉଛି ସେଥିପାଇଁ ଚ୍ୟାନେଲକୁ ସାଧୁବାଦ ଜଣାଇଛନ୍ତି ରଞ୍ଜିତ। ପରିଶ୍ରମ କଲେ ନିଶ୍ଚିତ ଭାବେ ଜଣେ ଜଣେ ସୁପ୍ରତିଷ୍ଠିତ କଳାକାର ହୋଇପାରିବେ ବୋଲି ସେ କହିଛନ୍ତି। ତେବେ ଏହି ଶୋ' ହେଉଛି ଏକ ଅନନ୍ୟ ପ୍ରତିଭା ଖୋଜିବାର ପ୍ରୟାସ। ଏହି ରିୟାଲିଟି ଶୋ'ରେ ବିଭିନ୍ନ ନାଟକୀୟ ଦୃଶ୍ୟଠାରୁ ଆରମ୍ଭ କରି କମେଡି ଡ୍ରାମା ସହ ଆକ୍ସନ ସିକ୍ୱେନ୍ସ ପର୍ଯ୍ୟନ୍ତ ନିଜର ପ୍ରତିଭା ଦ୍ୱାରା ଏହି ମଞ୍ଚକୁ ଜୀବନ୍ତ କରିବେ ପ୍ରତିଯୋଗୀ। ବିଭିନ୍ନ ପର୍ଯ୍ୟାୟରେ ପ୍ରତିଯୋଗୀମାନେ ନିଜର କଳା ପ୍ରଦର୍ଶନ କରିବେ ଓ ଗ୍ରାଣ୍ଡ ଫିନାଲେରେ ଜଣେ ଅଭିନେତା ଓ ଅଭିନେତ୍ରୀ ବିଜୟୀ ମୁକୁଟ ପିନ୍ଧିବେ। ସେମାନଙ୍କୁ ଆଗାମୀ ଜୀ ସାର୍ଥକ ଫିଲ୍ମସ ଓ ମ୍ୟୁଜିକ ଭିଡିଓରେ ମୁଖ୍ୟ କଳାକାର ଭାବରେ ଲଞ୍ଚ କରାଯିବ। ଏହି ରିୟାଲିଟି ଶୋ'ରେ ବିଚାରକ ଭାବରେ ଶ୍ରୀତମ, ଲିପି ଏବଂ ନମ୍ରତା ଥାପ୍ପା ରହିଛନ୍ତି। ଉପସ୍ଥାପନା ଦାୟିତ୍ୱ ତୁଲାଉଛନ୍ତି ଅଭିନେତ୍ରୀ ଅନନ୍ୟା ଏବଂ ଅଭିନେତା ରଞ୍ଜନ। ■

# "ସଫଳ କଳାକାର ହେବା ମୋର ଲକ୍ଷ୍ୟ"

## ରିତିକ୍ ପାଣିଗ୍ରାହୀ



ଭାଷା ଅପେକ୍ଷା ଭାବନାକୁ ନୃତ୍ୟ ଅଧିକ ଗଭୀର ଭାବରେ ପ୍ରସାର କରିବାରେ କ୍ଷମତା ପ୍ରଦାନ କରିଥାଏ। ଅଙ୍ଗଭଙ୍ଗୀ ମାଧ୍ୟମରେ ଜଣେ ନୃତ୍ୟଶିଳ୍ପୀ ନିଜର ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିପାରନ୍ତି। ତେବେ ଖୁବ୍ କମ୍ ନୃତ୍ୟଶିଳ୍ପୀଙ୍କ ଭାଗ୍ୟ ତାଙ୍କୁ କଳାକାର ସଜାଇଦିଏ। ଏମିତି ଜଣେ ଉଦୀୟମାନ କଳାକାର ହେଉଛନ୍ତି ରାଉରକେଲାର ରିତିକ୍ ପାଣିଗ୍ରାହୀ। 'ଡିଓଡି' ଓ 'ବିଗ୍ ବ୍ରେକ୍-୨' ପରି ରିଆଲିଟି ଶୋ'ରେ ସେ ନିଜର ପ୍ରତିଭା ଦେଖାଇଥିଲେ। 'ଡିଓଡି' ପ୍ଲାଟ୍‌ଫର୍ମରେ ଫାଇନାଲିଷ୍ଟ ଟପ୍ ୧୮ରେ ରହିଥିଲେ। ଅନେକ ଷ୍ଟେଜ୍ ପ୍ରୋଗ୍ରାମରେ ସେ ଦର୍ଶକଙ୍କ ମନ ଜିଣିଛନ୍ତି। ୪ରୁ ୫ଟି ମ୍ୟୁଜିକ୍ ଭିଡିଓରେ ସେ କାମ କରିସାରିଛନ୍ତି। 'ମଙ୍ଗୁଳା କନ୍ୟା' ତାଙ୍କର ପ୍ରଥମ ଧାରାବାହିକ। ତେବେ ଅଭିନୟ ଜଗତକୁ ସେ କେମିତି ଆସିଲେ, ଏଥିପାଇଁ ସେ କେତେ ସଂଘର୍ଷ କରିଛନ୍ତି ଜାଣିବା ତାଙ୍କଠାରୁ।

**ନୃତ୍ୟଶିଳ୍ପୀରୁ ଅଭିନେତା କେମିତି ହେଲେ?**

● ପିଲାଟିଦିନରୁ ନୃତ୍ୟ ପ୍ରତି ମୋର ଦୁର୍ବଳତା ଥିଲା। ମୁଁ ସୁପରଷ୍ଟାର୍ ଶାହରୁଖ ଖାନ୍‌ଙ୍କ ବହୁତ ବଡ଼ ପ୍ରଶଂସକ। ବିଭିନ୍ନ ଷ୍ଟେଜ୍ ପ୍ରୋଗ୍ରାମରେ ନୃତ୍ୟ କରିଛି। ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ (ଡିଓଡି)ରେ ଭାଗ ନେଇ ଏଥିରେ ଟପ୍ ୧୮ ଯାଏଁ ରହିଛି। ବାପୀ ପଲେଇ ସାର୍ ଓ ରୋଜା ରଣା ମାଡାମ୍ ହେଉଛନ୍ତି ମୋ ନୃତ୍ୟ ଗୁରୁ/ ଗୁରୁମା। ଦଶମ ପରେ ମୁଁ 'ବିଗ୍ ବ୍ରେକ୍-୨' ରିଆଲିଟି ଶୋ'କୁ ଯାଇଥାଏ। ସେଠି ଟପ୍ ୧୬ ଯାଏଁ ଯାଇଥିଲି। 'ଏ ଜାଇଫୁଲ' ମୋର ପ୍ରଥମ ମ୍ୟୁଜିକ୍ ଭିଡିଓ। ମୋର ବିପକ୍ଷରେ ଥିଲେ ଗାର୍ଗୀ। ଏହି ଭିଡିଓଟି ମୋର ୨୬ ଲକ୍ଷ ଭିଉ ଯାଇଥିଲା। ପରେ କିଛି ୟୁଟ୍ୟୁବ୍ ଚ୍ୟାନେଲର କାମ କରିଛି। 'ଲଭ୍ ଟ୍ୟୁନ୍' ସମେତ ୫ଟି ମ୍ୟୁଜିକ୍ ଆଲବମ୍ କରିବାକୁ ମୋତେ ସୁଯୋଗ ମିଳିଛି। ତାହାରି ଭିତରେ ମୋତେ ଅଭିନୟ କରିବାକୁ ବି ଇଚ୍ଛା ଥାଏ। ସ୍ନାତକ ପଢ଼ା ସମୟରେ ସିଦ୍ଧାର୍ଥ ଟିଭିର 'ମଙ୍ଗୁଳା କନ୍ୟା' ଧାରାବାହିକ ପାଇଁ ଅଡିସନ୍ ଦେବାକୁ ମୋତେ ସୁଯୋଗ ମିଳିଲା। ଏଥିରେ ମୁଖ୍ୟ ନାୟକ ଅନୁରାଗ ଚରିତ୍ରରେ କାମ କରିଥିଲି।

**ପ୍ରଥମ ପ୍ରୋଜେକ୍ଟରେ ଦର୍ଶକ ଗ୍ରହଣ କରିଥିଲେ କି?**

● "ମଙ୍ଗୁଳା କନ୍ୟା' ଧାରାବାହିକରେ ଅନ୍ୟ ଜଣଙ୍କ ସ୍ଥାନରେ ଏହି ଚରିତ୍ର ମୋତେ ମିଳିଥିଲା। ପ୍ରଥମ ପ୍ରୋଜେକ୍ଟରେ ଦର୍ଶକଙ୍କଠାରୁ ଆଶାଠାରୁ ଅଧିକ ଭଲପାଇବା ପାଇଥିଲି। ଯେହେତୁ ପ୍ରଥମ ଧାରାବାହିକରେ ବରିଷ୍ଠ କଳାକାରଙ୍କ ସହ କାମ କରୁଥିଲି। ରାତି ରାତି ସୁଟ୍ କରିବା, ପାଠ ପାଇଁ ସମୟ ଦେବା, ସଂଳାପ କହିବା ଆଦି ସବୁ ପାଇଁ ସମୟ ଲାଗିଥିଲା। ବରିଷ୍ଠ କଳାକାରଙ୍କଠାରୁ ବହୁତ କିଛି ଶିଖିବାକୁ ମୋତେ ସୁଯୋଗ ମିଳିଥିଲା।

**ପଢ଼ା ଆଉ ଅଭିନୟ ପାଇଁ କେମିତି ସମୟ ଦିଅନ୍ତି?**

● ଯେତେ କାମ କଲେ ବି ପାଠକୁ ଗୁରୁତ୍ୱ ଦେଇଆସିଛି। ଡ୍ୟାନ୍ସ, ମ୍ୟୁଜିକ୍ ଭିଡିଓ ଏବଂ ଧାରାବାହିକକୁ ବାଦ୍ ଦେଲେ, ଅନେକ ଗୁଡ଼ିଏ ବିଜ୍ଞାପନ କରିଛି। ଯେହେତୁ ମୁଁ ମାସ୍ କମ୍ୟୁନିକେସନ ଆଣ୍ଡ ଜର୍ଣ୍ଣାଲିଜିମ୍‌ରେ ସ୍ନାତକୋତ୍ତର କରିଥିଲି। ଏବେ ଏକ ଇଭେଣ୍ଟ କମ୍ପାନୀର ମିଡିଆ ପ୍ଲାନର ଭାବେ କାମ କରୁଛି। କାର୍ଯ୍ୟବ୍ୟସ୍ତତା ଯୋଗୁଁ ଅଭିନୟଠାରୁ ଦୂରେଇ ଯାଇଛି। ଭଲ କାହାଣୀ ମିଳିଲେ ମୁଁ ନିଶ୍ଚିତ କାମ କରିବି। ଏଥିପାଇଁ ପ୍ରସ୍ତୁତ ଜାରି ରଖିଛି। ଅଭିନୟ ମୋର ନିଶା, ଚାକିରି ମୋର ପେଶା।

**ଡ୍ରିମ୍ ରୋଲ୍?**

● ଡ୍ରିମ୍ ରୋଲର ସ୍ୱପ୍ନ ମୁଁ ଦେଖିନି। କିନ୍ତୁ ହଁ ଜୀବନ ଥିବା ଯାଏଁ ମୁଁ ଅଭିନୟ ଆଉ ନୃତ୍ୟ ଜାରି ରଖିବି। ସଫଳ କଳାକାରଟିଏ ହେବା ମୋର ଲକ୍ଷ୍ୟ। ତେଣୁ ମୋତେ ଯେଉଁ ଚରିତ୍ର ମିଳିଲେ ମୁଁ କରିବି।

**ଅଭିନୟକୁ ମାର୍ଜିତ କରିବାକୁ କେମିତି ପ୍ରସ୍ତୁତ ହେବା ଦରକାର?**

● ପ୍ରଥମେ ନିଜର ଗୋଲ୍ ସେଟ୍ କରନ୍ତୁ। ଫିଲ୍ମ ଲାଇନ୍‌ରେ ଯିବେ, କ'ଣ କରିପାରିବେ ତାହାକୁ ଗୁରୁତ୍ୱ ଦେଇ ଆଗକୁ ବଢ଼ନ୍ତୁ। ସବୁ ଲାଇନ୍‌ରେ କଷ୍ଟ ଆଉ ସଂଘର୍ଷ କରିବାକୁ ପଡ଼ିଥାଏ। ରାତିରାତି ସଫଳ ହେବାକୁ ଇଚ୍ଛା ନ ରଖି କଠିନ ପରିଶ୍ରମ କରନ୍ତୁ। ଚେଷ୍ଟା କରି ବିଫଳ ହେବାରେ ମଜା ଥାଏ। ସେହିପରି ସ୍କ୍ରିପ୍ଟ ଯାହା ମାଗୁଛି ତା' ଅନୁସାରେ ଅଭିନୟ କରିଲେ ଏହା ପ୍ରଶଂସନୀୟ ହୋଇଥାଏ। ■

# ଭାରତ-ପାକିସ୍ତାନ ହାଇଭୋଲ୍‌ଟେଜ୍ ମୁକାବିଲା ଆଜି

**ଦୁବାଇ, ୧୩।୯ (ଏଜେନ୍ସି):** ବିଶ୍ୱ କ୍ରିକେଟର ଦୁଇ ଶକ୍ତି ତଥା ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ଏସିଆ କପ୍ କ୍ରିକେଟର ଗ୍ରୁପ୍-ବି' ମୁକାବିଲା ଆସନ୍ତାକାଲି ବା ରବିବାର ଏଠାରେ ଖେଳାଯିବ। ଏହାକୁ ଏକ ହାଇଭୋଲ୍ଟେଜ ମ୍ୟାଚ୍ ବା ଆଉ କେତେକ ମହାମୁକାବିଲା ଭାବେ ବର୍ଣ୍ଣନା କରୁଥିଲେ ମଧ୍ୟ ଏଥର ସେଭଳି ଉତ୍ସାହ ନାହିଁ। ବିଶେଷ କରି ଭାରତ ଓ ପାକିସ୍ତାନ ଯେଉଁଠାରେ ଖେଳିଲେ ମଧ୍ୟ ଏମାନଙ୍କ ମୁକାବିଲା ପୂର୍ବରୁ ଟିକଟ ଅଧଘଣ୍ଟା ମଧ୍ୟରେ ବିକ୍ରି ହୋଇଯାଇଥାଏ। କିନ୍ତୁ ଏଠାରେ ତାହା ଦେଖିବାକୁ ମିଳିନାହିଁ। ୨୫,୦୦୦ କ୍ଷମତା ବିଶିଷ୍ଟ ଦୁବାଇ ଇଣ୍ଟରନ୍ୟାସନାଲ ଷ୍ଟାଡିୟମ୍‌ରେ ଏଯାଏ ଅନେକ ଟିକଟ ବିକ୍ରି ହୋଇପାରି ନାହିଁ। ଏହାର କାରଣ ଯାହା ହେଉନା କାହିଁକି ମ୍ୟାଚ୍‌ରେ ଷ୍ଟାଡିୟମ୍ ପୂରା କରିବାକୁ ଆୟୋଜକମାନେ କୌଣସି ଉଦ୍ୟମ ଛାଡୁନାହାନ୍ତି ଓ ସମସ୍ତ ଟିକଟ ବିକ୍ରି ହୋଇଯିବ ବୋଲି ଆଶା ରଖିଛନ୍ତି। ଏହା ମଧ୍ୟରେ ଉଭୟ ଦଳ ଗୋଟିଏ ଲେଖାଏଁ ଗ୍ରୁପ୍-ଲିଗ୍ ମ୍ୟାଚ୍ ଖେଳିସାରିଛନ୍ତି। ଉଭୟ ଦଳ ପ୍ରଥମ ମୁକାବିଲାକୁ ସହଜରେ ଜିତିଥିଲାବେଳେ ଆସନ୍ତାକାଲି ମ୍ୟାଚ୍‌ରେ ଯେଉଁ ଦଳ ଜିତିବ, ସେହି ଦଳ ଗ୍ରୁପ୍‌ରେ ପ୍ରଥମସ୍ଥାନ ଅଧିକାର କରିବ ଓ ପ୍ରଥମେ ସୁପର-୪'ରେ ପ୍ରବେଶ କରିବ। ଏଣୁ ଭାରତକୁ ହରାଇବା ଲାଗି ପାକିସ୍ତାନ ଦଳ କୌଣସି ସାମାନ୍ୟତମ ସୁଯୋଗକୁ ହାତଛଡ଼ା କରିବ ନାହିଁ ବୋଲି ଆଶାକରାଯାଉଛି।



### ● ନୂଆ ଖେଳାଳିଙ୍କ ଆକର୍ଷଣ କମ୍

ଏସିଆ କପ୍‌ରେ ଏଥର ଭାଗନେଇଥିବା ଅନେକ ଖେଳାଳି ନବାଗତ। ଘରୋଇ ତଥା ଫ୍ରାଞ୍ଚାଇଜ୍ କ୍ରିକେଟର ସଫଳତାକୁ ନେଇ ଉଭୟ ଦେଶର ଦଳ ଗଠନ କରାଯାଇଛି। ଯେହେତୁ ଏହା ଟି-୨୦ ଫର୍ମାଟରେ ଖେଳାଯାଉଛି, ସେଥିଲାଗି ଯୁବ ଖେଳାଳିଙ୍କୁ ଗୁରୁତ୍ୱ ଦିଆଯାଉଛି। ଉଭୟ ଅଧିନାୟକ ଭାରତର ସୂର୍ଯ୍ୟକୁମାର ଯାଦବ ଓ ପାକିସ୍ତାନର ସଲମାନ ଅଲି ଆଘା ପ୍ରଥମଥର ଏସିଆ କପ୍‌ରେ ଦଳର ନେତୃତ୍ୱ ନେଉଛନ୍ତି। ଏଣୁ ସମର୍ଥକଙ୍କ ନିକଟରେ ଏମାନେ ଏତେ ଅଧିକ ଲୋକପ୍ରିୟତା ହାସଲ କରିପାରିନାହାନ୍ତି। ଏହାର ଅର୍ଥ ନୁହେଁ ଯେ ସେମାନଙ୍କ ନିକଟରେ ଦକ୍ଷତା ନାହିଁ। ଭାରତୀୟ ଦଳ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲାବେଳେ ପାକିସ୍ତାନ ଟିକେ ପଛରେ ପଡ଼ିଛି। ଉଭୟଦେଶ ମୁକାବିଲା ବେଳେ ଏଭଳି ତଥ୍ୟର କିଛି ମୂଲ୍ୟ ନ ଥାଏ। ଏଣୁ ଏହି ମ୍ୟାଚ୍‌ର ଫଳାଫଳ ଏକତରଫା ହେଉ କି ପ୍ରତିଦ୍ୱନ୍ଦ୍ୱିତାମୂଳକ, ଷ୍ଟାଡିୟମ ନିଶ୍ଚିତ ଭରପୁର ରହିବ।

ଉଭୟଦେଶର ଖେଳାଳି ସେମାନଙ୍କ ପ୍ରିମିୟର ଲିଗ୍‌ରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଛନ୍ତି। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଗଠିତ ଭାରତୀୟ ଦଳର ୧ରୁ ୧୧ ନମ୍ବର ଖେଳାଳିଙ୍କ ନିକଟରେ ମ୍ୟାଚ୍ ଜିତାଇବାର ଦକ୍ଷତା ରହିଛି। ପାକିସ୍ତାନର ଖେଳାଳିମାନେ ମଧ୍ୟ କମ୍ ନୁହଁନ୍ତି। କିନ୍ତୁ ଏମାନଙ୍କ ମଧ୍ୟରେ ଯିଏ ଜିତୁ ନା କାହିଁକି, ମୁକାବିଲା ଅଧିକାଂଶ ସମୟ ଏକତରଫା ହୋଇଥାଏ। ପ୍ରଥମ ମ୍ୟାଚ୍‌ରେ ଭାରତ ଯେପରି ୪.୩ ଓଭରରେ ବା ପାୱାରପ୍ଲେ'ରେ ମ୍ୟାଚ୍ ଜିତିଲା ତାହା ଅନ୍ୟ ଦଳପ୍ରତି ଏକ ଚେତାବନୀ। ବୋଲର ହୁଅନ୍ତୁ କିମ୍ବା ବ୍ୟାଟର ଏମାନେ ଯେ କୌଣସି ପ୍ରତିଦ୍ୱନ୍ଦ୍ୱୀଙ୍କୁ ଏକତ୍ର ହୋଇ ପରାଜିତ କରିବାର ଅନେକ ନଜର ରହିଛି। ବିଶ୍ୱଚାମ୍ପିଅନ ଭାରତୀୟଦଳ ଦମ୍ ଦେଖାଇବ ବୋଲି ଆଶା କରାଯାଉଛି।

**ଆଜିର ମ୍ୟାଚ୍**
**ଭାରତ-ପାକିସ୍ତାନ**
ସ୍ଥାନ : ଦୁବାଇ
ଖେଳ ଆରମ୍ଭ : ରାତି ୮ଟା
ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ

## ରେକର୍ଡରେ ଭାରତ ଆଗୁଆ

୧୩ ବର୍ଷ ହେଲା ଭାରତ ଓ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ କ୍ରିକେଟ ସିରିଜ୍ ଖେଳାଯାଉନାହିଁ। ଉଭୟ ଦେଶ ରାଜନୈତିକ ବାତାବରଣ ଯୋଗୁଁ ଅନ୍ୟ ଦେଶକୁ ଲୋକପ୍ରିୟ କ୍ରିକେଟକୁ ପଠାଇବାକୁ ଚାହୁଁ ନାହାନ୍ତି। କିନ୍ତୁ କ୍ରିକେଟ ଖେଳର ସର୍ବୋଚ୍ଚ ସଂସ୍ଥା ଆଇସିସି ଦ୍ୱାରା ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ଉଭୟ ଦଳ ପରସ୍ପର ସହ ଖେଳୁଛନ୍ତି। ୨୦୦୭ରେ ପ୍ରଥମଥର ଆୟୋଜିତ ଟି-୨୦ ବିଶ୍ୱକପ୍‌ରେ ଉଭୟ ଦଳ ପରସ୍ପର ସହ ଭେଟାଭେଟି ହୋଇଥିଲେ। ବିଶ୍ୱ କ୍ରିକେଟରେ ୨୦୦୭ ସେପ୍ଟେମ୍ବର ୧୪ରେ ଉଭୟ ଦଳ ପରସ୍ପର ସହ ପ୍ରଥମ ମ୍ୟାଚ୍ ଖେଳିଥିଲେ। ଏବେ ଏସିଆ କପ୍‌ରେ ଦୀର୍ଘ ୧୮ ବର୍ଷ ପରେ ସେହି ସେପ୍ଟେମ୍ବର ୧୪ରେ ଉଭୟଙ୍କ ମଧ୍ୟରେ ୧୪ତମ ମୁକାବିଲା ଅନୁଷ୍ଠିତ ହେବ। ଏହା ପୂର୍ବରୁ ଖେଳାଯାଇଥିବା ୧୩ଟି ମଧ୍ୟରୁ ପ୍ରଥମ ମ୍ୟାଚ୍‌ଟି ଟାଇ ରହିଥିଲା। ତତ୍‌କାଳୀନ ନିୟମ ଅନୁଯାୟୀ ଭାରତ ବୋଲ ଆଉଟରେ ଏହି ମ୍ୟାଚ୍‌କୁ ଜିତିଥିଲା। ଭାରତ ମଧ୍ୟ ଫାଇନାଲରେ ପାକିସ୍ତାନକୁ ୫ ରନ୍‌ରେ ହରାଇ ପ୍ରଥମ ଟାଇଟଲ ଜିତିଥିଲା। ଉଭୟଙ୍କ ମଧ୍ୟରେ ଖେଳାଯାଇଥିବା ୧୨ଟି ପୂର୍ଣ୍ଣାଙ୍ଗ ମୁକାବିଲା ମଧ୍ୟରୁ ଭାରାତ ୯ଟିରେ ଓ ପାକିସ୍ତାନ ମାତ୍ର ୩ଟିରେ ବିଜୟୀ ହୋଇଛି। ଏସିଆ କପ୍‌ରେ ୩ଟି ଟି-୨୦ ମୁକାବିଲାରୁ ଭାରତ ୨ଟିରେ ଜିତିଛି। କିନ୍ତୁ ଉଭୟ ଦଳ ମଧ୍ୟରେ ଖେଳାଯାଇଥିବା ଶେଷ ୫ଟି ମୁକାବିଲା ମଧ୍ୟରୁ ଭାରତ ୩ଟି ଓ ପାକିସ୍ତାନ ୨ଟି ମ୍ୟାଚ୍‌ରେ ବିଜୟୀ ହୋଇଛି। ଏଣୁ ଗତ ୫ଟି ମୁକାବିଲାରେ ଭାରତ ସହ କଡ଼ା ଟକ୍କର ଦେଇଛି ପାକିସ୍ତାନ। ଏଠାରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

## ଖେଳାଳି ତାଲିକା

**ଭାରତ:** ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଶୁବମନ ଗିଲ (ଉପଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମସନ, ଜିତେଶ ଶର୍ମା (ଉଭୟ ୱିକେଟରକ୍ଷକ), ତିଳକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ରିଙ୍କୁ ସିଂ, ଅକ୍ଷର ପଟେଲ, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ, ଯଶପ୍ରୀତ୍ ବୁମ୍‌ରା, ଅର୍ଶଦୀପ ସିଂହ, ହର୍ଷିତ ରାଣା।

**ପାକିସ୍ତାନ:** ସଲମାନ ଅଲି ଆଘା (ଅଧିନାୟକ), ଆବ୍ରାର ଅହମ୍ମଦ୍, ଫହୀମ ଅଶ୍ରଫ୍, ଫକର ଜମାନ, ହାରିସ୍ ରୌଫ୍, ହାସନ ଅଲି, ହାସନ ନୱାଜ, ହୁସେନ ତଲତ, ଖୁସ୍‌ଦିଲ ଶାହ, ମହମ୍ମଦ୍ ହାରିସ୍ (ୱିକେଟରକ୍ଷକ), ମହମ୍ମଦ୍ ନୱାଜ, ମହମ୍ମଦ୍ ୱାସିମ୍, ସାହିବଜାଦା ଫରହାନ, ସାଇମ ଆୟୁବ, ସଲମାନ ମିର୍ଜା, ସାହିନ ଆଫ୍ରିଦୀ ଓ ସୁଫିୟାନ ମୁକୀମ୍।

## ବୋଲିଂରେ ଦମ୍ ଦେଖାଇଲା ଶ୍ରୀଲଙ୍କା

**ଆବୁଧାବି, ୧୩।୯ (ଏଜେନ୍ସି):** ଏସିଆ କପ୍‌ରେ ପ୍ରଥମ ମ୍ୟାଚ୍ ଖେଳିଥିବା ଶ୍ରୀଲଙ୍କା ଦଳ ଆଜି ଏଠାରେ ଦମ୍ ଦେଖାଇଛି। ଦଳ ଟସ୍ ଜିତି ପ୍ରଥମେ ବୋଲିଂ ନେବା ପରେ ଜଣଙ୍କ ପରେ ଜଣେ ବାଂଲାଦେଶୀ ବ୍ୟାଟରଙ୍କୁ ପାଭିଲିୟନ ପଠାଇ ଶ୍ରୀଲଙ୍କା ଆତଙ୍କ ସୃଷ୍ଟି କରିବାରେ ସମର୍ଥ ହୋଇଥିଲା। ୧୦ମ ଓଭର ଖେଳ ଶେଷ ସୁଦ୍ଧା ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୫ ୱିକେଟ ହରାଇ ୫୩ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଦଳ ପକ୍ଷରୁ ଜେକର ଅଲି ୪ ରନ୍‌ରେ ବ୍ୟାଟିଂ କରୁଥିଲେ। ଦଳର ଦୁଇ ଓପନର ତାନ୍‌ଜିଦ୍ ହାସନ ସମିମ ଓ ପରଭେଜ ହୋସେନ ଏମନ ଖାତା ଖୋଲିପାରି ନାହାନ୍ତି। ସେହିପରି ନିର୍ଭରଯୋଗ୍ୟ ତୋହିଦ୍ ହୃଦୟ ୮ ଓ ମେହଦୀ ହାସନ ମିରାଜ ୯ ରନ୍ କରିପାରିଥିଲେ। ୫ମ ଖେଳାଳିଭାବେ ଅଧିନାୟକ ଲିଟନ ଦାସ ୨୮ ରନ୍‌ରେ ଆଉଟ ହୋଇଥିଲେ। ଶ୍ରୀଲଙ୍କା ପକ୍ଷରୁ ଲେଗ୍ ସ୍ପିନର ୱାନିନ୍ଦୁ ହାସରଙ୍ଗା ୨ଟି, ନୁୱାନ ଥୁସରା ଓ ଦୁଷ୍ମନ୍ତ ଚାମୀରା ଗୋଟିଏ ଲେଖାଏଁ ୱିକେଟ ନେଇଛନ୍ତି। ହୃଦୟ ରନ୍‌ଆଉଟ ହୋଇଥିଲେ।

ଗତକାଲି ଖେଳାଯାଇଥିବା ମ୍ୟାଚ୍‌ରେ ଓମାନକୁ ୯୩ ରନ୍‌ରେ ହରାଇ ପାକିସ୍ତାନ ଏସିଆ କପ୍ ଗ୍ରୁପ୍-ଏ' ମ୍ୟାଚ୍‌ରେ ପ୍ରଥମ ବିଜୟ ହାସଲ କରିଥିଲା। ପାକିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୬୦ ରନ୍ କରିଥିଲା। ଦଳ ପକ୍ଷରୁ ଯୁବ ଖେଳାଳି ମହମ୍ମଦ୍ ହାରିସ୍‌ଙ୍କ ୬୬ ରନ୍ କରିଥିଲେ। ଜବାବରେ ଦଳ ୧୬.୪ ଓଭରରେ ମାତ୍ର ୬୭ ରନ୍ କରି ଅଲଆଉଟ ହୋଇଯାଇଥିଲା।

## ସୁଟିଂ ବିଶ୍ୱକପ୍‌ରେ ସ୍ୱର୍ଣ୍ଣ ଜିତିଲେ ଇଶା

**ନିନବୋ, ୧୩।୯ (ଏଜେନ୍ସି):** ଚାଇନାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ରାଇଫଲ୍/ପିସ୍ତଲ ସୁଟିଂ ବିଶ୍ୱକପ୍‌ରେ ଭାରତର ଇଶା ସିଂ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଶନିବାର ଅନୁଷ୍ଠିତ ମହିଳା ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ଇଶା ପୋଡିୟମର ପ୍ରଥମ ସ୍ଥାନରେ ରହି ଏହି ସଫଳତା ପାଇଥିଲେ। ଫାଇନାଲରେ ଇଶା ଓ ଘରୋଇ ଚାଇନା ସୁଟର୍ ୟାଓ ଜିଆନଜୁନଙ୍କ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା। ଶେଷରେ ଇଶା ମାତ୍ର ୦.୧ ସ୍କୋରରେ ବାଜିମାତ୍ କରି ଚାମ୍ପିଅନ ହୋଇଥିଲେ। ଇଶା ୨୪୨.୬ ସ୍କୋର କରିଥିଲେ। ସେହିଭଳି ଜିଆନଜୁନ ୨୪୨.୫ ସ୍କୋର ସହ ଅଳ୍ପକେ ଶୀର୍ଷ ସ୍ଥାନ ହରାଇଥିଲେ। ଡିଫେଣ୍ଡିଂ ଅଲିମ୍ପିକ ଚାମ୍ପିଅନ ଦକ୍ଷିଣ କୋରିଆର ଓହ ୟେଜିନ ୩ୟ ସ୍ଥାନରେ ରହି କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଥିଲେ।



## ମହିଳା ଫୁଟ୍‌ବଲ୍ ଚୟନ କମିଟିରେ ଶ୍ରଦ୍ଧାଞ୍ଜଳି ଅଧ୍ୟକ୍ଷା

**ଭୁବନେଶ୍ୱର, ୧୩।୯ (ସମିସ):** ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଶନିବାର ରାଜ୍ୟ ମହିଳା ଫୁଟ୍‌ବଲର ନୂତନ ଚୟନ କମିଟି ଗଠନ କରାଯାଇଛି। ଜାତୀୟ ଦଳର ପୂର୍ବତନ ଅଧିନାୟିକା ତଥା ଫାଓ ଯୁଗ୍ମ ସମ୍ପାଦକ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଉଭୟ ସିନିଅର ଓ ଜୁନିଅର ଦଳ ଚୟନ କମିଟିର ଅଧ୍ୟକ୍ଷା ନିଯୁକ୍ତ ହୋଇଛନ୍ତି। ସିନିଅର ଚୟନ କମିଟିରେ ରଞ୍ଜିତା ମହାନ୍ତି, ଗୀତାଞ୍ଜଳି ଖୁଣ୍ଟିଆ, ଗାୟତ୍ରୀ ମଲ୍ଲିକ ଓ ସସ୍ମିତା ମଲ୍ଲିକ ସଦସ୍ୟ ରହିଛନ୍ତି। ସେହିଭଳି ସରିତା ଜୟନ୍ତୀ ବେହେରା, ମମତା କୁମାରୀ ସାମନ୍ତ, ଆଲୋଚନା ସେନାପତି, ସୁପ୍ରଭା ସାମଲ ଓ ସ୍ୱର୍ଣ୍ଣମୟୀ ସାମଲ ଜୁନିଅର ଚୟନ କମିଟିରେ ସଦସ୍ୟ ଭାବେ ସ୍ଥାନ ପାଇଛନ୍ତି। ବିଭିନ୍ନ ଜାତୀୟସ୍ତରୀୟ ସିନିଅର ଓ ଜୁନିଅର ଟୁର୍ଣ୍ଣାମେଣ୍ଟ ଲାଗି ଏହି କମିଟି ଦଳ ଚୟନ କରିବ। ଏହି ଅବସରରେ ଫାଓ ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ସମେତ ଅନ୍ୟ କର୍ମକର୍ତ୍ତା ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



## ଦୁଲୀପ ଟ୍ରଫି: ଡ୍ରାଇଭର ସିଟ୍‌ରେ କେନ୍ଦ୍ରାଞ୍ଚଳ

**ବେଙ୍ଗାଲୁରୁ, ୧୩।୯ (ଏଜେନ୍ସି):** ଏଠାରେ ଚାଲିଥିବା ଦୁଲୀପ୍ ଟ୍ରଫି ଫାଇନାଲ ମୁକାବିଲାରେ ଦକ୍ଷିଣାଞ୍ଚଳ ବିପକ୍ଷରେ କେନ୍ଦ୍ରାଞ୍ଚଳ ଦୃଢ଼ସ୍ଥିତିରେ ରହିଛି। ୩୬୨ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଦକ୍ଷିଣାଞ୍ଚଳ ଶନିବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ୩୩ ଓଭରରେ ୨ ୱିକେଟ ହରାଇ ୧୨୯ ରନ ସଂଗ୍ରହ କରିଛି। ଆଠ ୱିକେଟ୍ ବଳକା ଥାଇ ପାଳି ପରାଜୟ ଏଡ଼ାଇବା ଲାଗି ଦକ୍ଷିଣାଞ୍ଚଳ ଆହୁରି ୨୩୩ ରନ ଆବଶ୍ୟକ କରୁଛି। ପୂର୍ବରୁ ଶନିବାର ସକାଳେ କେନ୍ଦ୍ରାଞ୍ଚଳ ଏହାର ଅସମାପ୍ତ ପ୍ରଥମ ପାଳି ସ୍କୋର ୩୮୪/୫ରୁ ବ୍ୟାଟିଂ ଆରମ୍ଭ କରି ୫୧୧ ରନରେ ସୀମିତ ରହିଥିଲା। ୧୩୭ ରନ କରି ଅପରାଜିତ ରହିଥିବା ୟଶ ରାଠୋଡ ଆଜି ୧୯୪ ରନରେ ଆଉଟ୍ ହୋଇ ଅଳ୍ପକେ ଦ୍ୱିଶତକରୁ ବଞ୍ଚିତ ହୋଇଥିଲେ। ଦକ୍ଷିଣାଞ୍ଚଳର ଦୁଇ ବୋଲର ଗୁରଜାପନୀତ୍ ସିଂହ ଓ ଅଙ୍କିତ ଶର୍ମା ୪ଟି ଲେଖାଏ ୱିକେଟ୍ ନେଇଥିଲେ। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣାଞ୍ଚଳ ୧୪୯ ରନରେ ଅଲ୍‌ଆଉଟ୍ ହୋଇଥିଲା। ଖେଳ ଆହୁରି ୨ ଦିନ ବାକି ଥିବାରୁ କେନ୍ଦ୍ରାଞ୍ଚଳ ମ୍ୟାଚକୁ ନିଜ ନିୟନ୍ତ୍ରଣରେ ରଖିଛି।

### ● ହଂକଂ ଓପନ୍‌ରେ ଭାରତୀୟଙ୍କ ବିଜୟଧାରା ଜାରି

## ଫାଇନାଲରେ ଲକ୍ଷ୍ୟ, ସାତ୍ୱିକ-ଚିରାଗ

**ନୂଆଦିଲ୍ଲୀ, ୧୩।୯ (ଏଜେନ୍ସି):** ଚଳିତ ହଂକଂ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଖେଳାଳିଙ୍କ ଦମ୍‌ଦାର ପ୍ରଦର୍ଶନ ଜାରି ରହିଛି। ଦୁଇଟି ଇଭେଣ୍ଟରେ ଭାରତୀୟ ଖେଳାଳିମାନେ ଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ଲକ୍ଷ୍ୟ ସେନ୍ ୨୩-୨୧, ୨୨-୨୦ ସିଧାସଳଖ ଗେମରେ ବିଶ୍ୱ ମାନ୍ୟତାର ୯ମ ସ୍ଥାନରେ ରହିଥିବା ଚାଇନିଜ ତାଇପେଇର ଚୋଉ ତିଏନଙ୍କୁ ପରାସ୍ତ କରିଥିଲେ। ବିଶ୍ୱ ମାନ୍ୟତାର ୨୦ତମ ସ୍ଥାନରେ ରହିଥିବା ଲକ୍ଷ୍ୟଙ୍କୁ ଏହି ମ୍ୟାଚ୍ ଜିତିବାକୁ ୫୬ ମିନିଟ୍ ସମୟ ଲାଗିଥିଲା। ଏଥିସହ ୨୩ ବର୍ଷୀୟ ଲକ୍ଷ୍ୟ ଦୁଇବର୍ଷ ପରେ କୌଣସି ମେଜର ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପହଞ୍ଚିଛନ୍ତି। ଶେଷଥର ଲାଗି ସେ ୨୦୨୩ରେ କାନାଡା ଓପନ ସୁପର-୫୦୦ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳିଥିଲେ। ଅପରପକ୍ଷରେ ପୁରୁଷ ଡବଲ୍ସରେ ସାତ୍ୱିକସାଇରାଜ ରାନକିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ମଧ୍ୟ ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ନବମ ର୍‌ୟାଙ୍କିଙ୍ଗପ୍ରାପ୍ତ ସାତ୍ୱିକ-ଚିରାଗ ଯୋଡ଼ି ଶନିବାର ଅନୁଷ୍ଠିତ ସେମିଫାଇନାଲରେ ୨୧-୧୭, ୨୧-୧୫ ଗେମରେ ଚାଇନିଜ ତାଇପେଇ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ରବିବାର ଉଭୟ ଇଭେଣ୍ଟର ଫାଇନାଲ ଖେଳାଯିବ।

## ଏସିଆ ମହିଳା ରଗ୍‌ବୀ ଭାରତୀୟ ଦଳରେ ଓଡ଼ିଶାରୁ ୪

**ଭୁବନେଶ୍ୱର, ୧୩।୯ (ସମିସ):** ଚୀନର ହାଙ୍ଗଝୋଉରେ ଚଳିତ ମାସ ୨୦ରୁ ଏସିଆ ରଗବୀ ଏମିରେଟ୍ସ ମହିଳା ସେଭେନ୍ସ ପ୍ରତିଯୋଗିତା ଖେଳାଯିବ। ଏଥିଲାଗି ଘୋଷିତ ଭାରତୀୟ ମହିଳା ରଗ୍‌ବୀ ଦଳରେ ଓଡ଼ିଶାର ୪ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଦୁମୁଣୀ ମାରାଣ୍ଡି, ନିର୍ମାଲ୍ୟ ରାଉତ, ମାମା ନାୟକ ଓ ସନ୍ଧ୍ୟା ଟୁଡୁ। ଦୁମୁଣୀଙ୍କୁ ଦଳର ଉପ-ଅଧିନାୟିକା ଭାର ପ୍ରଦାନ କରାଯାଇଛି। ଦୁମୁଣୀ, ନିର୍ମାଲ୍ୟ ଓ ମାମା ବର୍ତ୍ତମାନ ଭୁବନେଶ୍ୱରସ୍ଥିତ କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ୍ ସୋସିଆଲ୍ ସାଇନ୍ସ (କିସ୍)ରେ ଅଧ୍ୟୟନ କରୁଛନ୍ତି। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତଙ୍କ ସମେତ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ଏହି ୪ଜଣ ଖେଳାଳିଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।



### ଦ୍ୱିତୀୟ ଟି-୨୦ରେ ଦକ୍ଷିଣ ଆଫ୍ରିକା ଧରାଶାୟୀ

## ସଲ୍ଟଙ୍କ ଶତକରେ ଇଂଲଣ୍ଡର ରେକର୍ଡ ବିଜୟ

**ମାଞ୍ଚେଷ୍ଟର, ୧୩।୯ (ଏଜେନ୍ସି):** ଓପନର୍ ଫିଲ୍ ସଲ୍ଟଙ୍କ ବିସ୍ଫୋରକ ଶତକ ବଳରେ ଏଠାରେ ଖେଳାଯାଇଥିବା ଦ୍ୱିତୀୟ ଟି-୨୦ରେ ଘରୋଇ ଇଂଲଣ୍ଡ ରେକର୍ଡ ୧୪୬ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଟି-୨୦ରେ ରନ ବ୍ୟବଧାନରେ ଇଂଲଣ୍ଡର ଏହା ସର୍ବବୃହତ ବିଜୟ ହୋଇଛି। ପୂର୍ବରୁ ପ୍ରଥମ ଟି-୨୦କୁ ୧୪ ରନରେ ହାରିଥିବା ଇଂଲଣ୍ଡ ଏଥିସହ ସିରିଜକୁ ୧-୧'ର ସମାନସ୍ତରକୁ ଆଣିଛି। ରବିବାର ନିର୍ଣ୍ଣାୟକ ତଥା ୩ୟ ଟି-୨୦ ଖେଳାଯିବ।

ଏହି ମ୍ୟାଚରେ ଟସ୍ ହାରି ଇଂଲଣ୍ଡ ବ୍ୟାଟିଂ ଆମନ୍ତ୍ରଣ ପାଇଥିଲା। ଇଂଲଣ୍ଡ ପାଇଁ ଦୁଇ ଓପନର୍ ଜୋଶ୍ ବଟଲର ଓ ଫିଲ୍ ସଲ୍ଟ ବିଧ୍ୱଂସୀ ବ୍ୟାଟିଂ କରି ପ୍ରଥମ ୬ ଓଭରରେ ୧୦୦ ଓ ୮ ଓଭରରେ ରେକର୍ଡ ୧୨୬ ଉଠାଇଥିଲେ। ଅଭିଜ୍ଞ ବଟଲର ୩୦ ବଲରେ ୮୩ ରନ କରି ଆଉଟ୍ ହୋଇଥିଲେ। ଏହି ବିସ୍ଫୋରକ ପାଳିରେ ସେ ୮ ଚୌକା ଓ ୭ ଛକା ମାରିଥିଲେ। ଏହାପରେ ଅନ୍ୟତମ ଓପନର୍ ସଲ୍ଟ କିନ୍ତୁ ତାଙ୍କ ଦ୍ରୁତ ବ୍ୟାଟିଂ ଜାରି ରଖିଥିଲେ। ୩୯ ବଲରେ ଶତକ ହାସଲ କରିଥିବା ସଲ୍ଟ ୬୦ ବଲରୁ ୧୪୧ ରନ (୧୫ଟି ଚୌକା ଓ ୮ଟି ଛକା) କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଫଳରେ ଇଂଲଣ୍ଡ ୨ ୱିକେଟ୍‌ରେ ୩୦୪ ରନର ବିଶାଳ ସ୍କୋର ଠିଆ କରାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜାକବ ବେଥେଲ ୨୬ ଓ ଅଧିନାୟକ ହ୍ୟାରୀ ବ୍ରୁକ ଅପରାଜିତ ୪୨ ରନ କରିଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୫୮ ରନରେ ଅଲ୍‌ଆଉଟ୍ ହୋଇଥିଲା। ଏହି ମ୍ୟାଚରେ ଇଂଲଣ୍ଡ ଏକାଧିକ ରେକର୍ଡ କରିଛି। ଟି-୨୦ରେ ୩ୟ ଦଳ ଭାବେ ଇଂଲଣ୍ଡ ୩୦୦ ରନ ଅତିକ୍ରମ କରିଛି। କିନ୍ତୁ ଟେଷ୍ଟ ମାନ୍ୟତାପ୍ରାପ୍ତ ଦୁଇ ଦେଶ ମଧ୍ୟରେ ଅନୁଷ୍ଠିତ ଏକ ଟି-୨୦ରେ ପ୍ରଥମଥର ଦଳଗତ ସ୍କୋର ୩୦୦ ଡେଇଁଛି। ପୂର୍ବରୁ ୨୦୨୪ରେ ବାଂଲାଦେଶ ବିପକ୍ଷରେ ଭାରତ ୬ ୱିକେଟ୍‌ରେ ୨୯୭ ରନ କରିଥିଲା। ତେବେ ଟି-୨୦ରେ ସର୍ବାଧିକ ଦଳଗତ ସ୍କୋର ଜିମ୍ବାୱେ (୩୪୪/୪ ବନାମ ଗାମ୍ବିଆ) ନାମରେ ରହିଛି।



## ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଟେକ୍‌ନିକାଲ କମିଟିରେ ଗଗନେନ୍ଦୁ

**ଭୁବନେଶ୍ୱର, ୧୩।୯ (ସମିସ):** ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ୫ମ ସଂସ୍କରଣ ଆସନ୍ତା ନଭେମ୍ବରରେ ରାଜସ୍ଥାନରେ ଖେଳାଯିବ। ଜୟପୁରର ପୂର୍ଣ୍ଣିମା ବିଶ୍ୱବିଦ୍ୟାଳୟ ଓ ରାଜସ୍ଥାନ ବିଶ୍ୱବିଦ୍ୟାଳୟ ମିଳିତ ଭାବେ ଏହି ମେଗା ଇଭେଣ୍ଟକୁ ଆୟୋଜିତ କରିବେ। ଏହି ପ୍ରତିଯୋଗିତାରେ ୨୦ଟି ଇଭେଣ୍ଟରେ ୮୦୦୦ରୁ ଊର୍ଦ୍ଧ୍ୱ ଆଥ୍‌ଲେଟ୍ ଅଂଶଗ୍ରହଣ କରିବାର ସମ୍ଭାବନା ରହିଛି। ଏଥିଲାଗି ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) ପକ୍ଷରୁ କିଟ୍ ବିଶ୍ୱବିଦ୍ୟାଳୟର ଡ. ଗଗନେନ୍ଦୁ ଦାଶଙ୍କୁ ଏକ ବଡ଼ ଦାୟିତ୍ୱ ପ୍ରଦାନ କରାଯାଇଛି। ଗେମ୍ସ ଟେକନିକାଲ କଣ୍ଡକ୍ଟ କମିଟି (ଜିଟିସିସି)ରେ ପୂର୍ବାଞ୍ଚଳରୁ ସଦସ୍ୟ ଭାବେ ଗଗନେନ୍ଦୁଙ୍କୁ ମନୋନୀତ କରାଯାଇଛି। ଏଥିଲାଗି କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜଣାଯାଇଛି।



## ଯୁବ ଏସିଆନ ହ୍ୟାଣ୍ଡବଲ୍ ଭାରତୀୟ ଦଳରେ ସୁପ୍ରଜିତ ଓ ସ୍ୱସ୍ତିକ; ଗୌରୀ ପ୍ରଶିକ୍ଷକ

**ଭୁବନେଶ୍ୱର, ୧୩।୯ (ସମିସ):** ଜୋର୍ଡାନର ରାଜଧାନୀ ଅମାନ ସହରରେ ସେପ୍ଟେମ୍ବର ୧୫ ତାରିଖରୁ ଯୁବ ଏସିଆନ ହ୍ୟାଣ୍ଡବଲ ଚାମ୍ପିଅନସିପ (୧୭ ବର୍ଷରୁ କମ୍)ର ପ୍ରଥମ ସଂସ୍କରଣ ଅନୁଷ୍ଠିତ ହେବ। ଏଥିଲାଗି ଘୋଷିତ ଭାରତୀୟ ଦଳରେ ଓଡ଼ିଶାର ଦୁଇଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ସୁପ୍ରଜିତ ବେହେରା ଓ ସ୍ୱସ୍ତିକ ମହାପ୍ରସାଦ। ସେହିଭଳି ଯୁବ ଭାରତୀୟ ହ୍ୟାଣ୍ଡବଲ ଦଳର ପ୍ରଶିକ୍ଷକ ଭାବେ ଓଡ଼ିଶାର ଗୌରୀ ଶଙ୍କର ମିଶ୍ର ଜୋର୍ଡାନ ଯାତ୍ରା କରିଛନ୍ତି। ଏହି ଅବସରରେ ଓଡ଼ିଶା ହ୍ୟାଣ୍ଡବଲ୍ ସଂଘ ପକ୍ଷରୁ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ ପ୍ରମୁଖ ଏହି ତିନିଜଣଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।



## ଏସିଆ କପ୍ ମହିଳା ହକି ଆଜି ଭାରତ-ଚୀନ୍ ଫାଇନାଲ ମୁକାବିଲା

**ହାଙ୍ଗଝୋଉ, ୧୩।୯ (ଏଜେନ୍ସି):** ଭାରତ ଓ ଚୀନ୍ ମଧ୍ୟରେ ଚଳିତ ଏସିଆ କପ୍ ମହିଳା ହକି ପ୍ରତିଯୋଗିତାର ଫାଇନାଲ ମୁକାବିଲା ହେବ। ଏହି ମ୍ୟାଚଟି ରବିବାର ଭାରତୀୟ ସମୟ ସନ୍ଧ୍ୟା ୫ଟା ୩୦ରୁ ଆରମ୍ଭ ହେବ। ଆଜି ତଥା ଶନିବାର ଖେଳାଯାଇଥିବା ସୁପର-୪'ର ଶେଷ ପର୍ଯ୍ୟାୟ ଶେଷ ଲିଗ୍ ମ୍ୟାଚ୍‌ରେ ଚୀନ୍ ୧-୦ ଗୋଲରେ ଦକ୍ଷିଣ କୋରିଆକୁ ପରାସ୍ତ କରିବା ପରେ ଭାରତ ଫାଇନାଲ ଖେଳିବା ରାସ୍ତା ପରିଷ୍କାର କରିନେଇଥିଲା।

କୋରିଆ ପରାଜିତ ହେବା ପରେ ଚୀନ୍ ୩ଟି ମ୍ୟାଚ୍‌ରୁ ୩ଟିରେ ବିଜୟୀ ହୋଇ ସୁପର-୪'ରେ ପ୍ରଥମ ସ୍ଥାନ ଅଧିକାର କରି ଫାଇନାଲରେ ସ୍ଥାନ ପକ୍କା କରିଥିଲା। ପୂର୍ବରୁ ଭାରତ ୧-୧ ଗୋଲ୍‌ରେ ଜାପାନ ସହ ମ୍ୟାଚ୍ ଡ୍ର ରଖିବା ଫଳରେ ଫାଇନାଲ ଖେଳିବା ନେଇ ଆଶଙ୍କା ପ୍ରକାଶ ପାଇଥିଲା। କିନ୍ତୁ ଦଳ ୩ଟି ମ୍ୟାଚ୍‌ରୁ ଗୋଟିଏ ବିଜୟ, ଗୋଟିଏ ଡ୍ର ଓ ଗୋଟିଏ ପରାଜୟରୁ ୪ ପଏଣ୍ଟ ପାଇ ସୁପର-୪'ରେ ଦ୍ୱିତୀୟସ୍ଥାନରେ ରହିଥିଲା। ସୁପର-୪'ରେ ଚୀନ୍ ଓ ଭାରତ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରି ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ।

ଜାପାନ ବିପକ୍ଷରେ ଭାରତ ଆଜି ଖେଳିଥିବା ମ୍ୟାଚ୍‌ରେ ଭାରତ ଆରମ୍ଭରୁ ସୁଯୋଗ ପାଇ ଏହାର ସଦ୍‌ବ୍ୟବହାର କରିଥିଲା। ଖେଳର ପ୍ରଥମ କ୍ୱାର୍ଟରର ୭ମ ମିନିଟରେ ନେହାଙ୍କଠାରୁ ପାସ୍ ପାଇ ବିଉଟି ଡୁଙ୍ଗ ଡୁଙ୍ଗ୍ ଗୋଲ ଦେବାରେ ସମର୍ଥ ହୋଇଥିଲେ। ଏହି ଗୋଲ ପରେ ଭାରତୀୟ ଖେଳାଳି ଉତ୍ସାହିତ ହୋଇଥିଲାବେଳେ ଜାପାନ ଖେଳାଳିମାନେ ଆକ୍ରମଣାତ୍ମକ ହୋଇପଡ଼ିଥିଲେ। ଏହାପରେ ଜାପାନ ଏକାଧିକ ଆକମଣ ରଚନା କରିଥିଲେ ମଧ୍ୟ ଗୋଲ ଦେଇ ପାରି ନ ଥିଲା। ଖେଳର ଶେଷ ସମୟରେ ଅର୍ଥାତ୍ ୫୮ତମ ମିନିଟ୍‌ରେ ସିହୋ କୋବାୟାକା ଗୋଲ ଶୁଝାଇ ଦେଇଥିଲେ। ଅବଶିଷ୍ଟ ସମୟରେ କେହି କାହାରିକୁ ଗୋଲ ଦେଇ ନପାରିବା ଫଳରେ ଖେଳ ୧-୧ ଗୋଲରେ ସମାନସ୍ତରରେ ରହିଥିଲା।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS